ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୩/୨୦୨୩ (୨୦ ପୃଷ୍ଠା) Bhubaneswar, Monday, January 23/2023 Page 20 ₹ 7.00
୪୯ଶ ଭାଗ ୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 61 ମୂଲ୍ୟ₹୭/-



## କାର୍ ସହ ୩ ଜଳିଗଲେ

ଛତିଶଗଡ଼ର ବିଳାସପୁର ଜିଲାରେ ଏକ କାର୍ ଗଛକୁ ଧକ୍କା ଦେଇ ଜଳିଯିବାରୁ ୩ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଶନିବାର ରାତିରେ ଖଇରା-ପୋଡି ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଶରୀର ସମ୍ପୂର୍ଣ୍ଣ ଜଳିଯାଇଥିବାରୁ ମୃତକମାନଙ୍କୁ ଚିହ୍ନଟ କରାଯାଇ ପାରି ନାହିଁ। କାର୍‌ଟି ବିଳାସପୁର ତୋରଭା ଅଞ୍ଚଳର ଶାହନୱାଜ ଖାନ୍‌ଙ୍କର। ପୋଲିସ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



**ସଂକ୍ଷେପରେ**

## ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେବ 'ଗରୁଡ଼'

**ନୂଆଦିଲ୍ଲୀ, ୨୨।୧:** ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ କର୍ତ୍ତବ୍ୟପଥରେ ପ୍ରଦର୍ଶନ ହେବାକୁ ଥିବା ପରେଡ୍‌ରେ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବଳ 'ଗରୁଡ଼' ପ୍ରଥମ ଥର ପାଇଁ ଏଥିରେ ଭାଗ ନେବାକୁ ଯାଉଛି। ସ୍କ୍ୱାର୍ଡନୋର ଲିଡର ପି.ଏସ୍. ଜେତୱାତ ପରେଡ୍‌ରେ ଗରୁଡ଼ର ନେତୃତ୍ୱ ନେବେ। ଏହାଛଡ଼ା ନୌସେନାର ସ୍ପାଇ ପ୍ଲେନ୍ ଆଇଏଲ୍ ୩୮ ମଧ୍ୟ ଏ ଅବସରରେ ନିଜର କାରନାମା ଦେଖାଇବ।

## ଆପାର୍ଟମେଣ୍ଟରେ ନିଆଁ: ୪ ମୃତ

**ଟୋକିଓ, ୨୨।୧:** ଜାପାନର କୋବେର ଏକ ଆପାର୍ଟମେଣ୍ଟରେ ନିଆଁ ଲାଗି ୪ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୪ ଜଣ ଗୁରୁତର ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ୩ ମହଲା ବିଶିଷ୍ଟ ଆପାର୍ଟମେଣ୍ଟରେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସ୍ଥାନୀୟ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

## ଛିନ୍‌ତାଇ ରୋକିବାରୁ ତଣ୍ଟିକାଟି ହତ୍ୟା

**ନୂଆଦିଲ୍ଲୀ,୨୨।୧:** ଦିଲ୍ଲୀରେ ଏକ ଛିନ୍‌ତାଇ ଉଦ୍ୟମକୁ ରୋକିବାରୁ ହର୍ଷ (୧୮) ନାମକ ଯୁବକଙ୍କୁ ଦୁଇଜଣ ନାବାଳକ ଏକାଧିକ ଥର ଛୁରାମାଡ଼ କରିବା ସହ ତାଙ୍କ ତଣ୍ଟି କାଟିଦେଇଥିଲେ। ମନ୍ଦିର ନିକଟରୁ ହର୍ଷଙ୍କ ମୃତଦେହ ମିଳିଛି। ଉଭୟ ମୃତକ ଏବଂ ଅଭିଯୁକ୍ତଙ୍କ ଘର ଭାଟି ମାଇନ୍ସର ସଞ୍ଜୟ କଲୋନିରେ। ନାବାଳକଦ୍ୱୟ ମୋବାଇଲ ଫୋନ୍ ଝାମ୍ପିନେବାକୁ ଉଦ୍ୟମ କରୁଥିବାବେଳେ ହର୍ଷ ଏହାକୁ ଅଟକାଇବାରୁ ସେମାନେ ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି।

## ୯୩% ସମ୍ପତ୍ତି ହରାଇଛନ୍ତି ଚାଇନା ବିଲିୟନେୟାର

**ବେଜିଂ, ୨୨।୧:** ଚାଇନା ଏଭରଗ୍ରାଣ୍ଡ ଗ୍ରୁପ୍‌ର ଚେୟାରମ୍ୟାନ୍ ହୁଇ କା ୟାନ୍‌ଙ୍କୁ ନିଜ ସମ୍ପତ୍ତିର ୯୩% ହରାଇବାକୁ ପଡ଼ିଛି। ହୁଇଙ୍କ ସମ୍ପତ୍ତି ୪୨ ବିଲିୟନ୍ ଡଲାରରୁ ବର୍ତ୍ତମାନ ୩ ବିଲିୟନ୍ ଡଲାରରେ ଯାଇ ପହଞ୍ଚିଛି। ପୂର୍ବରୁ ଏସିଆର ସବୁଠୁ ଧନୀ ବ୍ୟକ୍ତି ତାଲିକାର ଦ୍ୱିତୀୟ ସ୍ଥାନରେ ଥିଲେ ହୁଇ। ୨୦୨୧ରୁ ଚାଇନାର ବୃହତ୍ ରିୟଲଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଗ୍ରୁପ୍ କ୍ଷତିରେ ଚାଲିଆସୁଥିବା କୁହାଯାଉଛି। ତେବେ ନିଜ କମ୍ପାନୀକୁ ବଞ୍ଚାଇବା ଉଦ୍ଦେଶ୍ୟରେ ହୁଇ ତାଙ୍କ ଘରଠାରୁ ଆରମ୍ଭ କରି ପ୍ରାଇଭେଟ୍ ଜେଟ୍ ପର୍ଯ୍ୟନ୍ତ ସବୁ ବିକ୍ରି କରିଦେଇଛନ୍ତି। ତେବେ ସମ୍ପତ୍ତି କମିବା ଯୋଗୁ ଖାଲି ବ୍ୟବସାୟ ନୁହେଁ, ହୁଇଙ୍କ ରାଜନୈତିକ କ୍ୟାରିୟର୍ ମଧ୍ୟ ସଙ୍କଟରେ ପଡ଼ିଯାଇଛି। ଚାଇନିଜ୍ ପିପୁଲ୍ସ ପଲିଟିକାଲ୍ କନ୍‌ସଲଟେଟିଭ୍ କନ୍‌ଫରେନ୍ସ (ସିପିପିସିସି)ରୁ ହୁଇ ବାଦ୍ ପଡ଼ିଛନ୍ତି। କେତେଜଣ ରାଜନେତା ଏବଂ ଧନୀ ବ୍ୟବସାୟୀଙ୍କୁ ନେଇ ସିପିପିସିସି ରାଜନୈତିକ ଦଳ ଗଠନ କରାଯାଇଛି। ଗତବର୍ଷ ଦଳର ବାର୍ଷିକ ସମ୍ମିଳନୀରେ ହୁଇଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାବେଳେ ଚଳିତବର୍ଷ ଦଳର ସଦସ୍ୟଙ୍କ ତାଲିକାରୁ ତାଙ୍କ ନାଁ ସାମିଲ କରାଯାଇ ନ ଥିବା କୁହାଯାଉଛି।



ହୁଇ କା ୟାନ୍



ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ରବିବାର ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବୁଚାସ୍ଥିତ ସିଆତୋହୋ ଆପାସ୍ତୋଲା ଆଣ୍ଡ୍ରିଆ ପେର୍ଭୋଜାନ୍ନୋହୋ ଚର୍ଚ୍ଚ ପରିଦର୍ଶନ କରିଛନ୍ତି। ଚର୍ଚ୍ଚରେ ବୋରିସ୍ ଜଣେ କୁନିଝିଅ ସହ ହାତ ମିଳାଉଛନ୍ତି।

## ଶ୍ରଦ୍ଧା ହତ୍ୟା ମାମଲାରେ ୩ ହଜାର ପୃଷ୍ଠାର ଚାର୍ଜଶିଟ୍

**ନୂଆଦିଲ୍ଲୀ,୨୨।୧**

ଦିଲ୍ଲୀର ବହୁଚର୍ଚ୍ଚିତ ଶ୍ରଦ୍ଧା ୱାଲ୍‌କର ହତ୍ୟା ମାମଲାରେ ପୋଲିସ ୩,୦୦୦ ପୃଷ୍ଠାର ଚାର୍ଜଶିଟ୍ ପ୍ରସ୍ତୁତ କରିଛି। ଏଥିରେ ଫୋରେନ୍‌ସିକ୍ ଏବଂ ଇଲେକ୍ଟ୍ରୋନିକ୍ ପ୍ରମାଣ ସହ ୧୦୦ ଜଣ ସାକ୍ଷୀଙ୍କ ବୟାନକୁ ରେକର୍ଡ କରାଯାଇଛି। ପୋଲିସ ଅଧିକାରୀମାନେ ଏହି ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରିଥିବାବେଳେ ଆଇନ ବିଶେଷଜ୍ଞ ଏହାକୁ ଅନୁଧ୍ୟାନ କରିଛନ୍ତି। ପୋଲିସ ଏହାକୁ ଚୂଡ଼ାନ୍ତ ଚାର୍ଜଶିଟ୍ ଭାବେ କୋର୍ଟରେ ଦାଖଲ କରିପାରେ। ସୂଚନାଯୋଗ୍ୟ, ଗତବର୍ଷ ମେ'ରେ ଦକ୍ଷିଣ ଦିଲ୍ଲୀର ମେହରୁଲି ଘରେ ଆଫତାବ ପୁନାୱାଲା ତାଙ୍କ ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ୩୫ ଖଣ୍ଡ କରି ଫ୍ରିଜ୍‌ରେ ରଖିଥିଲେ। ସେଗୁଡ଼ିକୁ ସେ ୧୮ ଦିନ ଯାଏ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ। ଛତରପୁର ଜଙ୍ଗଲରୁ ମିଳିଥିବା ଅସ୍ଥି ଡିଏନ୍‌ଏ ପରୀକ୍ଷାରୁ ତାହା ଶ୍ରଦ୍ଧାଙ୍କର ବୋଲି ଜଣାପଡ଼ିଥିଲା। ଆଫତାବ ମଧ୍ୟ ହତ୍ୟାକାଣ୍ଡ ସମ୍ପର୍କରେ ସ୍ୱୀକାର କରିଥିଲେ। ଚାର୍ଜଶିଟ୍‌ରେ ନାର୍କୋ ପରୀକ୍ଷା ରିପୋର୍ଟକୁ ମଧ୍ୟ ସାମିଲ କରାଯାଇଛି।



ଶ୍ରଦ୍ଧା ୱାଲ୍‌କର

# ବଳାତ୍କାରକୁ ନା କରିବାରୁ ହତ୍ୟା

- ୭ ତାରିଖରେ ଜାଳି ଦେଇଥିଲେ
- ରବିବାର ଆଖି ବୁଜିଲେ ପୀଡ଼ିତା
- ଅଭିଯୁକ୍ତଙ୍କ ମଧ୍ୟରେ ୩ ସମ୍ପର୍କୀୟ
- ଏଯାଏ ଧରିପାରିନି ପୋଲିସ






**ହଜାରିବାଗ,୨୨।୧**

ଜାନୁୟାରୀ ୭ ତାରିଖର ଘଟଣା। ଝାଡ଼ଖଣ୍ଡର ହଜାରିବାଗରେ ଜଣେ ୨୩ ବର୍ଷୀୟା ମହିଳାଙ୍କୁ ତାଙ୍କ ସମ୍ପର୍କୀୟମାନେ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ଏହାକୁ ପ୍ରତିରୋଧ କରିବାରୁ ସେମାନେ ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ତାଙ୍କ ଶରୀରର ୭୦ ଭାଗ ଜଳିଯାଇଥିଲା। ପୀଡ଼ିତାଙ୍କୁ ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ରିମ୍ସ)ରେ ଭର୍ତ୍ତି କରାଯାଇଥିଲା। ୧୫ ଦିନ ଧରି ଜୀବନ ସହ ସଂଗ୍ରାମ କରିବା ପରେ ମହିଳା ଜଣକ ରବିବାର ସକାଳେ ଆଖି ବୁଜି ଦେଇଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରୁ ୩ ଜଣ ହେଲେ ପୀଡ଼ିତାଙ୍କ ସମ୍ପର୍କୀୟ। ତାଙ୍କ ସମ୍ପର୍କୀୟ। ୩ ଜଣଙ୍କ ମଧ୍ୟରେ ତାଙ୍କ ବଡ଼ୟାଆ ଅଛନ୍ତି। ବଡ଼ୟାଆ ଓ ତାଙ୍କ ପୁଅ ମହିଳାଙ୍କୁ ଜାଳିଦେଉଥିବାବେଳେ ରକ୍ଷା କରିବା ପାଇଁ ସେ ଚିତ୍କାର କରିଥିଲେ। ମହିଳାଙ୍କ ସ୍ୱାମୀ ତାଙ୍କୁ ରକ୍ଷା କରିଥିଲେ। ପୀଡ଼ିତା ଓ ତାଙ୍କ ସ୍ୱାମୀଙ୍କ କଥାରେ ତାଳମେଳ ନ ଥିବାରୁ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନାହିଁ। କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଫରେନ୍ସିକ୍ ସାଇନ୍ସ ଲାବରେଟୋରି ରିପୋର୍ଟକୁ ଅପେକ୍ଷା କରାଯାଇଛି।

ପୋଲିସ ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଛି। ହେଲେ ଏଯାଏ ଜଣେ ହେଲେ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ହଜାରିବାଗ ଏସ୍‌ପି ମନୋଜ ରତନ ଚୋଥେ ପ୍ରକାଶ କରିଛନ୍ତି। ଚୋଥେଙ୍କ କହିବା ହେଲା, ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ପୂର୍ବରୁ ୩ ଥର ବିବାହ କରିଥିଲେ। ପୀଡ଼ିତା ହେଉଛନ୍ତି ତାଙ୍କର ଚତୁର୍ଥ ସ୍ତ୍ରୀ। ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ

### ମହିଳା ବିରୋଧୀ ଅପରାଧ ତଥ୍ୟ

- ➔ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟାନୁସାରେ ଭାରତରେ ମହିଳାଙ୍କ ସୁରକ୍ଷା ବିପନ୍ନ ହେବାରେ ଲାଗିଛି। ଦେଶରେ ପ୍ରତି ୧୫ ମିନିଟରେ ଜଣେ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ଅଧିକାଂଶ କ୍ଷେତ୍ରରେ ଅଭିଯୁକ୍ତ ହେଉଛନ୍ତି ପୀଡ଼ିତାଙ୍କ ସମ୍ପର୍କୀୟ କିମ୍ବା ପରିଚିତ ବ୍ୟକ୍ତି।
- ➔୨୦୨୧ରେ ମୋଟ ୬୫,୦୨୫ ବଳାତ୍କାର ମାମଲା ରୁଜୁ ହୋଇଥିଲା। ସେଥିରୁ ୯୬.୮% ମାମଲାରେ ପୀଡ଼ିତା ବଳାତ୍କାରୀଙ୍କୁ ପୂର୍ବରୁ ଜାଣିଥିଲେ।
- ➔ଦେଶରେ ମହିଳା ବିରୋଧୀ ହିଂସା ମାମଲା ୨୦୨୦ ତୁଳନାରେ ୨୦୨୧ରେ ୧୫.୩% ଅଧିକ ରହିଥିଲା।
- ➔ପରିବାରକୁ ଏକାଠି କରି ରଖିବା ଲାଗି ମହିଳାମାନେ ହିଂସାକୁ ସହ୍ୟ କରିବା ଉଚିତ ବୋଲି ୬୫% ଭାରତୀୟ ମନେକରନ୍ତି।

### ଟ୍ରେନ୍‌ରେ ଗଣବଳାତ୍କାର: ଟିଟିଇ ଗିରଫ

**ସମ୍ଭଲ,୨୨।୧:** ଉତ୍ତର ପ୍ରଦେଶର ସମ୍ଭଲ ଜିଲା ଚନ୍ଦୌସିରେ ଚଳନ୍ତା ଟ୍ରେନ୍‌ରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଅଭିଯୁକ୍ତ ଟ୍ରେନ୍ ଟିକେଟ ଏକ୍‌ଜାମିନର (ଟିଟିଇ) ରାଜୁ ସିଂଙ୍କୁ ଗିରଫ କରାଯାଇଥିବାବେଳେ ଆଉ ଜଣେ ଫେରାର ଅଛନ୍ତି।

ଗତ ୧୬ ତାରିଖରେ ମହିଳା ଜଣକ ଚନ୍ଦୌସିରୁ ପ୍ରୟାଗରାଜର ସୁବେଦାରଗଞ୍ଜକୁ ଯିବାକୁ ଚାହୁଁଥିଲେ। ସେ ଚନ୍ଦୌଉସି ରେଳ ଷ୍ଟେଶନରେ ଅପେକ୍ଷା କରିଥିବାବେଳେ ତାଙ୍କୁ ପୂର୍ବରୁ ଚିହ୍ନିଥିବା ଟିଟିଇ ରାଜୁ ଏସି କୋଚ୍‌କୁ ଡାକିନେଇ ବସିବା ପାଇଁ ସିଟ୍ ଦେଇଥିଲେ। ରାତି ୧୦ଟାରେ ଚନ୍ଦୌସି ଓ ଆଲିଗଡ଼ ମଝିରେ ଆଉ ଜଣେ ବ୍ୟକ୍ତିଙ୍କ ସହ ଟିଟିଇ ତାଙ୍କ ପାଖକୁ ଆସିଥିଲେ। ଉଭୟେ ମହିଳାଙ୍କୁ ଗଣବଳାତ୍କାର କରିଥିଲେ। ମହିଳାଙ୍କ ଅଭିଯୋଗ କ୍ରମେ ସମ୍ଭଲ ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆର୍‌ପି) ରାଜୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି।

## ଗୋହତ୍ୟା ବନ୍ଦ ହେଲେ ପୃଥିବୀର ସବୁ ସମସ୍ୟାର ସମାଧାନ ହୋଇଯିବ

**ନୂଆଦିଲ୍ଲୀ,୨୨।୧**

ଗୋହତ୍ୟା ବନ୍ଦ ହେଲେ ପୃଥିବୀର ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଗୁଜରାଟର ଏକ ଅଦାଲତ କହିଛନ୍ତି। ବେଆଇନ ଗୋଚାଲାଣ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେବା ସହ ୫ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିବା ଅବସରରେ ତାପି ଡିଷ୍ଟ୍ରିକ୍ଟ କୋର୍ଟର ମୁଖ୍ୟ ଜିଲା ଜଜ୍ ସମୀର ବିନୋଦଚନ୍ଦ୍ର ବ୍ୟାସ ଏଭଳି କୌତୂହଳପୂର୍ଣ୍ଣ ଟିପ୍ପଣୀ ଦେଇଥିଲେ। ସେ କହିଥିଲେ, ଗୋବରରେ ନିର୍ମିତ ଘର ଆଣବିକ ବିକିରଣ ଦ୍ୱାରା ପ୍ରଭାବିତ ହୋଇ ନ ଥାଏ, ଯାହା ବିଜ୍ଞାନ ଦ୍ୱାରା ପ୍ରମାଣିତ ହୋଇଛି। ଗୋମୂତ୍ର ବ୍ୟବହାର ଦ୍ୱାରା ଅନେକ ଦୁରାରୋଗ୍ୟ ବ୍ୟାଧିକୁ ଭଲ କରାଯାଇପାରିବ। ଗାଈଠାରୁ ଧର୍ମର ଉତ୍ପତ୍ତି ବୋଲି ବିଚାରପତି କହିଥିଲେ। ସେ ଗୋହତ୍ୟାକୁ ଜଳବାୟୁ ପରିବର୍ତ୍ତନ ସହ ଯୋଡ଼ିଥିଲେ। ଉତ୍ତାପ ବଢୁଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଉଛି। ଏହାର ଏକମାତ୍ର କାରଣ ଗୋହତ୍ୟା ବୋଲି ଜିଲା ଜଜ୍ କହିଥିଲେ। ବେଆଇନ ଭାବେ ୧୬ରୁ ଊର୍ଦ୍ଧ୍ୱ ଗୋରୁ ଚାଲାଣ ଅଭିଯୋଗରେ ଗତବର୍ଷ ଅଗଷ୍ଟରେ ଗିରଫ ଅଭିଯୁକ୍ତଙ୍କୁ ନଭେମ୍ବର ମାସରେ କୋର୍ଟ ଦଣ୍ଡିତ କରିଥିଲେ।

**ଗୁଜରାଟ କୋର୍ଟଙ୍କ ଟିପ୍ପଣୀ**

## କାର୍ ବନେଟ୍‌ରେ ୮ କି.ମି. ଘୋଷାଡ଼ିଲେ: ବୃଦ୍ଧଙ୍କ ମୃତ୍ୟୁ

**ପାଟନା, ୨୨।୧**

ବିହାରର ପୂର୍ବ ଚମ୍ପାରଣ ଜିଲାର ୨୭ ନମ୍ବର ଜାତୀୟ ରାଜପଥରେ କାରରେ ଘୋଷାଡ଼ି ହୋଇ ୭୦ ବର୍ଷୀୟ ଶଙ୍କର ଚୌଧୁରଙ୍କ ମୃତ୍ୟୁ ଘଟିଛି। କୋଟୱା ଥାନା ଅନ୍ତର୍ଗତ ବଙ୍ଗରା ଗ୍ରାମରେ ଶଙ୍କରଙ୍କ ଘର। ବଙ୍ଗରା ଛକରେ ଶଙ୍କର ସାଇକେଲ ଚଳେଇ ଯାଉଥିବାବେଳେ ଗୋପାଳଗଞ୍ଜରୁ ଦ୍ରୁତ ବେଗରେ ଆସୁଥିବା ଏକ କାର୍ ତାଙ୍କ ସାଇକେଲରେ ପିଟି ହୋଇଥିଲା। ଏହାପରେ ଶଙ୍କର କାର ବନେଟ୍ ଉପରେ ପଡ଼ିଯାଇଥିଲେ। ୱାଇପରକୁ ଧରି ରହିଥିବା ଶଙ୍କର ଚିତ୍କାର କରି ଡ୍ରାଇଭରଙ୍କୁ କାର୍ ରଖିବାକୁ କହିଥିଲେ। କିନ୍ତୁ ଡ୍ରାଇଭର କାର୍‌କୁ ଅଟକାଇ ନ ଥିଲେ। କୋଟୱାର କଦମ ଛକ ନିକଟରେ ହଠାତ୍ ବ୍ରେକ୍‌ମାରି ଡ୍ରାଇଭର କାର୍ ଅଟକାଇବାରୁ ଶଙ୍କର କାର୍ ଆଗରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଡ୍ରାଇଭର ଫେରାର୍ ହୋଇଯାଇଛନ୍ତି।

## ୱିପ୍ରୋର ୪୫୨ କର୍ମଚାରୀ ଛଟେଇ

**ନୂଆଦିଲ୍ଲୀ, ୨୨।୧:** ଦୁର୍ବଳ ପର୍‌ଫରମାନ୍ସ ପାଇଁ ଆଇଟି କମ୍ପାନୀ ୱିପ୍ରୋ ୪୫୨ ଫ୍ରେସର୍ସଙ୍କୁ ଚାକିରିରୁ ବାହାର କରିଛି। ଆବଶ୍ୟକୀୟ ଟ୍ରେନିଂ ପରେ ମଧ୍ୟ ସେମାନଙ୍କ ପ୍ରଦର୍ଶନ ଦୁର୍ବଳ ରହିଥିଲା। ଆଇଟି କ୍ଷେତ୍ରରେ ୱିପ୍ରୋ ଶୀର୍ଷରେ ଥିବାବେଳେ ସେବାରେ କୌଣସି ପ୍ରକାର ବ୍ୟତିକ୍ରମ ଗ୍ରହଣୀୟ ନୁହେଁ। ଚାକିରିରୁ କଢ଼ାଯିବା ପରେ ଟ୍ରେନିଂ ବାବଦକୁ ୭୫ ହଜାର ଟଙ୍କା ପଇଠ କରିବା ଲାଗି କମ୍ପାନୀର ନିୟମ ରହିଥିବାବେଳେ ଛଟେଇ ହୋଇଥିବା ଫ୍ରେସର୍ସଙ୍କୁ ଏହି ଟଙ୍କା ଦେବାକୁ ପଡ଼ିବ ନାହିଁ ବୋଲି ଟର୍ମିନେଶନ୍ ଲେଟରରେ ଉଲ୍ଲେଖ କରାଯାଇଛି।




ସୁଇଡେନ୍‌ରେ କୋରାନ ପୋଡ଼ିକୁ ତୁର୍କୀ ବିରୋଧ କରିଛି। ଷ୍ଟକ୍‌ହୋମ୍‌ସ୍ଥିତ ତୁର୍କୀ ଦୂତାବାସ ସମ୍ମୁଖରେ ୟୁନିୟନ୍ ଅଫ୍ ୟୁରୋପିଆନ୍ ତୁର୍କିସ୍ ଡେମୋକ୍ରାଟ୍ସ (ସିଇଟିଡି) ସଦସ୍ୟମାନେ ରବିବାର ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍‌ଙ୍କ ଫଟୋ ଥିବା ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ୨ ମୋବାଇଲ ଟାୱାର ଚୋରି



**ବେଙ୍ଗାଲୁରୁ,୨୨।୧**

ବେଙ୍ଗାଲୁରୁରୁ ଚଳିତ ମାସରେ ୨ଟି ମୋବାଇଲ ଟାୱାର ଚୋରି ନେଇ ଅଭିଯୋଗ ହୋଇଛି। ପ୍ରଥମ ଚୋରି ହ୍ୱାଇଟ୍‌ଫିଲ୍ଡ ଡିଭିଜନ ଅନ୍ତର୍ଗତ ମହାଦେବପୁରରେ ହୋଇଥିଲାବେଳେ ଏବେ ଉତ୍ତର ବେଙ୍ଗାଲୁରୁର ରାଜାଜୀନଗରରୁ ଆଉ ଏକ ଟାୱାର ଚୋରି ହୋଇଛି। ଉଭୟ ମାମଲାର ଅଭିଯୋଗକାରୀ ଗୋଟିଏ କମ୍ପାନୀର ଅଧିକାରୀ। ଜାନୁୟାରୀ ୧ରେ ପ୍ରଥମ ଅଭିଯୋଗ ଅନୁଯାୟୀ ମହାଦେବପୁର ଗୋଶାଳା ରୋଡ୍‌ରୁ ଚୋରମାନେ ଟାୱାର ସମେତ ଡିଜେଲ ଜେନେରେଟର ଓ ଅନ୍ୟ ଉପକରଣ ଚୋରିକରି ନେଇଯାଇଥିଲେ। ଗତବର୍ଷ ଅଗଷ୍ଟ ୧ରୁ ସେପ୍ଟେମ୍ବର ୧ ମଧ୍ୟରେ ଏହି ଚୋରି ହୋଇଥିବା କୁହାଯାଉଛି। ଚୋରି ସାମଗ୍ରୀର ମୂଲ୍ୟ ୧୭ ଲକ୍ଷ ଟଙ୍କା ହେବ। ଦ୍ୱିତୀୟ ଚୋରି ସମ୍ପର୍କରେ ୧୮ ତାରିଖରେ ଅଭିଯୋଗ ହୋଇଛି। ଚୋରି ଟାୱାର ଓ ସେଥିରେ ଲାଗିଥିବା ଉପକରଣଗୁଡ଼ିକର ଦାମ୍ ୧୬ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି।

# ସମ୍ବିଧାନକୁ ହାଇଜାକ୍ କରିଛନ୍ତି ସୁପ୍ରିମକୋର୍ଟ

### ପୂର୍ବତନ ବିଚାରପତିଙ୍କ ଭିଡିଓ ଶେୟାର କଲେ ରିଜିଜୁ



କିରେନ୍ ରିଜିଜୁ

**ନୂଆଦିଲ୍ଲୀ,୨୨।୧(ଆଇଏଏନ୍‌ଏସ୍)**

ବିଚାରପତି ନିଯୁକ୍ତିକୁ ନେଇ କେନ୍ଦ୍ର ଏବଂ ନ୍ୟାୟପାଳିକା ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଆଇନ ମନ୍ତ୍ରୀ କିରେନ୍ ରିଜିଜୁ ରବିବାର ଦିଲ୍ଲୀ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଆର୍.ଏସ୍. ସୋଧିଙ୍କ ସାକ୍ଷାତ୍କାରର ଭିଡିଓ ଶେୟାର କରିଛନ୍ତି। ସୁପ୍ରିମକୋର୍ଟ ନିଜେ ବିଚାରପତି ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେଇ ସମ୍ବିଧାନକୁ ଅପହରଣ କରିଛନ୍ତି ବୋଲି ଜଷ୍ଟିସ୍ ସୋଧି କହିଥିଲେ। ଆଇନ ପ୍ରଣୟନ କରିବା ଅଧିକାର ପାର୍ଲାମେଣ୍ଟର ରହିଛି। ସୁପ୍ରିମକୋର୍ଟ ଆଇନ ପ୍ରଣୟନ କରିପାରିବ ନାହିଁ ବୋଲି ଜଷ୍ଟିସ ସୋଧି କହିଥିଲେ। କେବଳ ପାର୍ଲାମେଣ୍ଟ ହିଁ ସମ୍ବିଧାନ ସଂଶୋଧନ କରିବ। ତେବେ ସୁପ୍ରିମକୋର୍ଟ ସମ୍ବିଧାନକୁ ହାଇଜାକ୍ କରୁଥିବା ସେ ପ୍ରଥମ ଥର ପାଇଁ ଅନୁଭବ କରୁଛନ୍ତି ବୋଲି ସୋଧି କହିଥିଲେ। ହାଇଜାକ ପରେ ସେମାନେ କହିବେ ଆମେ ବିଚାରପତି ନିଯୁକ୍ତି ଦେବୁ, ଏଥିରେ କେନ୍ଦ୍ରର କିଛି ଭୂମିକା ନାହିଁ। ହାଇକୋର୍ଟଗୁଡ଼ିକ ଶୀର୍ଷ ଅଦାଲତଙ୍କ ଆଜ୍ଞାକାରୀ ନୁହନ୍ତି, କିନ୍ତୁ ହାଇକୋର୍ଟ ବିଚାରପତିମାନେ ସୁପ୍ରିମକୋର୍ଟଙ୍କୁ ଚାହିଁ ରହିବା ସହ ଆଜ୍ଞାକାରୀ ପାଲଟିଗଲେଣି ବୋଲି ଜଷ୍ଟିସ ସୋଧି କହିଥିଲେ।

ପୂର୍ବତନ ବିଚାରପତିଙ୍କ ମତାମତ ବିବେକପୂର୍ଣ୍ଣ ବିବେଚନା କରୁଛି ବୋଲି ମନ୍ତ୍ରୀ ରିଜିଜୁ କହିଛନ୍ତି। ଅଧିକାଂଶ ଲୋକଙ୍କର ସମାନ ମତାମତ ରହିଛି। ଜନସାଧାରଣ ସେମାନଙ୍କ ପ୍ରତିନିଧି ମାଧ୍ୟମରେ ନିଜକୁ ଶାସନ କରିଥାନ୍ତି। ନିର୍ବାଚିତ ଜନପ୍ରତିନିଧିମାନେ ଲୋକଙ୍କ ସ୍ୱାର୍ଥକୁ ଉପସ୍ଥାପନ କରିବା ସହ ଆଇନ ପ୍ରଣୟନ କରିଥାନ୍ତି। ଆମ ନ୍ୟାୟପାଳିକା ସ୍ୱାଧୀନ ଏବଂ ସମ୍ବିଧାନ ସର୍ବୋଚ୍ଚ ବୋଲି ରିଜିଜୁ ଟୁଇଟ୍ କରିଛନ୍ତି।

### ସିଜେଆଇଙ୍କୁ ମୋଦିଙ୍କ ପ୍ରଶଂସା





ସୁପ୍ରିମକୋର୍ଟ ରାୟଗୁଡ଼ିକୁ ଆଞ୍ଚଳିକ ଭାଷାରେ ଉପଲବ୍ଧ କରାଇବା ଉପରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁତ୍ୱ ଦେଉଥିବାରୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟ ଆଞ୍ଚଳିକ ଭାଷାରେ ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସିଜେଆଇ ନିକଟରେ ଏକ କାର୍ଯ୍ୟକ୍ରମରେ କହିଥିଲେ। ଏଥିପାଇଁ ଟେକ୍‌ନୋଲୋଜିର ବ୍ୟବହାର ନିମନ୍ତେ ସେ ପ୍ରସ୍ତାବ ଦେଇଥିଲେ। ଏହା ପ୍ରଶଂସନୀୟ ଚିନ୍ତାଧାରା, ଯାହା ଯୁବପିଢ଼ିଙ୍କ ସମେତ ଜନସାଧାରଣଙ୍କ ପାଇଁ ସହାୟକ ହେବ ବୋଲି ମୋଦି ଟୁଇଟ୍ କରିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୩/୨୦୨୩ | Bhubaneswar, Monday, January 23/2023 | ପୃଷ୍ଠା-୧









ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।

# ସଡନ୍‌ଡେଥ୍‌ରେ ଭାରତ ବିଦା

## ହକି ବିଶ୍ୱକପ୍

### କ୍ୱାର୍ଟରରେ ନ୍ୟୁଜିଲାଣ୍ଡ

ଭୁବନେଶ୍ୱର, ୨୨।୧(କ୍ରୀଡ଼ା ପ୍ରତିନିଧି)

ଏକାଧିକ ସୁଯୋଗ ହାତଛଡ଼ା ଭାରତ ପାଇଁ ମହଙ୍ଗା ପଡ଼ିଛି। ଗତ ସଂସ୍କରଣର କ୍ୱାର୍ଟର ଫାଇନାଲିଷ୍ଟ ଘରୋଇ ଦଳ ଏଥର ହକି ବିଶ୍ୱକପ୍‌ର କ୍ରସ୍‌ଓଭର ପର୍ଯ୍ୟାୟରୁ ବିଦାୟ ନେଇଛି। କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୩-୩ ଗୋଲରେ ବରାବର ରହିବାପରେ ଶୁଟ୍‌ଆଉଟ/ସଡନ୍‌ଡେଥ୍‌ରେ ଭାରତ ଲୋ ର୍‍ୟାଙ୍କ୍‌ପ୍ରାପ୍ତ ନ୍ୟୁଜିଲାଣ୍ଡଠାରୁ ୪-୫ ଗୋଲରେ ହାରିଯାଇଛି। ଶୁଟ୍ ଆଉଟ୍‌ର ସ୍ଥିତି ୩-୩ ରହିବାରୁ ସଡନ୍‌ଡେଥ୍ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଏହି ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ୨ଟି ଏବଂ ଭାରତ ମାତ୍ର ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲା। ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଅତିଥିଭାବେ ଯୋଗଦେଇ ନ୍ୟୁଜିଲାଣ୍ଡର ସିଅନ ଫିଣ୍ଡଲେଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ନ୍ୟୁଜିଲାଣ୍ଡ କ୍ୱାର୍ଟର ଫାଇନାଲରେ ୨୪ ତାରିଖରେ ଗତଥରର ଚାମ୍ପିୟନ ବେଲଜିୟମକୁ ଏଠାରେ ଭେଟିବ। ଅନ୍ୟପକ୍ଷରେ ଭାରତ ୯ରୁ ୧୨ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ୍ ୨୬ ତାରିଖରେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଜାପାନ ବିପକ୍ଷରେ ଖେଳିବ।

ଘରୋଇ ପରିବେଶରେ ଷ୍ଟାଡିୟମ ଭରପୂର ଦର୍ଶକଙ୍କ ଗହଣରେ ଭାରତ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ କରିଥିଲା। ମାତ୍ର ନ୍ୟୁଜିଲାଣ୍ଡ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ବିଶୃଙ୍ଖଳିତ ଆଚରଣ ପାଇଁ ୭ମ ମିନିଟ୍‌ରେ ନ୍ୟୁଜିଲାଣ୍ଡର ନିକ୍ ଉଡ୍ସ ଗ୍ରୀନ୍ କାର୍ଡ ପାଇ ୨ ମିନିଟ୍ ପାଇଁ ପଡ଼ିଆରୁ ବିଦା ହୋଇଥିଲେ। ୧୨ତମ ମିନିଟ୍‌ରେ ଭାରତକୁ ପ୍ରଥମ ପେନାଲ୍ଟି ☞ପୃଷ୍ଠା-୨



କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ କ୍ରସ୍‌ଓଭର ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ହାରିବା ପରେ ଦୁଃଖାଭିଭୂତ ଭାରତ ଖେଳାଳି।

# ଡ୍ୟାନ୍ସ କ୍ଲବ୍‌ରେ ଗୁଳି: ୧୦ ମୃତ

■ ଲସ୍‌ଏଞ୍ଜେଲ୍‌ସରେ ଚାଇନା ନବବର୍ଷ ପାଳନ ବେଳେ ଆକ୍ରମଣ

ମୋଣ୍ଟେରେ ପାର୍କ,୨୨।୧

ଆମେରିକାର ଲସ୍‌ଏଞ୍ଜେଲ୍‌ସରେ ଶନିବାର ରାତିରେ ଚାଇନା ନବବର୍ଷ ପାଳନ ବେଳେ ଗୁଳିକାଣ୍ଡ ଘଟିଛି। ମୋଣ୍ଟେରେସ୍ଥିତ ଏକ ଡ୍ୟାନ୍ସ କ୍ଲବ୍‌ରେ ଲୁନାର ନ୍ୟୁ ଇୟର ସେଲିବ୍ରେଶନ୍‌ରେ ଲୋକେ ମସଗୁଲ ଥିବାବେଳେ ଜଣେ ବନ୍ଧୁକଧାରୀ ଆଖିବୁଜା ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ୧୦ ନିହତ ହୋଇଥିବାବେଳେ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ହସ୍ପିଟାଲରେ ଚିକିତ୍ସାଧୀନ ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଚଳିତମାସରେ ଏହା ହେଉଛି ଆମେରିକାରେ ପଞ୍ଚମ ଗଣହତ୍ୟା। ଆଭ୍ୟନ୍ତରୀଣ ସୁରକ୍ଷା ବିଭାଗ ପକ୍ଷରୁ ଏନେଇ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଅବଗତ କରାଯାଇଛି। ସ୍ଥାନୀୟ ପୋଲିସ ଏବଂ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ସମେତ ଅନେକ ସୁରକ୍ଷା ଏଜେନ୍ସି ଏହାର ତଦନ୍ତ ଚଳାଇଛନ୍ତି। ଲସ୍‌ଏଞ୍ଜେଲ୍‌ସରୁ ୧୩ କି.ମି. ଦୂର ମୋଣ୍ଟେରେ ପାର୍କ ସହରର ଜନସଂଖ୍ୟା ହେଉଛି ୬୦,୦୦୦। ସେଠାରେ ବସବାସ କରୁଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ଏସୀୟ ବଂଶୋଦ୍ଭବ। ଶନିବାର ସ୍ଥାନୀୟ ସମୟ ରାତି ୧୦ଟା ୨୨ରେ ଚାଇନା ନବବର୍ଷ ପାଳନ ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଗାର୍ଭି ଆଭେନ୍ୟୁସ୍ଥିତ ଏକ ଡ୍ୟାନ୍ସ କ୍ଲବ୍‌ରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଜଣେ ଆତତାୟୀ ନିଜ ମେଶିନ୍ ଗନ୍‌ରୁ ଆଖିବୁଜା ଗୁଳି ଚଳାଇବା ପରେ ସେଠାରୁ ☞ପୃଷ୍ଠା-୨

# ସୁଟ୍‌କେଶ୍‌ରୁ ମିଳିଲା ଯୁବକଙ୍କ ମୃତଦେହ

■ ହତ୍ୟା ପରେ ଫୋପାଡି ଦେଲେ

■ ତଦନ୍ତ ପାଇଁ ୨ଟି ଟିମ୍ ଗଠନ

■ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ

ଖୋର୍ଦ୍ଧା ଅଫିସ/ବାଲୁଗାଁ/ଗମ୍ଭାରୀମୁଣ୍ଡା,୨୨।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନାଚୁଣୀ ଥାନା ଅଧୀନ ହରିପୁର ଜଙ୍ଗଲରୁ ଏକ ସୁଟକେସ୍‌ରେ ଭର୍ତ୍ତି ଜଣେ ଯୁବକଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ନୟାଗଡ଼ ଜିଲା ରଣପୁର ଥାନା ବଳଭଦ୍ରପୁର ପଞ୍ଚାୟତ ଅଧୀନ ଲାଖପଡ଼ା ଗ୍ରାମର ମନୋରଞ୍ଜନ ମହାପାତ୍ର(୩୨)। ସେ ଟାଙ୍ଗୀ ନିକଟ ଚଣ୍ଡେଶ୍ୱର ଗ୍ରାମରେ ସମ୍ପର୍କୀୟଙ୍କ ଘରେ ପରିବାର ସହ ରହିଆସୁଥିଲେ। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୧୧/୨୩) ରୁଜୁ କରାଯାଇଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶନିବାର ରାତିରେ କେହି ଦୁର୍ବୃତ୍ତ ମନୋରଞ୍ଜନଙ୍କୁ ହତ୍ୟା କରି ସୁଟ୍‌କେସ୍‌ରେ ଭର୍ତ୍ତି କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ପୋଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ କିଏ ଓ କାହିଁକି ହତ୍ୟା କରିଛି କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଅଧିକ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ରବିବାର ସକାଳେ ୧୬ନମ୍ବର ଜାତୀୟ ରାଜପଥରୁ ହରିପୁର ଶାସନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱ ଜଙ୍ଗଲରେ ଏକ ନୀଳ ରଙ୍ଗର ସୁଟକେସ୍ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ସନ୍ଦେହରେ ପୋଲିସ୍‌କୁ ଖବର ଦେଇଥିଲେ। ନାଚୁଣୀ ଥାନା ଆଇଆଇସି ଚନ୍ଦ୍ରଶେଖର ଜେନା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସୁଟକେସ୍‌କୁ ☞ପୃଷ୍ଠା-୨



ସୁଟ୍‌କେସ୍‌ରେ ଯୁବକଙ୍କ ମୃତଦେହ

# ବଳାତ୍କାର ଉଦ୍ୟମକାରୀଙ୍କୁ ହତ୍ୟା କଲେ ପୀଡ଼ିତା

### ୭ ଦିନ ପରେ ଗଳିତ ମୃତଦେହ ଜବତ

ବାରିପଦା ଅଫିସ,୨୨।୧

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଗୁଞ୍ଜୁସାହି ଅଞ୍ଚଳରେ ବଳାତ୍କାର ଉଦ୍ୟମକାରୀଙ୍କୁ ଜଣେ ମହିଳା କୋଦାଳରେ ପିଟି ହତ୍ୟା କରିଛନ୍ତି। ଗତ ରବିବାର ଏହି ଘଟଣା ଘଟିଥିବା ବେଳେ ୭ ଦିନ ପରେ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଉକ୍ତ ଗ୍ରାମର ମଙ୍ଗଳ ମୁର୍ମୁ(୨୨)। ଘଟଣାରେ ଅଭିଯୁକ୍ତ କୁନି ମୁର୍ମୁଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧୫ ତାରିଖ( ରବିବାର) ମକର ମେଳା ଦେଖିବାକୁ ଆସି ମଙ୍ଗଳ ଆଉ ଘରକୁ ଫେରି ନ ଥିଲେ। ମଙ୍ଗଳଙ୍କ ମା' ମାଇସି ମୁର୍ମୁ ଖୋଜାଖୋଜି କରି ନ ପାଇବାରୁ ପରଦିନ ଥାନାରେ ଅଭିଯୋଗ କରିଥିଲେ। ପ୍ରାଥମିକ ତଦନ୍ତରୁ ମଙ୍ଗଳ ନିଶାସକ୍ତ ଅବସ୍ଥାରେ ସ୍ଥାନୀୟ ଜଣେ ମହିଳାଙ୍କୁ ଗୁଞ୍ଜୁସାହି ଜଙ୍ଗଲରେ ☞ପୃଷ୍ଠା-୨

# ବିଶ୍ୱଶର୍ମାଙ୍କୁ ଫୋନ କଲେ ଶାହରୁଖ୍

## 'ଶାହରୁଖ୍ ଖାନ୍‌ଙ୍କୁ ଚିହ୍ନିନାହିଁ' କହିଥିଲେ ଆସାମ ମୁଖ୍ୟମନ୍ତ୍ରୀ

ଗୁଆହାଟୀ,୨୨।୧

ବଲିଉଡ୍ ମେଗାଷ୍ଟାର ଶାହରୁଖ୍ ଖାନ୍ ଓ ଦୀପିକା ପାଦୁକୋନ୍‌ଙ୍କ ଅଭିନୀତ 'ପଠାନ୍'କୁ ବିରୋଧ କରି ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ ପ୍ରଦର୍ଶନ ଚାଲିଛି। 'ବେସରମ୍ ରଙ୍ଗ୍' ଗୀତରେ ଦୀପିକାଙ୍କ ଗୈରିକ ରଙ୍ଗର ସ୍ୱଳ୍ପ ବସ୍ତ୍ର ଓ କାମୋଦ୍ଦୀପକ ଅଙ୍ଗଭଙ୍ଗୀକୁ ନେଇ ଫିଲ୍ମକୁ ବର୍ଜନ କରାଯାଉ ବୋଲି ଦାବି ଜୋର୍ ଧରିଛି। ଆସାମ ରାଜଧାନୀ ଗୁଆହାଟୀରେ ବଜରଙ୍ଗ ଦଳ କର୍ମୀମାନେ ଶନିବାର 'ପଠାନ୍' ବିରୋଧରେ ବିକ୍ଷୋଭ କରି ଏହାର ପୋଷ୍ଟର ଜାଳିଥିଲେ। ଏପରି କି ଆସନ୍ତା ୨୫ରେ ଏହି ଫିଲ୍ମ ମୁକ୍ତିଲାଭ କରିବାକୁ ଥିବା ନରେଙ୍ଗି ଅଞ୍ଚଳର ଏକ ସିନେମା ହଲ୍‌ରେ ଦକ୍ଷିଣପନ୍ଥୀମାନେ ଭଙ୍ଗାରୁଜା ମଧ୍ୟ କରିଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ଏକ ପ୍ରେସ୍ କନ୍‌ଫରେନ୍ସରେ ଖବରଦାତାମାନେ ପ୍ରଶ୍ନ କରିଥିଲେ। ବିଶ୍ୱଶର୍ମା କହିଥିଲେ, ଶାହରୁଖ୍ ଖାନ୍ କିଏ ? ତାଙ୍କ ବିଷୟରେ କି 'ପଠାନ୍' ଫିଲ୍ମ ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ଶାହରୁଖ୍ ବଲିଉଡ୍‌ର ଜଣେ ସୁପରଷ୍ଟାର ବୋଲି ଖବରଦାତାମାନେ କହିବାରୁ ବିଶ୍ୱଶର୍ମା ଜବାବ ଦେଇଥିଲେ, ଆସାମରେ ବଲିଉଡ୍ ସିନେମା ନୁହେଁ, ବରଂ ଅସମୀୟା ଫିଲ୍ମ ଦେଖାଯିବା ଉଚିତ। ଶାହରୁଖ୍ ଏହି ବିଷୟ ଜାଣିବା ପରେ ରାତି ୨ଟାରେ ସିଧା ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମାଙ୍କ ନିକଟକୁ ଫୋନ୍ କଲ୍ କରିଥିଲେ। ଗୁଆହାଟୀର ସିନେମା ହଲ୍‌ଗୁଡ଼ିକରେ 'ପଠାନ୍'ର ରିଲିଜ୍ ପୂର୍ବରୁ ଚାଲିଥିବା ବିରୋଧକୁ ସେ ନାପସନ୍ଦ କରିବା ସହ ଚିନ୍ତା ବ୍ୟକ୍ତ କରିଥିଲେ। ସୁରୁଖୁରୁରେ ଫିଲ୍ମ ରିଲିଜ୍ ପାଇଁ ଯାହା ଆବଶ୍ୟକ ସବୁ କରାଯିବ। ଆଇନଶୃଙ୍ଖଳା ବଜାୟ ରଖିବା ରାଜ୍ୟର ଦାୟିତ୍ୱ। ଆଗକୁ ଯେପରି କୌଣସି ଅଘଟଣ ନ ଘଟେ ସେଦିଗରେ ପଦକ୍ଷେପ ନିଆଯିବ। ଆଇନ ଉଲ୍ଲଂଘନ କରିଥିବା ବିକ୍ଷୋଭକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ☞ପୃଷ୍ଠା-୨



ଶାହରୁଖ୍ ଖାନ୍



ହିମନ୍ତ ବିଶ୍ୱଶର୍ମା


ଅଢ଼େଇବର୍ଷ ପରେ ପାଇଖାନା ଟାଙ୍କିରୁ ମିଳିଲା କଙ୍କାଳ

ତୃତୀୟ ବ୍ୟକ୍ତି ସମ୍ପୃକ୍ତିରୁ ସମ୍ପର୍କରେ ଫାଟ: ଶ୍ରୀୟା

ଶିମିଳିପାଳରେ ପୁଣି ଦନ୍ତା ଶିକାର

୩


**ଆଜିର ସମ୍ପାଦକୀୟ**

ଅମାନୁଷିକ ଡାକ୍ତର

**ଆଜିର ମନ୍ତବ୍ୟ**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଭିକ୍ଷାଥାଳ ଧରି ସାରା ବିଶ୍ୱରେ ବୁଲୁଛନ୍ତି। କିନ୍ତୁ ତାଙ୍କୁ କୌଣସି ଦେଶ କିଛି ଦେଉନାହାନ୍ତି।

-ଇମ୍ରାନ୍ ଖାନ୍, ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଲାରିବା ଘର**
**ମଙ୍ଗୁଳିଲା ବର**
**ଯାଙ୍କୁ ନ ରଖିବ ବହୁତ କାଳ।**

ଛାଉଣି ପାଇଁ ଉଲୁରା ଯାଇଥିବା ଘରକୁ ବେଶିଦିନ ଖୋଲା ପକାଇ ରଖିବା ଅଶୁଭତାର ଲକ୍ଷଣ ହୋଇଥାଏ। ସେହିପରି ମଙ୍ଗୁଳା ହୋଇଥିବା ବରକୁ ଅଧିକ ସମୟ ନ ରଖି ଯଥାଶୀଘ୍ର ତା'ର ବିବାହ କରାଇଦେବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

**ଉପରୋଧ କଲି କୁକୁରକୁ**
**କୁକୁର ମୂତିଲା ଉପରକୁ।**

ଯିଏ ଯାହାକୁ ପାଳିପୋଷି ମଣିଷ କରିଥାଏ ତା' ପ୍ରତି ମନରେ ଏକପ୍ରକାର ଦରଦ ଭାବ ରହିଥାଏ। ଏଭଳି ସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ପାଳିପୋଷି ମଣିଷ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଘ୍ନତା ପ୍ରକାଶ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଏକାଠି ହେଲେ ୬୦ହଜାର ଜନଜାତି ଅଭିଭାବକ



ଭୁବନେଶ୍ୱର, ୨୨।୧(ବ୍ୟୁରୋ)

କିସ୍ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନେଇ ରବିବାର ଏକ ମହାଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୩୦ ଜିଲାରୁ ୬୦ହଜାର ଅଭିଭାବକ ଯୋଗଦେଇଥିଲେ। ତେବେ ଅଭିଭାବକ, ପୁରାତନ ଛାତ୍ରୀଛାତ୍ର ଓ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୧ଲକ୍ଷ ଜନସମାଗମ ହୋଇଥିଲା। ଅଭିଭାବକମାନେ ସୁରୁଖୁରୁରେ ସେମାନଙ୍କ ପିଲାଙ୍କ ଭଲମନ୍ଦ ବୁଝିବା ପାଇଁ କିସ୍ ପରିସରରେ ଜିଲାୱାରୀ ଷ୍ଟଲ୍ ଖୋଲାଯାଇଥିଲା। ଅଭିଭାବକଙ୍କୁ ସମ୍ବୋଧିତ କରି କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିସ୍‌ର ଅଧ୍ୟୟନରତ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୭୦ହଜାର ଛାତ୍ରୀଛାତ୍ର ଓଡ଼ିଶାର ଜନଜାତି ଅଧ୍ୟୁଷିତ ଗାଁଗୁଡ଼ିକରେ ଶିକ୍ଷାର ବାର୍ତ୍ତାବହ ପାଲଟିଛନ୍ତି। କିସ୍ ସମଗ୍ର ଜନଜାତି ସମ୍ପ୍ରଦାୟ ମଧ୍ୟରେ ଏକ

### କିସ୍‌ରେ ମହାଅଭିଭାବକ ସମ୍ମିଳନୀ

■ କିସ୍ ସମଗ୍ର ଜନଜାତି ସମ୍ପ୍ରଦାୟ ପାଇଁ ଏକ ଆନ୍ଦୋଳନ : ଅଚ୍ୟୁତ ସାମନ୍ତ

ଆନ୍ଦୋଳନରେ ପରିଣତ ହୋଇଛି ବୋଲି ସାମନ୍ତ କହିଥିଲେ। ଏହି ଅବସରରେ ସେ ସମସ୍ତ ଅଭିଭାବକ ସର୍ବୋପରି ଜନଜାତି ଲୋକଙ୍କ ସହଯୋଗ କାମନା କରିଥିଲେ। ସମ୍ମିଳନୀର ମୁଖ୍ୟ ଆକର୍ଷଣ ଥିଲା ସାମୁହିକ ମଧ୍ୟାହ୍ନ ଭୋଜନ। ୧ଲକ୍ଷ ଲୋକ କିସ୍‌ରେ ଏକାଠି ମଧ୍ୟାହ୍ନ ଭୋଜନ କରିବା ଏକ ଅନନ୍ୟ ପରିବେଶ ସୃଷ୍ଟି କରିଥିଲା। କିସ୍ ଓ କିଟ୍‌ର ସଭାପତି ଶାଶ୍ୱତୀ ବଳ, ସମ୍ପାଦକ ଆର୍. ଏନ୍. ଦାଶ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପି. କେ. ରାଉତରାୟ ଓ ରାଜ୍ୟସଭା ସଦସ୍ୟ ତଥା ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଭାର ମହାସଚିବ ନିରଞ୍ଜନ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

ଅଭିଭାବକମାନେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରି କହିଲେ, ସେ କିସ୍ ଭଳି ଅନୁଷ୍ଠାନ ପ୍ରତିଷ୍ଠା କରି ଜନଜାତିଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇପାରିଛନ୍ତି। କିସ୍‌କୁ ଏକ ସଫଳ ଅନୁଷ୍ଠାନରେ ପରିଣତ କରିବା ସହ ପଢୁଥିବା ପ୍ରତ୍ୟେକ ପିଲାଙ୍କୁ ଜଣେ ଜଣେ ସଫଳ ମଣିଷ କରି ଗଢ଼ି ତୋଳିଛନ୍ତି। ସାମନ୍ତଙ୍କୁ ତାଙ୍କ ଉତ୍ସର୍ଗୀକୃତ ଜୀବନ ପାଇଁ ଜନଜାତି ଅଭିଭାବକମାନେ ଧନ୍ୟବାଦ ଜଣାଇବା ସହ ପ୍ରତି ଜିଲାରେ ତାଙ୍କୁ କୃତଜ୍ଞତା ଜଣାଇବେ ବୋଲି ଘୋଷଣା କରିଥିଲେ। ସେମାନଙ୍କ ପିଲାମାନେ କିସ୍‌ରେ ରହି ଉନ୍ନତମାନର ଶିକ୍ଷା ଲାଭ କରିବା ସହ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରୁଥିବାରୁ ଅଭିଭାବକମାନେ ଖୁସି ବ୍ୟକ୍ତ କରିଥିଲେ।

# ଆଜି ୯ ଜିଲାକୁ ଘନକୁହୁଡ଼ି

ଭୁବନେଶ୍ୱର, ୨୨।୧(ବ୍ୟୁରୋ)

ଗୁରୁଚାପ ବଳୟ ପ୍ରଭାବରେ ରାଜ୍ୟରେ ଶୀତ କମିଯାଇଥିବାବେଳେ କୁହୁଡ଼ି ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ପରିଲକ୍ଷିତ ହେବ। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାରରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କଟକ, ଜଗତ୍‌ସିଂହପୁର, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼ ଓ କନ୍ଧମାଳ ଆଦି ୯ ଜିଲାରେ ଘନ କୁହୁଡ଼ି ହେବ। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା ଭଦ୍ରକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଗଜପତି, କଳାହାଣ୍ଡି, ଯାଜପୁର, ରାୟଗଡ଼ା ଓ କୋରାପୁଟର କିଛି ସ୍ଥାନରେ ସ୍ୱଳ୍ପ ଧରଣର କୁହୁଡ଼ି ହେବ। ସେପଟେ ସାମୁଦ୍ରିକ ବାୟୁର ପ୍ରଭାବ ଯୋଗୁ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ରବିବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାତ୍ରିର ତାପମାତ୍ରାରେ ସେଭଳି କୌଣସି ପରବର୍ତ୍ତନ ନାହିଁ।




ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ବଲିଉଡ୍ ଅଭିନେତା ଅନୁପମ୍ ଖେର୍‌ଙ୍କୁ ରବିବାର ନବୀନ ନିବାସଠାରେ ଜର୍ସି ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଏକ୍‌ଜାମ୍ ୱାରିୟର୍ସର ଓଡ଼ିଆ ସଂସ୍କରଣ ଏକ ପ୍ରେରଣାଦାୟୀ ପୁସ୍ତକ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୨।୧(ବ୍ୟୁରୋ)




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲିଖିତ ପୁସ୍ତକ ଏକ୍‌ଜାମ୍ ୱାରିୟର୍ସର ଓଡ଼ିଆ ସଂସ୍କରଣ ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କ ଅଭିଭାବକମାନଙ୍କ ଲାଗି ମଧ୍ୟ ଏକ ପ୍ରେରଣାଦାୟୀ ପୁସ୍ତକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି। ସେ ତାଙ୍କ ଟୁଇଟ୍‌ରରେ ଉଲ୍ଲେଖ କରିଛନ୍ତି ଯେ, ପରୀକ୍ଷା ଚାପକୁ କମ୍ କରିବାରେ ଏହି ପୁସ୍ତକ ଫଳପ୍ରଦ ହେବ। ଏକ୍‌ଜାମ୍ ୱାରିୟର୍ସକୁ ପଢ଼ି ଛାତ୍ରୀଛାତ୍ରମାନେ ଅଧିକ ଆତ୍ମବିଶ୍ୱାସର ସହ ପରୀକ୍ଷାକୁ ଉତ୍ସବ ଭାବେ ପାଳନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତକ ଏକ୍‌ଜାମ ୱାରିୟର୍ସର ନୂତନ ଓ ପରିବର୍ଦ୍ଧିତ ସଂସ୍କରଣ ଓଡ଼ିଆ ଓ ଇଂଲିଶ ସମେତ ୧୩ଟି ଭାରତୀୟ ଭାଷାରେ ପ୍ରକାଶିତ ହେଉଛି। ଆସନ୍ତା ୨୭ରେ ଦେଶର ଛାତ୍ରୀଛାତ୍ରଙ୍କ ସହ ବହୁ ପ୍ରତୀକ୍ଷିତ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ସେମାନଙ୍କୁ ସଫଳତାର ମନ୍ତ୍ର ଦେବେ ବୋଲି ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମସ୍ଥାନରେ ରବି ଓ ଚନ୍ଦ୍ରଙ୍କ ସମାଗମ ଫଳରେ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ନିଶ୍ଚିତ ସଫଳତା ପାଇବେ। ସାମାଜିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବାଣିଜ୍ୟ, ପରିବହନ, ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରୁ ସୁଫଳ ମିଳିବ।

**ବୃଷ**
କାର୍ଯ୍ୟଭାର ବୃଦ୍ଧି ହେତୁ ଚାପଗ୍ରସ୍ତ ହୋଇପାରନ୍ତି। ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ ଓ ଝଗଡ଼ାର ସମ୍ଭାବନା ରହିଛି। ବୁଧଙ୍କ ସ୍ଥିତିଜନିତ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ବନ୍ଧୁଙ୍କ ପରାମର୍ଶରେ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ବ୍ୟବସାୟ, ଶିଳ୍ପ ଓ ପରିବହନରେ ଆଶାନୁରୂପକ ସଫଳତା ହାସଲ କରିବେ।

**ମିଥୁନ**
ପରିସ୍ଥିତି ପ୍ରତି ସଜାଗ ରହି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ନିଜର ଲୋକମାନେ ମଧ୍ୟ ବିରୁଦ୍ଧାଚରଣ କରିପାରନ୍ତି। ପ୍ରତ୍ୟେକ କାମରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଆର୍ଥିକ ଅନଟନ ମଧ୍ୟ କାମକୁ ଅବରୁଦ୍ଧ କରିପାରେ।

**କର୍କଟ**
ଶନିଙ୍କ ଦୃଷ୍ଟି ପ୍ରଭାବରେ ବିଫଳତାର ନୈରାଶ୍ୟରେ ଭାଗ୍ୟ ଓ ଭଗବାନଙ୍କ ନିକଟରୁ ବିଶ୍ୱାସ ହରାଇଲା ଭଳି ଅନୁଭବ କରିବେ। ଅନ୍ୟ ପାଇଁ ଯାହା ସହଜଲଭ୍ୟ ଆପଣଙ୍କ ପାଇଁ ତାହା ଦୁରୂହ ହୋଇ ପଡ଼ିବ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ଉପୁଜିପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ଅନ୍ୟଥା ସମସ୍ୟା ବଢ଼ି ବଢ଼ି ଯିବାର ସୂଚନା ରହିଛି।

**ସିଂହ**
ଶନି ଓ ଶୁକ୍ରଙ୍କ ଦୃଷ୍ଟିରୁ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ବନ୍ଧୁମାନଙ୍କ ଅସହଯୋଗରେ କେତେକ ବ୍ୟତିକ୍ରମ ଦେଖିପାରିବେ। ଆଜିର ଯିବା ବାଟରେ କୌଣସି ବନ୍ଧୁଙ୍କ ସହ ବନ୍ଧୁତ୍ୱ ସୃଷ୍ଟି କରିପାରନ୍ତି। ବ୍ୟବସାୟିକ, ଆର୍ଥିକ, ସାମାଜିକ ପ୍ରତିଷ୍ଠା ହାସଲ ପାଇଁ ଚେଷ୍ଟିତ ହେବେ।

**କନ୍ୟା**
କାର୍ଯ୍ୟ ହାସଲ କ୍ଷେତ୍ରରେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ବନ୍ଧୁଙ୍କ କାର୍ଯ୍ୟାବଳୀର ସମୀକ୍ଷା କରି ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରିବେ। ଧନସ୍ଥ କେତୁ ହେତୁ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହେବ, କିନ୍ତୁ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ।

**ତୁଳା**
ପ୍ରତ୍ୟେକ କଥାକୁ ଗର୍ଭସ୍ଥ କରି ଚଳିପାରିଲେ ପାରିବାରିକ ସ୍ଥିତି ସାବଲୀଳ ରହିବ। ସମସ୍ୟା ମଧ୍ୟରେ ଗତି କରି ମଧ୍ୟ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଶୁକ୍ର ଓ ଚନ୍ଦ୍ରଙ୍କ ସୁପ୍ରଭାବରୁ କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ହାସଲ କରି ପାରନ୍ତି। ସଭାସମିତିରେ ବୁଦ୍ଧିଜୀବୀଙ୍କ ପାଇଁ ଦିନଟି ଭଲରେ କଟିବ।

**ବିଛା**
କର୍ମକ୍ଷେତ୍ରରେ କୌଣସି ଯୁବ ବ୍ୟକ୍ତିଠାରୁ ଅଯାଚିତ ଭାବରେ ଯଥେଷ୍ଟ ସହାୟତା ପାଇବେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ଭଉଣୀଙ୍କ ତରଫରୁ ସମସ୍ୟା ଆସିପାରେ। ଅନୁରାଧା ନକ୍ଷତ୍ର ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିବେ। କୌଣସି ବ୍ୟକ୍ତି ବିଶେଷଙ୍କ ପରୋକ୍ଷ ଶତ୍ରୁତା କାର୍ଯ୍ୟହାନିର କାରଣ ସାଜିପାରେ।

**ଧନୁ**
ଆଜି ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ସାମୟିକ ହସର ଝଲକ ସୃଷ୍ଟି ହେବ। କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ଦୀର୍ଘଦିନରୁ ଅଟକି ରହିଯାଇଥିବା କାମକୁ ସମ୍ପନ୍ନ କରିବାକୁ ମନ ବଳାଇ ପାରନ୍ତି। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖାଦେଇପାରେ।

**ମକର**
କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଅର୍ଥ ସଂଗ୍ରହ ପ୍ରଚେଷ୍ଟା ଜାରି ରଖନ୍ତୁ ଅବଶ୍ୟ ଉପକୃତ ହେବେ। ନିଜ ପରିସରର ବ୍ୟକ୍ତିବିଶେଷଙ୍କ କଥାକୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସନ୍ତାନ ହେତୁକ ପୀଡ଼ା କିମ୍ବା ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ।

**କୁମ୍ଭ**
ସାମାଜିକ ସ୍ତରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଶିକ୍ଷା, ପରୀକ୍ଷା, ସାକ୍ଷାତ୍‌କାର ତଥା ବ୍ୟବସାୟରେ ସମସ୍ୟା ଦେଖାଦେଇପାରେ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ି ଚାଲନ୍ତୁ, ସଫଳତା ପାଇବେ। ପାରିବାରିକ କ୍ଷେତ୍ର ପୂର୍ବପରି ରହିବ, କିନ୍ତୁ ଅତୀତ ଘଟଣାକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ।

**ମୀନ**
ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ି ହେବ ନାହିଁ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କିମ୍ବା ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଆଜି ହଠାତ୍ କୌଣସି ସମଶ୍ରେଣୀୟ ବ୍ୟକ୍ତିମାନଙ୍କ ସହ ବାଦାନୁବାଦ ହୋଇପାରେ। ବ୍ୟୟ ଭାର କମିକମି ଆସିବ, କିନ୍ତୁ ଭାବିଚିନ୍ତି ଆଗକୁ ପାଦ ବଢ଼ାଇବା ଠିକ୍ ହେବ।

ଆଜି ମାଘମାସ ଶୁକ୍ଳ ଦ୍ୱିତୀୟା ସୋମବାର, ଜାନୁୟାରୀ ୨୩ ତାରିଖ, ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ, ବୀର ସୁରେନ୍ଦ୍ରସାଏ ଜୟନ୍ତୀ, ରାଶି ନକ୍ଷତ୍ର, ଧନିଷ୍ଠା/ମକର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬/୨୭ ଗତେ, ଘ.୦୭/୫୦ ମଧ୍ୟେ, ଘ.୧୦/୫୨ ଗତେ, ଘ.୦୧/୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭/୫୦ ଗତେ, ଘ.୦୯/୧୩ ମଧ୍ୟେ ରାହୁକାଳ ॥

## ପ୍ରଥମ ପୃଷ୍ଠାରୁ...

### ଡ୍ୟାନ୍ସ କ୍ଲବ୍‌ରେ ...

ଫେରାର ହୋଇଯାଇଥିଲେ। ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣକାରୀଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ସେ କେଉଁ କାରଣରୁ ଗୁଳି ଚଳାଇଥିଲେ ତାହା ମଧ୍ୟ ଜଣାପଡ଼ିନାହିଁ। ପୋଲିସ ସମ୍ପୃକ୍ତ ଅଞ୍ଚଳକୁ ଘେରି ତନାଘନା ଚଳାଇଛି। ଏହି ଗଣହତ୍ୟା ପରେ ରବିବାର ହେବାକୁ ଥିବା ନବବର୍ଷର ସବୁ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଛି। ପ୍ରକାଶ ଯେ, ଆମେରିକାରେ ବନ୍ଧୁକ ଲାଇସେନ୍ସକୁ ନେଇ କୋହଳ ନୀତି ରହିଥିବାରୁ ଏପରି ଗୁଳିକାଣ୍ଡ ବାରମ୍ବାର ଘଟୁଛି। ୨୦୨୨ରେ ୬୪୭ଟି ବନ୍ଧୁକ ହିଂସା ଘଟିଥିଲା। ଗତବର୍ଷ ମେ' ୨୪ରେ ଟେକ୍ସାସ୍‌ର ଏକ ସ୍କୁଲ୍‌ରେ ଗୁଳିମାଡ଼ରେ ୨୧ ଜଣଙ୍କ ଜୀବନ ଯାଇଥିଲା। ଦୁଇମାସ ତଳେ କୋଲୋରାଡୋ ସ୍ପ୍ରିଙ୍ଗସ ନାଇଟ୍ କ୍ଲବ୍‌ରେ ମଧ୍ୟ ବନ୍ଧୁକ ହିଂସାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା।

### ସଡନ୍‌ଡେଥ୍‌ରେ ଭାରତ ...

କର୍ନର ମିଳିଥିଲା। ମାତ୍ର ଅଧିନାୟକ ହରମନପ୍ରୀତ ସିଂ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଭାରତ ଆଉ କେତୋଟି ଭଲ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ହୋଇପାରି ନ ଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୮ତମ ମିନିଟରେ ଲଳିତ ଉପାଧ୍ୟାୟ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଲଳିତଙ୍କ ଏହି ଗୋଲବେଳେ ପୂରା ଷ୍ଟାଡିୟମ ପ୍ରକମ୍ପିତ ହୋଇଥିଲା। ୨୧ ଓ ୨୩ତମ ମିନିଟ୍‌ରେ ଭାରତ ଆଉ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ୨୨ତମ ମିନିଟ୍‌ରେ ଶମ୍‌ଶେର ସିଂ ଏକ ଫିଲ୍ଡ ଗୋଲ ଦେଇଥିଲେ ହେଁ ତାହା ରେଫରାଲରେ ନାକଚ ହୋଇଯାଇଥିଲା। ଅମ୍ପାୟର ଭାରତ ସପକ୍ଷରେ ଗୋଲ ସଙ୍କେତ ଦେଖାଇଥିଲେ। ସ୍କୋର ବୋର୍ଡରେ ମଧ୍ୟ ଭାରତ ଗୋଲ ସଂଖ୍ୟା ୨ ସୂଚିତ ହୋଇଥିଲା। ମାତ୍ର ରେଫରାଲରେ ଭେରିଏଶନ ସମୟରେ ବଲ୍ ଗୋଲପୋଷ୍ଟ ବାହାରେ ଲାଇନ୍ ସ୍ପର୍ଶକରି ଫେରିଥିବା ଜଣାପଡ଼ିବାପରେ ଭିଡିଓ ଅମ୍ପାୟର ତାହାକୁ ନାକଚ କରିଦେଇଥିଲେ। ୨୪ତମ ମିନିଟରେ ଘରୋଇ ଦଳ ଚତୁର୍ଥ ପେନାଲ୍ଟି କର୍ନର ପାଇଥିଲା। ହରମନପ୍ରୀତ ମାରିଥିବା ଶଟ୍ ନ୍ୟୁଜିଲାଣ୍ଡ ଗୋଲକିପର ଡୋମିନିକ୍ ଡିକ୍ସନଙ୍କ ଦ୍ୱାରା ସେଭ୍ ହୋଇ ଫେରିଆସୁଥିବାବେଳେ ସୁଖଜିତ ସିଂ ରିବାଉଣ୍ଡ ଶଟ୍ ଜରିଆରେ ଏହାକୁ ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧ ଶେଷଭାଗରେ ଭାରତୀୟ ରକ୍ଷଣଭାଗରେ ତ୍ରୁଟିର ଫାଇଦା ଉଠାଇଥିଲା ନ୍ୟୁଜିଲାଣ୍ଡ। ୩୦ତମ ମିନିଟ୍‌ରେ ସିଅନ ଫିଣ୍ଡଲେଙ୍କଠାରୁ ପାଇଥିବା ପାସ୍‌କୁ ନିୟନ୍ତ୍ରଣକୁ ଆଣି ସାମ୍ ଲେନ୍ ଚତୁରତାର ସହ ବଲ୍‌କୁ ଭାରତୀୟ ଗୋଲପୋଷ୍ଟକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷବେଳକୁ ଭାରତର ଅଗ୍ରଣୀ ବ୍ୟବଧାନ ୨-୧କୁ ହ୍ରାସ ପାଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ସ୍ୱାଭାବିକ ଭାବେ ଉତ୍ତେଜନାରେ ଭରି ରହିଥିଲା। ଉଭୟ ଦଳର ଆକ୍ରମଣ ପ୍ରତିଆକ୍ରମଣ ମଧ୍ୟରେ ୩୮ତମ ମିନିଟ୍‌ରେ ଭାରତ ଏକ ପେନାଲ୍ଟି କର୍ନର ପାଇ ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ହରମନପ୍ରୀତ୍‌ଙ୍କ ଶଟ୍ ଅତ୍ୟନ୍ତ ଦୁର୍ବଳ ଥିଲା। ବଲ୍ ଗୋଲକିପରଙ୍କ ପର୍ଯ୍ୟନ୍ତ ପହଞ୍ଚିପାରି ନ ଥିଲା। ନ୍ୟୁଜିଲାଣ୍ଡ ଖେଳାଳିଙ୍କ ତ୍ରୁଟି ଯୋଗୁ ୪୦ତମ ମିନିଟ୍‌ରେ ଭାରତକୁ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିଲା। ପ୍ରଥମଟି ସେଭ୍ ହୋଇଯାଇଥିଲେ ହେଁ ଦ୍ୱିତୀୟଟିରେ ବରୁଣ କୁମାର ମାରିଥିବା ଶଟ୍ ସିଧାସଳଖ ବିପକ୍ଷ ଗୋଲକିପର ଡିକ୍ସନଙ୍କୁ ଚକ୍‌ମା ଦେଇଥିଲା। ମାତ୍ର ଭାରତ ଏହି ଗୋଲ ପାଇଁ ଖୁସି ମନାଇବାକୁ ବେଶି ସମୟ ପାଇ ନ ଥିଲା। କାରଣ ୪୩ତମ ମିନିଟ୍‌ରେ ନ୍ୟୁଜିଲାଣ୍ଡକୁ ମିଳିଥିବା ପେନାଲ୍ଟି କର୍ନରକୁ କେନ୍ ରସେଲ ଗୋଲରେ ପରିଣତ କରି ତୃତୀୟ କ୍ୱାର୍ଟର ଶେଷବେଳକୁ ଭାରତର ଗୋଲ ବ୍ୟବଧାନକୁ ପୁଣି ୩-୨କୁ ହ୍ରାସ କରିଦେଇଥିଲେ। ରସେଲ ସିଧାସଳଖ ଶଟ୍ ମାରିଥିଲେ ହେଁ ଭାରତ ଗୋଲକିପର ପି.ଆର. ଶ୍ରୀଜେଶ ରୋକିପାରି ନ ଥିଲେ। ନ୍ୟୁଜିଲାଣ୍ଡର ଏହା ଥିଲା ପ୍ରଥମ ପେନାଲ୍ଟି କର୍ନର। ଫଳରେ ଶେଷ କ୍ୱାର୍ଟରରେ ଭାରତୀୟ ଦର୍ଶକଙ୍କ ହୃତ୍‌ସ୍ପନ୍ଦନ ବଢ଼ିଥିଲା। ରକ୍ଷଣଭାଗରେ କ୍ରମାଗତ ତ୍ରୁଟି ଭାରତ ପାଇଁ ମହଙ୍ଗା ପଡ଼ିଥିଲା। ୪୯ତମ ମିନିଟରେ ନ୍ୟୁଜିଲାଣ୍ଡକୁ ଦ୍ୱିତୀୟ ପେନାଲ୍ଟି କର୍ନର ମିଳିଥିଲା ଏବଂ ସିଅନ ଫିଣ୍ଡଲେ ଏହାକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲେ। ଫଳରେ ମ୍ୟାଚ୍ ୩-୩ ସ୍ଥିତିକୁ ଚାଲିଆସିଥିଲା। ଅଗ୍ରଣୀ ପାଇଁ ଏକାଧିକ ସୁଯୋଗ ସୃଷ୍ଟି ହୋଇଥିଲେ ହେଁ ଭାରତ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲା। ୫୨ତମ ମିନିଟରେ ପେନାଲ୍ଟି କର୍ନର ମିଳିଥିଲେ ହେଁ ହରମନପ୍ରୀତଙ୍କ ଶଟ୍ ଅତ୍ୟନ୍ତ ଧୀମା ରହିଥିଲା। ୫୩ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ବରୁଣ କୁମାରଙ୍କ ଶଟ୍ ଗୋଲପୋଷ୍ଟ ବାହାରେ ଚାଲିଯାଇଥିଲା। ଶେଷ ମୁହୂର୍ତ୍ତରେ ନାଟକୀୟ ପରିସ୍ଥିତିରେ ଭାରତ ଅଳ୍ପକେ ଏକ ଗୋଲ ବରଣରୁ ବର୍ତ୍ତି ଯାଇଥିଲା। ଫଳରେ ମ୍ୟାଚ ଶୁଟ୍‌ଆଉଟ ପର୍ଯ୍ୟାୟକୁ ଯାଇଥିଲା।

### ବିଶ୍ୱଶର୍ମାଙ୍କୁ ଫୋନ ...

ବିଶ୍ୱଶର୍ମା ଶାହରୁଖ୍‌ଙ୍କୁ ପ୍ରତିଶ୍ରୁତି ଦେଇଥିବା ଟୁଇଟ୍‌ରରେ ସୂଚନା ଦେଇଛନ୍ତି। ଏପରି କି ଶାହରୁଖ୍ ଉକ୍ତ ପ୍ରେକ୍ଷାଳୟର ମାଲିକ ରାଜୀବ ବୋରାଙ୍କୁ ମଧ୍ୟ ଫୋନ୍ କରିଥିଲେ। ଶନିବାର ବିକ୍ଷୋଭକାରୀମାନେ କ'ଣ ଘଟାଇଛନ୍ତି ବିସ୍ତୃତ ଭାବେ ଜାଣିବାକୁ ସେ ଚାହିଁଥିଲେ ବୋଲି ଗୋଲ୍ଡ ସିନେମା ସିଇଓ ରାଜୀବ କହିଛନ୍ତି। ପ୍ରକାଶ ଯେ, ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ତଥା ଶାହରୁଖ୍, ଦୀପିକା ଓ ଜନ୍ ଆବ୍ରାହମ୍‌ଙ୍କ ଭଳି ନାମୀଦାମୀ କଳାକାରଙ୍କ ଅଭିନୀତ 'ପଠାନ୍' ରିଲିଜ୍‌କୁ ଆଉ ମାତ୍ର ଦୁଇଦିନ ବାକି ଥିବାବେଳେ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଏହାକୁ ବିରୋଧ କରାଯାଉଛି। ୨୫୦ କୋଟି ଟଙ୍କାରେ ନିର୍ମିତ ଏହି ବିଗ୍ ବଜେଟ୍ ଫିଲ୍ମ ହିନ୍ଦୁମାନଙ୍କ ଧର୍ମୀୟ ଭାବାବେଗକୁ କୁଠାରାଘାତ କରିଥିବା ଅଭିଯୋଗ ଆଣି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ସମେତ ଅନ୍ୟ ଦକ୍ଷିଣପନ୍ଥୀ ସଙ୍ଗଠନଗୁଡ଼ିକ ଏହାର ରିଲିଜ୍ ଉପରେ ବ୍ୟାନ୍ ଲଗାଇବାକୁ ଦାବି କରୁଛନ୍ତି। ନିକଟରେ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରା ଏହାକୁ ରାଜ୍ୟରେ ପ୍ରଦର୍ଶନ ଉପରେ କଟକଣା ଜାରି କରାଯିବ ବୋଲି ଚେତାବନୀ ଦେଇଥିଲେ। ଗତ ୧୭ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମୋଦି କହିଥିଲେ, ଆମ ଦଳର ଜଣେ ନେତା ଅଛନ୍ତି, ଯିଏ ସବୁ ଫିଲ୍ମ ଉପରେ କିଛି ନା କିଛି ମନ୍ତବ୍ୟ ଦେଉଛନ୍ତି। ଟିଭିରେ ନିଜକୁ ଦେଖି ସେ ଭାବୁଛନ୍ତି ମୁଁ ନେତା ହେଉଛି। ପ୍ରତ୍ୟେକ ସିନେମା ସମ୍ପର୍କରେ ବୟାନ ଦେବା କ'ଣ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ତାଗିଦ କରିଥିଲେ। ନରୋତ୍ତମ କହିଥିଲେ, ମୁଁ ସେହି ନେତା। ପ୍ରଧାନମନ୍ତ୍ରୀଙ୍କ ଆଦେଶ ଶିରୋଧାର୍ଯ୍ୟ।

### ବଳାତ୍କାର ଉଦ୍ୟମକାରୀଙ୍କୁ ...

ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ମହିଳା ଜଣକ ମଙ୍ଗଳଙ୍କୁ ଏକ କୋଦାଳ ସାହାଯ୍ୟରେ ପିଟିପିଟି ହତ୍ୟା କରିଥିଲେ। ପରେ ସେଠାରୁ ପଳାଇଥିଲେ। ରବିବାର ଜଙ୍ଗଲରେ ଦୁର୍ଗନ୍ଧ ହେବାରୁ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପିଆର୍‌ଏମ୍ ହସ୍ପିଟାଲକୁ ପଠାଇଥିଲେ। ମଙ୍ଗଳଙ୍କ ମା' ଗତ ସୋମବାର ସଦର ଥାନାରେ କରିଥିବା ନିଖୋଜ ମାମଲା ଆଧାରରେ ପୋଲିସ ପରିଚୟ ପାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୧୯/୨୩) ରୁଜୁ ହୋଇଛି। ଅଭିଯୁକ୍ତ ମହିଳାଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରିଣୀ ମଧୁସ୍ମିତା ମହାନ୍ତି କହିଛନ୍ତି।

### ସୁଟ୍‌କେଶ୍‌ରୁ ମିଳିଲା ଯୁବକଙ୍କ ...

ଖୋଲିବାରେ ଜଣେ ଯୁବକଙ୍କ ମୃତଦେହ ଥିବା ଦେଖିବାକୁ ପାଇଥିଲେ। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୋଲିସ୍ ସନ୍ଦେହ କରିଥିଲା। ତେବେ ପ୍ରାଥମିକ ସ୍ତରରେ ଯୁବକଙ୍କ ପରିଚୟ ମିଳିପାରି ନ ଥିଲା। ବିଭିନ୍ନ ଗଣମାଧ୍ୟମରେ ଘଟଣା ସମ୍ପର୍କରେ ପ୍ରଚାରିତ ହେବା ପରେ ମୃତ ଯୁବକଙ୍କ ପରିବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ଖବରପାଇ ଏସ୍‌ପି ସିଦ୍ଧାର୍ଥ କଟାରିଆ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଚିଲିକା ତହସିଲଦାର ପ୍ରଦୀପ କୁମାର ସାହୁ, ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏହି ତଦନ୍ତ ଆରମ୍ଭ କରିଥିଲେ। ମୃତକଙ୍କ ମୁଣ୍ଡ ଓ ବେକରେ କ୍ଷତ ଚିହ୍ନ ରହିଥିବା ଦେଖାଯାଇଛି। ମନୋରଞ୍ଜନ ଏକ ସାମାଜିକ ଗଣମାଧ୍ୟମରେ କାର୍ଯ୍ୟ କରୁଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ତେବେ କେଉଁ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି ତାହା ଜଣାପଡ଼ି ନ ଥିବା ବେଳେ ପୋଲିସ୍ ପକ୍ଷରୁ ତଦନ୍ତ ଜୋରଦାର କରାଯାଇଛି। ଏନେଇ ଏସ୍‌ଡିପିଓ ବାରିକ କୁହନ୍ତି, ମୃତକଙ୍କ ସ୍ତ୍ରୀଙ୍କ ମାନସିକ ସ୍ଥିତି ଭଲ ନ ଥିବାରୁ ପରବର୍ତ୍ତୀ ସମୟରେ ପଚରାଉଚୁରା କରାଯିବ। ସମସ୍ତ ଦିଗକୁ ଅନୁଧ୍ୟାନ କରାଯାଇ ତଦନ୍ତ କରାଯିବ। ଏଥିଲାଗି ଦୁଇଟି ଟିମ୍ ଗଠନ କରାଯାଇଛି। ଅନ୍ୟପକ୍ଷରେ ଏସ୍‌ପି କଟାରିଆ କହିଛନ୍ତି ଯେ, ପ୍ରାଥମିକ ତଦନ୍ତରୁ ଏହା ହତ୍ୟା ବୋଲି ଜଣାପଡିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଖବ୍‌ଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି।

## ଏଟିଏମ୍ ଭାଙ୍ଗି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍

ଉମରକୋଟ/ଧୋଡ୍ରା,୨୨।୧(ସ୍ୱ.ପ୍ର./ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଧୋଡ୍ରା ମୁଖ୍ୟରାସ୍ତା ସ୍ଥିତ ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ ଶନିବାର ରାତିରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ ହୋଇଛି। ଦୁର୍ବୃତ୍ତମାନେ ଏଟିଏମ୍‌ରେ ଲାଗିଥିବା ସିସିଟିଭି କ୍ୟାମେରାରେ କଳାରଙ୍ଗ ସ୍ପ୍ରେ କରି ଟଙ୍କା ନେଇଯାଇଛନ୍ତି। ଧୋଡ୍ରା ମୁଖ୍ୟରାସ୍ତାରେ ଲାଗିଥିବା ସମସ୍ତ କ୍ୟାମେରା ଯାଞ୍ଚକରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏଟିଏମ୍ ଭାଙ୍ଗିଥିବା ନେଇ ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ନବରଙ୍ଗପୁରର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିବା ଉମରକୋଟ ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ସୂଚନା ଦେଇଛନ୍ତି। ଏ ନେଇ ୧୯/୨୩ ରେ ଏକ ମାମଲା ରୁଜୁ କରାଯାଇଛି। କେତେଜଣ ଶିକ୍ଷିତ ବ୍ୟକ୍ତି ଏହି ଲୁଟ୍‌ରେ ସାମିଲ ଥିବା ପୋଲିସ ଅନୁମାନ କରୁଛି।

**ସଂକ୍ଷେପରେ**

## ମହାପ୍ରଭୁଙ୍କୁ ଦର୍ଶନ କଲେ ଅନୁପମ୍ ଖେର୍



**ପୁରୀ ଅଫିସ,୨୨।୧:** ବଲିଉଡ୍ ଅଭିନେତା ଅନୁପମ୍ ଖେର୍ ରବିବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଅନୁପମ ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଭାବବିହ୍ୱଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅନୁପମ୍ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସୁରକ୍ଷା ବଳୟ ମଧ୍ୟରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କ କୌଳିକ ପଣ୍ଡା ତାଙ୍କୁ ଶ୍ରୀମନ୍ଦିର ଭିତରକୁ ସ୍ୱାଗତ କରିଥିଲେ। ବାଇଶ ପାହାଚ ଦେଇ ଅନୁପମ ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ଭିତର କାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ପରେ ଭିତର ବେଢ଼ାରେ ଥିବା ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପରେ କିଛି ସମୟ ଶ୍ରୀମନ୍ଦିର ଭିତରେ ବିତାଇ ବାଇଶ ପାହାଚ ଦେଇ ପ୍ରସ୍ଥାନ କରିଥିଲେ। ତେବେ ବାଇଶ ପାହାଚରେ କିଛି ସମୟ ରହି ମହାପ୍ରଭୁ ଏବଂ ଶ୍ରୀମନ୍ଦିର ସମ୍ପର୍କରେ ପଚାରି ବୁଝିଥିଲେ। ମହାପ୍ରଭୁଙ୍କ ଦର୍ଶନ ପାଇ ସେ ଧନ୍ୟ ହୋଇଯାଇଥିବା କହିଥିଲେ। ଏଥିସହ ଶ୍ରୀଜଗନ୍ନାଥ ମନ୍ଦିରକୁ ସେ ପ୍ରଥମଥର ପାଇଁ ଆସିଥିବା ବେଳେ ଏଠାରେ ଥିବା ଆଧାତ୍ମିକ ପରିବେଶ ଭାରତରେ ଅନ୍ୟ କୌଣସି ମନ୍ଦିରରେ ସେ ଅନୁଭବ କରିନାହାନ୍ତି ବୋଲି କହିଥିଲେ। ସୀମାବର୍ତ୍ତୀ ଅଞ୍ଚଳରେ ଥିବା ତୀର୍ଥକ୍ଷେତ୍ର ଓ ଠାକୁରଙ୍କୁ ଦର୍ଶନ କରିବା ସହ ବିଭିନ୍ନ ଜ୍ଞାନ, ଶିକ୍ଷା ଲାଭ କରିବା ତାଙ୍କର ଲକ୍ଷ୍ୟ ରହିଥିବା କହିଛନ୍ତି। ଦେଶର ପ୍ରଗତି ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି। ଏଥିସହ ତାଙ୍କର ଆଗାମୀ ୧୦ ତାରିଖରେ ଆସିବାକୁ ଥିବା ଚଳଚିତ୍ର ଶିବ ଶାସ୍ତ୍ରୀ ବେଲ ୱ୍ୟା ଚଳଚ୍ଚିତ୍ର ସମ୍ପର୍କରେ ସୂଚନା ଦେଇଥିଲେ।

## ଦିଲ୍ଲୀ ଗଲେ ଭୁଞ୍ଜିଆ ଦମ୍ପତି

**ନୂଆପଡ଼ା ଅଫିସ,୨୨।୧:** ଦିଲ୍ଲୀରେ ହେବାକୁ ଥିବା ଜାତୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ ନୂଆପଡ଼ା ଜିଲାର ଆଦିବାସୀ ଦମ୍ପତି ଭୁଜବଳ ମାଝି ଓ ସ୍ତ୍ରୀ କୁଞ୍ଜବାଇ ମାଝି। ରାଷ୍ଟ୍ରପତି ଭବନରୁ ଏ ନେଇ ନିମନ୍ତ୍ରଣ ପାଇବା ପରେ ଶନିବାର ଅପରାହ୍ନରେ ଏହି ଦମ୍ପତି ରାୟପୁରରୁ ବିମାନ ଯୋଗେ ଦିଲ୍ଲୀ ଯାତ୍ରା କରିଛନ୍ତି। ଆସନ୍ତା ସାଧାରଣତନ୍ତ୍ର ଦିବସରେ ରାଜପଥରେ ରାଜ ଅତିଥି ଭାବେ ସାମିଲ ହୋଇ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ବହୁମନ୍ତ୍ରୀ ଓ ଅଧିକାରୀଙ୍କୁ ସାକ୍ଷାତ କରିବେ। ସୁନାବେଡା ଉପତ୍ୟକାର ଆଦିମ ଜନଜାତିଙ୍କ ମୁଖ୍ୟ ଖାଦ୍ୟ କନ୍ଦମୂଳ, ପାରମ୍ପରିକ ଖାଦ୍ୟ ପିତାକନ୍ଦା ସହ ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦେବେ। ଫେବୃୟାରୀ ୨ରେ ସେମାନେ ନୂଆପଡ଼ା ଫେରିବେ। ଏହି ଦମ୍ପତିଙ୍କ ଗାଇଡ ଭାବେ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ହିମାଂଶୁ ମହାପାତ୍ର ସାଥିରେ ଯାଇଛନ୍ତି।

# ଅଢ଼େଇବର୍ଷ ପରେ ପାଇଖାନା ଟାଙ୍କିରୁ ମିଳିଲା କଙ୍କାଳ

**ଝାରସୁଗୁଡ଼ା ଅଫିସ୍,୨୨।୧**

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଞ୍ଚଳରେ ନିଖୋଜ ଥିବା ଡ୍ରାଇଭର ଉମ୍ବରୁଧର ପାତ୍ର(୩୯)ଙ୍କ କଙ୍କାଳ ଅଢ଼େଇ ବର୍ଷ ପରେ ରବିବାର ବନ୍ଧବାହାଲ ଶାନ୍ତିନଗରସ୍ଥିତ ବାସଭବନ ପାଇଖାନା ଟାଙ୍କିରୁ ଜବତ ହୋଇଛି। ଉମ୍ବରୁଙ୍କୁ ସ୍ତ୍ରୀ ଦମୟନ୍ତୀ ନାୟକ (୩୨) ଓ ଶଳା କେନ୍ଦୁଝରର ପାଟଣା ଥାନା ବଡବିଲ ଗ୍ରାମର ଲମ୍ବୋଦର ନାୟକ (୨୪) ହତ୍ୟା କରି ଟାଙ୍କିରେ ପକାଇ ଦେଇଥିବା ଜଣାପଡ଼ିବା ପରେ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି।

ବ୍ରଜରାଜନଗର ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇଙ୍କ ସୂଚନା ଅନୁସାରେ ୨୦୨୦ ଜୁନ୍ ୧୬ରେ ଉମ୍ବରୁଧର ନିଖୋଜ ହୋଇଯାଇଥିଲେ। ଏନେଇ ଉମ୍ବରୁଧରଙ୍କ ଭଉଣୀ ଅମ୍ବିକା ଭାଉଜ ଦମୟନ୍ତୀଙ୍କୁ ପଚାରିବାରେ ସେ ସ୍ୱାମୀଙ୍କ ନିଖୋଜ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ। ପରେ ଉମ୍ବରୁଧରଙ୍କ ନିଖୋଜ ସମ୍ପର୍କରେ ଅମ୍ବିକା ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ନିଖୋଜ ମାମଲା (ନଂ.୬/୨୦) ରୁଜୁକରି ତଦନ୍ତ ଚଳାଇଥିଲା। ହେଲେ ଉମ୍ବରୁଧରଙ୍କ କୌଣସି ସନ୍ଧାନ ପାଇ ନ ଥିଲା। ଏହି



ଗିରଫ ଦୁଇ ଅଭିଯୁକ୍ତଙ୍କ ସହ ଆଇଆଇସି ଆନ୍ନା ମିଞ୍ଜ ଓ ଅନ୍ୟ ପୋଲିସ କର୍ମଚାରୀ।

**ହତ୍ୟା ଅଭିଯୋଗରେ ସ୍ତ୍ରୀ, ଶଳା ଗିରଫ**

**ନିର୍ଯାତନା ସହି ନ ପାରି ହତ୍ୟା କରିଥିଲୁ: ଅଭିଯୁକ୍ତ**

ଘଟଣାକୁ ଇତି ମଧ୍ୟରେ୨ ବର୍ଷ ୭ମାସ ବିତି ଗଲାଣି। ଗତ କିଛି ମାସ ତଳେ ଏସ୍‌ପି ରାହୁଲ ଜୈନ ପୁରୁଣା ନିଖୋଜ ମାମଲା ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ ନିଖୋଜ ଡ୍ରାଇଭର ଉମ୍ବରୁଧରଙ୍କ ମାମଲା ପୁନଃ ତଦନ୍ତ ପାଇଁ ଏସ୍‌ପି ଜୈନ ନିର୍ଦ୍ଦେଶ ଦେଇଥିଲେ। ଏନେଇ ବ୍ରଜରାଜନଗର ଏସ୍‌ଡିପିଓ ଭୋଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ୍ ଟିମ୍ ଗଠନ କରାଯାଇଥିଲା। ଏଥିରେ ବନହରପାଲି ଥାନା ଆଇଆଇସି ଆନ୍ନା ମିଞ୍ଜ, ବେଲପାହାଡ ଥାନା ଆଇଆଇସି ରଞ୍ଜନ କୁମାର ବିଶ୍ୱାଳ, ବ୍ରଜରାଜନଗର ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଏହି ପୋଲିସ ଟିମ୍ ନିଖୋଜ ଡ୍ରାଇଭର, ସ୍ତ୍ରୀ, ଶଳାଙ୍କ ଫୋନ୍ ନମ୍ବର ଟ୍ରାକିଂ କରିବା ପରେ କେତେକ ତଥ୍ୟ ପାଇଥିଲେ। ଉକ୍ତ ତଥ୍ୟ ଆଧାରରେ ପୋଲିସ ଉମ୍ବରୁଧରଙ୍କ ସ୍ତ୍ରୀ ଓ ଶଳାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପୋଲିସର ବାରମ୍ବାର ଜେରା ପରେ ଉଭୟେ ଉମ୍ବରୁଧରଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏନେଇ ଦମୟନ୍ତୀ କହିଛନ୍ତି ତାଙ୍କ ସ୍ୱାମୀ ସବୁବେଳେ ଘରେ ମାରପିଟ୍ କରି ତାଙ୍କୁ ନିର୍ଯାତନା ଦେଉଥିଲେ। ଏଥିରେ ଅତିଷ୍ଠ ହୋଇ ଭାଇ ଓ ଭଉଣୀ ଯୋଜନାବଦ୍ଧଭାବେ ତାଙ୍କ ହାତଗୋଡ଼ ବାନ୍ଧି ଏକ ଗାମୁଛାରେ ତଣ୍ଟିଚିପି ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ ପାଇଁ ଘରେ ଥିବା ପାଇଖାନା ଟାଙ୍କିରେ ପକାଇ ପୋତି ଦେଇଥିଲେ।

ସେମାନଙ୍କଠାରୁ ଘଟଣା ବିଷୟରେ ଜାଣିବା ପରେ ପୋଲିସ ମାଜିଷ୍ଟ୍ରେଟ ତଥା ଆସିଷ୍ଟାଣ୍ଟ କଲେକ୍ଟର ଦୀନବନ୍ଧୁ ପିଙ୍ଗୁଆ, ଆର୍‌ଆଇ ରୋଜାଲିନ୍ ତିର୍କୀଙ୍କ ଉପସ୍ଥିତିରେ ପାଇଖାନା ଟାଙ୍କିରୁ କଙ୍କାଳ ଜବତ କରିଛି। ତଦନ୍ତକାରୀ ଆଇଆଇସି ଆନ୍ନା ମିଞ୍ଜଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବନହରପାଲି ଥାନାରେ ଏକ ହତ୍ୟା ମାମଲା (ନଂ.୧୦।୨୩) ରୁଜୁ କରିଛି।

ପ୍ରକାଶ ଯେ, ଉମ୍ବରୁଧରଙ୍କ ଘର ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅମତାପାଲି ଅଞ୍ଚଳରେ ହୋଇଥିବାବେଳେ ସେ ବନ୍ଧବାହାଲ ଶାନ୍ତିନଗରରେ ଘରକରି ରହୁଥିଲେ। ଦମୟନ୍ତୀ ପୂର୍ବରୁ ମୟୂରଭଞ୍ଜର ଚନ୍ଦ୍ରମୋହନ ନାୟକଙ୍କୁ ପ୍ରଥମ ବିବାହ କରିଥିଲେ। ତାଙ୍କର ୨ପୁତ୍ର ସନ୍ତାନ ରହିଥିବାବେଳେ ପ୍ରଥମ ସ୍ୱାମୀ କୁଆଡ଼େ ନିଖୋଜ ହୋଇଯାଇଥିଲେ। ପରେ ଦମୟନ୍ତୀ ଡ୍ରାଇଭର ଉମ୍ବରୁଧରଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ୱାମୀଙ୍କ ୨ ସନ୍ତାନ ତାଙ୍କ କାକା ପାଖରେ ରହୁଛନ୍ତି। ଉମ୍ବରୁଧରଙ୍କ ନିଖୋଜ ମାମଲା ପୋଲିସ୍ ଉନ୍ମୋଚନ କରିଥିବାବେଳେ ଦମୟନ୍ତୀଙ୍କ ପ୍ରଥମ ସ୍ୱାମୀ ଚନ୍ଦ୍ରମୋହନଙ୍କ ଭାଇ ଦୁର୍ଗାଚରଣ ନାୟକ ବନ୍ଧବାହାଲ ଫାଣ୍ଡିରେ ପହଞ୍ଚି ତାଙ୍କ ଭାଇ ନିଖୋଜ ଘଟଣାର ତଦନ୍ତ ଦାବି କରିଛନ୍ତି। ପୋଲିସ ଏହାର ତଦନ୍ତ କଲେ ତାଙ୍କ ଭାଇଙ୍କ ନିଖୋଜ ପର୍ଦ୍ଦାଫାଶ ହେବ ବୋଲି ସେ ଦାବି କରିଛନ୍ତି।

## ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଜଙ୍ଗଲରେ ନିଆଁ



ବନ କର୍ମଚାରୀ ନିଆଁ ଲିଭାଉଛନ୍ତି।

**ନୀଳଗିରି,୨୨।୧(ସ୍ୱ.ପ୍ର)**

ଗ୍ରୀଷ୍ମଋତୁ ଆରମ୍ଭ ନ ହେଉଣୁ ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି। ସଜନାଗଡ଼ ପଞ୍ଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମ ନିକଟରେ ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଏହି ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ଖବରପାଇ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। କେହି ଅସାମାଜିକ ବ୍ୟକ୍ତି ନିଆଁ ଲଗାଇଥିବା ଅନୁମାନ କରାଯାଉଛି। ନିଆଁରେ ବହୁ ବୃକ୍ଷଲତା, କୀଟପତଙ୍ଗ ଓ ବନୌଷଧି ଭସ୍ମୀଭୂତ ହୋଇଯାଇଛି। ଏନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନୀଳଗିରି ଉପଖଣ୍ଡରେ ଥିବା ସଂରକ୍ଷିତ ଜଙ୍ଗଲ ଓ କୁଳଡ଼ିହା ଅଭୟାରଣ୍ୟର ସୁରକ୍ଷା ପାଇଁ ସଂଲଗ୍ନ ଗ୍ରାମଗୁଡ଼ିକରେ ବନବିଭାଗ ପକ୍ଷରୁ ବିଭିନ୍ନ ସଚେତନତା ଶିବିର ଆୟୋଜନ କରିବା ଲାଗି ମତ ପ୍ରକାଶ ପାଇଛି।

## ଶିମିଳିପାଳରେ ପୁଣି ଦନ୍ତା ଶିକାର

**ବାରିପଦା ଅଫିସ,୨୨।୧**

■ ଦାନ୍ତ କାଟି ନେଇ ଗଲେ

■ ୧୫ ଦିନ ପୂର୍ବରୁ ଶିକାର ଆଶଙ୍କା

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ହାତୀ ମୃତ୍ୟୁ ଥମିବାର ନାଁ ଧରୁନି। ମାସକ ପୂର୍ବେ ଦୋଷ ଲୁଚାଇବାକୁ ବନ କର୍ମଚାରୀମାନେ ଏକ ଦନ୍ତାର ମୃତଦେହ ପୋଡ଼ି ନଦୀରେ ଭସାଇଦେବା ଘଟଣାର ତଦନ୍ତ ଚାଲିଥିବା ବେଳେ ରବିବାର ପୁଣି ଏକ ଦନ୍ତାର ଗଳିତ ମୃତଦେହ ଠାବ ହୋଇଛି। ଶିକାରୀମାନେ ତାହାର ଦାନ୍ତ କାଟି ନେଇ ଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଆଞ୍ଚଳିକ କ୍ଷେତ୍ର ନିର୍ଦ୍ଦେଶକ ଟି. ଅଶୋକ କୁମାର ସଦଳବଳ ପହଞ୍ଚି ଛାନଭିନ ଚଳାଇଛନ୍ତି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ତାଳବନ୍ଧ ରେଞ୍ଜ ବାଙ୍କଡ଼ିହୀ ଅଞ୍ଚଳରେ ରବିବାର ଏକ ଦନ୍ତା ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସାଇ କିରଣ ଓ ବନବିଭାଗର କର୍ମଚାରୀମାନେ ପହଞ୍ଚି ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ପ୍ରାୟ ୧୫/୨୦ ଦିନ ପୂର୍ବରୁ ଦନ୍ତାକୁ ଶିକାର କରାଯାଇଥିବା ପାରିପାର୍ଶ୍ୱିକସ୍ଥିତିରୁ ଜଣାପଡ଼ିଥିବା ବନ ବିଭାଗ କର୍ମଚାରୀ ପ୍ରକାଶ କରିଛନ୍ତି। ତେବେ ଲୁଚାଛପାରେ ଶିକାରୀମାନେ ଅଭୟାରଣ୍ୟକୁ ପ୍ରବେଶ କରି ହାତୀ ଓ ମହାବଳ ବାଘ ଶିକାର କରିବାରେ ସକ୍ଷମ ହେଉଛନ୍ତି। ବନବିଭାଗର କର୍ମଚାରୀମାନେ ଦିନରାତି ପାଟ୍ରୋଲିଂ କରୁଥିଲେ ହେଁ ଶିକାରୀମାନେ ଅବାଧରେ ପଶି ଶିକାର କରୁଛନ୍ତି। ପୂର୍ବରୁ ଦନ୍ତା ମୃତ୍ୟୁ ଘଟଣାରେ ବନକର୍ମଚାରୀ ଜଡ଼ିତ ଥିବାରୁ ଏଥିରେ ମଧ୍ୟ ସେମାନଙ୍କ ହାତ ଥିବା ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

ପ୍ରକାଶଥାଉ କି, ଗତ ଡିସେମ୍ବର ୭ରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଜେନାବିଲ ରେଞ୍ଜ ଗୋରାଣ୍ଡି ବିଟ୍ ହାଉସ୍ ଅଞ୍ଚଳରେ ଏକ ଦନ୍ତା ଶିକାର କରାଯାଇଥିଲା। ବନ କର୍ମଚାରୀମାନେ ପ୍ରମାଣ ଲୁଚାଇବାକୁ ଯାଇ ମୃତଦେହକୁ ପୋଡ଼ି ଦେହାବଶେଷକୁ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ଗ୍ରାମବାସୀ ବନବିଭାଗକୁ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ୩ ଅଧିକାରୀ ଗିରଫ ହୋଇଥିଲେ।



ସାଧାରଣତନ୍ତ୍ର ଦିବସରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରେଡ଼ ପାଇଁ ରବିବାର ଲୋୟର ପିଏମ୍‌ଜିରେ ଅଭ୍ୟାସବେଳେ ଛାତ୍ରୀଛାତ୍ରମାନେ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

# ଆଜୀବନ ଜେଲ ଭୋଗୁଥିବା କଏଦୀଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ୍, ୨୨।୧**

ଝାରସୁଗୁଡ଼ା ଉପକାରାଗାରରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା କଏଦୀ ସୁଶାନ୍ତ ବୁଢୁଲା ଓରଫ ଜଙ୍ଗଲି (୪୨)ଙ୍କ ଜିଲା ମୁଖ୍ୟଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଭୋର ମୃତ୍ୟୁ ହୋଇଛି। ତାଙ୍କ ଘର ଲଇକେରା ଥାନା ଅନ୍ତର୍ଗତ କେନ୍ଦୁଡିହୀ ଗ୍ରାମ ଜଙ୍ଗଲିପଡାରେ। କାରାଗାର ଭିତରେ ବିଳମ୍ବିତ ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଖବରପାଇ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଅସୁସ୍ଥ ଅବସ୍ଥାରେ ରାତି ୨ଟା ୩୦ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ଉପକାରାଗାର ଅଧୀକ୍ଷକ ଲକ୍ଷ୍ମୀକାନ୍ତ ଧାଙ୍ଗଡା ମାଝି ଏୟାରପୋର୍ଟ ଥାନାରେ ଲିଖିତ ଭାବେ ଜଣାଇଥିଲେ। ଖବରପାଇ ପୋଲିସ ମୁଖ୍ୟଚିକିତ୍ସାଳୟରୁ କଏଦୀଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସଏୟାରପୋର୍ଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ୨୦୧୪ରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିବା ମାମଲାରେ ପୋକ୍‌ସୋ ଅଦାଲରେ ଦୋଷୀ ସାବ୍ୟସ୍ତ ହୋଇ ୨୦୨୧ରୁ ସୁଶାନ୍ତ ଆଜୀବନ କାରାଦଣ୍ଡ ଭୋଗୁଥିଲେ।

## ଗୁନଗୁନିଆ କେନାଲରେ ୩୦ ଫୁଟ୍ ଘାଇ

**ଭବାନୀପାଟଣା,୨୨।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ବାମ କେନାଲରେ ରବିବାର ପୁଣି ଘାଇ ସୃଷ୍ଟି ହୋଇଛି। ଗୁନଗୁନିଆ ରେଙ୍ଗାଲପାଲି ଗାଁ ନିକଟରେ ପ୍ରାୟ ୩୦ ଫୁଟର ଘାଇ ଯୋଗୁ ବହୁ ଚାଷଜମି ଜଳମଗ୍ନ ହୋଇଛି। ଏହି କେନାଲ ଗତ ସପ୍ତାହକ ମଧ୍ୟରେ ୨ ଥର ଭୁଶୁଡ଼ିଲାଣି। ପ୍ରଥମେ ୨୫ଫୁଟ ଲମ୍ବା ଘାଇ ସୃଷ୍ଟି ହୋଇଥିବା ବେଳେ ରବିବାର ଏହାର ୧୦୦ ମିଟର ଦୂରରେ ପୁଣି ୩୦ଫୁଟ ଘାଇ ସୃଷ୍ଟି ହୋଇଛି। ତଳ ମୁଣ୍ଡର ଚାଷୀ ତଳି ପକାଇବା ପାଇଁ କେନାଲ ପାଣିକୁ ଅପେକ୍ଷା କରିଥିବା ବେଳେ କେନାଲର ଏପରିସ୍ଥିତି ଯୋଗୁ ଚାଷକାମ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ବାମ ମୁଖ୍ୟ କେନାଲ କୁସୁମଖୁଣ୍ଟି ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ସ୍ଥିତି ଅନୁଧ୍ୟାନ କରିବା ସହ ବାଲିବସ୍ତା ଦେଇ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି।

# ଓଡ଼ିଶାର ନିମ୍ନ ଅଦାଲତଗୁଡ଼ିକରେ ୧୭୪ ବିଚାରପତି ପଦବୀ ଖାଲି

**ନୂଆଦିଲ୍ଲୀ, ୨୨।୧**

ଓଡ଼ିଶାର ନିମ୍ନ ଅଦାଲତଗୁଡ଼ିକ ପାଇଁ ୯୨୯ ବିଚାରପତି ପଦବୀ ମଞ୍ଜୁର ହୋଇଥିବାବେଳେ ସେଥିରୁ ୧୭୪ ଖାଲିପଡ଼ିଥିବା ବିଷୟ ସୁପ୍ରିମକୋର୍ଟଙ୍କୁ ଅବଗତ କରାଯାଇଛି। ବରିଷ୍ଠ ଆଇନଜୀବୀ ବିଜୟ ହଂସରିଆ (୪ ଆମିକସ୍ କ୍ୟୁରିଙ୍କ ମଧ୍ୟରୁ ଜଣେ) ସର୍ବୋଚ୍ଚ ଅଦାଲତରେ ସତ୍ୟପାଠ ଦାଖଲ କରିଛନ୍ତି। ଏଥିରେ ସେ ଓଡ଼ିଶା, ମଧ୍ୟପ୍ରଦେଶ, ବିହାର, ତାମିଲନାଡ୍ରୁ, ପଞ୍ଜାବ ଓ ହରିୟାଣାର ତଳ କୋର୍ଟଗୁଡ଼ିକରେ ଖାଲିଥିବା ପଦବୀ ଏବଂ ଭିତ୍ତିଭୂମିର ସ୍ଥିତି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଓଡ଼ିଶାରେ ୯୨୯ ଜୁଡିସିଆଲ ଅଫିସରଙ୍କୁ ନିଯୁକ୍ତି ଦେବା ପାଇଁ ଧାର୍ଯ୍ୟ ହୋଇଥିବାବେଳେ ୮୧୨ କୋର୍ଟ ହଲ୍ ରହିଛି। ବିଚାରପତିମାନଙ୍କ ପାଇଁ ୭୦୬ଟି ଆବାସିକ ଗୃହ ଉପଲବ୍ଧ ବୋଲି ହଂସରିଆ କହିଛନ୍ତି। ପାଣ୍ଠି ଓ ଜମି ଆବଣ୍ଟନ ପାଇଁ ହାଇକୋର୍ଟଗୁଡ଼ିକର ପ୍ରସ୍ତାବ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ତେଣୁ ବିଚାରପତି ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିବା ରାଜ୍ୟଗୁଡ଼ିକ ପାଇଁ ନିଯୁକ୍ତି ପ୍ରଦାନ ସକାଶେ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ। ଏଥିସହ ହାଇକୋର୍ଟଗୁଡ଼ିକ ପକ୍ଷରୁ ସୁପାରିସ କରାଯାଇଥିବା ନିଯୁକ୍ତି ମଧ୍ୟ ୪ ସପ୍ତାହ ଭିତରେ ଶେଷ କରାଯାଉ ବୋଲି ହଂସରିଆ ନିବେଦନ କରିଛନ୍ତି।

# ତୃତୀୟ ବ୍ୟକ୍ତି ସମ୍ପୃକ୍ତିରୁ ସମ୍ପର୍କରେ ଫାଟ: ଶ୍ରୀୟା

**ପୁରୀ ଅଫିସ/କଟକ ଅଫିସ ୨୨।୧**

**ହ୍ୟୁମାନ ସାଗରଙ୍କ ଘରୋଇ କଳି ପ୍ରସଙ୍ଗ**

**ଅଭିଯୋଗ ଭିତ୍ତିହୀନ: ହ୍ୟୁମାନ**

ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ତାଙ୍କ ସ୍ତ୍ରୀ ଶ୍ରୀୟା ମିଶ୍ରଙ୍କ ମଧ୍ୟରେ ଚାଲିଥିବା ଘରୋଇ କଳି ଦିନକୁ ଦିନ ନୂଆ ରୂପ ନେବାରେ ଲାଗିଛି। ଉଭୟ ପରସ୍ପରକୁ ପ୍ରତିଆରୋପ କରୁଥିବା ବେଳେ ପୁଣିଥରେ ମୁହଁ ଖୋଲିଛନ୍ତି ଶ୍ରୀୟା। ରବିବାର ସମୁଦ୍ରକୂଳସ୍ଥିତ ସ୍ଥାନୀୟ ହୋଟେଲରେ ଏକ ଖବରଦାତା ସମ୍ମିଳନୀରେ ଶ୍ରୀୟା ନିଜ ପକ୍ଷ ରଖିବା ସମୟରେ ପାରିବାରିକ ବିବାଦର ସମାଧାନ ପାଇଁ କହିଛନ୍ତି। ଶ୍ରୀୟା କହିଥିଲେ, ହ୍ୟୁମାନ ସାଗର ଓ ତାଙ୍କ ମା’ ଦୁଇଜଣ ତାଙ୍କ ମା’ଙ୍କ ନାମରେ ଗଣମାଧ୍ୟମରେ ଯେଉଁଭଳି ଅପମାନଜନକ ମନ୍ତବ୍ୟ ଦେଇଛନ୍ତି, ସେଥିପାଇଁ ସେ ମର୍ମାହତ। ତେବେ ହ୍ୟୁମାନଙ୍କ ପରିବାର ପକ୍ଷରୁ ଯାହା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ମିଛ କଥା। ଗଣମାଧ୍ୟମରେ କହି କେବଳ ଲୋକଙ୍କ ସହାନୁଭୂତି ନେବା ପାଇଁ ହ୍ୟୁମାନ ଓ ତାଙ୍କ ପରିବାର ଉଦ୍ୟମ କରୁଛନ୍ତି। ଝିଅ ଜନ୍ମ ହେବା ପରଠାରୁ ତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ପରେ ଏହି ନିର୍ଯାତନା ବଢ଼ିଥିଲେ ବି ସ୍ୱାମୀ –ସ୍ତ୍ରୀଙ୍କ ମଧ୍ୟରେ ରହୁଥିଲା। କାରଣ ହ୍ୟୁମାନ ଜଣେ ପ୍ରତିଷ୍ଠିତ କଳାକାର ହୋଇଥିବାରୁ ସେ କେବେ ତାଙ୍କ ନାମ ବାହାରକୁ ଆସୁ ବୋଲି ଚାହୁଁ ନ ଥିଲେ। କିନ୍ତୁ ନିର୍ଯାତନାର ସୀମା ଟପିଯିବା ପରେ ସେ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ହ୍ୟୁମାନ ସାଗର ତାଙ୍କୁ ମାଡ଼ ମାରୁଥିଲେ। ମାଡ଼ର ଦାଗ ଲୁଚାଇବା ପାଇଁ ସେ ହାତରେ ଟାଟୁ କରିବା ସହ ଘର ଲୋକଙ୍କୁ ମିଛ କହୁଥିଲେ। ଶାଶୁ ନୁହେଁ, ହ୍ୟୁମାନ ଶାରୀରିକ ନିର୍ଯାତନା ଦେଉଥିବା ଶ୍ରୀୟା କହିଥିଲେ। ଏପରିକି ହ୍ୟୁମାନ ଝିଅର ଦାୟିତ୍ୱ ନେଉ ନ ଥିଲେ। ଗତ ୫ ବର୍ଷ ହେବ ତାଙ୍କ ମଧ୍ୟରେ ବିବାଦ ଦେଖାଦେଉଥିଲେ ମଧ୍ୟ ଆପୋସ ବୁଝାମଣାରେ ଯାହା ସମାଧାନ ହୋଇଥିଲା। ଘରର କଳି ଘରେ ରହୁ ବୋଲି ସେ ସର୍ବଦା ଚେଷ୍ଟା କରି ଆସିଥିଲେ। କିନ୍ତୁ ଘର ମଧ୍ୟରେ ତୃତୀୟ ଲୋକ ଆସିବା ଫଳରେ ଅଶାନ୍ତି ବଢ଼ିଚାଲିଛି। ତେବେ ସ୍ୱାମୀ– ସ୍ତ୍ରୀଙ୍କ ମଧ୍ୟରେ ତୃତୀୟ ବ୍ୟକ୍ତିଙ୍କ ସମ୍ପୃକ୍ତି କାରଣରୁ କୌଣସି ସମସ୍ୟା ସମାଧାନ ନ ହେବା ସହ ସମ୍ପର୍କରେ ଫାଟ



ସୃଷ୍ଟି ହୋଇଛି। ତେବେ ହ୍ୟୁମାନ ପଛରେ ଜଣେ ରହି ତାଙ୍କ ଘର ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। ହେଲେ ସେ ବ୍ୟକ୍ତି ଜଣକ କିଏ ସେ ଜାଣି ପାରୁ ନଥିବା ଶ୍ରୀୟା କହିଛନ୍ତି।

ସେହିପରି କିଛି ଦିନ ତଳେ ହ୍ୟୁମାନ ଝିଅ ଜନ୍ମଦିନ ପାଳନର ଏକ ଭିଡିଓ ଭାଇରାଲ ନେଇ ଶ୍ରୀୟା ମୁହଁ ଖୋଲିଛନ୍ତି। ସେ ସେଲିବ୍ରିଟି ହୋଇଥିବାରୁ କେବଳ ସେଲିବ୍ରିଟିଙ୍କ ଶହ ମିଶିବା ପାଇଁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ କିନ୍ତୁ ତାଙ୍କର ଆନ୍ତରିକତା ନ ଥାଏ। ତେବେ ହ୍ୟୁମାନ ଓ ତାଙ୍କ ପରିବାର ଯଦି କ୍ଷମା ପ୍ରାର୍ଥନା କରିବେ, ଉପଯୁକ୍ତ ସମ୍ମାନ ଦେବେ, ତା’ହେଲେ ସେ ହ୍ୟୁମାନ ସହ ରହିବେ ବୋଲି ଶ୍ରୀୟା କହିଛନ୍ତି। ହ୍ୟୁମାନଙ୍କ ବିରୋଧରେ ଅନେକ ପ୍ରମାଣ ରହିଛି। ହେଲେ ସେ ପରିବାର ଯୋଡ଼ିବା ପାଇଁ ଚାହୁଁଥିବାରୁ ଏ ନେଇ ଗଣମାଧ୍ୟମରେ ପ୍ରମାଣ ଦେବାକୁ ଚାହୁଁ ନ ଥିବା ଶ୍ରୀୟା କହିଛନ୍ତି। ଆସନ୍ତା ୩୦ତାରିଖରେ ପୁଣି କାଉନ୍‌ସେଲିଂ ରହିଛି। ତା’ ପୂର୍ବରୁ ହ୍ୟୁମାନ ଭଲ ମଣିଷଟିଏ ହୋଇ ସବୁ କିଛି ସମାଧାନ କଲେ ସେ ସମାଧାନ ଆଗକୁ ବଢ଼ିବେ ବୋଲି ଶ୍ରୀୟା ମିଶ୍ର କହିଛନ୍ତି। ସମ୍ମିଳନୀରେ ଶ୍ରୀୟାଙ୍କ ଓକିଲ ରାଜେନ୍ଦ୍ର ବଡୁ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟପଟେ ଶ୍ରୀୟାଙ୍କ କଥାକୁ ହ୍ୟୁମାନ ଖଣ୍ଡନ କରିବା ସହ ଭିତ୍ତିହୀନ ବୋଲି କହିଛନ୍ତି। ମଦ୍ୟପାନ କରି ମାଡ଼ ମାରିବା କଥା ମିଥ୍ୟା ବୋଲି କହିବା ସହ ତୃତୀୟ ବ୍ୟକ୍ତି କେହି ନାହାନ୍ତି ବୋଲି ଗଣମାଧ୍ୟମରେ ହ୍ୟୁମାନ ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ଜୀବନରେ ଏଭଳି କଥା କଷ୍ଟ ଦିଏ। ସବୁବେଳେ ରେକର୍ଡିଂ ପାଇଁ ବ୍ୟସ୍ତ ଥିବାବେଳେ ଘର ପାଇଁ ସମୟ ଦେଇପାରେନା। ଏପରିକି ପରକୀୟା ପ୍ରୀତି ପାଇଁ ବୟସ ଆଉ ନାହିଁ। ସେହିଭଳି ଶାଶୁ ବୋହୂ ମଧ୍ୟରେ ଝଗଡ଼ା ଥିଲେ ବି କାହା ବିରୋଧରେ କହିବି ନାହିଁ। ମୋ ପାଇଁ ପରିବାର ବଡ଼ ବୋଲି ହ୍ୟୁମାନ କହିଛନ୍ତି।

# ‘ଡାକ୍ତରୀମାଇନା ନିମନ୍ତେ ୧୨ ଘଣ୍ଟା ଅପେକ୍ଷା ଘଟଣାର ତଦନ୍ତ ହେବ’

**କେନ୍ଦୁଝର,୨୨।୧(ସ୍ୱ.ପ୍ର.)**

**ମହିଳାଙ୍କୁ ଗଣବଳାତ୍କାର ମାମଲା**

କେନ୍ଦୁଝର ଜିଲା ସୋସୋ ଥାନା ଅଞ୍ଚଳରେ ଗଣବଳାତ୍କାର ମାମଲାରେ ପୀଡ଼ିତାଙ୍କୁ ଡାକ୍ତରୀମାଇନା ପାଇଁ ୧୨ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଘଟଣା ଗଣମାଧ୍ୟମରେ ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଏ ନେଇ ସିଡିଏମ୍‌ଓ ଡାକ୍ତର କେ.ସି.ପୃଷ୍ଟି କହିଛନ୍ତି, ମାନବିକ ଦୃଷ୍ଟି କୋଣରୁ ପୀଡ଼ିତାଙ୍କୁ ଅପେକ୍ଷା ନ କରାଇ ଡାକ୍ତରୀ ପରୀକ୍ଷା କରିବା ଆବଶ୍ୟକ। ସେହିପରି ନାବାଳିକା ବ୍ୟତୀତ ଅନ୍ୟ ଘଟଣାରେ ପୁରୁଷ ବା ମହିଳା ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ। ଏଣୁ କିଏ କାହିଁକି କଲେ ନାହିଁ ଓ ବିଳମ୍ବ ହେଲା ସେସବୁର ତଦନ୍ତ କରାଯିବ ବୋଲି କହିଥିଲେ।

ପ୍ରକାଶ ଯେ, ଗତ ଗୁରୁବାର ପୀଡ଼ିତାଙ୍କୁ ଧରି ପୋଲିସ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଆସିଥିଲେ। ସେଠାରୁ ଡାକ୍ତର ପରୀକ୍ଷା କରିବାକୁ ମନା କରି ଅପରାଧ ଘଟିଥିବା ଅଞ୍ଚଳ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଥିଲେ। ଶାଳନିଆଁରେ ମହିଳା ଡାକ୍ତର ନ ଥିବା ଦର୍ଶାଇ ପୁଣି ଆନନ୍ଦପୁରକୁ ପଠାଇଦେଲେ। ଫଳରେ ଦୀର୍ଘ ୧୨ ଘଣ୍ଟା ଧରି ମାନସିକ ଚାପରେ ଥିବା ପୀଡ଼ିତାଙ୍କୁ ପୋଲିସ ଭ୍ୟାନରେ ଅପେକ୍ଷା କରିବାକୁ ପଡ଼ିଥିଲା ବୋଲି ଅଭିଯୋଗ ହୋଇଛି। ଗଣବଳାତ୍କାରର ଶିକାର ହୋଇଥିବା ମହିଳାଙ୍କ ପ୍ରତି ଡାକ୍ତରଖାନାରେ ଏଭଳି ବ୍ୟବହାର ଦୁର୍ଭାଗ୍ୟପୂର୍ଣ୍ଣ। ଏହାର ଯାଞ୍ଚ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆନନ୍ଦପୁର ଅଞ୍ଚଳର ଜିଲାପରିଷଦ ସଭ୍ୟା ଅସୀମା ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଡାକ୍ତରମାନେ କୌଣସି ରିସ୍କ ନ ନେଇ ଦାୟିତ୍ୱ ହସ୍ତାନ୍ତର କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। କେତେକ ଡାକ୍ତର ବିଶେଷ କରି ଅସ୍ଥାୟୀ ଭାବେ କାମ କରୁଥିବା ଡାକ୍ତରମାନେ କୋର୍ଟ କଚେରି ମାମଲାରୁ ବର୍ତ୍ତିବା ପାଇଁ ଏଭଳି ଡାକ୍ତରୀମାଇନା କରିବାକୁ ମନ ବଳାଉନାହାନ୍ତି। ଏଣୁ ଜିଲା ପ୍ରଶାସନ ଏନେଇ ଦୃଢ଼ ପଦକ୍ଷେପ ନେବା ଜରୁରୀ ବୋଲି କେତେକ ଡାକ୍ତର ମତବ୍ୟକ୍ତ କରିଛନ୍ତି।

ପ୍ରେମର ସାମର୍ଥ୍ୟ ଯୋଗୁ ଏବଂ ଆତ୍ମଦାନର ପ୍ରେରଣା ଯୋଗୁ ମନୁଷ୍ୟ ଦେବତାମାନଙ୍କ ସହ ସମାନ କ୍ଷମତାର ଅଧିକାରୀ ହୋଇପାରେ । କିମ୍ବା ସେ ଯେତେବେଳେ ନିଜର ଅହଂକାର ଓ ସ୍ୱାର୍ଥପରତାରୁ ମୁକ୍ତ ହୁଏ– ସେତେବେଳେ ସେ ଦେବତାଙ୍କଠାରୁ ମଧ୍ୟ ଅଧିକ କ୍ଷମତାଶାଳୀ ହୋଇପାରେ । **–ଶ୍ରୀମା**

# ଅମାନୁଷିକ ଡାକ୍ତର

ଚୋରକୁ ପୋଲିସ ଗୋଡ଼ାଉଥିବା ବେଳେ ସେ ଯଦି ସମ୍ପୃକ୍ତ ପୋଲିସ ଷ୍ଟେଶନ ଇଲାକା ବାହାରକୁ ଚାଲିଯାଏ, ସେଇଠାରୁ ଖାକି ବସ୍ତ୍ର ପରିହିତ ବ୍ୟକ୍ତି ସ୍ୱକ୍ଷେତ୍ରାଧିକାରକୁ ଫେରି ଆସିଥାଆନ୍ତି । ଆଗ ପୋଲିସ ଷ୍ଟେଶନକୁ ଚୋର ବିଷୟରେ ସୂଚନା ଦେବାରେ କେବଳ ତାଙ୍କ କାମ ଶେଷ ହୋଇଥାଏ । ସୀମାନ୍ତ ପୋଲିସ ଅଞ୍ଚଳରେ ଚୋରକୁ କାବୁ କରିବା ସହଜ ହେଉଥିଲେ ମଧ୍ୟ କ୍ଷେତ୍ରାଧିକାର ନିୟମକୁ ମାନି ବାବୁମାନେ ଆଗକୁ ବଢ଼ି ନ ଥାନ୍ତି । ଏଠାରେ ନିୟମକୁ ସମ୍ମାନ ଦେବା ଯେତିକି ଜରୁରୀ ବୋଲି ସେ ଭାବି ନ ଥାନ୍ତି, ତାହାଠାରୁ କାହିଁରେ କେତେ ଆଶ୍ୱସ୍ତି ପାଇଥାଆନ୍ତି ତାଙ୍କ ଏରିଆରୁ ଯାହା ହେଉ ଚୋର ପଳାଇଗଲା । ଏହିଭଳି ଅସଂଖ୍ୟ ଘଟଣା ଦେଖିବାକୁ ମିଳିଥାଏ । ଏବେ କେନ୍ଦୁଝର ଜିଲାରେ ଡାକ୍ତରଖାନାର ପରିସୀମାକୁ ଦେଖାଯାଇ ଜଣେ ଗଣବଳାତ୍କାର ପୀଡ଼ିତାଙ୍କୁ ଡାକ୍ତରୀ ମାଇନା ଲାଗି ଅନ୍ୟ ଡାକ୍ତରଖାନାକୁ ପଠାଯିବା ଓ ପୁନଶ୍ଚ ତାଙ୍କୁ ପ୍ରଥମ ଡାକ୍ତରଖାନାକୁ ଅଣାଯାଇ ପରୀକ୍ଷା କରାଯିବା ବିଷୟ ଅସ୍ୱସ୍ତିକର ସ୍ଥିତି ସୃଷ୍ଟି କରିଛି । ଜଣେ ବଳାତ୍କାର ପୀଡ଼ିତା ପୋଲିସ ଗାଡ଼ିରେ ପ୍ରାୟ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରହିବା ପ୍ରଶାସନିକ ତତ୍ପରତା କେଉଁଭଳି ସ୍ତରରେ ଯାଇ ପହଞ୍ଚିଲାଣି, ବୁଝିବା କଷ୍ଟକର ନୁହେଁ ।

ମିଳିଥିବା ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲାର ଜଣେ ମହିଳା ମକର ସଂକ୍ରାନ୍ତି ଉତ୍ସବରେ ଯୋଗଦେବା ଲାଗି ଗତ ସପ୍ତାହରେ ତାଙ୍କ ସମ୍ପର୍କୀୟଙ୍କ ଘର କେନ୍ଦୁଝରକୁ ଆସିଥିବା ବେଳେ ଗଣବଳାତ୍କାରର ଶିକାର ହୋଇଥିଲେ । ଯେଉଁଠାରେ ଏହା ଘଟିଥିଲା, ତାହା ହାଟଡିହି ଅଞ୍ଚଳର ସୋସୋ ବୋଲି କୁହାଯାଉଛି । ସ୍ଥାନୀୟ ପୋଲିସ ବଳାତ୍କୃତାଙ୍କ ଡାକ୍ତରୀ ମାଇନା କରିବା ଲାଗି ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ । ହେଲେ ସେଠାକାର ଡାକ୍ତରମାନେ ଘଟଣା ଘଟିଥିବା ଅଞ୍ଚଳ ସେମାନଙ୍କ କ୍ଷେତ୍ରାଧିକାର ନୁହେଁ ବୋଲି କହି ଫେରାଇ ଦେଇଥିଲେ । ପରେ ସମ୍ପୃକ୍ତ ପୀଡ଼ିତାଙ୍କୁ ସେଠାରୁ ୨୫ କିଲୋମିଟର ଦୂର ଘଟଣା ଘଟିଥିବା ଅଞ୍ଚଳର ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । କିନ୍ତୁ ସେଠାରେ ମହିଳା ଡାକ୍ତର ନାହାନ୍ତି ବୋଲି ଦର୍ଶାଯାଇ ପୀଡ଼ିତାଙ୍କୁ ପୁନଶ୍ଚ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା । ସମ୍ପୃକ୍ତ ମହିଳାଙ୍କ ପରୀକ୍ଷା ହେବା ବେଳକୁ ୧୨ ଘଣ୍ଟା ଲାଗିଯାଇଥିଲା । ଏଭଳି ଅବ୍ୟବସ୍ଥାକୁ ନେଇ ଡାକ୍ତର ଓ ପୋଲିସ କେବଳ ନିଜ ଦୋଷ ଛଡ଼ାଇବାରେ ଲାଗିଥିଲେ । ଏହି ଗୋଟିଏ ମାମଲାର ଘଟଣାକ୍ରମକୁ ଦେଖି ଚିନ୍ତା କରାଗଲେ ବ୍ୟବସ୍ଥା ଅସହାୟଙ୍କ ପ୍ରତି କେତେ ସମ୍ବେଦନହୀନ ତାହା ବୁଝାପଡ଼ିଯାଉଛି ।

> **ବଳାତ୍କାରର ଶିକାର ହୋଇଥିବା ମହିଳା ମାନସିକ ସ୍ତରରେ ଯନ୍ତ୍ରଣା ପାଇବାଠାରୁ ତାଙ୍କ ଡାକ୍ତରୀ ମାଇନା ଲାଗି ଦୀର୍ଘ ଘଣ୍ଟା ଅପେକ୍ଷା କରିବାଜନିତ ଯନ୍ତ୍ରଣା ନିଶ୍ଚିତ ବଳିଯାଇଥିବ ।**

ଥାନା ଅଞ୍ଚଳ ବାହାରକୁ ଘଟଣା ଚାଲିଗଲେ ପୋଲିସ ଆଶ୍ୱସ୍ତ ହେଉଥିବା ଭଳି ଡାକ୍ତରମାନେ ଯଦି ସେହି ମାନସିକତାରେ ବଞ୍ଚିବେ, ତେବେ ସ୍ୱାସ୍ଥ୍ୟ ସେବା କେଉଁ ଆଡ଼କୁ ଗତି କରୁଛି ତାହା ସହଜେ ଅନୁମେୟ । ଉପରଲିଖିତ ଘଟଣାକୁ ଦେଖିଲେ ପୀଡ଼ିତା ଶେଷରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ପରୀକ୍ଷାର ସମ୍ମୁଖୀନ ହୋଇଥିଲେ । ଯଦି ଡାକ୍ତରୀ ମାଇନା ବିଳମ୍ବରେ ସେହିଠାରେ କରାଗଲା, ତାହା ହେଲେ ତାଙ୍କୁ ଶାଳନିଆଁ ପଠାଇବାର କି ଆବଶ୍ୟକତା ଥିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ବଳାତ୍କାରର ଶିକାର ହୋଇଥିବା ମହିଳା ମାନସିକ ସ୍ତରରେ ଯନ୍ତ୍ରଣା ପାଇବାଠାରୁ ତାଙ୍କ ଡାକ୍ତରୀ ମାଇନା ଲାଗି ଦୀର୍ଘ ଘଣ୍ଟା ଅପେକ୍ଷା କରିବାଜନିତ ଯନ୍ତ୍ରଣା ନିଶ୍ଚିତ ବଳିଯାଇଥିବ । ଯେକୌଣସି ବ୍ୟକ୍ତିଙ୍କ ପାଇଁ ଦୀର୍ଘ ୧୨ ଘଣ୍ଟା ପର୍ଯ୍ୟନ୍ତ ପୋଲିସ ଗାଡ଼ିରେ ସର୍ବସମ୍ମୁଖରେ ବସି ରହିବା ନିହାତି ଏକ ଦଣ୍ଡ ବୋଲି କୁହାଯାଇପାରେ । ଡାକ୍ତରଖାନା ବିଧିକୁ ଦେଖିଲେ ନାବାଳିକାଙ୍କ ବ୍ୟତୀତ ଅନ୍ୟ କେସ୍‌ରେ ଉଭୟ ପୁରୁଷ ଓ ମହିଳା ଡାକ୍ତର ପରୀକ୍ଷା କରିପାରିବେ । ତେଣୁ ଶାଳନିଆଁରେ ମହିଳା ଡାକ୍ତରଙ୍କ ଅଭାବ ବିଷୟ ଦର୍ଶାଇ ଉପସ୍ଥିତ ଡାକ୍ତର ଝମେଲାରେ ପଶିବାକୁ ନ ଚାହିଁବା ମଧ୍ୟ ତାଙ୍କ ଦୋଷ ଦୁର୍ବଳତାକୁ ପଦାରେ ପକାଇଛି । ଏକ ଭଦ୍ର ସମାଜରେ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ସମ୍ବେଦନହୀନତା ପ୍ରଦର୍ଶନ କରିବାର ଅସଂଖ୍ୟ ଦୃଷ୍ଟାନ୍ତ ବାରମ୍ବାର ଦୃଷ୍ଟିଗୋଚର ହୋଇଥାଏ । କିନ୍ତୁ ଅତି ସମ୍ବେଦନଶୀଳ ଘଟଣାକୁ ହାଲୁକା ଭାବେ ନେଉଥିବା ବ୍ୟକ୍ତିଙ୍କ କାର୍ଯ୍ୟକୁ ତର୍ଜମା କରାଯିବା ଦରକାର । ଏମିତି ଦେଖିଲେ ପୋଲିସ ଲୋକଙ୍କୁ ସୁରକ୍ଷା ଦେବାରେ ଅନେକାଂଶରେ ବିଫଳ ହେଉଛି । ଏଭଳି ସ୍ଥଳେ ଡାକ୍ତରମାନଙ୍କ ମାନସିକତା ପୋଲିସ ସମ ହେଲେ ସ୍ଥିତି ଆହୁରି ବିଗିଡ଼ିଯିବା ଥୟ । ବିମାନ, ରେଳଗାଡ଼ି କିମ୍ବା ବସ୍‌ରେ ଯାତାୟାତ କରୁଥିବା ଡାକ୍ତର ଅନେକ ସମୟରେ ପାଖରେ ରୋଗୀଙ୍କ ଯନ୍ତ୍ରଣା ଦେଖି ଲାଘବ କରିଥାଆନ୍ତି । ସେଥିପାଇଁ ସେମାନଙ୍କୁ ପ୍ରଶଂସା ମଧ୍ୟ ମିଳିଥାଏ । କିନ୍ତୁ ଡାକ୍ତର ଯଦି ଅମାନୁଷିକ ପାଲଟିଯିବେ, ତେବେ ସମାଜକୁ ରକ୍ଷା କରିବା କଷ୍ଟକର ହୋଇପଡ଼ିବ ।



ବିମଳ ପ୍ରସନ୍ନ ଦାସ

# ବିପ୍ଳବର ପ୍ରଜ୍ୱଳନ୍ତ ବହ୍ନିଶିଖା

ବିପ୍ଳବର ଦୀପ୍ତସୂର୍ଯ୍ୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୬ତମ ପବିତ୍ର ଜୟନ୍ତୀ ଚଳିତ ଜାନୁୟାରୀ ୨୩ ତାରିଖ ସାରା ଦେଶରେ ପାଳନ ହେଉଛି । ଏଥିନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ସ୍ତରରେ ଏକ କମିଟି ଗଠନ କରାଯାଇଛି, ଯେଉଁଥିରେ ଆମ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ପୂର୍ବତନ ପ୍ରଧାନମନ୍ତ୍ରୀ, ପୂର୍ବତନ ଲୋକ ସଭା ବାଚସ୍ପତି ଓ ପ୍ରତିଷ୍ଠିତ ରାଜନେତା ସଦସ୍ୟ ରହିଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଓ ସାଙ୍ଗମା, ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନାଫୁରିଓ, ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ, ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମ ଥାଙ୍ଗା, ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ପ୍ରମୁଖ ସଦସ୍ୟ ଅଛନ୍ତି । ଏମାନଙ୍କ ବ୍ୟତୀତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭେଡକର, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡା, ମନମୋହନ ସିଂହ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ପ୍ରମୁଖ ସଦସ୍ୟଙ୍କ ସହ ସାଂସଦ ଭର୍ତ୍ତୃହରି ମହତାବ ଓ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର ସଦସ୍ୟ ଅଛନ୍ତି । ଏହା ବ୍ୟତୀତ ଦେଶର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସମେତ ବରିଷ୍ଠ ଐତିହାସିକ, ଲେଖକ, ବିଶେଷଜ୍ଞ, ନେତାଜୀଙ୍କ ପରିବାର ସଦସ୍ୟ ଏବଂ ଆଜାଦ ହିନ୍ଦ୍ ଫୌଜର ବିଶିଷ୍ଟ କର୍ମକର୍ତ୍ତାମାନେ ମଧ୍ୟ ଏଥିରେ ସଦସ୍ୟ ଅଛନ୍ତି । ଉଦ୍ଦେଶ୍ୟ ହେଉଛି ଜାନୁୟାରୀ ୨୩ ତାରିଖରୁ ବର୍ଷବ୍ୟାପୀ ହେବାକୁ ଥିବା ନେତାଜୀଙ୍କ ଜନ୍ମୋତ୍ସବ କାର୍ଯ୍ୟକ୍ରମର ତଦାରଖ କରିବ ।

ଦେଶ ଓ ଜାତି ପାଇଁ ଯେଉଁମାନେ ବଳିଦାନ ଦେଇଯାଇଛନ୍ତି ସେମାନେ ଜାତିର ଚିରନମସ୍ୟ । ବିଦେଶୀ ସରକାରଙ୍କ ବିରୋଧରେ ଓଡ଼ିଶା ମାଟିରେ ପ୍ରଥମେ ରଣ ଦୁନ୍ଦୁଭି ବାଜି ଉଠିଥିଲା । ୧୮୫୭ ମସିହାରେ ସିନା ପାଇକ ବିଦ୍ରୋହ ହେଲା, କିନ୍ତୁ ତା'ର ୫୦ ବର୍ଷ ପୂର୍ବରୁ ଓଡ଼ିଶାରେ ପାଇକ ବିଦ୍ରୋହ ବାସ୍ତବତଃ ଆରମ୍ଭ ହୋଇଥିବାର ଐତିହାସିକ ପ୍ରମାଣ ରହିଛି । 'ବରୁଣେଇ' ତା'ର ମୂକସାକ୍ଷୀ । ଲକ୍ଷ ପାଇକ ବକ୍ଷ ରକତ ସିକ୍ତ ଏ ବୀର ମାଟିରେ ୧୮୯୭ ମସିହା ଜାନୁୟାରୀ ୨୩ ତାରିଖରେ ନେତାଜୀ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଜାନକୀ ନାଥ ବୋଷ ଓଡ଼ିଶାର ପ୍ରାଣକେନ୍ଦ୍ର କଟକରେ ଜଣେ ବିଖ୍ୟାତ ଆଇନଜୀବୀ । ମା' ପ୍ରଭାବତୀ ଦେବୀଙ୍କ ପ୍ରଭାବ ତାଙ୍କ ଜୀବନକୁ ବହୁଳାଂଶରେ ନିୟନ୍ତ୍ରିତ କରିଥିଲା ।



ପ୍ରଥମେ ସେ ଏକ ଆଙ୍ଗ୍ଲୋ ଭାରତୀୟ ବିଦ୍ୟାଳୟରେ ବାଲ୍ୟଶିକ୍ଷା ପରେ ରେଭେନ୍‌ଶା କଲେଜିଏଟ ସ୍କୁଲରୁ ମାଟ୍ରିକ ପାସ୍ କରିଥିଲେ । କଲିକତା ପ୍ରେସିଡେନ୍‌ସି କଲେଜରୁ ଆଇ.ଏ. ପାସ୍ କରିବା ପରେ ସ୍କଟିସ୍ ଚର୍ଚ୍ଚ କଲେଜରୁ ଦର୍ଶନଶାସ୍ତ୍ରରେ ଅନର୍ସ ସହିତ ବି.ଏ. ପାସ୍ କରି ପିତାଙ୍କ ନିର୍ଦ୍ଦେଶରେ ବିଲାତ ଯାଇ ଆଇସିଏସ୍ ପରୀକ୍ଷା ଦେଲେ ଓ ଚତୁର୍ଥ ସ୍ଥାନ ଅଧିକାର କରିବାର କୃତିତ୍ୱ ହାସଲ କଲେ । ମହାଯୋଗୀ ଶ୍ରୀଅରବିନ୍ଦଙ୍କୁ ଯେପରି ଆଇସିଏସ୍ ଆକର୍ଷିତ କଲାନାହିଁ, ଅନୁରୂପ ଭାବରେ ଭାରତମାତାଙ୍କୁ ବ୍ରିଟିଶ ଶାସନର ଶୃଙ୍ଖଳରୁ ମୁକ୍ତ କରିବା ନିମନ୍ତେ ଦେଶପ୍ରାଣ ସୁଭାଷ (ନେତାଜୀ) ଆଇସିଏସ୍‌ରୁ ଇସ୍ତଫା ଦେଇ ଜାତିର ଜନକ ବାପୁଜୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନରେ ଝାସ ଦେଲେ । କ୍ଷମତା, ସ୍ୱାର୍ଥ, ଅର୍ଥ, ପଦ-ପଦବୀର ମୋହ ଓ ପ୍ରତିଷ୍ଠା ତଥା ପ୍ରତିପତ୍ତି ତାଙ୍କୁ ଆବଦ୍ଧ କରିପାରି ନ ଥିଲା । ନିଃସ୍ୱାର୍ଥପର ସେବା ଦିଗରେ ବାରିଷ୍ଟର ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଥିଲେ ତାଙ୍କ ପ୍ରେରଣାର ଉତ୍ସ । ଚିତ୍ତରଞ୍ଜନ ମଧ୍ୟ ଥିଲେ ଶ୍ରୀଅରବିନ୍ଦଙ୍କ ବନ୍ଧୁ ଓ ହିତାକାଙ୍କ୍ଷୀ । ଦେଶବନ୍ଧୁଙ୍କ ବଳିଷ୍ଠ ପ୍ରେରଣାରେ ସେ ବଙ୍ଗଳାର ଗ୍ରାମେ ଗ୍ରାମେ ବୁଲି ଛାତ୍ର, ଶିକ୍ଷକ, ଶ୍ରମିକ, କୃଷକ, ଅଧ୍ୟାପକ, ସରକାରୀ, ବେସରକାରୀ କର୍ମଚାରୀ ସମସ୍ତଙ୍କୁ ବାପୁଜୀଙ୍କ ଅସହଯୋଗ ଆନ୍ଦୋଳନର ବାର୍ତ୍ତାରେ ଉଦ୍‌ବୁଦ୍ଧ କଲେ । ବିପ୍ଳବର ବହ୍ନି ବନାଗ୍ନିର ରୂପ ନେଲା । କିନ୍ତୁ ମୌଳିକତଃ ସେ ଥିଲେ ସ୍ୱାଧୀନଚେତା ପୁରୁଷ । ଭାରତର ସ୍ୱାଧୀନତା ତାଙ୍କୁ ଅହରହ ଉଦ୍‌ବେଳିତ କରୁଥିଲା । କିନ୍ତୁ ଗାନ୍ଧିଜୀଙ୍କ ନୀତି ସମ୍ପୂର୍ଣ୍ଣ ଅହିଂସାତ୍ମକ ଥିବାବେଳେ ନେତାଜୀଙ୍କ ସଂଗ୍ରାମୀ ଚେତନା ତାଙ୍କୁ ପ୍ରତ୍ୟକ୍ଷ ସଂଗ୍ରାମ ପାଇଁ ଉଦ୍‌ବେଳିତ କରୁଥିଲା । ତଥାପି ସେ ବାପୁଜୀଙ୍କୁ ସମ୍ମାନପୂର୍ବକ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଏକାଧିକବାର କାରାବରଣ କଲେ । ଗାନ୍ଧିଜୀ ପ୍ରଥମେ ବ୍ରିଟିଶ ସରକାରଙ୍କ ବିରୋଧରେ ଯେଉଁ ଯୁବବାହିନୀ ଗଠନ କରିଥିଲେ, ଏହାର ନେତୃତ୍ୱ ନେଇଥିଲେ ସ୍ୱୟଂ ନେତାଜୀ, ନିଜର ବ୍ୟକ୍ତିଗତ ତ୍ୟାଗ, ନିଷ୍ଠା, କର୍ମଦକ୍ଷତା ଯୋଗୁ ସେ ଜଣେ ବୀରପୁରୁଷ ତଥା ତୁଙ୍ଗନେତା ଭାବରେ ସ୍ୱୀକୃତ ହେଲେ । ଦେଶର ବିଭିନ୍ନ ସ୍ଥାନରେ ତାଙ୍କର ଅଗ୍ନିବର୍ଷୀ ଉଦ୍‌ବୋଧନରେ ଯୁବପିଢ଼ି ଆଗ୍ନେୟ ଶପଥ ଗ୍ରହଣ କଲେ । ଏଥିପାଇଁ ନେତାଜୀଙ୍କୁ ବାରମ୍ବାର କାରାରୁଦ୍ଧ କରାଯିବାରୁ ତାଙ୍କ ସ୍ୱାସ୍ଥ୍ୟ ଭଙ୍ଗ ହେଲା ଓ ଚିକିତ୍ସା ପାଇଁ ତାଙ୍କୁ ସୁଇଜରଲାଣ୍ଡ ଯିବାକୁ ହେଲା । ସେଠାରୁ ଫେରିବା ପରେ ୧୯୩୮ ଓ ୧୯୩୯ରେ ସେ ଦୁଇଥର ଜାତୀୟ କଂଗ୍ରେସର ସଭାପତି ଭାବରେ ନିର୍ବାଚିତ ହୋଇ ଜଣେ ଅବିସମ୍ବାଦିତ ଜନନାୟକ ଭାବରେ ଆବିର୍ଭୂତ ହେଲେ ।

ଭାଗ୍ୟର ବିଡ଼ମ୍ବନା– ଗାନ୍ଧିଜୀ ଓ ଗାନ୍ଧିବାଦୀ ନେତାଙ୍କ ସହ ତାଙ୍କର ମତଭେଦ ତଥା ମନୋମାଳିନ୍ୟ ସୃଷ୍ଟିହେଲା । କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇ 'ଫରୱାଡ ବ୍ଲକ'ନାମରେ ଏକ ନୂତନ ଦଳ ଗଠନ କଲେ । ୧୯୪୦ ମସିହା ଥିଲା ନେତାଜୀଙ୍କ ନିମନ୍ତେ ଏକ 'ଅଗ୍ନି ପରୀକ୍ଷାର' ସମୟ । 'ଫରୱାଡ ବ୍ଲକ' ଖବରକାଗଜରେ ଏକ ଲେଖା ପାଇଁ ବିଚାରାଳୟରେ ଜଣେ ଅଭିଯୁକ୍ତ ଆସାମୀ ଭାବରେ ତାଙ୍କୁ ହାଜର ହେବାକୁ ହେଲା । ଜାମିନରେ ଥିବାବେଳେ ସେ ତାଙ୍କ କଲିକତା ବାସଭବନରୁ ଗୁପ୍ତରେ ପଳାୟନ କଲେ । ପାଦରେ ଚାଲି ଚାଲି କାବୁଲରେ ଉପନୀତ ହେଲେ । ସେଠାରେ 'ନାଜି' ସରକାରଙ୍କ ସହାୟତା ଲାଭ କରି ଜର୍ମାନୀରେ ଥିବା ଭାରତୀୟ ସୈନ୍ୟମାନଙ୍କୁ ନେଇ ଇଂରେଜମାନଙ୍କ ବିରୋଧରେ 'ଆଜାଦ ହିନ୍ଦ୍ ଫୌଜ' ନାମକ ଏକ ସୈନ୍ୟବାହିନୀ ଗଠନ କଲେ ।

୧୯୪୩ରେ ନେତାଜୀ ସମୁଦ୍ର ପଥରେ ବୁଡ଼ାଜାହାଜ ଯୋଗେ ଯାତ୍ରାକରି ସିଙ୍ଗାପୁରରେ ପହଞ୍ଚିଲେ । ସେଠାରେ ତାଙ୍କୁ ଜାପାନର ସହାୟତା ମିଳିଲା । ତାଙ୍କ ନେତୃତ୍ୱରେ ଏହି ସୈନ୍ୟବାହିନୀ ଦିଲ୍ଲୀ ଅଭିମୁଖେ ଯାତ୍ରା କଲେ । ନେତାଜୀଙ୍କ ଆଗ୍ନେୟ ଆହ୍ୱାନ ଥିଲା । 'ଦିଲ୍ଲୀ ଚଲୋ', ମଣିପୁରର ଇମ୍ଫାଲ ପର୍ଯ୍ୟନ୍ତ ଅଗ୍ରସର ହୋଇ ମଧ୍ୟ ତାଙ୍କ ଲକ୍ଷ୍ୟ ସଫଳ ହେଲାନାହିଁ । କାରଣ ଜାପାନୀମାନେ ଇଂରେଜମାନଙ୍କ ଦ୍ୱାରା ପରାସ୍ତ ହୋଇ ସନ୍ଧି କଲେ । ଏଥିରେ କିନ୍ତୁ ନେତାଜୀ ଭାଙ୍ଗି ନ ପଡ଼ି ୧୯୪୪ରେ ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ସହ ଟୋକିଓ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ମାତ୍ର ଦୁର୍ଭାଗ୍ୟ ବିମାନଟି ଦୁର୍ଘଟଣାର ସମ୍ମୁଖୀନ ହେବାରୁ ଭାରତମାତାର ଏହି ବିରଳ ଓ ବୀର ସନ୍ତାନ 'ସୁଭାଷ' ମୃତ୍ୟୁବରଣ କରିଥିବାର ଖବର ବିଶ୍ୱର କୋଣ ଅନୁକୋଣରେ ପ୍ରଚାରିତ ହେଲା । କିନ୍ତୁ ସେ ପ୍ରବାଦପୁରୁଷ ଅଦ୍ୟାପି ଜୀବିତ ଓ ତାଙ୍କର ଅନ୍ତିମ ପରିଣତି ରହସ୍ୟାବୃତ ।

କିନ୍ତୁ ତାଙ୍କର ଆଦର୍ଶ ଚିର ବହ୍ନିମାନ ରହିଛି ଓ ରହିଥିବ କାଳକାଳକୁ । ତାଙ୍କ ୧୨୬ ତମ ପବିତ୍ର ଜୟନ୍ତୀ ପାଳନ ସାର୍ଥକ ହେଉ ଏବଂ ନେତାଜୀ ଏ ଜାତିର ଆକାଶରେ ଚିର ପ୍ରଦୀପ୍ତ ଧ୍ରୁବତାରା ସଦୃଶ ଜାଜ୍ୱଲ୍ୟମାନ ରହିଥାନ୍ତୁ ।

ମୋ : ୯୪୩୮୧୮୬୨୨୬



ଡ. ନରେନ୍ଦ୍ର ସେଠୀ

# ଡିଜିଟାଲ ଟୁଇନ୍

ଯାଆଁଳା ମଣିଷ ପିଲା କିମ୍ବା କୌଣସି ଜୀବର ଯମଜ ଦେଖିଲେ ବିଶେଷ କିଛି ଆଶ୍ଚର୍ଯ୍ୟ ହେବାର ନ ଥାଏ । କିନ୍ତୁ ଏବେ ବିଜ୍ଞାନ ତା'ର କରାମତି ଦେଖେଇ ଯେକୌଣସି ମଣିଷର ଅବିକଳ ତିଆରି କରିବାରେ ସମର୍ଥ ହେଲାଣି । ବଡ଼ କଥା ହେଲା ଏହି ଅବିକଳ ନିଜସ୍ୱ ଯମଜ ଜଣକ ଡିଜିଟାଲ ଦୁନିଆରେ ରହିବ ବା ଏହା ଏକ ଡିଜିଟାଲ ଟୁଇନ୍ ହେବ । ଆମର ବାସ୍ତବ ଶରୀରର ସବୁ ଗୁଣ, ରୁଚି, ବ୍ୟବହାର, ଭଲମନ୍ଦ ଏହି ଡିଜିଟାଲ ଟୁଇନ୍ ଭିତରେ ଡାଟା ଆକାରରେ ରେକର୍ଡ ହୋଇ ରହିଯିବ ଓ ଆମ ଶରୀରର ଏକ ଅବିକଳ ଅଶରୀରୀ ଡିଜିଟାଲ ଦୁନିଆରେ ରହିବ ।

ଡିଜିଟାଲ ଟୁଇନ୍ ଏକ ଗାଣିତିକ ୩ ଆୟାମୀ ବିଶିଷ୍ଟ ମଡେଲ ଯାହା ଭିତରେ ବାସ୍ତବ ମଣିଷର ସବୁ ଗୁଣ ଥାଏ ଓ ଏହା ମଣିଷ ସହ ୱାଇଫାଇ, ବ୍ଲୁଟୁଥ୍ କିମ୍ବା ଇଣ୍ଟରନେଟ ଦ୍ୱାରା ସର୍ବଦା ଯୋଗସୂତ୍ର ରକ୍ଷା କରିଥାଏ । ପ୍ରକୃତରେ କହିବାକୁ ଗଲେ ଆମେ ଧୀରେ ଧୀରେ ସମସ୍ତେ ଅଜାଣତରେ ନିଜ ନିଜର ଏକ ଡିଜିଟାଲ ଟୁଇନ୍ ତିଆରି କରି ଚାଲିଛୁ । ଆମେ କିପରି ଆମ ସ୍ମାର୍ଟ ଫୋନ୍‌ରେ ଇଣ୍ଟରନେଟ ସରଫ କରି କି କି ଜିନିଷ ବିଷୟରେ ଜାଣିବାକୁ ଚାହୁଁଛୁ, କୋଉ ସିନେମା ଦେଖୁଛୁ ଓ କୋଉ କୋଉ ଜିନିଷ କିଣୁଛୁ ତାହାକୁ ଆମ ଅଜାଣତରେ ଡିଜିଟାଲ ଦୁନିଆ ରେକର୍ଡ ରଖି ଭର୍ଚୁଆଲ ଦୁନିଆରେ ଆମର ଡୁପ୍ଲିକେଟ ତିଆରି କରିଥାଏ । ତେଣୁ ଆମେ ଲଗ୍‌ଇନ୍ କଲା ମାତ୍ରେ ଆମରି ପସନ୍ଦର ଜିନିଷର ବିଜ୍ଞାପନ, ଭିଡିଓ ଇତ୍ୟାଦି କମ୍ପ୍ୟୁଟର ପରଦାରେ ଆବିର୍ଭାବ ହୋଇଥାଏ । ତେବେ ଏହା ହେଉଛି କୃତ୍ରିମ ବୁଦ୍ଧିମତ୍ତା ବଳରେ ଜଣେ ମଣିଷର ରୁଚିକୁ ଜାଣିବା ଏକ ପ୍ରାରମ୍ଭିକ ପର୍ଯ୍ୟାୟ । ଆଗକୁ ପ୍ରତ୍ୟେକ ମଣିଷର ଅବିକଳ ଡିଜିଟାଲ ଟୁଇନ୍ ତିଆରି ହୋଇଯିବ । ଏପରିକି ବୟସ ସହିତ ବାସ୍ତବ ମଣିଷ ବଢ଼ିବା ସହିତ ଭର୍ଚୁଆଲ ଦୁନିଆରେ ଡିଜିଟାଲ ଟୁଇନ୍ ବଢ଼ିବ । ବାସ୍ତବ ମଣିଷର ଶରୀରରେ କିଛି ହଠାତ୍ ଅସୁବିଧା ହେବା ପୂର୍ବରୁ ଡିଜିଟାଲ ଟୁଇନ୍ ଆଗରୁ ସତର୍କ କରିଦେବ ଓ ମଣିଷ ତୁରନ୍ତ ତା' ପାଇଁ ଉଚିତ ପଦକ୍ଷେପ ନେବ । ବାସ୍ତବିକ ମଣିଷର ବୟସ, ବ୍ୟବହାର, ଓଜନ, ଶାରୀରିକ ଗତିବିଧି, ଖାଦ୍ୟ ଅଭ୍ୟାସ, ନିଦ୍ରା, ରକ୍ତଚାପ, ହୃଦ୍‌ସ୍ପନ୍ଦନ ଇତ୍ୟାଦି ସବୁ ଡାଟା ଭର୍ଚୁଆଲ ଡିଜିଟାଲ ଟୁଇନ୍ ପାଖରେ ଥିବ ଓ ବାସ୍ତବିକ ମଣିଷର ଗତିବିଧି ଓ ଯେକୌଣସି ଶାରୀରିକ ପରିବର୍ତ୍ତନକୁ ଖୁବ୍ ଶୀଘ୍ର ଧରିନେଇ ଆଗୁଆ ସ୍ମାର୍ଟଫୋନରେ ଜଣେଇଦେବ । ଏପରିକି ଘର ପରିବାରର ସମ୍ପର୍କୀୟ ଓ ନିଜସ୍ୱ ଡାକ୍ତର ଏ ବିଷୟରେ ଅବଗତ ହୋଇଯିବେ । ତେବେ ଡିଜିଟାଲ ଟୁଇନ୍‌ର ଆହୁରି ଅନେକ ଉପଯୋଗିତା ଅଛି ।

ଏହି ଡିଜିଟାଲ ଯମଜ ମଣିଷର ଅନେକ କାମ କରିପାରିବ । ଏହା ଫଳରେ ଜଣେ ମଣିଷ ଏକାଧିକ ଜାଗାରେ ଏକ ସମୟରେ କାମ କରିପାରିବ ଯାହା ଜଣେ ମଣିଷ ପାଖରେ ସମ୍ଭବ ନୁହେଁ । ଏପରିକି ଜଣେ



ମଣିଷ ମରିଗଲା ପରେ ତା'ର ଡିଜିଟାଲ ଯମଜ ସହ ଯୋଗସୂତ୍ର ରକ୍ଷାକରି ଦିବଂଗତ ବାସ୍ତବ ମଣିଷର କାର୍ଯ୍ୟକୁଶଳତାକୁ ବ୍ୟବହାର କରାଯାଇପାରିବ । ଅର୍ଥାତ୍ ଜଣେ ମରିଗଲା ପରେ ମଧ୍ୟ ତା'ର ଜ୍ଞାନ ଡିଜିଟାଲ ଯମଜ ସାହାଯ୍ୟରେ ଲୋକ କଲ୍ୟାଣରେ ଉପଯୋଗ ହୋଇପାରିବ । ଅନ୍ୟ ଅର୍ଥରେ ଆମେ ନିଜର ଅତୀତ ଓ ଭବିଷ୍ୟତ ସହ ଏହି ଡିଜିଟାଲ ଟୁଇନ୍ ସାହାଯ୍ୟରେ ସମ୍ପର୍କ କରିପାରିବା ଯାହା ବାସ୍ତବ ଦୁନିଆରେ ଅସମ୍ଭବ । ବିଜ୍ଞାନର ଏହି ବିଚକ୍ଷଣ ସଫଳତା ମଣିଷକୁ ଆଗାମୀ ଦିନରେ ଅନେକ ଅସାଧ୍ୟ କାମ କରିବାରେ ସହାୟକ ହେବ । ଜଣେ ମଣିଷ ତା'ର ଡିଜିଟାଲ ଟୁଇନ୍ ସହିତ ଅନ୍ୟ କିଛି ନୂଆ ଜ୍ଞାନକୌଶଳ ଯଥା ନୂଆ ଭାଷା, ଯାନ୍ତ୍ରିକ ଜ୍ଞାନ ଇତ୍ୟାଦି ଯୋଡ଼ି ନିଜଠୁ ଅଧିକ ବିଚକ୍ଷଣ ଓ ଜ୍ଞାନୀ ଡିଜିଟାଲ ଆଉ ଏକ ଟୁଇନ୍ ତିଆରି କରି କାମରେ ଲଗେଇ ପାରିବ । ମଣିଷ ଡିଜିଟାଲ ଟୁଇନ୍ ତିଆରି ହେବା ପୂର୍ବରୁ ଶିଳ୍ପଜଗତରେ ଏହାର ବ୍ୟାପକ ବ୍ୟବହାର ହୋଇ ଆସିଛି । କୌଣସି ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ର ଯେମିତି ଯୁଦ୍ଧଜାହାଜ, ସ୍ପେସ୍ କ୍ରାଫ୍ଟ, କାର୍ ଇତ୍ୟାଦିର ନିର୍ମାଣ ପୂର୍ବରୁ ଏହାର ଡିଜିଟାଲ ଟୁଇନ୍ ପ୍ରସ୍ତୁତକରି ପରୀକ୍ଷା କରାଯାଇଥାଏ । ଏହାଦ୍ୱାରା ଅନେକ କାର୍ଯ୍ୟ କରାଯାଇପାରେ ଯାହା ବାସ୍ତବ ମଣିଷ ପାଖରେ କଷ୍ଟକର । ଉଦାହରଣ ସ୍ୱରୂପ ଏକ କାର୍ କ୍ରାସ୍ ଟେଷ୍ଟ କରିବା ପାଇଁ ଭର୍ଚୁଆଲ ଦୁନିଆରେ ଡିଜିଟାଲ ଟୁଇନ୍ ସାହାଯ୍ୟରେ ଅନେକ ଥର କରି ଏହାର ପରିଣାମ ବିଷୟରେ ସହଜରେ ଜାଣିହୁଏ ଯାହା ବାସ୍ତବ ମଣିଷ ପକ୍ଷରେ ଅସମ୍ଭବ । ଏହି ଯୁଗାନ୍ତକାରୀ ଜ୍ଞାନକୌଶଳକୁ ଆମେରିକାର ମିଶିଗାନ ବିଶ୍ୱବିଦ୍ୟାଳୟର ପ୍ରଫେସର ମାଇକେଲ ଗ୍ରୀବସ୍ ୨୦୦୨ରେ ପ୍ରଥମ କରି ଶିଳ୍ପଜଗତରେ ଉତ୍ପାଦନ ବଢ଼େଇବା ଲକ୍ଷ୍ୟରେ ଡିଜିଟାଲ ଟୁଇନ୍ ସଫ୍ଟୱେରକୁ ଲୋକ ଲୋଚନକୁ ଆଣିଥିଲେ । କିନ୍ତୁ ଏହା ପୂର୍ବରୁ ନାସା ୧୯୬୦ ଦଶକରେ ମହାକାଶ ଉତ୍କ୍ଷେପଣ କାର୍ଯ୍ୟକ୍ରମରେ ବ୍ୟାପକ ଭାବରେ ଡିଜିଟାଲ ଟୁଇନ୍ ଜ୍ଞାନକୌଶଳକୁ ବ୍ୟବହାର କରିଥିଲା ।

ଏଠାରେ ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଏହି ଡିଜିଟାଲ ଟୁଇନ୍‌ର ବଜାର ଚାହିଦା ବିଶ୍ୱରେ ୩.୧ ବିଲିୟନ ଡଲାର ଯାହା ୨୦୨୬ ସୁଦ୍ଧା ୪୮ ବିଲିୟନ ଡଲାରରେ ପହଞ୍ଚିବ । ତେବେ ଏତିକି କୁହାଯାଇପାରେ ଯେ ଏହି ଡିଜିଟାଲ ଟୁଇନ୍‌ର ଭବିଷ୍ୟତ ଅସୀମିତ ଓ ଏହା ସମଗ୍ର ଦୁନିଆରେ ଏକ ଚହଳ ସୃଷ୍ଟି କରି ଆମର ଦୈନନ୍ଦିନ ଜୀବନକୁ ବ୍ୟାପକ ଭାବରେ ପ୍ରଭାବିତ କରିବାକୁ ଯାଉଛି । ତେବେ ଭବିଷ୍ୟତରେ ଏହି ଡିଜିଟାଲ ଟୁଇନ୍ ଜ୍ଞାନକୌଶଳର ବ୍ୟାପକ ବ୍ୟବହାରକୁ ଆଖି ଆଗରେ ରଖି ବୃହତ୍ ଡାଟାର ସୁରକ୍ଷା ଓ ସଂରକ୍ଷଣ କରିବା ମଧ୍ୟ ଏକ ଚିନ୍ତାର ବିଷୟ । କୌଣସି ବ୍ୟକ୍ତି, ଅନୁଷ୍ଠାନ କିମ୍ବା ଦେଶର ଗୁରୁତ୍ୱପୂର୍ଣ୍ଣ ଡାଟା ଏହି ଯୁଗାନ୍ତକାରୀ ବିଜ୍ଞାନ ଚମତ୍କାର ବଳରେ ଭୁଲ୍ ହାତରେ ନ ପଡୁ ଏଥିପ୍ରତି ଧ୍ୟାନଦେବାକୁ ପଡ଼ିବ ।

ମୋ– ୭୦୦୪୦୬୮୧୧୦

## ଏଇ ଭାରତରେ

ଦିନକୁ ଦିନ ଦୁଇଚକିଆ ଯାନର ବିଭିନ୍ନ ମଡେଲ ବଜାରକୁ ଆସୁଛି । ଇ-ବାଇକ୍ ହେଉ କିମ୍ବା ପେଟ୍ରୋଲଚାଳିତ, ପ୍ରତ୍ୟେକ ମଡେଲର ଆଦର ମଧ୍ୟ ବଢ଼ିବାରେ ଲାଗିଛି । ଯେତେ ନୂଆ, ସେତେ ପସନ୍ଦ, ହେଲେ ପୁରୁଣା ଗାଡ଼ି ସାଇତି ରଖିବା ଲୋକ ବହୁତ କମ୍ । ଏମାନଙ୍କ ମଧ୍ୟରେ ମହାରାଷ୍ଟ୍ର ପୁଣେର ବିନିତ୍ କେଞ୍ଜାଲେ ଅନ୍ୟତମ । ସେ ପଞ୍ଚଗାନି-ମହାବଳେଶ୍ୱର ରାସ୍ତା କଡ଼ ଗାଁ ମେଟଗୁଆଡ଼୍‌ରେ ଏକ ମ୍ୟୁଜିୟମ୍ ଖୋଲି ୫୦୦ରୁ ଊର୍ଦ୍ଧ୍ୱ ପୁରୁଣା ଗାଡ଼ି ରଖିଛନ୍ତି । ଏହା ଭାରତର ପ୍ରଥମ ପୁରୁଣା ଦୁଇଚକିଆ ଯାନ ମ୍ୟୁଜିୟମ୍ । ଏଥିରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ୟବହୃତ ଗିର୍ନାର ସ୍କୁଟରଠାରୁ ଆରମ୍ଭ କରି 'ବବି' ବାଇକ୍ ଓ ୮୦ ଦଶକର ଦୁଇଚକିଆ ଯାନ ଆଦି ସ୍ଥାନ ପାଇଛି । ଏହା ବ୍ୟତୀତ ଜୱାର ପ୍ରଥମ ମୋଫେଡ୍, ବ୍ରିଟିଶ୍ ସୈନ୍ୟ ବ୍ୟବହାର କରୁଥିବା ରୟାଲ ଏନ୍‌ଫିଲ୍ଡର ଫାଣ୍ଟାବୁଲୋସ, ଲାମ୍ବ୍ରେଟା-୫୯, ରାମୋନା-୧୯୬୦ ଆଦି ବାଇକ୍ ଆକର୍ଷଣର କେନ୍ଦ୍ର ପାଲଟିଛି । ବିନିତ୍ ୨୦୨୧ରେ ଏହି ମ୍ୟୁଜିୟମ୍ ଆରମ୍ଭ କରିଥିଲେ । ମାତ୍ର ଦୁଇ ବର୍ଷ ମଧ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ପୁରୁଣା ବାଇକ୍ ଯୋଗାଡ଼ କରିବାରେ ସକ୍ଷମ ହେବା ତାଙ୍କ ପାଇଁ ବଡ଼ ଉପଲବ୍ଧି ବୋଲି କହନ୍ତି ୫୬ ବର୍ଷୀୟ ବିନିତ୍ । ଏହି ମ୍ୟୁଜିୟମ୍‌କୁ ବହୁ ପର୍ଯ୍ୟଟକ ଆସୁଛନ୍ତି ଓ ସେମାନେ ପୁରୁଣା ଗାଡ଼ିକୁ ଦେଖି ପୁରୁଣା ଦିନର ସ୍ମୃତିକୁ ଉଜାଗର କରୁଛନ୍ତି । ମ୍ୟୁଜିୟମ ବୁଲି ଦେଖିବା ଲାଗି ପ୍ରବେଶ ଦେୟ ୧୦୦ ଟଙ୍କା ରଖାଯାଇଛି ।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଜାନୁୟାରୀ ୧୯୯୮**

- ପ୍ରଖ୍ୟାତ ଅଭିନେତା ଜ୍ୟାକ ଲର୍ଡଙ୍କ ୭୭ ବର୍ଷ ବୟସରେ ପରଲୋକ ।
- ଆସାମର ଶାସକ ଆସାମ ଗଣପରିଷଦ (ଏଜିପି) ଦଳର ପ୍ରାୟ ୮୦୦ ବିଦ୍ରୋହୀ କର୍ମୀ ମୂଳ ଦଳଠାରୁ ସମ୍ପର୍କ ଛିନ୍ନ କରି 'ଆସାମ ଜାତୀୟ ସମ୍ମିଳନ' ନାମରେ ଏକ ନୂତନ ଦଳ ଗଠନ କରିଛନ୍ତି ।
- ନାଗାଲାଣ୍ଡ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଜେ. ହୋଲୋହୋନଙ୍କ ତାଙ୍କ ପଦରୁ ଇସ୍ତଫା ।

## sudoku – ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 8 | | | 3 | |
| | | | | | 2 | | | |
| 6 | | | | | | | 2 | 9 |
| 1 | | 8 | | 6 | | | 9 | |
| | | | | | | | | 7 |
| 4 | | | | 1 | | | | |
| 7 | | | | | | | 8 | 2 |
| | | | | 2 | 5 | | 6 | |
| | 8 | 3 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 6 | 3 | 1 | 4 | 8 | 2 | 9 |
| 2 | 4 | 3 | 7 | 9 | 8 | 1 | 6 | 5 |
| 9 | 1 | 8 | 2 | 6 | 5 | 3 | 4 | 7 |
| 7 | 3 | 2 | 1 | 8 | 6 | 9 | 5 | 4 |
| 8 | 9 | 4 | 5 | 7 | 3 | 6 | 1 | 2 |
| 1 | 6 | 5 | 9 | 4 | 2 | 7 | 3 | 8 |
| 6 | 5 | 7 | 8 | 2 | 1 | 4 | 9 | 3 |
| 4 | 2 | 9 | 6 | 3 | 7 | 5 | 8 | 1 |
| 3 | 8 | 1 | 4 | 5 | 9 | 2 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୃଷି କାର୍ଯ୍ୟାଳୟରେ ଅନିୟମିତତା

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକ କୃଷି କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ଦେଖାଦେଇଛି । ବ୍ଲକର ହଜାର ହଜାର ଯୋଗ୍ୟ ଚାଷୀ ଆତ୍ମା ମାଧ୍ୟମରେ ଆସୁଥିବା ବିଭିନ୍ନ ଅର୍ଥ ପାଇବାରୁ ବଞ୍ଚିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ ସାମୁଦ୍ରିକ ଝଡ଼ରେ ସତ୍ୟବାଦୀ ଚାଷୀଙ୍କ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ରାଜ୍ୟ ସରକାରଙ୍କ ତରଫରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବାକୁ କୃଷି ବିଭାଗ ପକ୍ଷରୁ ସର୍ଭେ କରାଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ରାଶି ମିଳି ନ ଥିବା ଚାଷୀ ଅଭିଯୋଗ କରିଛନ୍ତି । ଚାଷୀ ସମସ୍ୟା ବୁଝିବା ପାଇଁ କୃଷି କାର୍ଯ୍ୟାଳୟକୁ ଗଲେ ଆତ୍ମା ଉଦ୍ୟାନ ଓ ଅନ୍ୟାନ୍ୟ ବିଭାଗର ସରକାରୀବାବୁଙ୍କ ରୋଷର ଶିକାର ହେଉଛନ୍ତି । ସତ୍ୟବାଦୀ ସମେତ ଅନ୍ୟାନ୍ୟ ବ୍ଲକର ଚାଷୀଙ୍କୁ ବିହନ ଚିନ୍ତା ଘାରିଛି । କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ସେମାନଙ୍କୁ ବିହନଠାରୁ ଆରମ୍ଭ କରି କୃଷି ଯନ୍ତ୍ରପାତି ମଧ୍ୟ ସବ୍‌ସିଡି ପ୍ରଦାନ କରାଯାଉଛି । ଏହା ଉପରେ ବିଭାଗୀୟ ମନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

**–ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେତେ ଶୀତ କେତେ ମଧୁମାସ
ଜୀବନର ଜୟ ପରାଜୟ
ଦୁର୍ଦ୍ଦିନ ଅମା କେତେ ଶତ
ଅନ୍ତରେ କାଟିଥିଲା କ୍ଷତ
ପୌଷର ମନ୍ଦ ମଳୟ
ପ୍ରାଣେ ପୁଣି ବଜାଏ ବଳୟ ।
–(ପୌଷ-ମଳୟ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୧।୨୦୨୩

| | |
|---|---|
| ୫,୪୧,୨୯୦ ଟଙ୍କା | |
| ସୁନା | ୨୮.୧୦୦ ଗ୍ରାମ |
| ରୁପା | ୧୬ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ଜୟନ୍ତୀ ପାଳନ, ରସୁଲଗଡ଼ ଛକ, ସକାଳ ୮ଟା ୩୦।
- ସମାଜବାଦୀ ପାର୍ଟିର ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ନେତାଜୀ ସୁଭାଷ ବୋଷ୍ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ, ରସୁଲଗଡ଼ ଛକ, ସକାଳ ୮ଟା ୩୦।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ମିଳିତ ଭାବେ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୯ଟା ୧୫।
- ଉତ୍ ଫେଷ୍ଟ: ସେବେ ଓ ଏବେ ଫଟୋ ପ୍ରଦର୍ଶନୀ, ଇଡ୍‌କୋ, ପୂର୍ବାହ୍ନ ୧୦ଟା। ନାଇଟ୍ ଫ୍ଲିଏ ମାର୍କେଟ୍, ଏକାମ୍ର ହାଟ, ଅପରାହ୍ନ ୫ଟା। ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ, ଇଡ୍‌କୋ ପଡ଼ିଆ, ସନ୍ଧ୍ୟା ୬ଟା। ଭୁବନେଶ୍ୱର ଲାଇଭ୍, ଇଡ୍‌କୋ, ସନ୍ଧ୍ୟା ୭ଟା।
- ସାଧୁସନ୍ଥ ପ୍ରଣାମ ମହୋତ୍ସବ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ବିକାଶ ମହାମଞ୍ଚର ଉଦ୍‌ଘାଟନୀ ଉତ୍ସବ, ଗୋଦାବରୀ ସାହିତ୍ୟ ସଂସଦ ସଭାଗୃହ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ୟୁନିଅନ ଅଫ୍ ୱାର୍କିଂ ଜର୍ନାଲିଷ୍ଟ ଓ ସମରକ୍ରାନ୍ତି ସେନା ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ଜୟନ୍ତୀ, ହୋଟେଲ କେଶରୀ, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ଭିକ୍ଟିଂ କମ୍ପେନ୍‌ସେଶନ ସଚେତନତା, ରୋଟାରୀ ଭବନ, ପୂର୍ବାହ୍ନ ୧୧ଟା ୧୫।
- ଆଗ୍ରୟୋଧିର ଲୋଗୋ ଓ ୱେବ୍‌ସାଇଟ୍ ଉନ୍ମୋଚିତ, ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାଶନାଲ, ଖାରବେଳ ନଗର, ଅପରାହ୍ନ ୪ଟା।
- ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ ଭୁବନେଶ୍ୱରର ଉଦ୍‌ଘାଟନୀ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୪ଟା।
- ଡକ୍ୟୁମେଣ୍ଟାରି ଫିଲ୍ମ 'ସୁଭାଷ' ରିଲିଜ୍, ୟୁଥ୍ ଫର୍ ନେଶନ ବିଲ୍ଡିଂ, ଅପରାହ୍ନ ୪ଟା।
- ଦି ଫୋରମ୍ ଫର୍ ଆୱାରନେସ୍ ଅଫ୍ ନ୍ୟାଶନାଲ ସିକ୍ୟୁରିଟି ପକ୍ଷରୁ ସେମିନାର, ରେଡ୍‌କ୍ରସ୍ ଭବନ, ୟୁନିଟ୍-୯, ଅପରାହ୍ନ ୫ଟା ୩୦।
- ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜୟଦେବ ସମାରୋହ-୨୦୨୩, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ସ୍ୱରପ୍ରବାହ, ଲୋହିଆ ଏକାଡେମୀ, ସନ୍ଧ୍ୟା ୬ଟା ୩୦।
- ଜ୍ଞାନଯଜ୍ଞ ଶିବିର, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନି ଦୁର୍ଗାପୂଜା ପଡ଼ିଆ, ସନ୍ଧ୍ୟା ୬ଟା ୩୦।
- ଶିଶିର ସରସ ମେଳା-୨୦୨୩, ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା, ସନ୍ଧ୍ୟା ୬ଟା ୩୦।
- ଉତ୍ତର ପୁରୁଷ ନାଟକ ଉତ୍ସବ 'ଦ୍ରୋହୀ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୧୫।

କଟକ

- ଭାଜପା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସାଗର ମଣ୍ଡପ, ନିମସାହି, ପୂର୍ବାହ୍ନ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ୧୨୬ତମ ନେତାଜୀ ଜୟନ୍ତୀରେ ମୁଖ୍ୟମନ୍ତ୍ରୀଙ୍କ ଜାତୀୟ ପତାକା ଉତ୍ତୋଳନ, ପୂର୍ବାହ୍ନ ୧୦ଟା ୩୦, ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସର।
- ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ନେତାଜୀ ଜୟନ୍ତୀ ସମାରୋହ, ପୂର୍ବାହ୍ନ ୧୧ଟା ୩୦, ନେତାଜୀ ଅଡିଟୋରିୟମ୍।

# ଡିଗ୍ରୀ କଲେଜରେ ଏକାଡେମିକ୍ ଅଡିଟ୍ ହେବ

- ୩ମାସରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ମୌଳିକ ସୁବିଧା ନ ଥିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୨।୧(ବ୍ୟୁରୋ)

ରାଜ୍ୟରେ ଖୁବ୍‌ଶୀଘ୍ର ଡିଗ୍ରୀ କଲେଜରେ ଏକାଡେମିକ୍ ଅଡିଟ୍ ଆରମ୍ଭ ହେବ। ସରକାରୀ, ଅନୁଦାନପ୍ରାପ୍ତ କଲେଜ ସମେତ ସ୍ୱୟଂଶାସିତ କଲେଜଗୁଡ଼ିକରେ ଏହି ଅଡିଟ୍ କରାଯାଇ ୩ ମାସ(ଏପ୍ରିଲ ଶେଷ ସୁଦ୍ଧା) ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମୋଟ ୪ଟି ପର୍ଯ୍ୟାୟରେ ଅଡିଟ୍ ହେବ। ଏଥିପାଇଁ ସ୍ୱତନ୍ତ୍ର ୬ଟି ସ୍କ୍ୱାଡ୍ ଗଠନ କରାଯାଇଛି। ଅଡିଟ୍‌ରେ କଲେଜର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଯଦି କୌଣସି କଲେଜରେ ଶୈକ୍ଷିକ ପରିବେଶ ନ ଥିବ ବା ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବେ ତେବେ ସମ୍ପୃକ୍ତ କଲେଜ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଡିଟ୍‌ରେ ମୋଟ୍ ୧୦୦ ମାର୍କ ରହିବ। ୫୦ପ୍ରତିଶତ ତଳକୁ ମାର୍କ ରହିଲେ ସେହି କଲେଜଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରେସିଡେନ୍ସିଆଲ କଲେଜ ହୋଇଥିଲେ ସଙ୍ଗେ ସଙ୍ଗେ ସ୍ୱୀକୃତି ବାତିଲ କରାଯିବ। ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଡିଟ୍‌ରେ କଲେଜଗୁଡିକର ଯାଞ୍ଚ ସାଙ୍ଗକୁ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମତାମତ ମଧ୍ୟ ସଂଗ୍ରହ କରାଯିବ।

ରାଜ୍ୟର ସମସ୍ତ କଲେଜରେ ପାଠପଢ଼ା ଆରମ୍ଭ, ପରୀକ୍ଷା ପରିଚାଳନା, ଫଳ ପ୍ରକାଶ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କରିବାକୁ ଏକାଡେମିକ୍ କ୍ୟାଲେଣ୍ଡର ହୋଇଥିଲେ ମଧ୍ୟ କିଛି କଲେଜରେ ନିର୍ଦ୍ଧାରିତ ସମୟରେ ପାଠପଢ଼ା ସରି ନ ଥାଏ। ଏପରି ସମସ୍ୟା ଲାଗି ପିଲା ଭଲ ମାର୍କ ରଖିବାରେ ସମସ୍ୟା ହେଉଥିବା ଅଭିଯୋଗ ହୋଇଥାଏ। ତେବେ ଅଡିଟ୍ ଯାଞ୍ଚ ସମୟରେ ଏଭଳି ଅଭିଯୋଗକୁ ମଧ୍ୟ ଗୁରୁତ୍ୱ ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ବିଶେଷକରି ଯୁକ୍ତ୩ କଳା, ବିଜ୍ଞାନ, ବାଣିଜ୍ୟରେ ଉଭୟ ପାସ୍ ଓ ଅନର୍ସରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ସୂଚନାଯୋଗ୍ୟ, ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଯେପରି ସବୁ ବର୍ଗର ଛାତ୍ରୀଛାତ୍ର ସମାନ ସୁବିଧା, ସୁଯୋଗ ପାଇବେ ସେଥିଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ, ଅନୁଦାନପ୍ରାପ୍ତ କଲେଜରେ କିପରି ପିଲାମାନେ ପଢ଼ିବା ସହ ଉତ୍ତମ ଶୈକ୍ଷିକ ପରିବେଶ ପାଇବେ, ସେଥିଲାଗି ଜିଲାୱାରି ସମସ୍ତ ଡିଗ୍ରୀ କଲେଜର ବ୍ୟବସ୍ଥାକୁ ଯାଞ୍ଚ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।




ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ପୁରୀ ବେଳାଭୂମିରେ ରବିବାର ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ୪୫୦ ଷ୍ଟିଲ୍ ଗିନା ବ୍ୟବହାର କରି ତିଆରି କରିଥିବା ବାଲୁକାକଳା।

## ଅଗ୍ନିକାଣ୍ଡ: ଆଖିବୁଜିଲେ ପୁଅ

### ମା', ବାପା ଗୁରୁତର

ନିଶ୍ଚିନ୍ତକୋଇଲି,୨୨।୧(ସ୍ୱ.ପ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଲୋ ପଞ୍ଚାୟତ କୂଳବଡ଼ଝୀର ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ମହେନ୍ଦ୍ର ମଳିକ(୨୯)ଙ୍କ ରବିବାର ମୃତ୍ୟୁ ଘଟିଛି। ଅପରପକ୍ଷେ ମା' ଭାବ ମଳିକ(୫୮) ଓ ବାପା ନିରଞ୍ଜନ ମଳିକ(୬୨) କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ଶୁକ୍ରବାର ସକାଳେ ମହେନ୍ଦ୍ର ଘର ପାଖରେ ଧାନ ବସାଇବାବେଳେ ହଠାତ୍ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ପୁଅକୁ ଉଦ୍ଧାର କରିବାକୁ ଯାଇ ମା' ଓ ବାପା ପୋଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ମହେନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମହେନ୍ଦ୍ରଙ୍କ ମୃତ୍ୟୁ ଖବର ଗାଁରେ ଶୋକରଛାୟା ଖେଳାଇ ଦେଇଛି।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରିବେ ପୁରୁଷ

### ଅସନ୍ତୋଷ ପ୍ରକାଶ କଲେ ଛାତ୍ରୀ, ଶିକ୍ଷାବିତ୍

ଭୁବନେଶ୍ୱର, ୨୨।୧(ବ୍ୟୁରୋ)

ରାଜ୍ୟର ପ୍ରଥମ ଓ ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀରେ ପୁରୁଷଙ୍କୁ ଏବେ ପିଏଚ୍‌ଡି କରିବାର ସୁଯୋଗ ଦିଆଯିବ। ପୁଣି ବିଶ୍ୱବିଦ୍ୟାଳୟର ପୁରୁଷ ଅଧ୍ୟାପକମାନେ ହିଁ ଗାଇଡ୍ କରିବେ। ଏହାକୁ ନେଇ ଏବେ ଛାତ୍ରୀ ଓ ଶିକ୍ଷାବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନାନୁସାରେ, ଗତବର୍ଷ ସେପ୍ଟେମ୍ବର ୨୮ରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୨୬ତମ ସିଣ୍ଡିକେଟ୍ ବୈଠକ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ଭାବେ ନିଯୁକ୍ତ ପୁରୁଷ ଅଧ୍ୟାପକମାନେ ପିଏଚ୍‌ଡିରେ ଆଡ୍‌ମିଶନ କରିପାରିବେ ବୋଲି ଅନୁମୋଦନ ମିଳିଥିଲା। ଏହି ଆଧାରରେ ଅଧ୍ୟାପକ ସୁପ୍ରିତ ପାଣିଗ୍ରାହୀଙ୍କୁ ପିଏଚ୍‌ଡି ପାଇଁ ମନୋନୀତ କରାଯାଇଛି। ପରୀକ୍ଷା ନିୟନ୍ତ୍ରକଙ୍କ ଗତ ୧୩ତାରିଖ ଚିଠିରୁ ଏହା ଜଣାପଡ଼ିଛି। ଯଦି ପୁରୁଷ ଅଧ୍ୟାପକ ଏଠାରେ ପିଏଚ୍‌ଡି କରିପାରିବେ, ତେବେ ଅନ୍ୟମାନେ କାହିଁକି କରିପାରିବେ ନାହିଁ, ପୁରୁଷଙ୍କ ପାଇଁ ମହିଳାଙ୍କ ସିଟ୍ କମିବ କାହିଁକି, ନିଜ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ରମାଦେବୀରେ ପିଏଚ୍‌ଡି କଲେ ପ୍ରାର୍ଥୀ ମନୋନୟନ ପ୍ରକ୍ରିୟାରେ କେତେ ସ୍ୱଚ୍ଛତା ରହିବ, ଏଭଳି ବିଭିନ୍ନ ପ୍ରଶ୍ନ ଉଠାଇଛନ୍ତି ଛାତ୍ରୀ ଓ ଶିକ୍ଷାବିତ୍। ଛାତ୍ରୀ ସନ୍ତୋଷିନୀ ଜେନା କହିଛନ୍ତି, ଯଦି ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରେ ଏଭଳି ଅଧ୍ୟାପକଙ୍କୁ ପିଏଚ୍‌ଡି କରିବାର ସୁଯୋଗ ମିଳିଥାନ୍ତା, ତେବେ ତାହା ଠିକ୍ ହୋଇଥାନ୍ତା। କିନ୍ତୁ ମହିଳା ବିଶ୍ୱବିଦ୍ୟାଳୟରେ ଜଣେ ପୁରୁଷକୁ ପଢ଼ିବା ପାଇଁ ସୁଯୋଗ ଦେବା ଗ୍ରହଣୀୟ ନୁହେଁ। ଯଦି ପୁରୁଷଙ୍କୁ ଏହି ସୁଯୋଗ ଦିଆଯାଏ, ତେବେ ଛାତ୍ରୀଙ୍କ ପାଇଁ ସିଟ୍ ସଂଖ୍ୟା କମିବ। ତେଣୁ ଏହାର ପୁନର୍ବିଚାର କରାଯିବା ଉଚିତ। ଏ ନେଇ ମୋ କଲେଜ ଅଭିଯାନ ଗଭର୍ଣ୍ଣିଂ ବଡି ମେମ୍ବର କମଳ ପ୍ରସାଦ ମହାପାତ୍ର କହିଛନ୍ତି, ମହିଳା ବିଶ୍ୱବିଦ୍ୟାଳୟରେ ଜଣେ ପୁରୁଷଙ୍କୁ ପିଏଚ୍‌ଡି କରିବା ପାଇଁ ସୁଯୋଗ ଦେବା ଠିକ୍ ନୁହେଁ। ତେବେ ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ,୨ ଗିରଫ

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ବ୍ରାଉନସୁଗାର କାରବାର କରୁଥିବା ୨ ନିଶା ବେପାରୀଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ଚନ୍ଦନ ବାରିକ ଓରଫ ଚନ୍ଦୁ (୨୧) ଓ ଛବି ଭୋଇ ଓରଫ ଆବୁଆ (୪୮)। ସେମାନଙ୍କଠାରୁ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୩୨ ଗ୍ରାମ ବ୍ରାଉନସୁଗାର, ୨ ମୋବାଇଲ ଏବଂ ନଗଦ ୧୩୫୦ ଟଙ୍କା ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ହକି ତାରକା ପ୍ରବୋଧ ତିର୍କୀଙ୍କ ଘରୁ ଚୋରି

### କମିଶନରେଟ ପୋଲିସକୁ ଚାଲେଞ୍ଜ

- ସୁନା ଅଳଙ୍କାର ସହ ୫ ମେଡାଲ୍ ନେଇଗଲେ
- ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଅଲିମ୍ପିଆଡ୍ ପ୍ରବୋଧ ତିର୍କୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରୁ ଚୋରି ହୋଇଛି। କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୬ସ୍ଥିତ କ୍ୱାର୍ଟର୍ସ ନଂ.ଭିଆର୍-୮୬ରେ କେହି ନ ଥିବାବେଳେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ୨ଟି ଟିଭି, ୨୦୦ ଗ୍ରାମର ସୁନା ଅଳଙ୍କାର, ୫ଟି ମେଡାଲ ଆଦି ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ଏହି ଚୋରି ହୋଇଥିବା ସନ୍ଦେହ କରାଯାଉଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଅଭିଯୋଗ ଆଧାରରେ ଏକ ମାମଲା (ନଂ.୫୬/୨୦୨୩) ରୁଜୁ କରାଯାଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ସେ କହିଛନ୍ତି।



ସୂଚନା ଅନୁଯାୟୀ, ହକି ବିଶ୍ୱକପ୍ ପାଇଁ ପ୍ରବୋଧ ରାଉରକେଲାରେ ଥିବାବେଳେ ତାଙ୍କ ପରିବାର ଲୋକେ ମଧ୍ୟ କିଛିଦିନ ତଳେ ଗାଁକୁ ଚାଲିଯାଇଥିଲେ। ଜଣେ କେୟାର ଟେକର୍ ତାଙ୍କ ଘରର ଦେଖାଶୁଣା କରୁଥିଲେ। ଶନିବାର କେୟାର ଟେକର ଜଣକ ପ୍ରବୋଧଙ୍କ ଘରକୁ ଯାଇଥିବାବେଳେ ତାଲା ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଘରୁ ଚୋରି ହୋଇଥିବା ଦେଖି ଘଟଣା ସଂକ୍ରାନ୍ତରେ ପ୍ରବୋଧଙ୍କୁ ଜଣାଇଥିଲେ। ଏନେଇ ପ୍ରବୋଧଙ୍କ ଜଣେ ସମ୍ପର୍କୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ନମୁନା ସଂଗ୍ରହ କରିଛି। ତେବେ ହକି ବିଶ୍ୱକପ୍ ଚାଲିଥିବାବେଳେ ଭୁବନେଶ୍ୱର କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହିଛି। ଏଭଳି ସ୍ଥିତିରେ ଜଣେ ହକି ତାରକାଙ୍କ ଘରୁ ଚୋରି ହେବା ଘଟଣା ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମଞ୍ଜୁଳା



@ ଅଜୟ



@ ହ୍ରିତିକ୍



@ ପ୍ରିୟବ୍ରତ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଚନ୍ଦ୍ରିକା କଳାନିକେତନ ପକ୍ଷରୁ ରବିବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ରବିବାର ଉଦ୍‌ଘାଟିତ ଇଣ୍ଟର ସ୍କୁଲ ଚେସ୍ ଚାମ୍ପିୟନରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।



ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ରବିବାର କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡିଆରୁ ବାହାରିଥିବା ପଥ ସଞ୍ଚାଳନ।

# ଏଭରଗ୍ରୀନ କଣ୍ଠଶିଳ୍ପୀଙ୍କ ସୁପରହିଟ୍ ପ୍ରଦର୍ଶନ


ଉଦିତ୍ ନାରାୟଣ



**୯୦ଦଶକର ଗୀତରେ ଝୁମିଲା ରାଜଧାନୀ**

୯୦ଦଶକର ଗୀତ ଆଜିବି ସୁପରିହିଟ୍ ହୋଇ ରହିଛି। ଏସବୁ ଗୀତକୁ ନେଇ ଉତ୍‌ଫେଷ୍ଟର ସପ୍ତମ ସନ୍ଧ୍ୟାରୁ ରାତି ମତୁଆଲା ହୋଇଉଠିଥିଲା। ବଲିଉଡ୍‌ର ଦୁଇ ଲୋକପ୍ରିୟ କଣ୍ଠଶିଳ୍ପୀ ଉଦିତ୍ ନାରାୟଣ ଓ ଅଲ୍‌କା ଯାଗ୍‌ନିକ୍‌ଙ୍କ ଉପସ୍ଥିତି ଭୁବନେଶ୍ୱର ଲାଇଭ୍‌କୁ ଆହୁରି ରଙ୍ଗିନ କରିଦେଇଥିଲା। ସେମାନଙ୍କ କଣ୍ଠର ଯାଦୁରେ ଝୁମି ଉଠିଥିଲା ପୂରା ରାଜଧାନୀ। ଶୋ' ସରିଥିଲେ ମଧ୍ୟ ଦର୍ଶକ ଓ ଶ୍ରୋତାଙ୍କ ମୁହଁରେ ଗୁଞ୍ଜରିତ ହେଉଥିଲା ଉଦିତ୍-ଅଲ୍‌କାଙ୍କ କିଛି ଅଭୁଲା, ସ୍ମୃତିଭରା ଗୀତର ଝଙ୍କାର। ଏଥିସହ ଓଲିଉଡ ଗାୟକ ସତ୍ୟଜିତ୍ ଜେନା ଓ ଉଦିତ୍ ନାରାୟଣଙ୍କ ସ୍ତ୍ରୀ ଦୀପା ନାରାୟଣ ଝା ମଧ୍ୟ ମଞ୍ଚରେ ସଙ୍ଗୀତ ପରିବେଷଣ କରିଥିଲେ। ୯୦ଦଶକର ଏଭରଗ୍ରୀନ୍ ଗୀତ ଓ କଣ୍ଠଶିଳ୍ପୀଙ୍କ ସହ ଦର୍ଶକଙ୍କ ଉତ୍ସାହରେ ରୋମାଞ୍ଚିତ ହୋଇ ଉଠିଥିଲା ପ୍ରଦର୍ଶନୀ ପଡ଼ିଆ।


ଅଲ୍‌କା ଯାଗ୍‌ନିକ୍

## ଉଦିତ୍, ଅଲ୍‌କା ଯୋଡ଼ି ପ୍ରଦର୍ଶନ ନିଆରା ଥିଲା

ବଲିଉଡର ୨ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କୁ ଏକାସାଙ୍ଗରେ ଗୀତ ଗାଇବା ଦେଖିବାର ସୁଯୋଗ ପାଇଥିଲେ ଦର୍ଶକ। ମଞ୍ଚରେ ସେମାନଙ୍କୁ ଦେଖି ଦର୍ଶକ ଅଧିକ ଉତ୍ସାହିତ ହୋଇ ପଡ଼ିଥିଲେ। ଗୋଟିଏ ପରେ ଗୋଟିଏ ରୋମାଣ୍ଟିକ୍ ଲଭ୍ ସଙ୍ଗୀତ ଦେଇ ଦର୍ଶକଙ୍କ ନିକଟରେ ଭଲପାଇବା ଭରି ଦେଇଥିଲେ। ଚାନ୍ଦ ଛୁପା ବାଦଲ୍ ମେ ..ଭଳି ପ୍ରେମ ସଙ୍ଗୀତରୁ ସେମାନେ ପରିବେଷଣ ଆରମ୍ଭ କରିଥିଲେ। ମେରେ ମେହେବୁବା ମେରେ ସନମ୍.., କହୋନା ପ୍ୟାର୍ ହେ..ଆଦି ଗୀତକୁ ଦର୍ଶକଙ୍କୁ ଭେଟି ଦେଇଥିଲେ।

## ଅଲ୍‌କାଙ୍କ କୁଛ୍ କୁଛ୍ ହୋତା ହେ...

ବଲିଉଡର ଲୋକପ୍ରିୟ ଗାୟିକା ଅଲ୍‌କା ଯାଗ୍‌ନିକ୍‌ଙ୍କୁ ମଞ୍ଚରେ ପାଇ ଉପସ୍ଥିତ ଦର୍ଶକ ଖୁସିରେ ନାଚି ଉଠିଥିଲେ। ସମସ୍ତଙ୍କର ପ୍ରିୟ କୁଛ୍ କୁଛ୍ ହୋତା ହେ ଗୀତରୁ ସେ ତାଙ୍କର ପ୍ରଥମ ସୁପରହିଟ୍ ପରିବେଷଣ ଆରମ୍ଭ କରିଥିଲେ। ପରେ ପରେ କସମ୍ ସେ.., କୋକିଳକଣ୍ଠୀ ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଅଜିବ୍ ଦାସ୍ତା ହେ ୟେ...ସଙ୍ଗୀତ ଉପସ୍ଥାପନ କରିଥିଲେ। ଶୀତୁଆ ସନ୍ଧ୍ୟାରେ ଟିପ୍ ଟିପ୍ ବର୍ଷା ପାନି ଗୀତରେ ମାହୋଲକୁ ଗରମ କରିଥିଲେ।

## ଲୋକପ୍ରିୟ ଗୀତରୁ ରିମିକ୍ସ...

ମେରି ଅଙ୍ଗ୍‌ନ ମେ ତୁମ୍‌ହାରା କ୍ୟା କାମ୍ ହେ.. ଗୀତରୁ ନିଜର ଲୋକପ୍ରିୟ ଗୀତ ସବୁକୁ ମିଶାଇ ପରିବେଷଣ ଆରମ୍ଭ କରିଥିଲେ ଅଲ୍‌କା। କୋଇ ରୋକ୍ ସକ୍‌ତା ହେ ତୋ ରୋକ୍‌ଲେ.., ଦେଖା ହେ ପେହେଲି ବାର୍ ସାଜନ୍ କି ଆଖୋମେ ପ୍ୟାର୍..., କଭି ଖୁସି କଭି ଗମ୍.., ସୁରଜ ହୁଆ ମଧମ୍.., ପଲ୍ ଭର୍ ଠେହେର ଯାଓ..ଭଳି ଏଭରଗ୍ରୀନ୍ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ଝୁମାଇଥିଲେ।

## ଦିଲ୍‌ବର୍ ଗୀତରୁ ଧମାକା

୯୦ଦଶକର କିଛି ସୁପରହିଟ୍ ଗୀତକୁ ଗୋଟିଏ ପରେ ଗୋଟିଏ ଭେଟି ଦେଇଥିଲେ ଅଲ୍‌କା। ଦିଲ୍‌ବର୍ ଦିଲ୍‌ବର୍..ଭଳି ଏନର୍ଜେଟିକ୍ ଗୀତରୁ ସେ ଦର୍ଶକଙ୍କୁ ନାଚିବାର ଖୋରାକ ଯୋଗାଇଥିଲେ। ପରେ ପରେ ଆଜା ଶାବରିୟା..ତାଲ ସେ ତାଲ ମିଲା.., ଛମ୍ମା ଛମ୍ମା.., କଭି ଡିସ୍କୋ ମେ ଯାଏ.., ଲେଜା ଲେଜା.., ଏକ ଦୋ ତିନ୍ ଆଦି ଗୀତରେ ଜୋସ୍ ଭରିଥିଲେ।

## ନୂଆବର୍ଷର ଶୁଭେଚ୍ଛା ଜଣାଇଲେ ଅଲ୍‌କା

ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ ଅଲ୍‌କା। ଶୁଭେଚ୍ଛା ଜଣାଇ କହିଥିଲେ, ଆଗରୁ ବହୁତ ଥର ଓଡ଼ିଶା ଆସିଛି। ଏଥର ବହୁତ ବର୍ଷ ପରେ ଆସିଛି। ଯେତେଥର ଆସିଲେ ବି ପୁଣି ଆସିବାକୁ ଇଚ୍ଛା ହେବ।

## ସ୍ୱତନ୍ତ୍ର ଅନ୍ଦାଜରେ ଉଦିତ୍

ପାପା କେହେତେ ହେ ବଡ଼ା ନାମ କରେଗା.. ଗୀତରେ ମଞ୍ଚକୁ ଆସିଥିଲେ ସମସ୍ତଙ୍କର ଲୋକପ୍ରିୟ କଣ୍ଠଶିଳ୍ପୀ ଉଦିତ୍ ନାରାୟଣ। କେବଳ ହିନ୍ଦୀରେ ନୁହେଁ ଓଡ଼ିଆର ବିଭିନ୍ନ ଗୀତରେ କଣ୍ଠଦାନ କରି ସେ ଓଡ଼ିଶାବାସୀଙ୍କ ପାଖରେ ବେଶ୍ ପରିଚିତ। ତେରେ ନାମ୍.., ଯାଦୁ ତେରି ନଜର୍ .., ଏକେଲେ ହେ ତୋ କ୍ୟା ଗମ୍ ହେ.. ଗାଇ ନିଜ ସ୍ୱତନ୍ତ୍ର ଅନ୍ଦାଜରେ ଲୋକଙ୍କୁ ମୁଗ୍ଧ କରିଥିଲେ। ସେ ଗାଇବା ସମୟରେ ପ୍ରତିଟି ଗୀତର ମଜା ନେଉଥିଲେ। ନାଚି ନାଚି ସେ ଦମ୍‌ଦାର୍ ପ୍ରଦର୍ଶନ ଦେଖାଇଥିଲେ। ଏହା ପରେ ସେ ମଧ୍ୟ ତାଙ୍କର କିଛି ହିଟ୍ ଗୀତକୁ ମିଶାଇ ସ୍ୱତନ୍ତ୍ର ପରିବେଷଣ ଆରମ୍ଭ କରିଥିଲେ। ହୋ ଗେୟା ହେ ତୁଝକୋ ତୋ ପ୍ୟାର ସଜ୍‌ନା.., ଜିନ୍ଦେଗୀ ବନ୍‌ଗୟେ ହୋ ତୁମ୍.., କଭି ଡିସ୍କୋ ମେ ଯାଏ.., ମେ ନିକଲା ଗାଡ଼ି ଲେକେ... ଆଦି ହିଟ୍ ଗୀତରେ ଦର୍ଶକ ଖୁବ୍ ମଜା ନେଇଥିଲେ।


ସ୍ତ୍ରୀ ଦୀପାଙ୍କ ସହ ଉଦିତ୍ ନାରାୟଣ।

## ସୁମଧୁର ସଙ୍ଗୀତ ଭେଟିଦେଲେ ସତ୍ୟଜିତ୍

କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଓଲିଉଡ ଗାୟକ ସତ୍ୟଜିତ୍ ଜେନାଙ୍କଠାରୁ। ଓଲିଉଡ ଓ ବଲିଉଡର ସୁପରହିଟ୍ ଗୀତ ସବୁକୁ ସେ ଦର୍ଶକଙ୍କ ପାଖରେ ପହଞ୍ଚାଇଥିଲେ। କେସେ ହୁଆ.. , କେଶରିୟା..., ମିଠା ମିଠା ଛୁଆଁରେ ଝରେ ମୋତି ଚୂନା ଚୂନା.., ଗୁଲାବି ଆଖେଁ.., ଜୀନେ କା ହେ ଚାର୍ ଦିନ୍.., କେମିତି କହିବି କହ ତୁ ଯେ ସେହି ଭଳି ସୁମଧୁର ସଙ୍ଗୀତକୁ ଭେଟି ଦେଇଥିଲେ।




## ଉଦିତ୍‌ଙ୍କ କଣ୍ଠରେ ପ୍ରଥମ ପ୍ରେମର ପ୍ରଥମ ଚିଠି

ଓଡ଼ିଆ ଗୀତ ଗାଇ ଉପସ୍ଥିତ ଦର୍ଶକଙ୍କୁ ନିଜର କରିଥିଲେ ଉଦିତ୍। ଏମିତିରେ ଦର୍ଶକ ତାଙ୍କ ଉପସ୍ଥିତିରେ ହିଁ ଅନନ୍ୟ ଅନୁଭବ କରୁଥିଲେ। ପ୍ରଥମ ପ୍ରେମର ପ୍ରଥମ ଚିଠିରୁ ସେ ଓଡ଼ିଆ ସଙ୍ଗୀତ ଗାଇବା ଆରମ୍ଭ କରିଥିଲେ। ଆଜି ଆକାଶେ କି ରଙ୍ଗ ଲାଗିଲା ..., ତୋ ପାଇଁ ଗଳିରେ ମରି..ସଙ୍ଗୀତରେ ସେ ଉପସ୍ଥିତି ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲେ।

## ଉଦିତ୍‌ଙ୍କ ସହ ଗୀତ ଗାଇଲେ ସ୍ତ୍ରୀ ଦୀପା

ତୁ ମେରି ସାମ୍‌ନେ...ଗୀତରେ ଉଦିତ୍‌ଙ୍କ ସହ ମଞ୍ଚରେ ନଜର ଆସିଥିଲେ ତାଙ୍କ ସ୍ତ୍ରୀ ଦୀପା ନାରାୟଣ ଝା। ଉଭୟ ଗୀତ ଗାଇବା ସହ ନାଚିଥିଲେ। ବିଶେଷ କରି ଉଦିତ୍ ସ୍ତ୍ରୀଙ୍କ ସହ ଗୀତର ପ୍ରତିଟି ପଦକୁ ଭାବନାର ସହିତ ଉପସ୍ଥାପିତ କରିଥିଲେ। ତାଙ୍କ ଚାରିପାଖେ ବୁଲି ବୁଲି ନାଚିଥିଲେ। ପରେ ପେହେଲା ନଶା... ସଙ୍ଗୀତରେ ଉଭୟ ମଞ୍ଚରେ ଝୁମିଥିଲେ।

## ପୁନର୍ଜନ୍ମ ଓଡ଼ିଶାରେ ହେଉ

ଆପଣମାନଙ୍କୁ ମୋର ପ୍ରଣାମ। ଆପଣଙ୍କ ଭଲପାଇବା ଯୋଗୁ ମୋତେ ଦୀର୍ଘ ୪୦ବର୍ଷ ଧରି ସେବା କରିବାର ସୁଯୋଗ ମିଳିଛି। ମୋ କଣ୍ଠ ସେମିତି ସତେଜ ରହିଛି। ମୁଁ ଆପଣମାନଙ୍କର ଉଦିତ୍ ନାରାୟଣ ବୋଲି କହିଥିଲେ ବଲିଉଡର ପ୍ରତିଷ୍ଠିତ ଗାୟକ ଉଦିତ୍। ସେ କହିଥିଲେ, ଆର ଜନ୍ମରେ ମୁଁ ଓଡ଼ିଶାରେ ଜନ୍ମ ନିଏ। ମୋତେ ଆପଣଙ୍କ ଭଲପାଇବା ଏମିତି ମିଳୁଥାଉ।

## ସମ୍ବର୍ଦ୍ଧିତ ହେଲେ କଳାକାର

ସନ୍ଧ୍ୟାର କଣ୍ଠଶିଳ୍ପୀ ଉଦିତ୍ ନାରାୟଣ, ଅଲ୍‌କା ଯାଗ୍‌ନିକ୍, ଦୀପା ନାରାୟଣ ଝା, ସତ୍ୟଜିତ୍ ଜେନାଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ ରାଉତ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ମୁନ୍‌ମୁନ୍ ସିଂହ ଓ ନିତା ବାଜପେୟୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

---

# ଉନ୍ନତ ଦନ୍ତ ଚିକିତ୍ସା ପ୍ରଣାଳୀ ଶିଖିଲେ ଡାକ୍ତର

ଫୁଲନଖରା,୨୨।୧(ଡି.ଏନ୍.ଏ.)

ପାହାଳ ଥାନା ଅନ୍ତର୍ଗତ ପାଲ୍ ହାଇଟ୍ସ ମନ୍ତ୍ରା ସଭାଗୃହରେ ରବିବାର ଭାରତୀୟ ଦନ୍ତ ଚିକିତ୍ସକ ଓଡ଼ିଶା ଶାଖା ପକ୍ଷରୁ ଏକ ଦିବସୀୟ ଜାତୀୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଦନ୍ତ ଚିକିତ୍ସକ ମହାସଂଘର ଓଡ଼ିଶା ଶାଖା ସମ୍ପାଦକ ପ୍ରଫେସର ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଆଦିବାସୀ ହରିଜନ ବିଭାଗର ଉପଦେଷ୍ଟା ଏଲିନା ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଏଲିନା ଭାରତୀୟ ଦନ୍ତ ଚିକିତ୍ସକ ସଂଘ ଓଡ଼ିଶା ଶାଖା ପକ୍ଷରୁ 'ବିଦ୍ୟା' ନାମକ ଏକ ଯୋଜନାକୁ ଉଦ୍‌ଘାଟନ କରିଥିଲେ। ଏହି ଯୋଜନାରେ ପ୍ରତିବର୍ଷ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ୩୦,୦୦୦ ଆଦିବାସୀ ହରିଜନ ପିଲାଙ୍କୁ ମାଗଣାରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ ବୋଲି ଏଲିନା କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଡା. ବର୍ଷା ରାଓ ଯୋଗଦେଇ ୩୦୦ରୁ ଊର୍ଦ୍ଧ୍ୱ ଦନ୍ତ ଚିକିତ୍ସକଙ୍କୁ ଉନ୍ନତମାନର ଦନ୍ତ ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ଶିକ୍ଷା ଦେଇଥିଲେ।

**ବରଯାତ୍ରୀଙ୍କ ଉନ୍ମତ୍ତ କାଣ୍ଡ**

# କନଷ୍ଟେବଲ ଗୁରୁତର, ୩ ବ୍ୟବସାୟୀ ଆହତ

କଟକ ଅଫିସ,୨୨।୧

ବିବାହ ଶୋଭାଯାତ୍ରାରେ ଯାଉଥିବା ବରଯାତ୍ରୀଙ୍କ ଉନ୍ମତ୍ତକାଣ୍ଡ ବାଦାମବାଡ଼ି ବସଷ୍ଟାଣ୍ଡ ପରିସରରେ ରବିବାର ରାତିରେ ଦେଖିବାକୁ ମିଳିଛି। ବରଯାତ୍ରୀମାନେ ସେଠାରେ ଥିବା ୩ ଜଣ ଫଳ ବ୍ୟବସାୟୀ ଓ ଜଣେ ଭେରାଇଟି ଷ୍ଟୋର୍‌ର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ବାଦାମବାଡ଼ି ଥାନାର ଜଣେ କନଷ୍ଟେବଳ ସେମାନଙ୍କୁ ଅଟକାଇବାକୁ ଯାଇ ଛୁରାମାଡ଼ରେ ଗୁରୁତର ହୋଇଛନ୍ତି। ଶଗଡ଼ିଆସାହି ଅଞ୍ଚଳର ବରଯାତ୍ରୀ ଦଳ ବାଦାମବାଡି ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ମଣ୍ଡପକୁ ଶୋଭାଯାତ୍ରାରେ ଯାଉଥିଲେ। ସମୟ ପ୍ରାୟ ରାତି ୯ଟା ହେବ। ସେମାନେ ଅତ୍ୟଧିକ ମଦ୍ୟପାନ କରିଥିବା ହେତୁ ନିଜ ନିଜ ଭିତରେ ଠେଲାପେଲା ହୋଇ ମାରପିଟ୍ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଗୋଷ୍ଠୀ ବସ୍‌ଷ୍ଟାଣ୍ଡ ଭିତରେ ପଶି ଫଳ ଦୋକାନ ଆଗରେ ପୁଣି ଗଣ୍ଡଗୋଳ କରିଥିଲେ। ଫଳ ଦୋକାନୀଙ୍କ ସମେତ ଭାରତୀ ଭେରାଇଟି ଷ୍ଟୋର୍ ମାଲିକ ଶାନ୍ତନୁ କୁମାର ବାରିକ ସେମାନଙ୍କୁ ଅଟକାଇବାରୁ ଉଭୟ ଗୋଷ୍ଠୀ ମିଶି ଲୁହାରଡ୍, ବାଉଁଶ ଏବଂ ବାଡିରେ ଦୋକାନୀମାନଙ୍କୁ ଆକ୍ରମଣ କରିଥିଲେ। ଶାନ୍ତନୁ ଗୁରୁତର ହେବା ସହ ଅନ୍ୟ ୩ଜଣ ଫଳ ବ୍ୟବସାୟୀ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ବରଯାତ୍ରୀ ଦଳ ପୋଲିସକୁ ଆକ୍ରମଣ କରିଥିଲେ। ପୋଲିସ ଏବଂ ବରଯାତ୍ରୀଙ୍କ ମଧ୍ୟରେ ଠେଲାପେଲା ହେବାବେଳେ ଛୁରାମାଡ଼ରେ ଜଣେ କନଷ୍ଟେବଲ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ବାଦାମବାଡ଼ି ଥାନା ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କହିଛନ୍ତି, ଏହି ମାମଲାରେ ୧୦ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

# ପିକ୍‌ଅପ୍ ଭ୍ୟାନ ଧକ୍କାରେ ବାଇକ୍ ଚାଳକ ମୃତ

ନିଶ୍ଚିନ୍ତକୋଇଲି,୨୨।୧(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ନିକଟରେ ରବିବାର ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାଡେଶ୍ୱରପୁର ଗ୍ରାମର ଝରି ସାହୁଙ୍କ ପୁତ୍ର ଶଙ୍କର ସାହୁ(୪୮)। ସେ ନିଶ୍ଚିନ୍ତକୋଇଲି – କୋରୁଆ ପୂର୍ତ୍ତ ବିଭାଗ ରାସ୍ତାର ନଗସପୁର ଜାଗୁଲାଇ ବଜାର ନିକଟରେ ବାଇକ୍‌ରେ ଯାଉଥିବାବେଳେ ନରେନ୍ଦ୍ରପୁର ଅଭିମୁଖେ ଧାନ ନେଇ ଦ୍ରୁତ ଗତିରେ ଯାଉଥିବା ଏକ ପିକ୍‌ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟଲୋକେ ଗୁରୁତର ଅବସ୍ଥାରେ ଶଙ୍କରଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ମୃତ ଶଙ୍କରଙ୍କ ଭାଇ ସୁରେନ୍ଦ୍ର କୁମାର ସାହୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇଥିବା ୨ ଗାଡିକୁ ଜବତ କରିବା ସହ ପିକଅପ ଭ୍ୟାନ ଚାଳକଙ୍କୁ ଅଟକ ରଖିଛି। ଏନେଇ ଥାନାରେ ମାମଲା (ନଂ. ୮/୨୩) ରୁଜୁ ହୋଇଛି।

# ଶକୁନ୍ତଳା ବଳିଆରସିଂଙ୍କୁ 'ଗୁରୁ ଗୀତାଞ୍ଜଳି ସମ୍ମାନ'

**'ସ୍ୱରର୍ଣ୍ଣବ' ଉଦ୍‌ଯାପିତ**

ଭୁବନେଶ୍ୱର, ୨୨।୧ (ବ୍ୟୁରୋ)

ସଙ୍ଗୀତାନୁଷ୍ଠାନ ଗୁରୁକୁଳ ଗୀତାଞ୍ଜଳୀ ପକ୍ଷରୁ ସୂଚନାଭବନରେ ଚାଲିଥିବା ଦୁଇଦିନିଆ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଉତ୍ସବ 'ସ୍ୱରର୍ଣ୍ଣବ' ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାକୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ସମବେତ ଗାୟନ 'ଧମାର'ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗୁରୁଜୀ ପଣ୍ଡିତ ଡ. ଚିତ୍ତରଞ୍ଜନ ପାଣି ଓ ଶିଷ୍ୟ ପ୍ରଶିଶ୍ୟାଙ୍କ ହିନ୍ଦୋଳ ରାଗରେ ରଚିତ 'ଶ୍ୟାମ ମୋସେ ଖେଲୋନା ହୋରି' ପରିବେଶକୁ ଅତ୍ୟନ୍ତ ମନ୍ତ୍ରମୁଗ୍ଧ କରି ରଖିଥିଲା। ଏହାପରେ ଦେଶ୍ ରାଗକୁ ଦୃତ ଖେୟାଲରେ ନିବେଦିତା, ସୁକନ୍ୟା, ଅଭିଷେକ, ରୂପେସ ଦଳଗତ ଭାବେ ପରିବେଷଣ କରିଥିଲେ। ଅନୁଷ୍ଠାନର ସେକ୍ରେଟାରୀ ମନୋଜ ଦାସ ରାଗ ଦରବାରୀ ପରିବେଷଣ କରିଥିବାବେଳେ ଶିଳ୍ପୀ ସାଇଶ୍ରଦ୍ଧା, ଅର୍ଚ୍ଚିତା ଏବଂ ମୋନାଲିସା ଦୁର୍ଗା ରାଗ ଗାୟନ କରିଥିଲେ। ତାଙ୍କପରେ ବନାରସର ଗ୍ୱାଲିୟର ଘରାନାର ସଙ୍ଗୀତଜ୍ଞ ପ୍ରଫେସର ଡ. ସୁରବନ୍ଦନା ଶର୍ମାଙ୍କ ବିଭିନ୍ନ ବନ୍ଦିସ୍ ଗାୟକୀ ଶ୍ରୋତାଙ୍କୁ ବିଭୋର କରିଥିଲା। ଶେଷରେ ପଣ୍ଡିତ ଡ. ପାଣିଙ୍କ ବିଲମ୍ବିତ୍ ଲୟରେ ରାଗ ଚନ୍ଦ୍ରକୋଁଶ୍ ଗାୟନ ଅତ୍ୟନ୍ତ ଚମତ୍କାର ଥିଲା। ଏହି ଅବସରରେ ସାହିତ୍ୟିକା ଡ. ଶକୁନ୍ତଳା ବଳିଆରସିଂଙ୍କୁ 'ଗୁରୁ ଗୀତାଞ୍ଜଳି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ମଧୁସ୍ମିତାଙ୍କୁ 'ସଙ୍ଗୀତ ସାଧନା' ସମ୍ମାନ ପ୍ରଦାନ କରାଯାଇଥିଲା। ତବଲାରେ ଗୁରୁ ରତ୍ନାକର ପୃଷ୍ଟି, ଗୁରୁ ସୀତାଂଶୁ ଷଡଙ୍ଗୀ, ଭୀମସେନ୍ ପରିଡା ଏବଂ ହାରମୋନିୟମ୍‌ରେ ଆକାଶ ବିଶ୍ୱାଳ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁକୁଳ ଗୀତାଞ୍ଜଳିର ବିଦ୍ୟାର୍ଥୀ ଡ. ସ୍ଥିତପ୍ରଜ୍ଞା ସଞ୍ଚାଳନ କରିଥିଲେ।

# ୪୧୪ ବର୍ଷ ବାମ୍ଫିର ପୁନରୁଦ୍ଧାର ଆରମ୍ଭ

କଟକ ଅଫିସ,୨୨।୧

କଟକ ସହର ବିଦ୍ୟାଧରପୁର ଅଞ୍ଚଳରେ ଥିବା ପ୍ରାୟ ୪୧୪ ବର୍ଷ ପୁରୁଣା ଐତିହାସିକ ବାମ୍ଫିର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଛି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ। ଏହି ବାମ୍ଫିଟିର ସନ୍ଧାନ ଗତବର୍ଷ ନଭେମ୍ବରରେ ଇନ୍‌ଟାକ ସଦସ୍ୟ ଐତିହ୍ୟ ଗବେଷକ ଦୀପକ କୁମାର ନାୟକଙ୍କ ଦ୍ୱାରା ହୋଇଥିଲା। ସଦସ୍ୟ ନାୟକଙ୍କ ନେତୃତ୍ୱରେ କଟକର ୨ ସାମାଜିକ ସଂଗଠନ ସିଲଭର ସିଟି କଟକ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ଓ ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ସଦସ୍ୟମାନେ ଅବହେଳିତ ହୋଇପଡିରହିଥିବା ଏହି ପୁରାତନ ବାମ୍ଫିଟିର ଆଖପାଖ ଅଞ୍ଚଳର ସଫେଇ କାର୍ଯ୍ୟ କରିଥିଲେ। ବାମ୍ଫିରେ ଥିବା ଦ୍ୱିଭାଷୀ ଶିଳାଲେଖର ପରୀକ୍ଷଣ କରି ନାୟକ ଏହି ବାମ୍ଫି ପ୍ରାୟ ୪୧୪ ବର୍ଷ ପୁରୁଣା ବୋଲି କହିଥିଲେ। ଏହା ବକ୍ସି ମହମ୍ମଦ ତାହିର ନାମକ ଜନୈକ ବ୍ୟକ୍ତିଙ୍କ ଦ୍ୱାରା ଖୋର୍ଦ୍ଧା ଭୋଇବଂଶୀୟ ରାଜା ପୁରୁଷୋତ୍ତମ ଦେବଙ୍କ ରାଜତ୍ୱର ୧୨ ଅଙ୍କ ଅର୍ଥାତ୍ ୧୬୦୮/୦୯ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା ବୋଲି ଅଭିଲେଖରୁ ଜଣାପଡୁଛି।



ପୁନରୁଦ୍ଧାର କାର୍ଯ୍ୟବେଳେ ଶିଳାଲେଖ ଯେପରି ସୁରକ୍ଷିତ ରହିବ, ସେଥିପ୍ରତି ଧ୍ୟାନ ଦେବାକୁ ଇନଟାକ ସଦସ୍ୟ ନାୟକ ଗୁରୁତ୍ୱ ଦେଇଛନ୍ତି। ଅନ୍ୟପଟେ ଟ୍ରଷ୍ଟ ସଦସ୍ୟ ଆକାଶ ପଟ୍ଟନାୟକ କହିଛନ୍ତି, ଏହି ପ୍ରାଚୀନ କୂଅଟି କଟକ ପାଇଁ ଐତିହାସିକ। ପୁନରୁଦ୍ଧାର ପରେ ଏହାର ଐତିହାସିକ ଗୁରୁତ୍ୱ ପ୍ରତିପାଦନ ପାଇଁ ଏକ ସୂଚନାଫଳକ ମାଧ୍ୟମରେ ବାମ୍ଫି ସମ୍ବନ୍ଧୀୟ ସମସ୍ତ ଐତିହାସିକ ତଥ୍ୟ ଉପସ୍ଥାପନା କରାଯିବା ଉଚିତ।

## ନାବାଳିକା ଉଦ୍ଧାର, ଯୁବକ ଗିରଫ

ପୁରୀ ଅଫିସ : ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଦାମୋଦର ରୋଡ ବେକ୍ତିକ ସ୍କୁଲ ନିକଟର ରାକେଶ ବାରିକ। ଏ ନେଇ ନଂ.୧୪/୨୩ରେ ମାମଲା ରୁଜୁ ହୋଇଛି। ଗତ ୧୮ ତାରିଖରେ ସେହି ଥାନା ଅଞ୍ଚଳର ଜଣେ ମହିଳା ଥାନାକୁ ଆସି ଅଭିଯୋଗ କରିଥିଲେ କି ତାଙ୍କର ୧୫ବର୍ଷୀୟା ଝିଅକୁ କେହି ଅପହରଣ କରିନେଇଛନ୍ତି। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ନାବାଳିକାଙ୍କୁ ଜଣେ ଯୁବକ କୃଷ୍ଣପ୍ରସାଦ ସୀମାବର୍ତ୍ତୀ ମାଲୁଦ ଅଞ୍ଚଳରେ ରଖିଥିବା ବିଶେଷ ସୂତ୍ରରୁ ଜାଣିଥିଲେ। ପୋଲିସ ସେଠାରୁ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ ଗିରଫ କରିଥିଲେ।

## ସଂକ୍ଷେପରେ

### ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ପିପିଲିର ଶମ୍ଭୁନାଥ ମନୋନୀତ



**ପିପିଲି,୨୨।୧(ଡି.ଏନ୍.ଏ./ସ୍ୱ.ପ୍ର.):** ଆସନ୍ତା ୨୭ ଓ ୨୮ରେ ଉତ୍ତର ପ୍ରଦେଶର ବରେଲିଠାରେ ଅନୁଷ୍ଠିତ ହେବାକୁଥିବା ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ପିପିଲିର ଶମ୍ଭୁନାଥ ସାହୁ ପ୍ରତିନିଧିତ୍ୱ କରିବେ। ଏନେଇ ପୁରୀ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଧବଳେଶ୍ୱର ମହାପାତ୍ର ସୂଚନା ଦେଇଛନ୍ତି। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ଓ ଟାଏକୋଣ୍ଡୋ ଆସୋସିଏଶନ୍ ଅଫ୍ ପୁରୀର ମିଳିତ ଆନୁକୂଲ୍ୟରେ ପୁରୀଠାରେ ଅନୁଷ୍ଠିତ ୩୫ତମ ଓଡ଼ିଶା ରାଜ୍ୟ ଜୁନିୟର କିରୋଗି, ୮ମ ଓଡ଼ିଶା ଜୁନିୟର ପୁମ୍ସି ଟାଏକୋଣ୍ଡୋ ପ୍ରତିଯୋଗିତା ରବିବାର ହୋଇଯାଇଛି। ଏଥିରେ ପିପିଲି ଅଞ୍ଚଳର ପିପିଲି ଟାଏକୋଣ୍ଡୋ ଏକାଡେମୀର ପ୍ରତିଯୋଗୀ ଶମ୍ଭୁନାଥ ଅଂଶଗ୍ରହଣ କରି ୬୩ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରତିଯୋଗିତାରେ ରାଜ୍ୟର ୨୦ଟି ଜିଲାରୁ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୋଚ୍ ନୃସିଂହ ସିଂ ଓ ଉପେନ୍ଦ୍ର ଘଡ଼ାଇଙ୍କ ତତ୍ତ୍ୱାବଧାନରେ ପିପିଲି ଟାଏକୋଣ୍ଡୋ ଏକାଡେମୀ ପାଇଁ ଶମ୍ଭୁନାଥ ସଫଳତା ଆଣିଥିଲେ।

### ପିକ୍ଅପ୍ ଭ୍ୟାନ ଧକ୍କାରେ ବାଇକ୍ ଆରୋହୀ ମୃତ

**ପିପିଲି,୨୨।୧(ସ୍ୱ.ପ୍ର.):** ପିପିଲି -ଜଟଣୀ ମୁଖ୍ୟ ରାସ୍ତା ଭାରତିପୁର ଛକ ନିକଟରେ ରବିବାର ରାତି ୯ଟା ୨୦ରେ ଏକ ପିକଅପ୍ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବଡ଼ କଣ୍ଟି ଗ୍ରାମର ଜିତେନ୍ଦ୍ର ବେହେରା। ଜିତେନ୍ଦ୍ର କୌଣସି କାମରେ ପିପିଲି ଆସି କାମ ସାରି ନିଜ ପଲସର ବାଇକରେ ଜଟଣୀ ମୁଖ୍ୟ ରାସ୍ତା ଦେଇ ଘରକୁ ଫେରୁଥିଲେ। ଭାରତୀପୁର ଛକ ନିକଟରେ ସାମ୍ନା ପଟରୁ ଆସୁଥିବା ପିକଅପ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହେବାରୁ ଜିତେନ୍ଦ୍ର ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ ହେ ମୃତ ଘୋଷଣା କରିଥିଲେ। ଖବରପାଇ ପିପିଲି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ୨ଗାଡିକୁ ଜବତ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛି।

### ଭେଟ୍ରାନ ଏକାଦଶକୁ ହରାଇ ଯୁବ ଏକାଦଶ ବିଜୟୀ

**ଅସ୍ତରଙ୍ଗ,୨୨।୧(ଡି.ଏନ୍.ଏ.):** ଅସ୍ତରଙ୍ଗ ମା' ଶାରଳା ସ୍ପୋର୍ଟିଂ କ୍ଲବ ପକ୍ଷରୁ ନରେନ୍ଦ୍ର ଷ୍ଟାଡିୟମ୍‌ରେ ଆୟୋଜିତ ଟି-୨୦ ମ୍ୟାଚ ରବିବାର ଭେଟ୍ରାନ ଏକାଦଶ ଓ ଯୁବ ଏକାଦଶ ମଧରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଭେଟ୍ରାନ ଏକାଦଶ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରହ୍ଲାଦ ମୁଦୁଲି ୪୧ ରନ୍ କରିଥିଲେ। ଦେବାଶିଷ ପଲାଉରୀ ୨୪ ରନ୍ ଦେଇ ୨ ଉଇକେଟ୍ ନେଇଥିଲେ। ଏହାର ଜବାବରେ ଯୁବ ଏକାଦଶ ୧୩ ଓଭର ୫ ବଲରେ ୨ ଉଇକେଟ ହରାଇ ୯୭ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ମିଥୁନ ବେହେରା ସର୍ବାଧିକ ୪୭ ରନ୍ କରିଥିଲେ। ଦିବାକର ଛାଟୋଇ ୪ ଓଭରରେ ୧୩ ଦେଇ ଗୋଟିଏ ଉଇକେଟ ନେଇଥିଲେ। ନଟକିଶୋର ମହାନ୍ତି ଓ ଭାସ୍କର ନାୟକ ଖେଳ ପରିଚାଳନା କରିଥିଲେ। ମିଡିଆ ସେଲର ଯୁବ ଅଧିକାରୀ ପବିତ୍ର ମହାନ୍ତି ଗଣମାଧମକୁ ସୂଚନା ଦେଉଥିଲେ।

**ଗ୍ଲୋରି ଫେଷ୍ଟ-୨୦୨୩ ଉଦ୍‌ଯାପିତ**

# ଗ୍ଲୋରି କୁଇନ୍ ମୁକୁଟ ପିନ୍ଧିଲେ ପୂଜା ବିଶ୍ୱାସ

**ପୁରୀ ଅଫିସ,୨୨।୧**

ଶ୍ରୀକ୍ଷେତ୍ରର ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ୩ଦିନ ଧରି ବେଳାଭୂମିରେ ଚାଲିଥିବା 'ଗ୍ଲୋରି ଫେଷ୍ଟ-୨୦୨୩' ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ମନ୍ତ୍ରୀ ରୀତା ସାହୁ, ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ କାର୍ଯ୍ୟକାରୀ ନିର୍ଦ୍ଦେଶକ ତନୟା ପଟ୍ଟନାୟକ, ହୋଲି ସ୍ୱସ୍ତିକ ପ୍ରାଇଭେଟ ଲିମିଟେଡ ଏମ୍. ପ୍ରଭାସ ମହାନ୍ତି, ଆଇନଜୀବୀ ବିଭୂ ତ୍ରିପାଠୀ, ହୋଟେଲିଅର ରାଜକିଶୋର ପାତ୍ର ଯୋଗଦେଇଥିଲେ। ଏହି ଦିବସର ମୁଖ୍ୟ ଆକର୍ଷଣ ଥିଲେ ସାରେଗାମାପା ବିଜେତା ତଥା ବଲିଉଡ କଣ୍ଠଶିଳ୍ପୀ ଅନିକ ଧର୍ ଓ ଲୋପାମୁଦ୍ରା। ଏମାନଙ୍କ ଗୀତରେ ଦର୍ଶକମାନେ ଝୁମିଥିଲେ। ବେଳାଭୂମିର ଶୀତୁଆ ସନ୍ଧ୍ୟାକୁ ଅନିକଙ୍କ ଗୀତ ଦର୍ଶକଙ୍କୁ ମୋହିତ କରିଥିଲା। କାର୍ଯ୍ୟକ୍ରମକୁ ଆଙ୍କର ପିୟୂଷ ସଂଯୋଜନା କରିଥିଲେ। ତେବେ ହାଇଟେକ୍ କଲେଜ୍ ଅଫ୍ ନର୍ସିଂର ଛାତ୍ରୀ ପୂଜା ବିଶ୍ୱାସ ଚଳିତବର୍ଷ ଗ୍ଲୋରି କୁଇନ-୨୦୨୩ ମୁକୁଟ ପିନ୍ଧିଛନ୍ତି। ଗ୍ଲୋରି କୁଇନ୍ ପ୍ରଥମ ରନର୍ସଅପ ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ଛାତ୍ରୀ ମିନୁ ଭୋଇ, ରାଉରକେଲାର ସରକାରୀ କଲେଜ ଛାତ୍ରୀ ଜାନଭି ପ୍ରଜ୍ଞାପ୍ତି ଦ୍ୱିତୀୟ ରନର୍ସଅପ ସ୍ଥାନ ହାସଲ କରିଛନ୍ତି। ଏହାସହ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଦଳଗତ ଚମ୍ପିୟନ ଟ୍ରଫି ହାତେଇଥିବାବେଳେ ସେହି ବିଶ୍ୱବିଦ୍ୟାଳୟର କ୍ଷୀତିଜ ମିଶ୍ର ଟ୍ୟାଲେଣ୍ଟ ଅଫ୍ ଦି ଇୟର ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଟିମ୍‌କୁ ଶୃଙ୍ଖଳିତ ଦଳ ଭାବେ କରାଯାଇଛି। ଏହାସହ ଅନ୍ୟାନ୍ୟ ୧୪ଟି ବିଭାଗରେ ଅନୁଷ୍ଠିତ ହୋଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଛି।

ଉତ୍ସବରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ କ୍ୟାମ୍ପସ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜି.ଏମ ଆଇନ ମହାବିଦ୍ୟାଳୟ, ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ, ଆଞ୍ଚଳିକ କଲେଜ ଢେଙ୍କାନାଳ ହାଇଟେକ କଲେଜ ଅଫ ନର୍ସିଂ, ହାଇଟେକ ସ୍କୁଲ ଅଫ ନର୍ସିଂର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ତଥା ଗ୍ଲୋରି ଫେଷ୍ଟ-୨୦୨୩ର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜୟନ୍ତ ଷଡଙ୍ଗୀ, ଆୟୋଜକ କମିଟି ଅଧ୍ୟକ୍ଷ ଶୁଭାଶିଷ ଖୁଣ୍ଟିଆ, ଅର୍ଥ କମିଟିର ଅଧ୍ୟକ୍ଷ ଗୌରହରି ପ୍ରଧାନ, ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ ମହାନ୍ତି, ଉପାଧ୍ୟକ୍ଷ ରାକେଶ ସାମଲ, ଯୁଗ୍ମ-ଉପାଧ୍ୟକ୍ଷ ହରପ୍ରସାଦ ବିଶ୍ୱାଳ, ବିଦ୍ରୋହ କେଶରୀ ସିଂ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ କାନୁନ୍‌ଗୋ, ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ଦାମୋଦର ଶତପଥୀ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ନାଥ କଟିସ, ସାମ୍ବାଦିକ ପ୍ରଦ୍ୟୁମ୍ନ ସାଥୁଆ ଓ ସୌମିତ୍ର ହରିଚନ୍ଦନ, ସମାଜସେବା ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ସଦସ୍ୟ ସଞ୍ଜୀବ ରଥଶର୍ମା, ଆଲୋକ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।



'ଗ୍ଲୋରି ଫେଷ୍ଟ-୨୦୨୩' ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ବିଜୟୀ ପ୍ରାର୍ଥିନୀ।

**ଅନିକ ଧର, ଲୋପାମୁଦ୍ରାଙ୍କ ଗୀତରେ ଝୁମିଲେ ଦର୍ଶକ**




ଏବିଭିପି ପକ୍ଷରୁ ରବିବାର ପୁରୀରେ ଅନୁଷ୍ଠିତ ଜିଲାସ୍ତରୀୟ ସମ୍ମିଳନୀ ଅବସରରେ ବାହାରିଥିବା ଶୋଭାଯାତ୍ରା।

## ଭଲିବଲ: ଇଭିନିଂ କ୍ଲବ ଚାମ୍ପିୟନ

**ପୁରୀ ଅଫିସ,୨୨।୧**

କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ନେହେରୁ ଯୁବ କେନ୍ଦ୍ର ଓ ଜଙ୍ଗଲି କ୍ଲବ୍‌ର ମିଳିତ ସହଯୋଗରେ ପୁରୀ ଜିଲା କ୍ରୀଡ଼ା ଷ୍ଟାଡିୟମରେ ପୁରୀ ସଦର ଭଲିବଲ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ଇନ୍‌ଡୋର ଇଭିନିଂ କ୍ଲବ ଚାମ୍ପିୟନ ହୋଇଥିବା ବେଳେ ମର୍ନିଂ ଭଲି କ୍ଲବ ରନର୍ସ ଅପ୍ ହୋଇଛି। ଉକ୍ତ ପ୍ରତିଯୋଗିତାରେ ପୁରୀ ସଦରର ୮ଟି ଦଳକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ କ୍ରୀଡାବିତ୍ ବଦ୍ରି ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜଙ୍ଗଲି କ୍ଲବ୍‌ର ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, କେନ୍ଦ୍ରର ସଂଯୋଜକ ଜୟଶଙ୍କର ଯୋଶୀ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟ ଅତିଥି ଭାବେ ରମେଶ ପରିଡା, ରାଜେଶ ପାତ୍ର, ଅକ୍ଷୟ ସିଂହ, ବି.ସନ୍ୟାସୀ ପାତ୍ର ଓ କଲ୍ୟାଣ ସିଂହ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଭାବେ ମଧୁସୂଦନ ଦାସ, ଅଲରାଉଣ୍ଡର ପବିତ୍ର ଜେନା, ଶ୍ରେଷ୍ଠ ଲିଫ୍ଟର ଆଦିତ୍ୟ ଜାଲିଓ ଶ୍ରେଷ୍ଠ ସହଯୋଗୀ ଭାବେ ଦିନେଶ ରଣସିଂହଙ୍କୁ ପୁରସ୍କୃତ କରାଯାଇଥିଲା।

## ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ

**ପୁରୀ ଅଫିସ,୨୨।୧**

ସାମନ୍ତ ଚନ୍ଦ୍ର ଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଶାର ଏକ ପ୍ରାଚୀନ ଶିକ୍ଷାନୁଷ୍ଠାନ। ଏହାର ଶୈକ୍ଷିକ ଦକ୍ଷତା, ଛାତ୍ରୀଛାତ୍ର ଗ୍ରହଣ କ୍ଷମତା, ଭୌଗୋଳିକ ଅବସ୍ଥିତ ଓ ପୌରାଣିକ ମହତ୍ତ୍ୱ ଦୃଷ୍ଟିରୁ ଏହା ଏକକ ବିଶ୍ୱବିଦ୍ୟାଳୟ ରୂପେ ମାନ୍ୟତା ଦେବାର ଆବଶ୍ୟକତା ରହିଛି ବୋଲି ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀନବନ୍ଧୁ ସାହୁ କହିଥିଲେ। କଲେଜର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହୁ ଯୋଗଦେଇ କଲେଜର ଗୌରବମୟ ଅତୀତ, ନିଜ ଛାତ୍ର ଜୀବନର ଅଭିଜ୍ଞତା ଓ ସର୍ବୋପରି ଜଣେ ପୁରାତନ ଛାତ୍ର ଭାବେ କଲେଜକୁ ବିଶ୍ୱବିଦ୍ୟାଳୟ ରୂପେ ଘୋଷଣା କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ସୁଜାତା ମିଶ୍ର ସଭାପତିତ୍ୱରେ ଚଳିତ ଶିକ୍ଷା ବର୍ଷରେ ଏକାଧିକ ନୂତନ ସମ୍ମାନ ଓ ସ୍ନାତକୋତ୍ତର ଶ୍ରେଣୀ କାର୍ଯ୍ୟକାରୀ ହୋଇଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ। ଛାତ୍ର ସଂସଦର ଉପଦେଷ୍ଟା ପ୍ରାଧାପିକା ମିନତି ଦାସ ଅତିଥି ପରିଚୟ ଓ ନାଟ୍ୟ ସଂସଦର ଉପଦେଷ୍ଟା ଦିଲୀପ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କଲେଜର ପୁରାତନ ଛାତ୍ର ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର, ହିମାଲୟାନ ଷ୍ଟଡ଼ିର ନିର୍ଦ୍ଦେଶକ ପ୍ରଫେସର ଦୀନବନ୍ଧୁ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ବିଜେଡିର ଗଡ଼ ପୁରୀକୁ ଆହୁରି ସଶକ୍ତ କର'



ବିଜେଡିର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ପୁରୀ ଅଫିସ,୨୨।୧**

ବୀରହରେକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥବଲ୍ଲଭ ଖେଳପଡ଼ିଆରେ ପୁରୀ ସଦର ବିଜୁ ଜନତା ଦଳ ତରଫରୁ ୨୬ ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଛି। ଉତ୍ସବରେ ପୁରୀ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ମହେଶ୍ୱର ମହାନ୍ତି, ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏବଂ ରାଜ୍ୟ କୃଷି, ମତ୍ସ୍ୟ ଓ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ବ୍ଲକ ସଭାପତି ଶ୍ରୀପ୍ରକାଶ ମିଶ୍ର, ନଗର ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ଦଳୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨୦୦୦ ମସିହାରୁ ବିଜେଡି ସରକାରକୁ ଯେପରୀ ଭଲ ପାଇବା ମିଳିଛି । ଆଗାମୀ ୨୦୨୪ ନିବାଚନରେ ସେହିପରି ଭଲ ପାଇବା ଅଞ୍ଚଳ ବାସୀଙ୍କ ପକ୍ଷରୁ ମଳିବ ବୋଲି କହିଥିଲେ। ପୁରୀ ବିଜେଡିର ଗଡ ହୋଇଥିବାରୁ ସଶକ୍ତ କରିବାକୁ କର୍ମୀମାନଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସୁନୀଲ ମହାନ୍ତି, ଭକ୍ତଚରଣ ଦାସ, ସୁରେନ୍ଦ୍ରନାଥ ଦାସ, ଜିଲା ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ସରୋଜ ନାୟକ, ସଭାନେତ୍ରୀ ଶାନ୍ତିଲତା ପ୍ରଧାନ, ବିନୋଦିନୀ ଦାସ, ସସ୍ମିତା ରଥ, ଜିଲା ଛାତ୍ର ସଭାପତି ରାଜେଶ ରଥ, ସୁଧାଂଶୁ ମହାନ୍ତି, ବିଜୟ ମାଝୀ ଉପସ୍ଥିତ ଥିଲେ।

## ଶହୀଦ୍ ବେଙ୍ଗ ପାଣିଆଙ୍କ ବୀରତ୍ୱ ଆଲୋଚନା

**ପୁରୀ ଅଫିସ,୨୨।୧**

ସୀମା ଆନ୍ଦୋଳନରେ ଆତ୍ମବଳୀଦାନ ଦେଇଥିବା ଶହୀଦ ବେଙ୍ଗ ପାଣିଆ ଓରଫ ହରିହର ପଣ୍ଡାଙ୍କ ଶ୍ରାର୍ଦ୍ଧବାର୍ଷିକ ଉତ୍ସବକୁ ଶହୀଦ ବେଙ୍ଗପାଣିଆ ସ୍ମୃତି ସଂସଦ, ଅନୁଷ୍ଠାନ ଆପଣଙ୍କ ସେବାରେ ଏବଂ ଗଦାଧର ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଦ୍ୱାରା ରବିବାର ଅନୁଷ୍ଠିତ ହୋଇଛି। ପ୍ରଥମେ ଶହିଦ ସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ଶହୀଦଙ୍କ ନାମରେ ନାମିତ ବେଙ୍ଗପାଣିଆ ଶିଶୁ ଅଧିକାର କ୍ଲବ୍‌ରେ ପିଲାଙ୍କୁ ଦେଶପ୍ରେମରେ ଉଦ୍‌ବୃଦ୍ଧ ହେବା ପାଇଁ ଆପଣଙ୍କ ସେବାର ଉପଦେଷ୍ଟା ମନୋଜ ରଥ ଆହ୍ୱାନ ଦେଇଥିଲେ। ପରେ ଶହୀଦଙ୍କ ସମ୍ପର୍କରେ ବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଓ ଆମ ରାଜ୍ୟପ୍ରତି ଥିବା କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବେଙ୍ଗପାଣିଆ ସ୍ମୃତି ସଂସଦ ସଭାପତି ଦାମୋଦର ଦାସ, ଅନୁଷ୍ଠାନ ସଭାପତି ଜିତେନ୍ଦ୍ର ମହାପାତ୍ର, ସଂସଦ ଉପସଭାପତି ସ୍ମୃତିରଞ୍ଜନ ପତି, ଗଦାଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାମିଲ ଥିଲେ। ସେହିପରି ସନ୍ଧ୍ୟାରେ ମାର୍କେଶ୍ୱର ସାହିସ୍ଥିତ ସର୍ବମଙ୍ଗଳା ପାଠାଗାରରେ ସ୍ମୃତିସଭା ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇଥିଲେ।

## ଶ୍ରୀମନ୍ଦିର କମାଣ୍ଡରଙ୍କ ନାମରେ ଅଭିଯୋଗ

**ପୁରୀ ଅଫିସ,୨୨।୧**

ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ପୂର୍ବତନ ସଭାପତି ତଥା ନିଯୋଗର ବର୍ତ୍ତମାନର ବୋର୍ଡ ମେମ୍ବର ଦାମୋଦର ମହାସୁଆର ରବିବାର ଶ୍ରୀମନ୍ଦିରର ଜଣେ କମାଣ୍ଡରଙ୍କ ନାମରେ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୨୦ତାରିଖରେ ମହାପ୍ରଭୁଙ୍କ ସକାଳ ମଙ୍ଗଳ ଆଳତି ଚାଲିଥିବା ବେଳେ ଶ୍ରୀମନ୍ଦିର ଜଣେ କମାଣ୍ଡର ୭ରୁ ୮ଜଣ ଲୋକଙ୍କଠାରୁ ଅର୍ଥ ନେଇ ଶ୍ରୀମନ୍ଦିର ଭିତର କାଠ ନିକଟକୁ ନେଉଥିଲେ। ଆଳତି ଚାଲିଥିବାରୁ ପାଳିଆ ସେବକମାନେ ବାରଣ ସତ୍ତ୍ୱେ ନେଇଥିଲେ। ଏ ନେଇ ମହାସୁଆର କମାଣ୍ଡରଙ୍କ ଏପରି କାର୍ଯ୍ୟକୁ ବିରୋଧ କରିବାରୁ ସେ ନାନା କଥା କହିଥିଲେ। ତେଣୁ ଏଭଳି କାର୍ଯ୍ୟ ପାଇଁ ଉକ୍ତ କମାଣ୍ଡରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନା ଦ୍ୱାରସ୍ଥ ହୋଇଛନ୍ତି। ଦାମୋଦର ମହାସୁଆରଙ୍କ ନେତୃତ୍ୱରେ ଆର୍ତ୍ତତ୍ରାଣ ଖୁଣ୍ଟିଆ, ବସନ୍ତ ଖୁଣ୍ଟିଆ, ରାମକୃଷ୍ଣ ପ୍ରତିହାରୀ, ଜୟକୃଷ୍ଣ ମହାସୁଆର, ଦାମୋଦର ଗୁରୁ, ନିଖିଲ ପଣ୍ଡାଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ସେବାୟତ ଉପସ୍ଥିତ ରହି ଅଭିଯୋଗ କରିଥିଲେ।

# ୟୁଟ୍ୟୁବ୍ ଦେଖାଇଲା ରୋଜଗାର ବାଟ

**ପିପିଲି,୨୨।୧(ଡି.ଏନ୍.ଏ.)**

ନିମାପଡ଼ା ଅଞ୍ଚଳର ଯୁବଚାଷୀ ପରେଶ ଗୁରୁ। ସେ ଜଣେ ଡ୍ରାଇଭର ହୋଇଥିବାବେଳ ୟୁଟ୍ୟୁବ ଦେଖି ଚାଷକୁ ପେସା ଭାବରେ ଗ୍ରହଣ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେ ଅଳ୍ପ ଜମିରେ କିଭଳି ଚାଷ କରାଯାଇ ପାରିବ, ସେନେଇ ପରୀକ୍ଷାମୂଳକ ଭାବରେ କଞ୍ଚା କଳା ହଳଦୀ ଚାଷ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏଥିସହ ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ପଦ୍ଧତିରେ ଚାଷ କରି ବେଶ୍ ଲାଭବାନ ହୋଇ ପାରିଛନ୍ତି, ଯାହାକି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି।

ଦିନକୁ ଦିନ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ। ବାତ୍ୟା, ବନ୍ୟା ଭଳି ଦୈବଦୁର୍ବିପାକ ଘଟୁଥିବା ନଜିରକୁ ଆସିଛି। ତେବେ ଏଭଳି ସମୟରେ ଉଚ୍ଚ ଶିକ୍ଷିତ ଯୁବକ ଚାକିରି ପଛରେ ନ ଦୌଡ଼ି ଚାଷକୁ ନିଜର ଜୀବନ ଜୀବିକା ଭାବରେ ଗ୍ରହଣ କରିଛନ୍ତି। ପିପିଲି ବ୍ଲକ ନିକଟବର୍ତ୍ତୀ ନିମାପଡ଼ା ପାର୍ବତୀପୁର ଅଞ୍ଚଳର ପରେଶ ଗୁରୁ ଓରଫ ପପୁଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ପାସ୍। ଜେସିବି ଡ୍ରାଇଭର ଓ ସୁପରଭାଇଜର ଭାବରେ କ୍ୟାରିୟର କରିଥିବା ପରେଶ କିନ୍ତୁ ୟୁଟ୍ୟୁବ ଦେଖି ଚାଷ କରିବାକୁ ଆଗ୍ରହ ଦେଖାଇଥିଲେ। ପରୀକ୍ଷା ମୂଳକ ଭାବରେ ମାତ୍ର ୩ ଡିସିମିଲ ଜାଗାରେ କଳା ହଳଦୀ ଚାଷକୁ ନିଜର ବୃତ୍ତି ଭାବେ ଗ୍ରହଣ କରି ଭଲ ଅର୍ଥ ଉପାର୍ଜନ କରିବାରେ ସକ୍ଷମ ହୋଇପାରିଛନ୍ତି। ଚାଷ କରି ହଜାର ହଜାର ଟଙ୍କା ରୋଜଗାର କରୁଛନ୍ତି।

**ଡ୍ରାଇଭରରୁ ଚାଷୀ ହେଲେ ପରେଶ**



ସେ ପୁଣି ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ସାର ଯଥା ଗୋବର ଖତ, ନିମ ତେଲ, କରଞ୍ଜ ତେଲ ବ୍ୟବହାର କରିଥାନ୍ତି। ଆବଶ୍ୟକ ଅନୁସାରେ ଜମିରେ ବିଭିନ୍ନ ଫସଲ କରନ୍ତି। ଏବେ ଚାଷ ଜମିରେ କଳା ହଳଦୀ ସମେତ କଲିକତା ବରକୋଳି ମଧ୍ୟ ଚାଷ କରିଛନ୍ତି ପରେଶ। ବିଶେଷକରି ଏହି କଳା କଞ୍ଚା ହଳଦୀର ବଜାରରେ ମୂଲ୍ୟ ୧ କେଜି ପ୍ରତି ଅତେଉ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିବାବେଳେ ଏହା ଔଷଧରେ ବ୍ୟବହାର କରାଯାଉଥିବାରୁ ଏହାର ଚାହିଦା ରହିଛି ବୋଲି ସେ କହିଛନ୍ତି। ନିଜ ଜମିରେ ଚାଷ କରି ପରେଶଙ୍କ ଅଞ୍ଚଳରେ ଲୋକପ୍ରିୟତା ବୃଦ୍ଧି ପାଇଛି। ସେପଟେ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ଅନେକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଥିବାବେଳେ ପରେଶଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଗଲେ ସେ ଚାଷରେ ଆହୁରି ଉନ୍ନତି କରିପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି।

## ଶ୍ରୀକ୍ଷେତ୍ରରେ ନେତାଜୀ ଉତ୍ସବ ପାଳିତ

**ପୁରୀ ଅଫିସ,୨୨।୧**

ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ଓ ଉତ୍କଳ ବିକାଶ ଯୁବ ପରିଷଦର ମିଳିତ ସହଯୋଗରେ ରବିବାର ନେତାଜୀ ଉତ୍ସବ ପାଳିତ ହୋଇଛି। ଏ ଅବସରରେ ଅବିନାଶ ମିଶ୍ରଙ୍କ ଆବାହକତାରେ ପରିଚାଳିତ କାର୍ଯ୍ୟକ୍ରମରେ ଝାନ୍ସୀ ରାଣୀ ଲକ୍ଷ୍ମୀବାଇଙ୍କ ଦାୟଦ ଯୋଗେଶ ଝାନ୍ସୀ ୱାଲେ, ଟିପୁସୁଲତାନଙ୍କ ବଂଶଜ ସାହେବ ଯାଦା ମହମଦ ସାହିଦ ଆଲାମ ଓ ତାଙ୍କର ଧର୍ମ ପତ୍ନୀ ମେହେପୂଜା ଖତୁନ ଏବଂ ନେତାଜୀ ଜନ୍ମମାଟି ଯାତ୍ରାର ରାଷ୍ଟ୍ରୀୟ ଆବାହକ ଦେବି ପ୍ରସାଦ ପୃଷ୍ଟି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଭିଆଇପି ରୋଡ଼ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ପାଖରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଦେଇ ଗୋପାଳ ବଲ୍ଲଭ ରୋଡ଼ସ୍ଥିତ ନେତାଜୀ ସଂଗ୍ରହାଳୟକୁ ଯାତ୍ରା କରିଥିଲା। ଏହି ଯାତ୍ରାରେ ଓଡିଶାର ପ୍ରତି ଜିଲାରୁ ଯୁବତୀଯୁବକ, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ସଂଗ୍ରହାଳୟ ବୁଲି ଦେଖି ମୁଗ୍ଧ ହୋଇ ପ୍ରଶଂସା ମଧ କରିଥିଲେ। ଶୋଭାଯାତ୍ରାକାରୀମାନେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ , ଝାନ୍ସୀ ରାଣୀ ଲକ୍ଷ୍ମୀବାଇ, ଟିପୁ ସୁଲତାନ, ଜୟୀରାଜଗୁର, ଚା ଖୁଣ୍ଟିଆ ଅମର ରହେ ଓ ଜୟ ହିନ୍ଦ ଧ୍ୱନି ଦେଇଥିଲେ। ବାହାରେ ଓଡ଼ିଶାକୁ ଜଗନ୍ନାଥ ଧାମ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ମାଟି ଭାବେ ଦେଶବାସୀ ଜାଣନ୍ତି ବୋଲି ଝାନ୍ସୀ ରାଣୀ ଓ ଟିପୁ ସୁଲତାନଙ୍କ ଦାୟାଦ ମତ ଦେଇଥିଲେ।

**ନେତାଜୀ, ଝାନ୍‌ସୀ ରାଣୀଙ୍କ ଦାୟାଦ ଦେଖିଲେ ସଂଗ୍ରହାଳୟ**



ଅସ୍ତରଙ୍ଗ ମା' ଶାରଳା ସ୍ପୋର୍ଟିଂ କ୍ଲବ ପକ୍ଷରୁ ନରେନ୍ଦ୍ର ଷ୍ଟାଡିୟମ୍‌ରେ ରବିବାର ଆୟୋଜିତ ଟି-୨୦ ମ୍ୟାଚରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳି।



ସାଧାରଣତନ୍ତ୍ର ଦିବସ ପାଇଁ ପୁରୀ ଇନ୍‌ଡୋର ଷ୍ଟାଡିୟମଠାରେ ରବିବାର ଛାତ୍ରୀଛାତ୍ରମାନେ ପରେଡ୍ ଅଭ୍ୟାସ କରୁଛନ୍ତି।




ଉତ୍କଳ ବିକାଶ ଯୁବ ପରିଷଦ ଓ ନେତାଜୀ ଯୁବକ ସଂଘ ପକ୍ଷରୁ ପୁରୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଗୃହରେ ଟିପୁ ସୁଲତାନ ଓ ରାଣୀ ଲକ୍ଷ୍ମୀବାଇଙ୍କ ଦାୟାଦଙ୍କ ଉପସ୍ଥିତିରେ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି।।

# ଏପଟେ ଝଲସୁଛି, ସେପଟେ ଅନ୍ଧାର

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ହକି ବିଶ୍ୱକପ୍‌କୁ ନେଇ କଳିଙ୍ଗ ଷ୍ଟାଡିୟମ୍ ଓ ଆଖପାଖ ଅଞ୍ଚଳ ରଙ୍ଗିନ ଆଲୋକମାଳାରେ ଝଲସୁଛି। ସେପଟେ ଉତ୍‌ଫେଷ୍ଟ ଆୟୋଜିତ ହେଉଥିବା ୟୁନିଟ୍-୩ ଅଞ୍ଚଳର ଆଲୋକୀକରଣ ଆଖି ଝଲସେଇ ଦେଉଛି। ତେବେ ଆଲୋକର ଆବଶ୍ୟକତା ରହିଥିବା ସହରର ଅନେକ ଅଞ୍ଚଳ ଏବେ ବି ଅନ୍ଧାର ଘେରରେ ରହିଛି। ସହରର ଅନେକ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘଦିନ ଧରି ଅଚଳ ରହିଛି। ଜୟଦେବ ବିହାର ଅଞ୍ଚଳକୁ ଚିକ୍‌ମିକ୍ ଆଲୋକରେ ସଜାଯାଇଥିବାବେଳେ ଜୟଦେବ ବାଟିକା ଅଞ୍ଚଳରେ ମାସ ମାସ ଷ୍ଟ୍ରିଟ୍ ଲାଇଟ୍ ମରାମତି କରାଯାଉ ନାହିଁ। ଖଣ୍ଡଗିରି ଜୟଦେବ ବାଟିକା ମୁଖ୍ୟ ଫାଟକ ନିକଟରୁ ଆମ୍ରି ହସ୍ପିଟାଲ ପର୍ଯ୍ୟନ୍ତ ଓ ଜଗମୋହନ ନଗର ଛକରୁ ଆଜାଦ ମାର୍ଗ ପର୍ଯ୍ୟନ୍ତ ହାତଗଣତି କେତୋଟି ଷ୍ଟ୍ରିଟ୍ ଲାଇଟ୍‌କୁ ବାଦ ଦେଲେ ଅଧିକାଂଶ ଅଚଳ ରହିଥିବାରୁ ଏସବୁ ଅଞ୍ଚଳ ଅନ୍ଧାର ରହୁଛି। ଲକ୍ଷ୍ମୀସାଗର ଅଞ୍ଚଳରୁ ମଧ ସମାନ ଅଭିଯୋଗ ଆସୁଛି। କେତେକ ଷ୍ଟ୍ରିଟ୍ ଲାଇଟ୍ ଦିନରାତି ଧପ୍‌ଧପ୍ ହୋଇ ଜଳୁଛି। ସେହିପରି ଜାତୀୟ ରାଜପଥ ଓଭର ବ୍ରିଜ୍ ଉପରେ ମଧ ଅନେକ ସ୍ଥାନରେ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। କେତେକ ଇଲେକ୍ଟ୍ରି ଖୁଣ୍ଟରେ କୌଣସି ବିବରଣୀ ନ ଥିବାରୁ ଅଭିଯୋଗ କରିବାରେ ମଧ ସମସ୍ୟା ହେଉଥିବା ଅଞ୍ଚଳବାସୀ କହିଛନ୍ତି।


ଆଲୋକମାଳାରେ କଳିଙ୍ଗ ଷ୍ଟାଡିୟମ୍ ରାସ୍ତା ।


ଅନ୍ଧାରରେ ଥିବା ଖଣ୍ଡଗିରି ଜୟଦେବ ବାଟିକା ମୁଖ୍ୟ ଫାଟକ ନିକଟରୁ ଆମ୍ରି ହସ୍ପିଟାଲ ରାସ୍ତା ।

## ପିଚୁକଲେ, ଖୋଳିଦେଲେ



ଭୁବନେଶ୍ୱର,୨୨।୧(ବ୍ୟୁରୋ)

### ଅର୍ଥ ବରବାଦ୍

ରବି ଟକିଜ୍‌ରୁ ଭାସ୍କରେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଦୀର୍ଘଦିନ ଧରି ଅସଜଡ଼ା ହୋଇ ପଡ଼ିରହିଥିଲା। ବର୍ଷ ବର୍ଷ ଧରି ଖାଲଖମା, ଧୂଳି ଭିତରେ ଲୋକେ ଯିବା ଆସିବା କରୁଥିଲେ ମଧ ପ୍ରଶାସନ ନିଦାବିଷ୍ଟୁ ସାଜିଥିଲା। ହେଲେ ହକି ବିଶ୍ୱକପ୍ ପାଇଁ ମରାମତି କାମ କିଛିଟା ଆଗେଇଥିଲା। ପିଚୁ ବି ପଡ଼ିଲା। ହେଲେ ଠିକ୍ ଢଙ୍ଗରେ ପିଚୁ କରାଯାଇ ନ ଥିବା ଏବେ ଅଭିଯୋଗ ଉଠୁଛି। ଫଳରେ ପିଚୁ ପଡ଼ିବାର ମାତ୍ର ସପ୍ତାହେ ନ ପୂରୁଣୁ ଖୋଳାଖୋଳି ଆରମ୍ଭ ହୋଇଯାଇଛି। କାରଣ ଏହି ରାସ୍ତା ଦେଇ ଯାଇଥିବା ପାନୀୟ ଜଳ ଲାଇନ୍‌ର ମରାମତି କାମ ସରି ନ ଥିବାବେଳେ ତରବରିଆ ଭାବେ ପିଚୁ ଢାଳି ଦିଆଗଲା। ପିଚୁ ଆସ୍ତରଣ ତଳେ ପାଣି ଲାଇନ୍‌ରେ ମରାମତି ପାଇଁ ବାଲି ଭର୍ତ୍ତି ଅଖା ରଖିଦିଆଯାଇଥିଲା। ବର୍ତ୍ତମାନ ଶାବଳରେ ପିଚୁ ଖୋଳି ଏହି ବାଲି ବସ୍ତା ବାହାର କରାଯାଉଥିବା ନିୟୋଜିତ ଶ୍ରମିକମାନେ କହିଛନ୍ତି। ପିଚୁ ପକା କାମ ଚାଲିଥିବାବେଳେ ଏପଟେ ଉକ୍ତ ରାସ୍ତାର ଏକାଧିକ ସ୍ଥାନରେ ସମାନ ଢଙ୍ଗରେ ଏପରି ଖୋଳା ଚାଲିଛି। ଲୋକଙ୍କ ଅର୍ଥକୁ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀମାନେ ବରବାଦ୍ କରୁଥିବା ଅଭିଯୋଗ ଆଣି ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଯାତ୍ରା ପେଣ୍ଡାଲ, ପାର୍କିଂ ପ୍ରସ୍ତୁତି ଦେଖିଲେ ମେୟର



ଭୁବନେଶ୍ୱର, ୨୨।୧ (ବ୍ୟୁରୋ)

### ଖଣ୍ଡଗିରି କୁମ୍ଭମେଳା ତତ୍ପରତା

ଆସନ୍ତା ୨୮ ତାରିଖ ଶନିବାରଠାରୁ ଆରମ୍ଭ ହେଉଛି ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା। ଏଥିପାଇଁ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। କରୋନା ପାଇଁ ଦୀର୍ଘ ୨ବର୍ଷ ଧରି କଟକଣା ପରେ ଏଥର ମେଳାରେ ଯାତ୍ରା ପରିବେଷଣ ପାଇଁ ଅନୁମତି ମିଳିଛି। ତେଣୁ ଏହାକୁ କିପରି ସୁବ୍ୟବସ୍ଥିତ ଓ ସୁରୁଖୁରୁରେ କରାଯିବ ସେ ନେଇ ବିଏମ୍‌ସି ତତ୍ପର ହୋଇଉଠିଛି। ରବିବାର ମେୟର ସୁଲୋଚନା ଦାସ ଖଣ୍ଡଗିରି ଯାତ୍ରା ପେଣ୍ଡାଲର ପ୍ରସ୍ତୁତି ବୁଲି ଦେଖିଥିଲେ। ମୋଟ୍ ୬ଟି ଯାତ୍ରାକୁ ଅନୁମତି ମିଳିଥିବାରୁ ଏଥିପାଇଁ ୬ଟି ପେଣ୍ଡାଲର ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିସହ ଗାଡ଼ି ପାର୍କିଂ ପାଇଁ ୪ଟି ସ୍ଥାନ ଚିହ୍ନଟ ହୋଇ ଥିବାବେଳେ ତାହାର ମଧ ସମୀକ୍ଷା କରିଥିଲେ। ସୁରକ୍ଷା ପାଇଁ ସିସିଟିଭି ଲଗାଇବା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ।

ଯାତ୍ରାକୁ ନେଇ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଯାତ୍ରା ଦଳର ମାଲିକ, କଳାକାର ଓ କର୍ମକର୍ତ୍ତା ସମସ୍ତେ ଉତ୍ସାହିତ ଅଛନ୍ତି। ତେଣୁ ଖଣ୍ଡଗିରି ମେଳା ଏବଂ ଯାତ୍ରା କିପରି ସୁରୁଖୁରୁରେ ଅନୁଷ୍ଠିତ ହେବ, ଲୋକମାନେ କିପରି ସୁବିଧାରେ ଏହାର ମଜା ଉଠାଇ ପାରିବେ ସେ ନେଇ ଦୃଷ୍ଟି ଦିଆଯାଉଛି। ମେୟରଙ୍କ ଏହି ଗସ୍ତ ସମୟରେ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ (କ୍ରୀଡ଼ା ଓ ଶିକ୍ଷା) ମିହିର ରାଉତ, ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ଦିଲୀପ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ସହର ଗଳିରେ ଆବର୍ଜନା ଦୁର୍ଗନ୍ଧ

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱରର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଉଥିବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ କୁହାଯାଉଛି। ସହରର ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ କଥା ବଖାଣୁଛି। ରାଜଧାନୀର ପ୍ରମୁଖ ରାସ୍ତା ଓ ଛକଗୁଡ଼ିକୁ ବାଦ୍‌ଦେଲେ ଅଧିକାଂଶ ସ୍ଥାନରେ ଅଳିଆ ଗଦା ହୋଇ ରହିଛି। ଦିନରାତି ସଫେଇଗାଡି ଗୀତ ବଜାଇ ବୁଲୁଥିଲେ ମଧ ବର୍ଜ୍ୟସଂଗ୍ରହ ସଫଳ ହୋଇପାରୁ ନାହିଁ। ଫଳରେ ଏପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ବିଏମ୍‌ସି କାର୍ଯ୍ୟାଳୟରେ ଘନ ଘନ ବୈଠକ ବସୁଛି। ଉପରିସ୍ଥ ଅଧିକାରୀଙ୍କ ଚାପରେ କର୍ମଚାରୀ ବେହାଲ ହେଉଛନ୍ତି। କିନ୍ତୁ ସହରର ସ୍ଥିତି ବଦଳିବା ପରିବର୍ତ୍ତେ ବିଗୁଡୁଛି। ଅସ୍ୱାସ୍ଥ୍ୟକର ପରିବେଶର ସ୍ଥାୟୀ ସମାଧାନ ପରିବର୍ତ୍ତେ କେବଳ ଦୋଷ ଲୁଚାଇବାକୁ ସୌନ୍ଦର୍ଯ୍ୟକରଣକୁ ଢାଲ କରୁଛି ବିଏମ୍‌ସି। ଅଶୋକନଗର, ପଞ୍ଚସଖା ନଗର, ଘାଟିକିଆ, ଖଣ୍ଡଗିରିବାରି, ପାଣ୍ଡରା, ଜିଜିପି କଲୋନୀ, ଲକ୍ଷ୍ମୀସାଗରଠାରୁ ଆରମ୍ଭ କରି ପଟିଆ ଚନ୍ଦ୍ରଶେଖରପୁର ଆଦି ଅଞ୍ଚଳର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଗଦା ହେଉଛି। ଅସ୍ଥାୟୀ ଭାବେ ଅଳିଆ ଗଦା ଯାଉଥିବା ବିଏମ୍‌ସି ପକ୍ଷରୁ ସଫେଇ ଦିଆଯାଉଥିବାବେଳେ ସହର ଗଳିକନ୍ଦି, କଲୋନୀ ଓ ସାହିରୁ ଦୁର୍ଗନ୍ଧ ବାହାରିବା କମୁନି। ଦିନକୁଦିନ ଆବର୍ଜନାର ପରିମାଣ ବଢ଼ିବା ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି।



ଅଶୋକନଗରର ଏକ ରାସ୍ତାରେ ଅଳିଆଆବର୍ଜନା ପଡ଼ିରହିଛି ।

## ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ୨୧ ଜିଲା ବୁଲିଲା ରଥ

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ଦେଶ ପାଇଁ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ବିବେକାନନ୍ଦ କେନ୍ଦ୍ର ପକ୍ଷରୁ ଏକ ସଚେତନତା ରଥ ରାଜ୍ୟର ୨୧ଟି ଜିଲା ଅତିକ୍ରମ କରିଛି। ଡିସେମ୍ବର ୨୫ରୁ ଆରମ୍ଭ ହୋଇଥିବା ଏହି ରଥ ପ୍ରାୟ ୨୦୦୦ କିଲୋମିଟର ଦୂରତା ଅତିକ୍ରମ କରି ଉତ୍କଳ ବିଶ୍ୱବିଦ୍ୟାଳୟରେ ପହଞ୍ଚିଛି। ଏହି ଉପଲକ୍ଷେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିବେକାନନ୍ଦ କେନ୍ଦ୍ରର ଉପସଭାପତି ପଦ୍ମଶ୍ରୀ ନିବେଦିତା ଭିଡ଼େ ମୁଖ୍ୟବକ୍ତା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଅଭୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୨ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କରାଯାଇଥିଲା।

# ଗାନ୍ଧୀମାର୍ଗରେ ପରେଡ ଅଭ୍ୟାସ



ଭୁବନେଶ୍ୱର,୨୨।୧(ବ୍ୟୁରୋ):

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ପରେଡ଼ ପାଇଁ ଗାନ୍ଧୀମାର୍ଗରେ ଅଭ୍ୟାସ କରାଯାଇଛି। ପୋଲିସ, ସଶସ୍ତ୍ର ବାହିନୀ, କମାଣ୍ଡୋ, ଆନ୍ଧ୍ର ପୋଲିସର ଗୋଟିଏ ଟ୍ରୁପ, ସିଭିଲିଆନଙ୍କୁ ମିଶାଇ ୪୩ରୁ ଅଧିକ ଟ୍ରୁପ ଅଂଶଗ୍ରହଣ କରିଥିଲେ। ବାଇକ୍‌ରେ ଡେୟାରଡେଭିଲ୍ ଶୋ’ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ସ୍କେଟିଂ ଏକାଡେମୀ ପକ୍ଷରୁ ବିଭିନ୍ନ ପ୍ରକାର ଚିତ୍ତାକର୍ଷକ ପ୍ରଦର୍ଶନ ମଧ କରାଯାଇଥିଲା। ସୋମବାର ଅପରାହ୍ନ ୩ଟା ଏବଂ ୨୪ ତାରିଖ ସକାଳେ ଫୁଲ୍‌ଡ୍ରେସ ଅଭ୍ୟାସ କରାଯିବ। ଚଳିତ ବର୍ଷ ପରେଡ କମାଣ୍ଡିଂ କରିବେ କେସିଙ୍ଗା ଏସ୍‌ଡିପିଓ ଯଶପ୍ରତାପ ଶ୍ରୀମାଳ। ସେ କହିଛନ୍ତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ପରେଡ କମାଣ୍ଡିଂ ପାଇଁ ସୁଯୋଗ ମିଳିଥିବାରୁ ଧନ୍ୟବାଦ ଜଣାଉଛି।

## ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରିବ ଏଆଇଟିୟୁସି

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ରାଜ୍ୟର ଶ୍ରମଜୀବୀଙ୍କ ବିଭିନ୍ନ ଦାବି ପୂରଣ ତଥା ନ୍ୟାୟ ପ୍ରଦାନରେ ଶ୍ରମ ବିଭାଗର ଉଦାସୀନତା ବିରୋଧରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ (ଏଆଇଟିୟୁସି) ଧାରଣାକୁ ଓହ୍ଲାଇବ। ଫେବୃୟାରୀ ୧ ଓ ୨ରେ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ୟୁନିୟନ୍ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ବୋର୍ଡକୁ ପଙ୍ଗୁ କରାଯାଇଥିବା ୟୁନିୟନ୍ ଅଭିଯୋଗ କରିବା ସହ ଶ୍ରମିକ-ବିରୋଧୀ ଶ୍ରମ କୋଡ୍ ବାତିଲ କରିବା, ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଛି। ଏନେଇ ରବିବାର ଖୋର୍ଦ୍ଧା- ଭୁବନେଶ୍ୱର ଏଆଇଟିୟୁସିର ଏକ ପ୍ରସ୍ତୁତି ବୈଠକ ୟୁନିଟ୍-୯ସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସୁର ଜେନାଙ୍କ ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ଶ୍ରୀକୃଷ୍ଣ ପଟ୍ଟନାୟକ ବିବରଣୀ ପାଠ କରିଥିବାବେଳେ ଏଆଇଟିୟୁସିର ସାଧାରଣ ସମ୍ପାଦକ ବିଜୟ ଜେନାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଶୈଳଶ୍ରୀବିହାର ନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି

ଭୁବନେଶ୍ୱର,୨୨।୧(ବ୍ୟୁରୋ):

### ମା’ଙ୍କ ସୁନା ଚିତା, ରୁପା ଆଖି ତାଡ଼ିନେଲେ, ହୁଣ୍ଡି ଭାଙ୍ଗି ଟଙ୍କା ନେଇଗଲେ

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ନୀଳକଣ୍ଠେଶ୍ୱର ରାଧାମାଧବଜୀଉ ମନ୍ଦିରରୁ ଚୋରି ହୋଇଛି। ଶନିବାର ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ଗ୍ରିଲ କାଟି ମା’ ବିମଳାଙ୍କ ସୁନା ଚିତା, ରୁପା ଆଖି ଓ ମା’ ଲକ୍ଷ୍ମୀଙ୍କ ସୁନା ଚିତା ଏବଂ ନୀଳକଣ୍ଠେଶ୍ୱର ହୁଣ୍ଡିର ତାଲା ଭାଙ୍ଗି ପ୍ରାୟ ୧୫ ହଜାର ଟଙ୍କା ନେଇଯାଇଛନ୍ତି। ମନ୍ଦିର ପରିସରରେ ଲାଗିଥିବା ସିସିଟିଭିରେ ଚୋରି ସମୟର ପୂରା ଦୃଶ୍ୟ ରହିଛି। ଅଭିଯୁକ୍ତ ଜଣଙ୍କ ମୁହଁରେ କପଡ଼ା ବାନ୍ଧି ଚୋରି କରିଥିବା ପରିଚାଳନା ସମିତି ସଭାପତି ମଦନମୋହନ ଭୂୟାଁ କହିଛନ୍ତି। ରବିବାର ମନ୍ଦିର ପରିଚାଳନା ସମିତି ସମ୍ପାଦକଙ୍କ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ମଧ ଫିଙ୍ଗର୍ ପ୍ରିଣ୍ଟ ସହ ଏକାଧିକ ନମୁନା ସଂଗ୍ରହ କରିଛି। ରାତି ପ୍ରାୟ ୧ଟା ୩୦ରୁ ୧ଟା ୫୦ ମଧ୍ୟରେ ଏହି ଚୋରି ହୋଇଥିବାବେଳେ ଫେଜ୍-୨ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଲାଗି ରହିଥିବା ମନ୍ଦିର ପାଚେରି ଡେଇଁ ଅଭିଯୁକ୍ତ ଜଣକ ଆସିଥିବା ଓ ଚୋରି ପରେ ସେହିବାଟେ ଚମ୍ପଟ ମାରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ତେବେ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଅଶ୍ୱିନୀ ଜେନା କହିଛନ୍ତି। ସୂଚନା ଅନୁଯାୟୀ, ମନ୍ଦିର ପୂଜକ ହେବିଲି ଦାସ ପୂଜା କରିବାକୁ ଆସିଥିବାବେଳେ ବିମଳା ଓ ଲକ୍ଷ୍ମୀ ମନ୍ଦିରର ଗ୍ରୀଲ କଟାଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ମନ୍ଦିର କର୍ମକର୍ତ୍ତାଙ୍କୁ ଡାକି ଜଣାଇବା ପରେ ପୂରା ଘଟଣା ଜଣାପଡିଥିଲା।

# ‘ଶ୍ରୀଜଗନ୍ନାଥ ଚେତନାରେ ବୈଷ୍ଣବ ତତ୍ତ୍ୱ’ ଜାତୀୟ ପାଠଚକ୍ର

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରବିବାର ‘ଶ୍ରୀଜଗନ୍ନାଥ ଚେତନାରେ ବୈଷ୍ଣବ ତତ୍ତ୍ୱ’ ଆଧାରିତ ଜାତୀୟ ପାଠଚକ୍ର ବୁଦ୍ଧମନ୍ଦିରଠାରେ ଆୟୋଜିତ ହୋଇଥିଲା। ଅନୁଷ୍ଠାନ ସଭାପତି ପ୍ରଫେସର ନିତ୍ୟାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ପୁରୀ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ଡାକ୍ତର ଅଶୋକ ମହାପାତ୍ର, ଡ. ବ୍ରଜ କିଶୋର ସ୍ୱାଇଁ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ଡ. ହୃଷୀକେଶ ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଡ. ମଥୁରେନ୍ଦ୍ର ପୃଷ୍ଟି ସମ୍ପାଦକୀୟ ବିବରଣୀ ଓ ଅସିତ ମହାନ୍ତି ଅତିଥି ପରିଚୟ ଦେଇଥିଲେ। ବାବାଜୀ ଚରଣ ସେଠୀ, ଧରଣୀଧର ନାୟକ, ଧ୍ରୁବଚରଣ ନାୟକ ଓ ପ୍ରତିମାରାଣୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦ ଉପସଭାପତି ରାଧାଶ୍ୟାମ ପାତ୍ର ଧନ୍ୟବାଦ, ଭାଗବତ ପଣ୍ଡା ଓ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। ହରିହର କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଅଧିବେଶନକୁ ଦୁର୍ଗାମାଧବ ନନ୍ଦ ଓ ଅସିତ ମହାନ୍ତି ପରିଚାଳନା କରିଥିଲେ। ୨୪ଜଣ ଗବେଷକ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ପ୍ରଫେସର ନିତ୍ୟାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଶ୍ରୀମନ୍ଦିର ଛତିଶା ନିଯୋଗର ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ପ୍ରଫେସର ଡ.ସୁରେନ୍ଦ୍ରନାଥ ଦାଶ ଓ ଧ୍ରୁବଚରଣ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ରାଧାଶ୍ୟାମ ପାତ୍ର ଧନ୍ୟବାଦ ଦେଇଥିଲେ।




# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨୨।୧(ବ୍ୟୁରୋ):

- ଜିଆର୍‌ପିର ଛାନ୍‌ଭିନ୍
- ଟଙ୍କା ନ ଥିବାରୁ ଗାଁକୁ ନେଇପାରିଲେନି ଶବ

ଭୁବନେଶ୍ୱର ପଳାଶପଲି ନିକଟସ୍ଥ ରେଳଧାରଣାରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ରେଳବାଇ ପୋଲିସ (ଜିଆର୍‌ପି) ଜବତ କରିଥିଲା। ସେ ହେଲେ ଆସାମ ଗୌହାଟିର ହୁସେନ ପରୋଜା(୩୪)। ବେଙ୍ଗାଲୁରୁରୁ ହୁସେନ୍ ଘରକୁ ଯାଉଥିଲେ। ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଜିଆରପିକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି କ୍ୟାପଟାଲ ହସ୍ପିଟାଲ ପଠାଇଥିଲା। ତେବେ ଯୁବକ ଜଣଙ୍କ ଟ୍ରେନ୍‌ରୁ ଖସି ପଡ଼ିଲେ ନା ତାଙ୍କୁ କିଏ ଠେଲି ଦେଇଛି ତାହାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଅନ୍ୟପଟେ ଟ୍ରେନରେ ଅସମ୍ଭାଳ ଗହଳି ଯୋଗୁଁ ଯୁବକ ଜଣଙ୍କ ଖସି ପଡିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏକ ଅପମୃତ୍ୟୁ ମାମଲା (ନଂ.୨/୨୦୨୩) ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି ବୋଲି ଜିଆରପିର ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି। ହୁସେନଙ୍କର ୫ ବର୍ଷର ଗୋଟିଏ କନ୍ୟାସନ୍ତାନ ଥିଲା ବେଳେ ଦେଢ଼ ବର୍ଷର ଗୋଟିଏ ପୁଅ ଅଛି। ଅତି ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହକୁ ନନେଇ ପ୍ରଦୀପ ଟ୍ରଷ୍ଟ ତରଫରୁ ପରିବାର ଲୋକଙ୍କ ଉପସ୍ଥିତିରେ ପୁରୁଣା ଭୁବନେଶ୍ୱର ଗରାବଡୁ ମଶାଣିରେ ରବିବାର ଶତ୍କାର କରାଯାଇଛି।

ସୂଚନାନୁସାରେ, ବେଙ୍ଗାଲୁରୁରୁ ଆସୁଥିବା ଏକ ଟ୍ରେନରେ ହୁସେନ ୨ଜଣ ସାଙ୍ଗଙ୍କ ସହ ଆସୁଥିଲେ। ପ୍ରବଳ ଗହଳି ଥିବାରୁ ହୁସେନ ଗୋଟିଏ ବଗିରେ ଥିବା ବେଳେ ସାଙ୍ଗମାନେ ଅନ୍ୟ ଏକ ବଗିରେ ଥିଲେ। ଭୁବନେଶ୍ୱର ଷ୍ଟେଶନକୁ ଆଉ ୨ କିମି ପହଞ୍ଚିବାର ଥିଲା। ହେଲେ ତାହା ପୂର୍ବରୁ କୌଣସି ମତେ ହୁସେନ ଟ୍ରେନରୁ ଖସି ପଡିବାରୁ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଶୁକ୍ରବାର ସ୍ଥାନୀୟ ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ।


ମୃତ ହୁସେନ ପରୋଜା ।

## ସଂକ୍ଷେପରେ

### ଏପ୍ରିଲ ୬ରୁ ଜଟଣୀ ପୁସ୍ତକ ମେଳା

**ଜଟଣୀ,୨୨।୧(ଡି.ଏନ୍.ଏ.):** ଆସନ୍ତା ଏପ୍ରିଲ ୬ ତାରିଖରୁ ଆରମ୍ଭ ହେବ ୨୨ତମ ଜଟଣୀ ପୁସ୍ତକ ମେଳା। ରବିବାର ଜଟଣୀ ପୌରାଞ୍ଚଳ ଆନ୍ତର୍ଗତ ଉତ୍ତରାୟଣୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୁସ୍ତକ ମେଳା ସମିତିର କାର୍ଯ୍ୟକାରୀ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମିତିର କାର୍ଯ୍ୟକାରୀ ସଭାପତି କୁମରମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରୀ ବୈଠକରେ ପୁସ୍ତକ ମେଳାର ସଫଳ ରୂପାୟନ ଦିଗରେ ଆଲୋଚନା କରାଯାଇଥିଲା। ସମିତି ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ଡ.ଶଶୀ ରଥ, ଭବାନୀ ମହାପାତ୍ର ପ୍ରମୁଖ ପୁସ୍ତକ ମେଳା ସଫଳତା ଦିଗରେ ମତ ରଖିଥିଲେ। ଆବାହକ ଜବାହରଲାଲ ସୁବୁଦ୍ଧି ପୁସ୍ତକ ମେଳା ସ୍ମରଣିକା ନିମନ୍ତେ ଫେବ୍ରୁୟାରୀ ୧୫ ତାରିଖ ମଧ୍ୟରେ ଲେଖକ, ଲେଖିକା, ଗାଳ୍ପିକ, କବୟିତ୍ରୀ କବିମାନଙ୍କୁ ନିଜ ଲେଖା ପୈଠ କରିବା ପାଇଁ ଅନୁରୋଧ କରିଛନ୍ତି। କିଶୋର ଚନ୍ଦ୍ର ପାଇକରାୟ ଧନ୍ୟବାଦ ଦେଇଥିଲେ।

### ଶକ୍ତିଶଙ୍କର ସଭାପତି, ବିମଳଚନ୍ଦ୍ର ସମ୍ପାଦକ

**ଖୋର୍ଦ୍ଧା ଅଫିସ,୨୨।୧:** ସ୍ଥାନୀୟ ଗୀତାଭବନ ପରିସରରେ ରବିବାର ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ରାଜ୍ୟ ସଭାପତି ଡ.ଉମାଚରଣ ମିଶ୍ର, ସାଧାରଣ ସମ୍ପାଦକ ଡ.ଜଗବନ୍ଧୁ ଷଡ଼ଙ୍ଗୀ ଓ ସହ ସମ୍ପାଦକ ଗୌର ପ୍ରସନ୍ନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମଞ୍ଚର ଆଭିମୁଖ୍ୟ ସମ୍ପର୍କରେ ସଭାପତି ଓ ସାଧାରଣ ସମ୍ପାଦକ ଆଲୋଚନା କରିଥିଲେ। ତେବେ ଖୋର୍ଦ୍ଧା ଜିଲା ମୁଖ୍ୟ ଦପ୍ତରରେ ମଞ୍ଚର ଏକ ଶାଖା ଖୋଲାଯାଇଛି। ଖୋର୍ଦ୍ଧା ଶାଖାର ସଭାପତିଭାବେ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର, ଉପ ସଭାପତି ଜ୍ଞାନରଞ୍ଜନ ଦାସ, ସମ୍ପାଦକ ଭାବେ ସମବାୟବିତ ବିମଳ ଚନ୍ଦ୍ର ଷଡଙ୍ଗୀ, ସହସମ୍ପାଦକ ଦୟାନିଧି ରାଉତରାୟ, କୋଷାଧ୍ୟକ୍ଷଭାବେ ଯୋଗଗୁରୁ ସୀତା କାନ୍ତ ପଣ୍ଡା ମନୋନୀତ ହୋଇଛନ୍ତି। ସେହିପରି କମିଟି ସଦସ୍ୟଭାବେ ମିହିର ବିଧାର, ଶୋଭନ ଘୋଷ, ଦିଗରଜ ମହାନ୍ତି, ହୃଦାନନ୍ଦ ସାହୁ, ନିର୍ମଳ ଚନ୍ଦ୍ର ଦାସ, ଈଶ୍ୱର ଚନ୍ଦ୍ର ମଙ୍ଗରାଜ ପ୍ରମୁଖ ରହିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ମଞ୍ଚର ଦ୍ୱିତୀୟ ବୈଠକ କରାଯିବ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗଦେବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ବିମଳ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

### 'ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମିରେ ନେତାଜୀଙ୍କ ଦର୍ଶନ' ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୨୨।୧:** ସାରା ଓଡ଼ିଶା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ୧୨୫ତମ ଜୟନ୍ତୀ କମିଟି ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ 'ସ୍ୱାଧୀନତା ସଂଗ୍ରାମର ପୃଷ୍ଠ ଭୂମିରେ ନେତାଜୀଙ୍କ ଦର୍ଶନ' ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର କର, ବୈକୁଣ୍ଠ ନାଥ ରାଜଗୁରୁ, ସମ୍ବିତ୍ ପଟ୍ଟନାୟକ, ଡ.ବୃନ୍ଦାବନ ପଣ୍ଡା ଓ ଡ. ନୀଳାଦ୍ରି ନାଥ ଜଗଦ୍ଦେବ ନେତାଜୀଙ୍କ ଜୀବନୀ ଓ ସଂଗ୍ରାମ ଉପରେ ଆଲୋଚନା କରିଥିଲେ। ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ କମିଟିର ସମ୍ପାଦକ ଜୟନ୍ତ କୁମାର ମହାନ୍ତି, ଡ.ଚପଳା ପଣ୍ଡା, ନାରାୟଣ ସୁବୁଦ୍ଧି, ବିଷ୍ଣୁ ପ୍ରସାଦ ମହାପାତ୍ର, ଅନୁପମ୍ ମହାନ୍ତି, ଅବିନାଶ ପ୍ରଧାନ, ରବୀନ୍ଦ୍ର କୁମାର ସାହୁ, କେଶବ ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ଘଡ଼େଇଙ୍କ ସମେତ ବହୁ ଛାତ୍ର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ସ୍ୱାବଲମ୍ବୀ ହେବା ପାଇଁ ମହିଳାଙ୍କୁ ପରାମର୍ଶ

**ବୋଲଗଡ଼,୨୨।୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଭାରତୀୟ ଜନତା ପାର୍ଟି(ଭାଜପା) ପକ୍ଷରୁ ରବିବାର ଟିକାତାଳ ନିକଟ ମୋଟରୀ ପଡିଆରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ଓବିସି ମୋର୍ଚ୍ଚା ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନଙ୍କ ସଂଯୋଜନାରେ ଏଥିରେ ବ୍ଲକ ଅଞ୍ଚଳର ୨୩୫ଟି ଗ୍ରାମର ଭାଜପା ମହିଳା ଓ ପୁରୁଷ କର୍ମୀ ଯୋଗଦେଇଥିଲେ। ଏମ୍ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରବୀନ୍ଦ୍ର ପରିଡା, ରଘୁନାଥ ଷଡଙ୍ଗୀ, ପ୍ରକାଶ ବିଜୁଳି, ବଟକୃଷ୍ଣ ସାହୁ, ରଘୁନାଥ ଷଡ଼ଙ୍ଗୀ, ମନ୍ମଥ ମଲ୍ଲିକ, ସୁମନ୍ତ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଞ୍ଚଗଡ ମଣ୍ଡଳ ସଭାପତି ସୁମନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମୁକୁଳା କୂଅରୁ ଛାତ୍ରଙ୍କ ମୃତଦେହ ମିଳିଲା

- ଖେଳିବାକୁ ଯାଇ ଶନିବାର ଠାରୁ ନିଖୋଜ ଥିଲେ
- ସାଇକେଲ, ଚପଲ ଜବତ

**ଖୋର୍ଦ୍ଧା ଅଫିସ,୨୨।୧**

ଖେଳିବାକୁ ଯାଇ ନିଖୋଜ ଥିବା ଜଣେ ଛାତ୍ରଙ୍କ ମୃତଦେହ ରବିବାର ଏକ ପରିତ୍ୟକ୍ତ ମୁକୁଳା କୂଅରୁ ମିଳିଛି। ମୃତ ଛାତ୍ର ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ପୁରୁସାହିର ଦିବ୍ୟଜ୍ୟୋତି ବେହେରା(୧୧)। କୂଅରୁ ପୋଲିସ ଚପଲ ଓ ସାଇକେଲ ଜବତ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ମୃତକଙ୍କ ଦାଦା ଦିବ୍ୟରଞ୍ଜନଙ୍କ କହିବା ମୁତାବକ, ଶନିବାର ଅପରାହ୍ନରେ ୪ଟାରେ ଦିବ୍ୟଜ୍ୟୋତି ଖେଳିବାକୁ ଯିବାକୁ କହି ସାଇକେଲରେ ଘରୁ ଯାଇଥିଲେ। ୫ଟାରେ ଫେରିଆସିବ କହିଥିଲେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳେ ତାଙ୍କ ଘର ନିକଟ ଏକ ପରିତ୍ୟକ୍ତ କୂଅରେ ମୃତହେଦ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ସଦର ଏସ୍‌ଡିପିଓ ଦିଲୀପ କୁମାର ଦାସ, ଥାନା ଅଧିକାରୀ ତାରିକ୍ ଅହମ୍ମଦ, ଅତିରିକ୍ତ ଆଇଆଇସି କେ.ସି.ସ୍ୱାଇଁ ପ୍ରମୁଖ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତ କରିଥିଲେ। ତେବେ କେଉଁ ପରିସ୍ଥିତିରେ ଦିବ୍ୟଜ୍ୟୋତିଙ୍କ ମୃତ୍ୟୁ ହୋଇଛି ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ତଦନ୍ତ ଚଳାଇଛି।



ପୋଲିସ ଓ ଅଗ୍ନିଶମ କର୍ମଚାରୀ କୂଅରୁ ମୃତଦେହ ଉଦ୍ଧାର କରୁଛନ୍ତି।

## ମେଧାବୀ ଛାତ୍ର ଥିଲେ ଦିବ୍ୟଜ୍ୟୋତି

ଶ୍ରୀଜଗନ୍ନାଥ ଆଶ୍ରମ ବିଦ୍ୟାଳୟର ୫ମ ଶ୍ରେଣୀର ଛାତ୍ର ଥିଲେ ଦିବ୍ୟଜ୍ୟୋତି। ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଦିବ୍ୟଜ୍ୟୋତି ପୁରସ୍କାର ପାଇଁ ବିବେଚିତ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ପରେ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ପ୍ରଧାନଶିକ୍ଷକ ପ୍ରଭାତ ସେନାପତି କୁହନ୍ତି, ସେ ଜଣେ ମେଧାବୀ ଛାତ୍ର ଥିଲେ। ସୁଭାଷ ବୋଷଙ୍କ ଜୟନ୍ତୀ ପାଳନ ଉତ୍ସବକୁ ସ୍ଥଗିତ ରଖାଯିବା ସହ ସମସ୍ତ କାର୍ଯ୍ୟକୁ ବାତିଲ କରାଯାଇଛି। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସ୍କୁଲ ପକ୍ଷରୁ ନୀରବ ପ୍ରାର୍ଥନା କରାଯିବ।

## ମୃତ୍ୟୁକୁ ନେଇ ବଢୁଛି ସନ୍ଦେହ

ଉକ୍ତ କୂଅରେ ୭ରୁ ୮ଫୁଟ ପାଣି ରହିଛି। କୂଅ ଘର ପଛପଟ ଏକ ପାର୍ଶ୍ୱରେ ରହିଥିବା ବେଳେ ଆଗରେ ବିଲ ରହିଛି। କୂଅ ପାର୍ଶ୍ୱରେ ମାଙ୍କଡା ପଥର, କାଠଗଣ୍ଡି ପଡିଛି। କୂଅ ପାଖରେ ଏକ ବାଉଁଶ ଦିଆଯାଇଛି। ତେବେ ଦିବ୍ୟଜ୍ୟୋତି ସାଇକେଲ ଧରି ଏପଟେ କାହିଁକି ଆସିଥିଲା, ଆଗରେ ବାଉଁଶ ବାଡ ରହିଥିବା ବେଳେ ସେ କିପରି କୂଅ ଭିତରକୁ ସାଇକଲ ସହ ଖସିଲା, କୂଅରେ ଖସି ପଡିବା ବେଳେ କିପରି ତାର ଚିତ୍କାର କେହି ଶୁଣିଲେ ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ସଦର ଏସ୍‌ଡିପିଓ ଦାସ କୁହନ୍ତି, ଘଟଣାର ତଦନ୍ତ ଜାରି ରହିଛି। ସମସ୍ତ ଦିଗକୁ ଅନୁଧ୍ୟାନ କରି ତଦନ୍ତ କରାଯିବ।

### ବିଦ୍ୟାମନ୍ଦିରର ୨୩ ତମ ବାର୍ଷିକୋତ୍ସବ

**ଜଟଣୀ,୨୨।୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ବିଶିଆପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଦ୍ୟାଳୟର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ମନ୍ଦିର ସଭାପତି ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଏବଂ ସମ୍ମାନିତ ଅତିଥିଭାବେ ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ସନ୍ତୋଷ ଜେନା ଯୋଗଦେଇଥିଲେ। ଆଜିର ଶିଶୁ କାଲିର ଭବିଷ୍ୟତ। ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ସହିତ ସେମାନଙ୍କର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ କରିବା ଦିଗରେ ଅଭିଭାବକ ଯତ୍ନଶୀଳ ହେବା ଆବଶ୍ୟକ ହୋଇପଡିଛି ବୋଲି ମତପ୍ରକାଶ ପାଇଥିଲା। ବିଦ୍ୟାଳୟ ସମ୍ପାଦକ ସତ୍ୟବାଦୀ ଦାସ ସଭା ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଗୋରାଚାନ୍ଦ ପ୍ରଧାନ ଓ ସମସ୍ତ ଗୁରୁମା' ଗୁରୁଜୀ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



**ବାଲୁଗାଁ:** କାଙ୍କଣଶିଖରୀଠାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଐତିହ୍ୟ ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### କାଙ୍କଣଶିଖରୀରେ ଶ୍ରୀଜଗନ୍ନାଥ ଦିବସ

**ବାଲୁଗାଁ,୨୨।୧(ଡି.ଏନ୍.ଏ.)**

କାଙ୍କଣଶିଖରୀ ଠାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଐତିହ୍ୟ ସମ୍ମିଳନୀ ତଥା ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ରବିବାର ଶ୍ରୀଜଗନ୍ନାଥ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ସଂସ୍କୃତି ଆଲୋଚନା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହାଡୁବନ୍ଧୁ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟର ସଭାପତି ସୁଶାନ୍ତ ସାହୁ ସଭା ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ବାବା ଜଗଦାନନ୍ଦ ଜୀ ମହାରାଜ ଯୋଗଦେଇ 'ଶ୍ରୀଜଗନ୍ନାଥ ଚରିତାମୃତ' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବକ୍ତା ଭାବେ ଦେବେନ୍ଦ୍ର ଦାସ, ଚିଲିକା ତହସିଲଦାର ପ୍ରଦୀପ ସାହୁ, ପୂର୍ବତନ ବିଧାୟକ ରଘୁନାଥ ସାହୁ, ବାବାଜୀ ପଦ୍ମପାଦ ଦାସ, ଅନସୂୟା ମାଆ, ଗୋଲକ ବିହାରୀ ପଟ୍ଟନାୟକ, ସତ୍ୟେନ୍ଦ୍ର ସ୍ୱାଇଁ, ବିଦ୍ୟାଧର ନାୟକ, ଦିଲୀପ ପଟ୍ଟନାୟକ, ପ୍ରଦୋଷ ଦାସ ପ୍ରମୁଖ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଜଗନ୍ନାଥ ସମ୍ମାନରେ ଗବେଷକ ଗୋଲକ ବିହାରୀ ସାହୁ, ସ୍ଥପତି ନମିତା ଦାଶଙ୍କୁ ଶ୍ରୀଜଗନ୍ନାଥ ସେବା ସମ୍ମାନ, ବିଶିଷ୍ଟ ସାମାଜିକର୍ମୀ ଶୋଭାରାଣୀ ରାଉତ ଓ ସୁରଭି ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ସେବା ସମ୍ମାନ ପ୍ରଦାନ ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ବାଲୁଗାଁର ବରିଷ୍ଠ ନାଗରିକ ମଞ୍ଚକୁ ଶ୍ରୀଜଗନ୍ନାଥ ସାରସ୍ୱତ ସମ୍ମାନ ସହିତ ମଞ୍ଚର ସଭାପତି ଡା. ଯୋଗୀନ୍ଦ୍ରନାଥ ସେନାପତିଙ୍କ ସହ ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ୨୦ ଜଣଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ସୁଶାନ୍ତ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରୀତାରାଣୀ ସାହୁ, ଗୌରାଙ୍ଗ ଚରଣ ବାରିକ, ଅଜୟ ଖୁଣ୍ଟିଆ, ପ୍ରମୁଖ ସହଯୋଗ କରିଥିଲେ।

## ଗୋଲାପ ଦେଇ ସଡ଼କ ସୁରକ୍ଷା ସଚେତନତା



**ଜଟଣୀ,୨୨।୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅଧୀନ ପୋଷ୍ଟଅଫିସ ଛକଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ 'ସମ୍ଭାବନା ପରିବାର' ପକ୍ଷରୁ ସଡ଼କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ସନ୍ତୋଷ ହୋତାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ, ବାର୍ ଆସୋସିଏଶନ ସମ୍ପାଦକ ବିଜୟ ମହାପାତ୍ର, ଅଧିବକ୍ତା ଅକ୍ଷାଂଶୁ ଶେଖର ନାୟକ, ଜଗଦୀଶ ପ୍ରସାଦ ଅଗ୍ରୱାଲ, ଅନିଲ କୁମାର ହାତୀ ପ୍ରମୁଖ ଯୋଗଦେଇଥିଲେ। ଲିଫ୍‌ଲେଟ୍, ଚକୋଲେଟ୍ ଏବଂ ଗୋଲାପ ଫୁଲ ବଣ୍ଟନ କରି ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଦେବପ୍ରସାଦ ଦାଶଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମକୁ ଅଧିବକ୍ତା ଅକ୍ଷୟ ଦାସ ପରିଚାଳନା କରିଥିଲେ। ସଙ୍ଗଠନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦାବି ପୂରଣ ନ ହେଲେ ଫେବୃୟାରୀରୁ ଆନ୍ଦୋଳନ

### ବିଦ୍ୟୁତ୍ କର୍ମଚାରୀଙ୍କ ସାଧାରଣ ସମାବେଶ

**ଖୋର୍ଦ୍ଧା ଅଫିସ,୨୨।୧**

ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ଆନୁକୂଲ୍ୟରେ ଖୋର୍ଦ୍ଧା ବ୍ଲକ ଗୁଡୁମଠାରେ ଏକ ସାଧାରଣ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିପିସିଓଡିଏଲ୍‌ର ୨୦ ଡିଭିଜନରେ କାର୍ଯ୍ୟରତ ଶତାଧିକ ଠିକା କର୍ମଚାରୀ ଯୋଗଦେଇଥିଲେ। ବିଦ୍ୟୁତ୍ ବିଭାଗରେ ୧୦ରୁ ୧୫ବର୍ଷ କାର୍ଯ୍ୟ କରିବା ପରେ ମଧ୍ୟ ଠିକା ଶ୍ରମିକଙ୍କୁ ଅଣଦେଖା କରାଯାଉଛି। ଟାଟା ପାୱାର ଓ ରାଜ୍ୟ ସରକାର ଅବହେଳା କରୁଛନ୍ତି। ମାସିକ ୮ରୁ ୧୦ହଜାର ଟଙ୍କାରେ ଦୈନିକ ୧୮ ଘଣ୍ଟା କାର୍ଯ୍ୟ କରୁଥିବା ଉକ୍ତ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ ଶୋଷଣ କରାଯାଉଛି। ଠିକା କର୍ମଚାରୀଙ୍କୁ ପର୍ଯ୍ୟାୟକ୍ରମେ ସ୍ଥାୟୀ, ସମାନ କାମକୁ ସମାନ ଦରମା, ଚାକିରି ସର୍ତ୍ତାବଳୀ, କାର୍ଯ୍ୟକ୍ଷେତ୍ରରେ ଠିକା କର୍ମଚାରୀଙ୍କୁ ସମ୍ମାନ, ଟେକ୍ନିସିଆନ ଗ୍ରେଡ-୩କୁ ୨୮୩୦ ଗ୍ରେଡ ପେ ପ୍ରଦାନ ଲାଗି ସଂଘ ପକ୍ଷରୁ ଦାବି କରାଯାଇଛି। ତୁରନ୍ତ ଉପରୋକ୍ତ ଦାବି ପୂରଣ ଦିଗରେ ଅଣଦେଖା କରାଗଲେ ଆସନ୍ତା ଫେବୃୟାରୀ ମାସରେ ବିଦ୍ୟୁତ କର୍ମଚାରୀଙ୍କୁ ନେଇ ଭୁବନେଶ୍ୱରଠାରେ ମହାସମାବେଶ ସହ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ଲାଗି ସ୍ଥିର କରାଯାଇଛି। ଏହି ସମାବେଶରେ ମହାସଂଘର କାର୍ଯ୍ୟକାରୀ ଅଧ୍ୟକ୍ଷ ଜ୍ଞାନରଞ୍ଜନ ଭୋଇ, ଉପସଭାପତି ଗଗନ ବିହାରୀ ଲେଙ୍କା, ସଙ୍ଗଠନ ସମ୍ପାଦକ ବିସ୍ମୟ ହୋତା, ସମ୍ପାଦକ ପ୍ରଭୁଦତ୍ତ ମିଶ୍ର, ଶାନ୍ତନୁ ମଲ୍ଲିକ, ଅନାଦି ସାହୁ, ସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡା, ସୁଧାଂଶୁ ସାମନ୍ତରାୟ, ଲିଙ୍ଗରାଜ ସାହୁ, ରଶ୍ମିରଞ୍ଜନ ପରିଡା, ଦିଲୀପ କୁମାର ପରିଡା, ପ୍ରିୟରଞ୍ଜନ ସାହୁଙ୍କ ସମେତ ଟିପିସିଡିଏଲ ଠିକା କର୍ମଚାରୀ ସଂଘ ସଭାପତି ପବିତ୍ର ନାୟକ, କାର୍ଯ୍ୟକାରୀ ସଭାପତି ଚିନ୍ମୟ ପଣ୍ଡା, ସମ୍ପାଦକ ରବୀନ୍ଦ୍ର କୁମାର ଦାସ, ସତ୍ୟବ୍ରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଖୋର୍ଦ୍ଧା ଗୁଡୁମଠାରେ ଅନୁଷ୍ଠିତ ସାଧାରଣ ସମାବେଶରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର କର୍ମକର୍ତ୍ତା।

## ବିଦ୍ୟାଳୟ ବିକାଶରେ ସହଭାଗିତାକୁ ଗୁରୁତ୍ୱ



**ଖୋର୍ଦ୍ଧା ଅଫିସ,୨୨।୧**

ଟାଙ୍ଗୀ ଥାନା ଅନ୍ତର୍ଗତ ଦାଶରଥି ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୪ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତି ମନେପକାଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ ନାୟକ ଅତିଥିଭାବେ ଯୋଗଦେଇଥିଲେ। ମୋ' ସ୍କୁଲ ଅଭିଯାନକୁ ତ୍ୱରାନ୍ୱିତ, ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ଲାଗି ଆଲୋଚନା କରାଯାଇଥିଲା। ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ ସମସ୍ତ ବ୍ୟାଚ୍‌ର ପୁରାତନ ଛାତ୍ରଙ୍କୁ ଏକାଠି କରିବାକୁ ନିଷ୍ପତ୍ତି ନିଆଯାଇଥିବା ନରେନ୍ଦ୍ର କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

## ମହାବୀର ଟ୍ରଫି ଜିତିଲା ନାଚୁଣୀ

**ନିରାକାରପୁର,୨୨।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ରାମଚନ୍ଦ୍ରପୁର ପଞ୍ଚାୟତ ଖେଳପଡିଆରେ ମହାବୀର କ୍ରିକେଟ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ନାଚୁଣୀ କ୍ଲବ୍ ଓ ଚାନ୍ଦପୁର କ୍ଲବ୍ ମଧ୍ୟରେ ହୋଇଥିଲା। ଚାନ୍ଦପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ଓଇକେଟ ବିନିମୟରେ ୧୩୦ ରନ୍ ସଂଗ୍ରହ କରିଥିଲା। ଜବାବରେ ନାଚୁଣୀ ଟିମ୍ ଶେଷ ଓଭରରେ ୯ ଉଇକେଟ ବିନିମୟରେ ୧୩୧ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପ୍ରମୋଦ କୁମାର ପ୍ରଧାନ, ଦେବାଶିଷ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତି ମହାପାତ୍ର, ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନଅପ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ବେଣୁଧର ସାହୁ, ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ, ସମୀର କୁମାର ବେହେରା, ପ୍ରଦୀପ ବେହେରା, ସନ୍ତୋଷ କୁମାର ବେହେରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଟିମ୍‌ର ଖେଳାଳି ଏବଂ ଅନ୍ୟମାନେ।

## ଢେଙ୍କାନାଳ ପପୁଲାର କ୍ଲବ ଚାମ୍ପିୟନ

### ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ

**ବୋଲଗଡ,୨୨।୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳି ଗ୍ରାମ ତୁଳସୀବେରେଣା ଖେଳପଡିଆରେ ଚାଲିଥିବା ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ କୋରାପୁଟ ଡିଷ୍ଟ୍ରିକ୍ଟ ଫୁଟବଲ ଆସୋସିଏଶନ ଓ ଢେଙ୍କାନାଳର ପପୁଲାର କ୍ଲବ ମଧ୍ୟରେ ହୋଇଥିଲା। ତେବେ ନିର୍ଦ୍ଧାରିତ ୯୦ ମିନିଟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟାଇବ୍ରେକରରେ ପପୁଲାର କ୍ଲବ ୩-୨ ଗୋଲରେ କୋରାପୁଟ ଡିଷ୍ଟ୍ରିକ୍ଟ ଫୁଟବଲ ଆସୋସିଏଶନକୁ ହରାଇ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଶିବଶଙ୍କର ପଣ୍ଡା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ଚନ୍ଦ୍ରକାନ୍ତ ବାରିକ ଓ ଏମ୍.ଏସ୍.ବେଗ ସହାୟତା କରିଥିଲେ। ଚତୁର୍ଥ ରେଫରିଭାବେ ଶିବ ଦେହୁରି ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂହସାମନ୍ତ, ବିକାଶ ପ୍ରଧାନ, ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ପ୍ରଧାନ, ଡା.ଶତ୍ରୁଘ୍ନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ୩୫ ହଜାର ଟଙ୍କାର ଚେକ ସହ କପ ଏବଂ ରନରଅପ ଟିମ୍‌କୁ ୨୫ ହଜାର ଟଙ୍କା ସହ କପ୍ ଅତିଥିମାନେ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ଫାଇନାଲ, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଓ ଅନ୍ୟାନ୍ୟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏଥିସହ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିବା ବହୁ ଯୁବକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଟୁର୍ନାମେଣ୍ଟକୁ ଗୋପାଳପୁର ପଞ୍ଚାୟତର ଦେଉଳି, ଜାମୁସାହି ନୁଆପଲ୍ଲୀ, ତୁଳସୀବେରେଣା ଓ ପାରିଖେତା ଗ୍ରାମବାସୀ ମିଳିତଭାବେ ଆୟୋଜନ କରିଥିଲେ।




ଅତିଥିଙ୍କ ଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ କପ୍ ଗ୍ରହଣ କରୁଛନ୍ତି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କଟକ ସଦର,(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧକ୍ଷ ଶାରଦା ପ୍ରସନ୍ନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଶିଖିଥିବା ଆତ୍ମରକ୍ଷା କୌଶଳକୁ ଦୈନନ୍ଦିନ ଜୀବନରେ ଅଭ୍ୟାସ କରିବାକୁ ଆହ୍ୱାନ ଦେଇଥିଲେ। ସୂର୍ଯ୍ୟକାନ୍ତି ବିଶ୍ୱାଳ ଓ ଶୁଭଯାନୀ ମହାରଣା ଯୋଗଦେଇ ୧୮୦ ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧାପିକା ବିଷ୍ଣୁପ୍ରିୟା ରାଉତରାୟ, ନମିତା ପଟ୍ଟନାୟକ, ପ୍ରଦୀପ୍ତ କୁମାର ବିଶ୍ୱାଳ, ସ୍ମିତା ମହାନ୍ତି, ସଂଗ୍ରାମ କେଶରୀ ଜଗଦେବ, ପ୍ରଣତୀ ପଟ୍ଟନାୟକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନାବାଳିକା ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

କଟକ ସଦର,୨୨।୧(ଡି.ଏନ୍.ଏ.): ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ୪୨ ମୌଜା ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବସନ୍ତ କୁଣ୍ଡଳ ଗ୍ରାମର ସୌମ୍ୟରଞ୍ଜନ ବେହେରା। ଶନିବାର ଅଭିଯୁକ୍ତ ଜଣକ ସମ୍ପୃକ୍ତ ନାବାଳିକାଙ୍କୁ ଅସଦାଚରଣ କରିବା ସହ ବାଟରେ ଆକ୍ରମଣ କରିବା ପାଇଁ ଉଦ୍ୟମ କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୮/୨୩) ରୁଜୁ କରିଥିଲା।

### ୨ ଦୋକାନ ଜଳିଗଲା

ଚୌଦ୍ୱାର,୨୨।୧(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଚାର୍‌ବାଟିଆ ବଜାରରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଦୁଇଟି ଦୋକାନ ଜଳିଯାଇଛି। ଧରଣୀ ପାଣିଙ୍କ ଜଳଖିଆ ଦୋକାନ ଗ୍ୟାସ୍ ଜଳୁଥିଲା। ହଠାତ୍ ଗ୍ୟାସ୍‌ରୁ ପାଇପ୍ ବାହାରି ଆସି ଦୋକାନରେ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ନିଆଁ ନିକଟସ୍ଥ ଭିକାରୀ ବେହେରାଙ୍କ ଫଳ ଦୋକାନକୁ ବ୍ୟାପି ଯାଇଥିଲା। ଚୌଦ୍ୱାର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଦୋକାନ ଦୁଇଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

### ବିଜେଡି ପ୍ରତିଷ୍ଠା ଦିବସ

ନିଆଳି,୨୨।୧(ଡି.ଏନ୍.ଏ.): ନିଆଳି ବ୍ଲକ ଅଧୀନ ଅଚିହ୍ନାଁ ପଡିଆରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଧାୟକ ପ୍ରମୋଦ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ଦେବୀ ମିଶ୍ର, ପ୍ରଶାନ୍ତ ବେହେରା, କଟକ ଜିଲା ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ପର୍ଯ୍ୟବେକ୍ଷକ ପ୍ରଭାସିନୀ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ ଦଳର କାର୍ଯ୍ୟକାରୀ ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ବଡ଼ୁ, ଯୁବ ବିଜେଡି ନେତା ବିଷ୍ଣୁଚରଣ ସ୍ୱାଇଁ, ଆଦିତ୍ୟ ପାଣି, ପ୍ରଦୀପ ଦାସ, ବିମାନ ବେହେରା, ସରପଞ୍ଚ ବବିତାରାଣୀ ବେହେରା ଉପସ୍ଥିତ ଥିଲେ।

### ସ୍ୱାମିଜୀ ଯୁବକ ସଂଘର ରୌପ୍ୟ ଜୟନ୍ତୀ ସମାରୋହ

କଟକ ସଦର,୨୨।୧(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାସ୍ଥିତ ବରାଳ ଗ୍ରାମ ସ୍ୱାମିଜୀ ଯୁବକ ସଂଘର ରୌପ୍ୟ ଜୟନ୍ତୀ ସମାରୋହ ରବିବାର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମୁଖ୍ୟ ଅତିଥି, ଡ. ପ୍ରତିଭା ରାୟ ମୁଖ୍ୟବକ୍ତା, ଅଭିନେତ୍ରୀ ପୁନମ ମିଶ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରାଞ୍ଜଲ ଜେଠି, ମନୋଜ ନାୟକ ଓ ସମରେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜ୍ୟୋତିଶ୍ରୀ ପତ୍ରିକା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ୪୪ଟି ବିଦ୍ୟାଳୟ ଓ ୫ଟି ମହାବିଦ୍ୟାଳୟର ୪୨୦ ଜଣ ଛାତ୍ରାଛାତ୍ର ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ସଭାପତି ବିରଞ୍ଚି ନାରାୟଣ ଭୂୟାଁ ସଭା ପରିଚାଳନା ଓ ସୁରଜ ବେହେରା ଧନ୍ୟବାଦ ଦେଇଥିଲେ। ସୂର୍ଯ୍ୟ ନାରାୟଣ ଭୂୟାଁ, ମଦନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ଅସ୍‌ଗା ଟିମ୍ ବିଜୟୀ

ଚୌଦ୍ୱାର,୨୨।୧(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ଦୌଲତାବାଦସ୍ଥିତ ଅମରଜ୍ୟୋତି କ୍ଲବ୍ ଆନୁକୂଲ୍ୟରେ ସୁଧାଂଶୁ ଶେଖର ସାହୁ ଓ ସୁଧାକର ମହାପାତ୍ର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଡା. ପ୍ରଦ୍ୟାନନ୍ଦ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଶିକ୍ଷାବିତ୍ ତ୍ରିବିକ୍ରମ ଚରଣ ବେହେରା, ଚନ୍ଦ୍ରଶେଖର ସାହୁ, କାଉନ୍‌ସିଲର ଅଜୟ କୁମାର ବେହେରା, ଆଶୁତୋଷ ଦାସ, କ୍ରୀଡାବିତ୍ ସୁବୋଧ ଜେନା, ଜନ୍ ବେହେରା, ଖବରଦାତା ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କିଶୋର ନଗରର ଅସ୍‌ଗା କ୍ଲବ୍ ଓ ନାରପଡ଼ା ୟଙ୍ଗମ୍ୟାନ୍ ସ୍ପୋର୍ଟିଂ କ୍ଲବ୍ ମଧରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ଏଥିର ଅସ୍‌ଗା ଟିମ୍ ବିଜୟୀ ହୋଇଥିଲା। ରେଫେରି ସଞ୍ଜୀବ ଦାସ, ବ୍ରହ୍ମାନନ୍ଦ ଭୋଇ, ଅମୂଲ୍ୟ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଅମରଜ୍ୟୋତି କ୍ଲବ ସଭାପତି ବିଜୟ କେତନ ଦାସଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନକଲି ଯନ୍ତ୍ରାଂଶ ବିକି ଗ୍ରାହକଙ୍କୁ ଠକୁଥିଲେ





ଜବତ ନକଲି ଯନ୍ତ୍ରାଂଶ ଓ ଗିରଫ ୨ ଅଭିଯୁକ୍ତ।

- ୨ ଗିରଫ, ୨୯ ପ୍ରକାର ସାମଗ୍ରୀ ଜବତ
- ନକଲି ଆକ୍ୱାଗାର୍ଡ କାରଖାନା ସିଲ୍

କଟକ ଅଫିସ,୨୨।୧

ନକଲି କାରବାର ଆଉ କାରନାମାକୁ ବାଦାମବାଡ଼ି ପୋଲିସ ପର୍ଦ୍ଦାଫାଶ କରିଛି। ନକଲି ଆକ୍ୱାଗାର୍ଡ ଯନ୍ତ୍ରାଂଶ ତିଆରି କରି ୟୁରେକା ଫୋର୍ବସର ଆକ୍ୱାଗାର୍ଡ କହି ଗ୍ରାହକଙ୍କୁ ଠକିବା ସହ ଲୋକଙ୍କ ଜୀବନ ସହ ଖେଳୁଥିଲେ। ଏଭଳି ଏକ ନକଲି ଆକ୍ୱାଗାର୍ଡ କମ୍ପାନୀକୁ ବାଦାମବାଡ଼ି ପୋଲିସ ଶନିବାର ଠାବ କରି ଖୋଳତାଡ଼ କରିଥିଲା। ପରେ ପୋଲିସ ଏହି କାରବାରରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର କାହ୍ନୁ ଚରଣ ପ୍ରଧାନ, ସିଡିଏ ସେକ୍ଟର-୬ରେ ରହି ହରିପୁରଠାରେ ବ୍ୟବସାୟ କରୁଥିବା ଜଗତ୍‌ସିଂହପୁର ଟାଉନ ଥାନା ଅନ୍ତର୍ଗତ ମାର୍କଣ୍ଡପୁରର ସଞ୍ଜୟ କୁମାର ଦତ୍ତ। ସେମାନଙ୍କଠାରୁ ଦୁଇଟି ଲାପ୍‌ଟପ୍, ଗୋଟିଏ ମୋବାଇଲ, ଷ୍ଟକ କାର୍ବନ, ଆକ୍ୱାଗାର୍ଡ ସର୍ଭିସ କିଟ୍, ଆଇରନ୍ ଫିଲ୍‌ଟର, କାର୍ବନ ବ୍ଲକ, ସିଲିଂ ମେଶିନ୍ ମୁଦ୍ରଣ ମେଶିନ, ଷ୍ଟିକର, ହୋଲୋଗ୍ରାମ ଆଦି ମୋଟ ୨୯ ପ୍ରକାର ସାମଗ୍ରୀ ଓ ଯନ୍ତ୍ରାଂଶ ଜବତ କରାଯାଇଛି। ଏଥିସହ ଉକ୍ତ କାରଖାନାକୁ ସିଲ୍ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୯/୨୩) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ମଣିଷର ଜୀବନଧାରଣ ପାଇଁ ଏକାନ୍ତ ଆବଶ୍ୟକ ଅମୃତତୁଲ୍ୟ ଜଳର ବିଶୁଦ୍ଧୀକରଣରେ ବି ନକଲି ଯନ୍ତ୍ରାଂଶ ଲଗାଇ ଲୋକଙ୍କୁ ଠକୁଥିଲେ। ଭଲ ବ୍ରାଣ୍ଡ ଭାବେ ଖ୍ୟାତି ଅର୍ଜନ କରିଥିବା ଆକ୍ୱାଗାର୍ଡ କମ୍ପାନୀର ୱାଟର ପ୍ୟୁରିଫାୟାରରେ ହିଁ ନକଲି ଯନ୍ତ୍ରାଂଶଗୁଡ଼ିକୁ ଉପଯୋଗ କରି ଆର୍ଥିକ ଲାଭ ହାସଲ କରାଯାଉଥିଲା। ବାଦାମବାଡ଼ି ଥାନା ଅଧୀନ ଜଗନ୍ନାଥ ଲେନ୍ ବିକାଶ ଭବନ ନିକଟ ଏକ ଭଡ଼ାଘରେ ଏହି ନକଲି ଯନ୍ତ୍ରାଂଶ ତିଆରି କାରଖାନା ଚାଲିଥିଲା। ଥାନାଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ଏ ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଟିମ୍ ସହ ତିନୋଟି ସ୍ଥାନରେ ଚଢ଼ାଉ କରିଥିଲେ। କାହ୍ନୁଚରଣ ଉକ୍ତ କାରଖାନାରେ ରହି ନକଲି ଯନ୍ତ୍ରାଂଶ ପ୍ରସ୍ତୁତ କରୁଥିଲେ। ସେଗୁଡ଼ିକୁ ବିକ୍ରି କରିବା ପାଇଁ ସଞ୍ଜୟଙ୍କୁ ଦେଉଥିଲେ। ଉଭୟ ଭଲ ଭାବେ ଜାଣିଥିଲେ ଏହି ଯନ୍ତ୍ରାଂଶଗୁଡ଼ିକ ବିଶୁଦ୍ଧ ପାଣି ଦେଇପାରିବ ନାହିଁ। ତା' ସତ୍ତ୍ୱେ ସେମାନେ ଗ୍ରାହକଙ୍କୁ ଅରିଜିନାଲ ଯନ୍ତ୍ରାଂଶ ଦାମରେ ବିକ୍ରି କରି ବହୁ ପରିମାଣର ରୋଜଗାର କରୁଥିଲେ ବୋଲି ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି, ବାଦାମବାଡ଼ି ପୋଲିସ ସହରର ୩ଟି ସ୍ଥାନରେ ଚଢ଼ାଉ କରି ବହୁ ପରିମାଣର ନକଲି ଆକ୍ୱାଗାର୍ଡ ସାମଗ୍ରୀ ଜବତ କରିଛି। ଏକ ନାମୀଦାମୀ କମ୍ପାନୀ ନାମରେ ନକଲି ଯନ୍ତ୍ରାଂଶ ଯୋଗାଣ କରି ଲୋକଙ୍କୁ ଏମାନେ ଠକୁଥିଲେ। ଏହି ଯନ୍ତ୍ରାଂଶରୁ ବିଶୁଦ୍ଧ ପାଣି ଆସେ ନାହିଁ। ଯଦ୍ୱାରା ଲୋକଙ୍କର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। ଉପଭୋକ୍ତାମାନେ ବହୁ ଅଧିକ ଦାମ ଦେଇ ନକଲି ଯନ୍ତ୍ରାଂଶ କିଣୁଥିଲେ ବୋଲି ସେ କହିଛନ୍ତି। ସେହିପରି ୟୁରେକା ଫୋର୍ବସ ଆକ୍ୱାଗାର୍ଡ କମ୍ପାନୀର ଜଣେ ଅଧିକାରୀ ଜବତ ସାମଗ୍ରୀଗୁଡ଼ିକ ପରଖିବା ପରେ ସେଗୁଡ଼ିକ ତାଙ୍କ କମ୍ପାନୀରେ ପ୍ରସ୍ତୁତ ସାମଗ୍ରୀ ନୁହେଁ ବୋଲି କହିଥିଲେ।

# କୁମାରବସ୍ତକୁ ହରାଇ ମାର୍ଥାପୁର ବିଜୟୀ




ଟ୍ରଫି ସହିତ ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଟିମ୍‌ର ଖେଳାଳି।

**ଗଦାଧରପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ତିଗିରିଆ,୨୨।୧(ଡି.ଏନ୍.ଏ.)

ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ହାଇସ୍କୁଲ ଖେଳ ପଡ଼ିଆରେ ମା'ଭବାନୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ୩୨ ତମ ଗଦାଧରପୁର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁମାରବସ୍ତକୁ ହରାଇ ମାର୍ଥାପୁର ଚାମ୍ପିୟନ ହୋଇଛି। କୁମାରବସ୍ତ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ୨୬୪ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ମାର୍ଥାପୁର ଦଳ ୧୮.୩ ଓଭରରେ ୬ ଉଇକେଟ ହରାଇ ୨୬୫ ରନ ସଂଗ୍ରହ କରି ବିଜୟ ହୋଇଛି। ମୁଖ୍ୟ ଅତିଥିଭାବେ ଗଦାଧରପୁର ସରପଞ୍ଚ ପୁଷ୍ପିତା ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଶ୍ରୀକାନ୍ତ କୁମାର ବାରିକ ଯୋଗ ଦେଇ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ରଜତ ଦାସ, ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ମୃତ୍ୟୁଞ୍ଜୟ ରାଉତଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଚାମ୍ପିୟନ ଦଳ ମାର୍ଥାପୁରକୁ ୨୫ ହଜାର ଓ ଟ୍ରଫି ସହ ରନର୍ସଅପ୍ ଦଳ କୁମାରବସ୍ତକୁ ୨୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ରମେଶ ସ୍ୱାଇଁ ଓ ନରେଶ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ।

# ରସାୟନ ବିଜ୍ଞାନରେ ଚନ୍ଦ୍ରକାନ୍ତଙ୍କୁ ସ୍ୱର୍ଣ୍ଣ




ନିଶ୍ଚିନ୍ତକୋଇଲି,୨୨।୧(ସ୍ୱ.ପ୍ର.)

**ପରିବା ବ୍ୟବସାୟୀ ପୁଅଙ୍କ ସଫଳତା**

ନିଷ୍ଠା ଓ ଅଧବସାୟ ବଳରେ କିପରି ସଫଳତା ମିଳେ ତାହା ପ୍ରମାଣ କରି ଦେଖାଇଛନ୍ତି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମର ପରିବା ବ୍ୟବସାୟୀଙ୍କ ଶରତ ସାହୁ ପୁଅ ଚନ୍ଦ୍ରକାନ୍ତ। ସେ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକୋତ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶରତ ସ୍ଥାନୀୟ ନିଶ୍ଚିନ୍ତକୋଇଲି ହାଟରେ ପରିବା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ପୁଅ ଚନ୍ଦକାନ୍ତ ବାପାଙ୍କୁ କାମରେ ସହଯୋଗ କରିବା ସହ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଜାରି ରଖିଥିଲେ। ସେ ରସାୟନ ବିଜ୍ଞାନରେ ୮୫% ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପରେ ପରିବାରରେ ଖୁସୀର ଲହରୀ ଖେଳିଯାଇଛି। ନିଷ୍ଠା ଓ ଅଧବସାୟ ସହ ମା'ବାପାଙ୍କ ଆର୍ଶୀବାଦ ଯୋଗୁ ଏଭଳି ସଫଳତା ମିଳିଛି ବୋଲି ଚନ୍ଦ୍ରକାନ୍ତ କହିଛନ୍ତି। ତାଙ୍କର ଏହି ସଫଳତା ପରେ ବୁହାଲୋ ସରପଞ୍ଚ ରମାକାନ୍ତ ମହାନ୍ତି ,ସାମାଜିକ କର୍ମୀ ରଞ୍ଜନ କୁମାର ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# 'ରାଜ୍ୟବାସୀଙ୍କ ପାଇଁ ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି'



କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କ ସହ ଅନ୍ୟମାନେ।

କଟକ ଅଫିସ,୨୨।୧

**ବିଜେଡି ପ୍ରତିଷ୍ଠା ଦିବସ**

ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ କଟକ ଆନନ୍ଦ ଭବନ ସମ୍ମୁଖ ଖ୍ରୀଷ୍ଟିଆନ ପଡ଼ିଆରେ ଏକ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ତଥା କଟକ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଉଷା ଦେବୀ ଯୋଗଦେଇ ରାଜ୍ୟ ସରକାର ଓଡ଼ିଶାବାସୀଙ୍କ ହିତ ପାଇଁ ସର୍ବଦା କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଏଥିରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବୀ ମିଶ୍ର, ପ୍ରତାପ ଜେନା, ପ୍ରଶାନ୍ତ ବେହେରା, ଚନ୍ଦ୍ରସାରଥି ବେହେରା, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ସିଏମ୍‌ସି ମେୟର ସୁବାସ ସିଂ, ଅଭିନେତା ଅରିନ୍ଦମ ରାୟ, କୁନା ତ୍ରିପାଠୀ, ବିଶ୍ୱଜିତ୍ ମହାନ୍ତି, ମହମ୍ମଦ ସକିଲ, ପ୍ରଫୁଲ୍ଲ ସିଂ, ଧର୍ମେଶ ନାୟକ, ପ୍ରଶାନ୍ତ ନାୟକ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। କଟକ ମହାନଗର ବିଜେଡି ସଭାପତି ମଧୁସୂଦନ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ସାମନ୍ତରାୟ ବିଶାଳ ଜନସମାବେଶ ମାଧମରେ ଶକ୍ତି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ଛକ ଓ ଆନନ୍ଦ ଭବନ ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ସ୍ମାର୍ଟସିଟି ଅନଲାଇନ ଅଟୋ ଗ୍ରୁପର ସାଲେପୁର ଶାଖା ଉଦ୍‌ଘାଟିତ

ସାଲେପୁର,୨୨।୧(ଡି.ଏନ.ଏ.)

ସ୍ମାର୍ଟସିଟି ଅନଲାଇନ୍ ଅଟୋ ଗ୍ରୁପର ସାଲେପୁର ଶାଖା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଗ୍ରୁପ ପକ୍ଷରୁ ସାଲେପୁର ସହରସ୍ଥିତ ମଧୁ ସ୍ମୃତି ମଣ୍ଡପ ପରିସରରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରୁପର ରାଜ୍ୟ ଅଧକ୍ଷ ଦୀନବନ୍ଧୁ ନାୟକ ପୌରୋହିତ୍ୟ କରି ଗ୍ରୁପର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ଇତିଶ ପ୍ରଧାନ ଯୋଗଦେଇ ଅଟୋ ଚାଳକଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଖବରଦାତା ଶାରଦା ପ୍ରସନ୍ନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଖବରଦାତା ହୃଷୀକେଶ ମଲ୍ଲିକ, ଗ୍ରୁପର ରାଜ୍ୟ ଉପସଭାପତି ବିଜୟ ସେନ, ଆଇନ ପରାମର୍ଶଦାତା ସୀତାକାନ୍ତ ଦାସ, କୋଷାଧକ୍ଷ ମନୋରଞ୍ଜନ ସାହୁ, ରସୁଲଗଡ଼ ମୁଖ୍ୟ ସନ୍ଦୀପ ରାୟ, ସଂଗଠକ ଶ୍ରୀପତି ଷଡ଼ଙ୍ଗୀଙ୍କ ସମେତ ୧୪ ଜୋନର ସଭାପତି ଯୋଗ ଦେଇଥିଲେ। ପ୍ରାରମ୍ଭରେ ସାଲେପୁର, ନିଶ୍ଚିନ୍ତକୋଇଲି, ମାହାଙ୍ଗା, ନେମାଳ ଅଞ୍ଚଳର ଅଟୋଚାଳକ ଶିଶୁଆ ବଜାରଠାରୁ ଅଟୋ ଶୋଭାଯାତ୍ରା କରି ସଭା ସ୍ଥଳ ପର୍ଯ୍ୟନ୍ତ ଯାଇଥିଲେ। ରାଜ୍ୟ ଗ୍ରୁପ ପକ୍ଷରୁ ସାଲେପୁର ଶାଖାକୁ 'ଏସ' ଜୋନରେ ନାମିତ କରାଯିବା ସହ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରୁପ୍‌ର ସାଲେପୁର ମୁଖ୍ୟ ଶିଶିର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଗଠକ ଅରୁଣ ଭୂୟାଁ, ମୋହନ ଦାସ, ନାରାୟଣ ରାଉତରାୟ, ସୋମନାଥ ବେହେରା, ସ୍ମୃତିକାନ୍ତ ଷଡ଼ଙ୍ଗୀ, ବାବୁଲି ବେହେରା ବାବୁନି ସିଂହ ପ୍ରମୁଖ ସଂଯୋଜନା କରିଥିଲେ। ଏମ୍‌ଡି ଜୁବେର, ଭ୍ରମରବର ପରିଡ଼ା, ପବିତ୍ର ଦାସ, ଇମ୍ରାନ ଖାନଙ୍କ ସମେତ ସାଲେପୁର ଶାଖାର କର୍ମକର୍ତ୍ତା ଓ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପରେ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ବାରବାଟୀ ମର୍ନିଂ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

କଟକ ଅଫିସ,୨୨।୧

ବାରବାଟୀ ୟୁନାଇଟେଡ୍ କ୍ଲବ ପକ୍ଷରୁ ଏକଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ବାରବାଟୀ ଦୁର୍ଗ ପରିସରସ୍ଥ ସତ୍ୟବ୍ରତ ଷ୍ଟାଡିୟମ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଦସ୍ୟମାନେ ବାରବାଟୀ ଫୋର୍ଟ, ବାରବାଟୀ ଫ୍ରେଣ୍ଡ୍‌ସ, ବାରବାଟୀ ବ୍ଲାଷ୍ଟର ଓ ବାରବାଟି ମର୍ନିଂ ନାମକ ୪ଟି ଟିମ୍‌ରେ ଖେଳିଥିଲେ। ଏଥିରେ ବାରବାଟୀ ମର୍ନିଂ ଟିମ୍ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ମଣିସାହୁ ଛକ ଓ ଖଟବିନ୍ ସାହି ପୂଜା କର୍ମକର୍ତ୍ତାଙ୍କ ସହ ଫୁଟ୍‌ବଲ୍ ଖେଳାଳିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ଚେୟାରମ୍ୟାନ ପ୍ରକାଶ ଚନ୍ଦ୍ର ନନ୍ଦ, ସଭାପତି ଶିବଶଙ୍କର ସାହୁ, ସଚିବ ପୀତବାସ ସାହୁ, କୋଷାଧକ୍ଷ ସୁନାକର ଦଳାଇ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ତୃଣମୂଳସ୍ତରରୁ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

ଚୌଦ୍ୱାର,୨୨।୧(ଡି.ଏନ୍.ଏ.)

ଚୌଦ୍ୱାର ପୌର ଟାଉନ୍‌ହଲ ପରିସରରେ ଶନିବାର ବିଜେଡିର କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ନଗର ଯୁବ ବିଜେଡି ସଭାପତି ସାରଦା ରଞ୍ଜନ ପରିଜାଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡା, ପ୍ରେମଚାନ୍ଦ ନାୟକ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ରାଜ୍ୟ ଯୁଗ୍ମ ସମ୍ପାଦକ ଅର୍ଜ୍ଜୁନ ପଣ୍ଡା, ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ଅଶୋକ ମିଶ୍ର, ଭରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଦଳକୁ ତୃଣମୂଳ ସ୍ତରରୁ ଅଧିକ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିମାନେ ପୌରପାଳିକାର ୧୯ଟି ୱାର୍ଡରେ ନବନିର୍ବାଚିତ ଯୁବ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଆସନ୍ତା ଫେବୃୟାରୀ ୧ରେ ହେବାକୁ ଥିବା ବିଜେଡି ପ୍ରତିଷ୍ଠା ଦିବସ ଆୟୋଜନ ପାଇଁ ଆଲୋଚନା ହୋଇଥିଲା। କାଉନ୍‌ସିଲର ସୁବ୍ରତ ସାମଲ, ବିଜୟ କୁମାର ମଲ୍ଲିକ, ବିଜୟ କୁମାର ସାହୁଙ୍କ ସମେତ ବହୁ ମହିଳା ନେତ୍ରୀ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବିଡ଼ାନାସୀକୁ ହରାଇ ଫାଇନାଲରେ କଳିଙ୍ଗ ଟାଇଗର୍ସ

ତିଗିରିଆ,୨୨।୧(ଡି. ଏନ. ଏ )

**କିରଣ ସ୍ମାରକୀ କ୍ରିକେଟ**

ତିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡାସ୍ଥିତ ଖେଳ ପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପ୍ରଥମ କିରଣ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ାନାସୀ କ୍ରିକେଟ କ୍ଲବ କଟକକୁ ହରାଇ କଳିଙ୍ଗ ଟାଇଗର୍ସ ଖୋର୍ଦ୍ଧା ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଖୋର୍ଦ୍ଧା ଦଳ ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରିଥିଲା। ଜବାବରେ ବିଡ଼ାନାସୀ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୨୧୪ ରନ କରି ପରାସ୍ତ ହୋଇଥିଲା। ମ୍ୟାଚରେ ମୁଖ୍ୟ ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥିଭାବେ ସନାତନ ପଣ୍ଡା ଯୋଗଦେଇ ଉଭୟ ଦଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ମିଥୁନ ମଜୁମଦାର ପୁରସ୍କୃତ ହୋଇଥିଲେ। ଅମ୍ପାୟାରଭାବେ ଶୁଭକାନ୍ତ ରାଉତରାୟ ଓ ସୁବାସ ଚନ୍ଦ୍ର ରଣା ମ୍ୟାଚ ପରିଚାଳନା କରିଥିଲେ।

# ଆଜି ନେତାଜୀ ଜୟନ୍ତୀ: ସଜେଇ ହୋଇଛି ଜାନକୀନାଥ ଭବନ

କଟକ ଅଫିସ, ୨୨।୧

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସୋମବାର ପାଳନ ହେବ। ଏଥିପାଇଁ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ଜାନକୀନାଥ ଭବନରେ ସମସ୍ତ ପ୍ରସ୍ତୁତି ରବିବାର ଶେଷ ହୋଇଛି। ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ରଙ୍ଗିନ ଆଲୋକମାଳାରେ ସଜାଯାଇଛି। ସେହିପରି ସଂଗ୍ରହାଳୟ ପରିସର ଉଦ୍ୟାନରେ ଦେଶୀବିଦେଶୀ ଫୁଲ ଲୋକଙ୍କୁ ଆକୃଷ୍ଟ କରିବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବରିଷ୍ଠ ପୋଲିସ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଅପରପକ୍ଷରେ ସପ୍ତାହ ବ୍ୟାପୀ କଟକରେ ଚାଲିଛି ନେତାଜୀଙ୍କ ଜୟନ୍ତୀ ସମାରୋହ। ଏହି ଅବସରରେ ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦ ତାରିଖରୁ ରାଜ୍ୟସ୍ତରୀୟ ଚିତ୍ରକଳା ଶିବିର ଆୟୋଜନ କରାଯାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ସହ ନେତାଜୀଙ୍କ ଜନ୍ମ ପ୍ରକୋଷ୍ଠରେ ହୋମଯଜ୍ଞ କରାଯିବ। ଏଥିସହ ନେତାଜୀଙ୍କ ଜନ୍ମସ୍ଥାନରେ ଦିନତମାମ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଆଲୋକମାଳାରେ ସଜ୍ଜିତ ହୋଇଛି।

**ଯୋଗଦେବେ ମୁଖ୍ୟମନ୍ତ୍ରୀ**

ନେତାଜୀ ଜୟନ୍ତୀ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବାବେଳେ କମିଶନରେଟ୍ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯିବ। ଏନେଇ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଦାୟିତ୍ୱରେ ଥିବା ଜଳେନ୍ଦ୍ର ରାୟ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ଅବସରରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିମନ୍ତ୍ରଣକୁ ସଦୟ ସ୍ୱୀକୃତି ମିଳିଛି। ସେ ପୂର୍ବାହ୍ନ ସାଢେ ୧୦ଟାରୁ ୧୧ଟା ମଧରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି।

## ପ୍ରତି ମିନିଟ୍‌ରେ ଗୋଟିଏ ଶାଢ଼ି ବିକ୍ରି

ନୂଆଦିଲ୍ଲୀ,୨୨।୧: ଫ୍ଲିପ୍‌କାର୍ଟରେ ପ୍ରତି ମିନିଟ୍‌ରେ ଗୋଟିଏ ଶାଢ଼ି ବିକ୍ରି ହେଉଥିବା ଫ୍ଲିପ୍‌କାର୍ଟ ପକ୍ଷରୁ କୁହାଯାଇଛି। କାରଣ ଭାରତୀୟ ଶାଢ଼ିକୁ ବିଶ୍ୱରେ ଅନ୍ୟତମ ପୁରାତନ ପୋଷାକ ଭାବେ ପରିଗଣିତ କରାଯାଇଥାଏ। ଏପରିକି ଜେନ୍ ଜେଡ୍‌ଠାରୁ ଆରମ୍ଭକରି ମିଲେନିଆଲ ଓ ବୟସ୍କ ମହିଳାଙ୍କ ପର୍ଯ୍ୟନ୍ତ ବିଭିନ୍ନ ପିଢ଼ି ଓ ବର୍ଗର ଭାରତୀୟ ମହିଳାମାନେ ସୌନ୍ଦର୍ଯ୍ୟତାର ଏହି ଉତ୍କର୍ଷତାକୁ ଗ୍ରହଣ କରିଥାନ୍ତି। ବିଶେଷକରି ବଲିଉଡ୍ ଦ୍ୱାରା ଅନୁପ୍ରାଣିତ ବନାରସି ଶାଢ଼ି,ଦୈନନ୍ଦିନ ବ୍ୟବହାର ପାଇଁ କଟନ୍ ଶାଢ଼ି, କାଞ୍ଜିବରମ୍, ବାନ୍ଧନି, ଜାମଦାନି, ଚନ୍ଦେରି, ହ୍ୟାଣ୍ଡଲୁମ୍, ମହୀଶୂର ଓ ମେଖେଲା ଚାଦୋର ଆଦି ଶାଢ଼ି ସର୍ବାଧିକ କ୍ରୟ ହୋଇଥିବା ଶୀର୍ଷ ୧୦ଟି ଶାଢ଼ି ଭାରିଆଣ୍ଟ ପ୍ଲାଟଫର୍ମରେ ଅନ୍ତର୍ଭୁକ୍ତ ହୋଇଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


କ୍ରୀଶ୍
ପରିବାରବର୍ଗ


ଅନ୍ୱେଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୬% ବୃଦ୍ଧି ପାଇଛି ଏପିୱାଇ ବୀମାଧାରୀଙ୍କ ସଂଖ୍ୟା

ନୂଆଦିଲ୍ଲୀ,୨୨।୧

ଅଟଳ ପେନସନ୍ ଯୋଜନା (ଏପିୱାଇ) ପ୍ରତି ଭାରତୀୟ ନାଗରିକଙ୍କର ଆସ୍ଥା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ୨୦୨୧ ଅପେକ୍ଷା ୨୦୨୨ରେ ଏପିୱାଇରେ ପ୍ରାୟ ୩୬% ପଞ୍ଜୀକରଣ ବୃଦ୍ଧି ଘଟିଛି। ଏପରିକି ୨୦୨୧ ମସିହାରେ ଏପିୱାଇରେ ମୋଟ ୯.୨ ମିଲିୟନ ପଞ୍ଜୀକରଣ ହୋଇଥିବା ବେଳେ ୨୦୨୨ ଶେଷ ସୁଦ୍ଧା ଉକ୍ତ ସଂଖ୍ୟା ୧୨.୫ ମିଲିୟନରେ ପହଞ୍ଚିଛି ବୋଲି ରବିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ଉକ୍ତ ଯୋଜନାରେ ହିତାଧିକାରୀ ସଂଖ୍ୟା ୧୦ ମିଲିୟନ କରି ଏକ ବିରଳ ରେକର୍ଡ ହାସଲ କରିଥିବା ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ୨୦୨୨ରେ ପଞ୍ଜୀକୃତ ହିତାଧିକାରୀଙ୍କ ସଂଖ୍ୟା ୨୦୧୯ ବର୍ଷ ତୁଳନାରେ ୮୧% ଅଧିକ ବୋଲି କୁହାଯାଉଛି। କାରଣ ୨୦୧୯ରେ ଉକ୍ତ ଯୋଜନାରେ ମୋଟ ୬.୯ ମିଲିୟନ ହିତାଧିକାରୀ ପଞ୍ଜୀକରଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ୨୦୧୫ ମେ ୯ରେ ଭାରତ ସରକାର ଏହି ବୈପ୍ଳବିକ ସାମାଜିକ ପେନସନ ଯୋଜନା ଲାଗୁ କରିଥିଲେ। ଏଥିରେ କେବଳ ୧୮ରୁ ୪୦ ବର୍ଷର ଭାରତୀୟ ନାଗରିକମାନେ ଅଂଶଗ୍ରହଣ କରିପାରିବେ।

# ପେଟ୍ରୋଲ ଦର ହ୍ରାସ ସମ୍ଭାବନା କ୍ଷୀଣ

ନୂଆଦିଲ୍ଲୀ,୨୨।୧


ହରଦୀପ ସିଂହ ପୁରୀ

ଅନ୍ତଃରାଷ୍ଟ୍ରୀୟ ତୈଳ ବଜାରରେ କ୍ରମାଗତ ଭାବେ ତେଲ ଦର ହ୍ରାସ ପାଉଥିବା ବେଳେ ଭାରତୀୟ ତୈଳ ବଜାରରେ ତେଲ ଦର ଦୀର୍ଘ ଦିନ ହେବ ସ୍ଥିର ରହିଛି। ଏପରିକି ତେଲ ଦର କେବେ କମିବ ସେ ନେଇ ମଧ୍ୟ କାହା ପାଖରେ ଠିକ୍ ସୂଚନା ନ ଥିବା ବେଳେ ରବିବାର ଏକ ସାକ୍ଷାତକାର ଅବସରରେ କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି, କୋଭିଡ ସମୟରେ ତୈଳ କମ୍ପାନୀଗୁଡିକ ସହିଥିବା କ୍ଷତି ଭରଣା ଓ ଅନ୍ୟାନ୍ୟା କାରଣରୁ ବର୍ତ୍ତମାନ ସମୟରେ ତୈଳ ଦର ହ୍ରାସ ସମ୍ଭାବନା କ୍ଷୀଣ। ସେହିଭଳି ଗତ ଆର୍ଥିକ ବର୍ଷର କ୍ଷତି ପାଇଁ ପେଟ୍ରୋଲ ମୂଲ୍ୟରେ ହ୍ରାସ ହେବା ଜଣାପଡୁନାହିଁ। ବିଶେଷ କରି ଦେଶର ପ୍ରମୁଖ ତୈଳ କମ୍ପାନୀ ଭାରତୀୟ ତୈଳ ନିଗମ ଲିମିଟେଡ (ଆଇଓସିଏଲ), ଭାରତୀୟ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚପିସିଏଲ)ପକ୍ଷରୁ ବିଗତ ୧୨ ମାସରୁ ଅଧିକ ସମୟ ହେବ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କିଣା ଖର୍ଚ୍ଚ ତୁଳନାରେ ତେଲ ଦରରେ ପରିବର୍ତ୍ତନ ହୋଇନାହିଁ। ଫଳରେ ଆମଦାନୀ ଖର୍ଚ୍ଚ ତୁଳନାରେ ଦାମ୍ ନ ବଢ଼ିବା କାରଣରୁ କମ୍ପାନୀଙ୍କୁ କ୍ଷତି ଉଠାଇବାକୁ ପଡ଼ିଛି ବୋଲି କୁହାଯାଉଛି। ସେହିପରି ଗତ କିଛି ମାସ ହେଲା ଅନ୍ତର୍ଜାତୀୟ ସ୍ତରରେ କଞ୍ଚା ତେଲର ଦାମ୍ କମିବା କାରଣରୁ କମ୍ପାନୀଙ୍କ ଉପରେ କିଛି ପରିମାଣର ଚାପ କମ୍ ରହିଛି, କିନ୍ତୁ ସେମାନେ ଗତଥର ହୋଇଥିବା କ୍ଷତିରୁ ଭରଣା ପାଇଁ ପେଟ୍ରୋଲ୍-ଡିଜେଲ ମୂଲ୍ୟରେ କୌଣସି କାଟ୍ କରିନାହାନ୍ତି। ତେବେ ଉପରୋକ୍ତ ତୈଳ କମ୍ପାନୀଗୁଡିକର କ୍ଷତି ଭରଣା ପରେ ତେଲ ଦର ହ୍ରାସ କରିବାକୁ କମ୍ପାନୀମାନଙ୍କ ସହ ବିଚାରବିମର୍ଶ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ମତପ୍ରକାଶ କରିଛନ୍ତି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ସମୟରେ ସେ କହିଛନ୍ତି, ଅନୁମାନ କରାଯାଉଛି ଯେ 'କ୍ଷତି ଭରଣା ହେବା ପରେ ଦାମ୍ ହ୍ରାସ ହୋଇପାରେ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ କଞ୍ଚା ତେଲ ଦାମରେ ଆସିଥିବା ବୃଦ୍ଧି ପରେ ବି ତେଲ କମ୍ପାନୀ ପକ୍ଷରୁ ଖୁଚୁରା ଦାମରେ କୌଣସି ବୃଦ୍ଧି ହୋଇନାହିଁ। ଏପରିକି ଆମେ ତୈଳ କମ୍ପାନୀଙ୍କୁ ଦାମ୍ ସ୍ଥିର ରଖିବାକୁ କହିନଥିଲୁ, ହେଲେ ସେମାନେ ନିଜେ ହିଁ ନିଷ୍ପତ୍ତି ନେଇଥିଲେ ଅବଶ୍ୟ ଉଚ୍ଚ ଦାମରେ କଞ୍ଚା ତେଲ କିଣିବା ଦ୍ୱାରା ଆମଦାନୀ ଖର୍ଚ୍ଚ ବଢ଼ିଥିଲା। ବିଶେଷ କରି ୨୦୨୨ ଜୁନ୍ ଶେଷ ସୁଦ୍ଧା କମ୍ପାନୀଙ୍କୁ ୧ଲିଟର ପେଟ୍ରୋଲ ଉପରେ ୧୭.୪ ଟଙ୍କା ଏବଂ ଡିଜେଲ୍ ଉପରେ ୨୭.୨ ଟଙ୍କା ପ୍ରତି ଲିଟର କ୍ଷତି ଉଠାଇବାକୁ ପଡ଼ିଥିଲା। ଉଲ୍ଲେଖଯୋଗ୍ୟ ଆଇଓସିଏଏ,ବିପିସିଏଲ ଏବଂ ଏଚପିସିଏଲ ୨୦୨୨ ଏପ୍ରିଲ୍ ୬ ରେ ଶେଷ ଥର ପାଇଁ ଉଭୟ ପେଟ୍ରୋଲ, ଡିଜେଲର ଦାମରେ ସଂଶୋଧନ କରିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ମାସରେ ଉପରୋକ୍ତ କମ୍ପାନୀଗୁଡିକଙ୍କର ୨୧,୨୦୧.୧୮ କୋଟି ଟଙ୍କାର କ୍ଷତି ହୋଇଥିଲା।

# ରିଲାଏନ୍ସ ଡିଜିଟାଲରେ 'ଡିଜିଟାଲ ଇଣ୍ଡିଆ ସେଲ୍'

ନୂଆଦିଲ୍ଲୀ,୨୨।୧

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ରିଲାଏନ୍ସ ଗ୍ରୁପ ସହଯୋଗୀ କମ୍ପାନୀ ରିଲାଏନ୍ସ ଡିଜିଟାଲ୍ ପକ୍ଷରୁ ଚଳିତ ନବ ବର୍ଷ ଓ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଭାରତର ସର୍ବବୃହତ୍ ଇଲେକ୍‌ଟ୍ରୋନିକ ସେଲ୍ 'ଡିଜିଟାଲ୍ ଇଣ୍ଡିଆ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡ ତା'ର ଗ୍ରାହକଙ୍କର ଟେକ୍ ଉତ୍ପାଦକୁ ଅପଗ୍ରେଡ୍ କରିବାର ଏକ ନୂତନ ସୁଯୋଗ ନେଇ ଆସିଛି। ବିଶେଷକରି ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ଉତ୍ପାଦ ଉପରେ ଅତୁଳନୀୟ ଅଫର ଓ ରିହାତି ଲାଭ କରନ୍ତୁ ଏବଂ କେବଳ ଏତିକି ନୁହେଁ, ଦେଶରେ ପ୍ରଚଳିତ ସମସ୍ତ କ୍ରେଡିଟ୍ ଓ ଡେବିଟ୍ କାର୍ଡ଼ରେ ୨୦,୦୦୦ଟଙ୍କା ପର୍ଯ୍ୟନ୍ତ ଇନ୍‌ଷ୍ଟାଟ ଡିସ୍କାଉଣ୍ଟ ସୁବିଧାକୁ କେବଳ ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଷ୍ଟୋରରେ ୨୯ ଜାନୁୟାରୀ ପର୍ଯ୍ୟନ୍ତ ଉପଭୋଗ କରନ୍ତୁ। ସେହିଭଳି ଚଳିତ ବର୍ଷର ଡିଜିଟାଲ୍ ଇଣ୍ଡିଆ ସେଲ୍ ଅନୁଭୂତି ଆହୁରି ଅଧିକ ରିୱାର୍ଡିଂ ପ୍ରଦାନ ସହ ଏଥିରେ ସହଜିଆ ଫାଇନାନ୍ସିଂ ଓ ଇଏମ୍‌ଆଇର ବିକଳ୍ପ ସୁବିଧା ରହିଛି। ଅପରପକ୍ଷରେ ଉକ୍ତ ଅଫରଗୁଡ଼ିକ ବ୍ୟତୀତ ରିଲାଏନ୍ସ ଡିଜିଟାଲର ସମସ୍ତ ଇଲେକ୍‌ଟ୍ରୋନିକ୍ସ ବର୍ଗ ଯଥା ଟିଭି, ସ୍ମାର୍ଟଫୋନ୍, ଲାପଟପ୍, ରେଫ୍ରିଜରେଟର, ଅଡିଓ ଡିଭାଇସ୍, ସ୍ମଲ୍ ଡୋମେଷ୍ଟିକ୍ ଡିଭାଇସ୍ ଓ ଆହୁରି ଅନେକ ଉପରେ ଆକର୍ଷଣୀୟ ଅଫର ମଧ୍ୟ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।


CLASSIFIED DISPLAY ALL EDITION - B/W (Everyday)
MORE SPACE ! SAME PRICE

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଇସିଆଇସିଆଇ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୨।୧

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ନେଟ୍‌ଲାଭ ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୩୪% ବୃଦ୍ଧି ପାଇ ୮,୩୧୨ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ବ୍ୟାଙ୍କର ନେଟ୍ ଲାଭ ୬,୧୯୪ କୋଟି ଟଙ୍କା ରହିଥିଲା ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ମୋଟ ଆୟ ୩୩,୫୨୯ କୋଟି ଟଙ୍କାକୁ ବୃଦ୍ଧି ପାଇ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୨୭,୦୬୯ କୋଟି ଟଙ୍କା ହୋଇଛି। ସେହିପରି ବ୍ୟାଙ୍କର ନେଟ୍ ସୁଧ ଆୟରେ ୩୪.୬% ବୃଦ୍ଧି ଘଟି ୧୬,୪୬୫ କୋଟି ଟଙ୍କାରେ ପହଞ୍ଚିଛି। ଯାହାକି ବର୍ଷକ ପୂର୍ବେ ୩ୟ ତ୍ରୈମାସିକରେ ୧୨,୨୩୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ତେବେ ବ୍ୟାଙ୍କର ବର୍ଷକ ବର୍ଷ ପୂର୍ବେ ସମାନ ଅବଧିରେ ୩.୯୬% ତୁଳନାରେ ନେଟ୍ ସୁଧ ହାରରେ ୪.୬୫% ବୃଦ୍ଧି ହୋଇଛି।






# ମାଲାବାରରେ ୧୦ ଦିନିଆ 'ଅନ୍‌କଟ ଜୁଏଲେରି ଶୋ'

ଭୁବନେଶ୍ୱର,୨୨।୧



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏକ୍ସକ୍ଲୁସିଭ ଷ୍ଟୋର ଶହୀଦ ନଗର ପକ୍ଷରୁ ଏକ ୧୦ ଦିନିଆ 'ଅନ୍‌କଟ ଜୁଏଲେରି ଶୋ'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ବ୍ରାଣ୍ଡର ପ୍ରମୁଖ ଗ୍ରାହକ, ଷ୍ଟୋର ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଉକ୍ତ ଶୋ'ର ଉଦ୍‌ଘାଟନ କରାଯାଇଥିଲା। ଉକ୍ତ ଶୋ' ଚଳିତ ବର୍ଷ ଜାନୁୟାରୀ ୨୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଶହୀଦ ନଗର ଷ୍ଟୋରରେ ଜାରି ରହିବ। ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୨୨ କ୍ୟାରେଟ ସୁନା ଗହଣାର ଏକ୍ସଚେଞ୍ଜ ଉପରେ ୦%ର ରିହାତି ସୁବିଧା ଗ୍ରାହକଙ୍କୁ ଦିଆଯାଉଛି। ସେହିଭଳି ଉକ୍ତ ଶୋ'ରେ ବ୍ରାଣ୍ଡ ପ୍ରମୁଖ ଡିଜାଇନ ତଥା ଅନ୍‌କଟ ଡାଇମଣ୍ଡ ଜୁଏଲେରି 'ଏରା'ର ପ୍ରଦର୍ଶନ ସହ ବିକ୍ରୟ କରାଯାଉଛି। ଏ ସମ୍ପର୍କରେ ମାଲାବାର ଗ୍ରୁପର ଓଡ଼ିଶା ବାଣିଜ୍ୟିକ ମୁଖ୍ୟ ସିଦ୍ଧେଶ୍ୱର ରଥ କହିଥିଲେ, ଆଗାମୀ ପାର୍ବଣ ଓ ବିବାହ ଋତୁକୁ ନଜରରେ ରଖି କମ୍ପାନୀ ଅନେକ ଆକର୍ଷଣୀୟ ଅଫର ସାଙ୍ଗକୁ ଅଳଙ୍କାର ପ୍ରଦର୍ଶନୀ କରାଉଛି। ଫଳରେ ଗ୍ରାହକ ସେମାନଙ୍କର ଚାହିଦା ଓ ଆବଶ୍ୟକତା ସହ ବ୍ରାଣ୍ଡର ସମସ୍ତ ଉତ୍ପାଦକୁ ଭଲ ଭାବେ ଦେଖିବା ସହ କ୍ରୟ ମଧ୍ୟ କରିବା ନେଇ ଆଶା କରାଯାଉଛି ବୋଲି ରଥ ମତପ୍ରକାଶ କରିଛନ୍ତି। ସେହିପରି ଓଡ଼ିଶାରେ ମଧ୍ୟ ବ୍ରାଣ୍ଡର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବ୍ରାଣ୍ଡ ଆଗାମୀ ଦିନରେ ଆହୁରି ସେବା ଓ ସୁବିଧା ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଇବ ବୋଲି ଷ୍ଟୋର ହେଡ୍ ତଥା କମ୍ପାନୀର ପ୍ରତିନିଧି ଅସନାଫ ମତ ପ୍ରକାଶ କରିଥିଲେ। ଏପରିକି ବ୍ରାଣ୍ଡର ଚାହିଦା ଦେଶ ବିଦେଶରେ ବଢ଼ିବାରେ ଲାଗିଛି। ବର୍ତ୍ତମାନ ଦେଶରେ ମାଲାବାରର ୨୯୦ରୁ ଅଧିକ ଷ୍ଟୋର ରହିଥିବା ବେଳେ ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଅସନାଫ କହିଛନ୍ତି।

# 'ଡିଜିଟାଇଜେଶନ କାରବାରକୁ ଗୁରୁତ୍ୱାରୋପ'

ନୂଆଦିଲ୍ଲୀ,୨୨।୧

ଦେଶର ପ୍ରମୁଖ ଫିନ୍‌ଟେକ ପ୍ଲାଟଫର୍ମ ଫୋନ୍ ପେ' ଡିଜିଟାଇଜେଶନ କ୍ଷେତ୍ରର ସମ୍ପ୍ରସାରଣ ଓ ଗୁରୁତ୍ୱାରୋପକୁ ଦୃଷ୍ଟିରେ ରଖି ପାଣ୍ଠି ସଂଗ୍ରହ ସମ୍ପର୍କରେ ଘୋଷଣା କରିଥିଲା। ଫଳରେ କମ୍ପାନୀ ୧୨ ବିଲିୟନ ଡଲାରର ପ୍ରି-ମନି ଭାଲ୍ୟୁଏଶନରେ ଜେନେରାଲ ଆଟଲାଣ୍ଟିକଠାରୁ ଫଣ୍ଡିଂରେ ୩୫୦ମିଲିୟନ ଡଲାର ସଂଗ୍ରହ କରିଛି। ଏ ସମ୍ପର୍କରେ ଫୋନ୍ ପେ'ର ପ୍ରତିଷ୍ଠାତା ତଥା ସିଇଓ ସମୀର ନିଗମ କହିଛନ୍ତି, ଆମ ଉପରେ ବିଶ୍ୱାସ ରଖିଥିବାରୁ ମୁଁ ଜେନେରାଲ ଆଟଲାଣ୍ଟିକ ଏବଂ ନୂତନ ବିନିଯୋଗକାରୀମାନଙ୍କୁ ଧନ୍ୟବାଦ ଜଣାଉଛି। ଫୋନ୍ ପେ'ର ଦେଶବ୍ୟାପୀ ଡିଜିଟାଇଜେଶନକୁ ଆଗେଇ ନେବାରେ ସାହାଯ୍ୟ କରିଥିବାରୁ ଗର୍ବିତ ଏବଂ ଏହା ବିଶ୍ୱାସ କରୁଛି ଯେ ଏହି ଶକ୍ତିଶାଳୀ ସରକାରୀ-ବେସରକାରୀ ସହଯୋଗ ଭାରତୀୟ ଡିଜିଟାଲ ଇକୋସିଷ୍ଟମକୁ ଏକ ବିଶ୍ୱସ୍ତରୀୟ ଉଦାହରଣ ରୂପେ ପ୍ରସ୍ତୁତ କରିପାରିଛି ବୋଲି ନିଗମ ମତପ୍ରକାଶ କରିଛନ୍ତି।


# Classified Everyday
0674-2580101, 2549949


REAL ESTATE

SALE

ଝିଅ ବିଭାଘର ପାଇଁ ଗଙ୍ଗପଡ଼ାରେ ୩୦ ଫୁଟ ରୋଡ୍ ଥାଇ ୧୦ ଗୁଣ୍ଠ ଘରବାଡ଼ି ଜମି ବିକ୍ରି ହେବ (ଗୁଣ୍ଠ- 7,50,000/-)। 9853150290. D-74193

Schedulecaste ପ୍ଲଟ୍ ଝାଁଳା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ 2400sqft. 24,00,000/-. 8260032051. D-74194

ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.- 650/-. 8249081980. D-74187

ଭୁବନେଶ୍ୱର ରସୁଲଗଡ଼ 3BHK flat, ନଖରା ଛକ, ହଂସପାଳ ଛକ, 3BHK Duplex, ଘରବାରି ପ୍ଲଟ୍ ସାଇ ମନ୍ଦିର, ରଙ୍ଗବଜାର, ବାଳକାଟୀ ନିକଟରେ ମିଳୁଛି। 8327785834, 9658122456. D-74188

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

ଭୁବନେଶ୍ୱର ହଂସପାଳଛକରୁ 5 K.M. ମଧ୍ୟରେ ବେଣୁପୁରରେ 30' ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। 6371364640, 9776366322. D-74184

ଭୁବନେଶ୍ୱର ବାଲିଅନ୍ତା ପୋଲିସ ଷ୍ଟେସନ ପାଖରେ ଘରବାରି ପ୍ଲଟ୍ 30'Road, Electricity ଥାଇ ମିଳୁଛି। (Boundary, registration free). 9337922588. D-74190

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74191

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195

ଭୁବନେଶ୍ୱର ରସୁଲଗଡ଼, ନଖରା, ମଞ୍ଚେଶ୍ୱର, ହଂସପାଳ, ପାତ୍ରପଡ଼ା, ବାଳକାଟୀ, ମନ୍ଦାରବସ୍ତ, ବାରଙ୍ଗ ନିକଟରେ flat, duplex, simplex plot ଘରବାଡ଼ି) ସୁଲଭ ମୂଲ୍ୟରେ (ମିଳୁଛି। 7978671232 Whatsapp- 8908710655. D-74189

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652. D-74192




Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74632

Newly open full body massage ladies and gents. 8327740003, 8093860513. D-74631

Revitalize your-self with our ayurvedic massage and refreshment. Contact: 8984068198. D-74509

Full body massage by experience therapist @ 999 only. 9078484455 (Bhubaneswar). D-2453

Newly open health benefits SPA special offer@999 Nayapalli. 7846814019. D-73676

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଆମ ସାଇର ବ୍ରତଘର




ଆମ କଲ୍ୟାଣୀୟ ନାତି ଆୟୁଷ୍ମାନ ଶ୍ରୀମାନ ଶ୍ରେୟାସ (ସାଇ)ଙ୍କର ବ୍ରତଘର ବୈଦିକ ରୀତିନୀତିରେ ଆଜି ଅନୁଷ୍ଠିତ ହେଉଛି। ଆପଣ, ଆମ ଘରେ ପାଦରଖି ବ୍ରହ୍ମଚାରୀଙ୍କୁ ଶୁଭ ଆଶିଷ ବାଢ଼ି ଦେବାକୁ ଅନୁରୋଧ। ଆପଣଙ୍କ ଅପେକ୍ଷାରେ- ଶ୍ରୀମତୀ ପ୍ରେମଲତା ମହାପାତ୍ର, ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ର।
ରାଜନଗର, କେନ୍ଦ୍ରାପଡ଼ା
ଧ-୨୪୬୦

1st Wedding Anniversary



Dipuna & Subrat
At: Jharpada, Bhubaneswar
Congratulation on one year of love, friendship and togetherness. Happy 1st Wedding Anniversary
From: Baba & Mommy.
D-2562

LOST

I Sabita Khosla,W/o- Aditya Sen have lost the sale deed of plot No-989/2875, Mouza-Boringpadar, Khata No-356/646,on the way on Date 12.01.2023. When I was travelled by Bus from Kesinga to Junagarh. I searched the same but couldn't traced. D-2564

AFFIDAVIT

I Sahenaz Begam, W/o- Daud Khan, At/PO.-Santarapur, Dist.-Keonjhar declare my name is Sahenaz Begam as per PAN, AADHAAR and Bank Pass Book. In my Votor ID and ROR (Khat No.- 466/326, Khata No.-1787 Mauza- Santarapur, SRO- Ghatagaon) is mentioned as Sehanaj Bibi both the names are same and one person. D-2563


BUSINESS

ନୂଆ କିମ୍ବା ପୁରୁଣାଘରେ ଉଇ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




ଏକାଦଶାହ ଉପଲକ୍ଷେ



ପୂର୍ବତନ ପ୍ରଶାସକ ସମବାୟ ବିଭାଗ
ଏଭାଗିରଥୀ ମହାନ୍ତି।
ଗ୍ରାମ -କଳସାହି,ଅଲଣାହାଟ
ଜିଲ୍ଲା -ଜଗତସିଂହପୁର
ଆବିର୍ଭାବ- ୨୧.୦୩.୧୯୩୦
ତିରୋଧାନ-୧୩.୦୧.୨୦୨୩
ଆପଣଙ୍କ ଅନୁଶାସନ, ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ୍ଭମାନଙ୍କର ପାଥେୟ ହେଉ ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ବର୍ଗ
ଅନ୍ଦରପୁର, ନିୟୁକଲୋନି, କଲ୍ୟାଣୀନଗର, କଟକ
ଧ-୨୫୪୮

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଦେବେନ୍ଦ୍ର କୁମାର ସିଂହ (ମୁନା)
ମହାବୀର ବଜାର, ଢେଙ୍କାନାଳ
ଆବିର୍ଭାବ: ୦୯।୦୭।୧୯୫୨
ତିରୋଧାନ: ୧୩।୦୧।୨୦୨୩
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୭୪୦୩୭

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**୩୭୦ ଉଚ୍ଛେଦ ସତ୍ତ୍ୱେ ଆତଙ୍କବାଦ ସକ୍ରିୟ ରହିଛିଃ ଦିଗ୍‌ବିଜୟ**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସତ୍ତ୍ୱେ ଆତଙ୍କବାଦ ସକ୍ରିୟ ରହିଥିବା ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ରବିବାର କହିଛନ୍ତି। ରାଜୌରୀ ଜିଲାର ଧାଙ୍ଗ୍ରୀ ଗ୍ରାମରେ ନିକଟରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଉଦ୍‌ବେଗଜନକ। ଆକ୍ରମଣରେ ଆହତ ହୋଇ ସ୍ଥାନୀୟ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଲୋକଙ୍କୁ ଭେଟିବା ଅବସରରେ ଦିଗ୍‌ବିଜୟ ଏହା କହିଛନ୍ତି। ତାଙ୍କ ସହ ବରିଷ୍ଠ ନେତା ଜୟରାମ ରମେଶ ଏବଂ ଜମ୍ମୁ-କଶ୍ମୀର ପ୍ରଦେଶ କଂଗ୍ରେସ କମିଟି ମୁଖ୍ୟ ମୁଖପାତ୍ର ରବୀନ୍ଦ୍ର ଶର୍ମା ଥିଲେ।

# ସାମ୍ବାରେ ଭାରତ ଯୋଡ଼ୋ ଯାତ୍ରା



ଜମ୍ମୁ-କଶ୍ମୀରର ସାମ୍ବାରେ ରବିବାର ଭାରତ ଯୋଡ଼ୋ ଯାତ୍ରାରେ ରାହୁଲ ଗାନ୍ଧୀଙ୍କ ସହ ସମର୍ଥକମାନେ।

ସାମ୍ବା,୨୨।୧(ପି.ଟି.)

ଜମ୍ମୁ-କଶ୍ମୀରରେ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ରବିବାର ୨୧ କିଲୋମିଟର ଅତିକ୍ରମ କରିବା ପରେ ଅପରାହ୍ନରେ ସାମ୍ବାରେ ପହଞ୍ଚିଛି। ଜମ୍ମୁରେ ଶନିବାର ଦୁଇଟି ବିସ୍ଫୋରଣ ଘଟିଥିବାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ହୋଇଥିଲା। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ପଦଯାତ୍ରା ସୋମବାର ଅପରାହ୍ନରେ ଜମ୍ମୁରେ ପହଞ୍ଚିବ। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଯାତ୍ରାକୁ ଲୋକମାନଙ୍କର ଅଭୂତପୂର୍ବ ସମର୍ଥନ ମିଳୁଛି। ଏଥିରେ ଶାସକ ଦଳ ଭାଜପା ଭୟଭୀତ। ତେଣୁ ରାହୁଲ ଗାନ୍ଧୀଙ୍କ ଭାବମୂର୍ତ୍ତି ଖରାପ କରିବା ଲାଗି ଏହି ଦଳ ସମସ୍ତ ଉଦ୍ୟମ ଚଳାଇଥିବା ଜୟରାମ ରମେଶ ଅଭିଯୋଗ କରିଛନ୍ତି। ଭାଜପା ମୁଖ୍ୟ ପ୍ରସଙ୍ଗଠାରୁ ଲୋକଙ୍କ ଧ୍ୟାନ ହଟାଇବା କୌଶଳ ଆପଣାଇଛି। ଲୋକଙ୍କୁ ପଦଯାତ୍ରାଠାରୁ ଦୂରେଇ ରଖିବାକୁ ଉଦ୍ୟମ କରି ଏହି ଦଳ ବିଫଳ ହୋଇଥିବା ଜୟରାମ କହିଛନ୍ତି।

ଭାରତ ଯୋଡ଼ୋ ଯାତ୍ରା ଗୋଟିଏ ଦିନ ବନ୍ଦ ରହିବା ପରେ ରବିବାର ସକାଳେ ଜମ୍ମୁ-ପଠାନକୋଟ ରାଜପଥ ନିକଟ ହୀରାନଗରରୁ ଆରମ୍ଭ ହୋଇଥିଲା। ରାସ୍ତାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଗାଡ଼ିଗୁଡ଼ିକୁ ଅନ୍ୟ ରୁଟ୍‌ରେ ଛଡ଼ାଯାଇଥିଲା। ଯାତ୍ରାରେ ଜମ୍ମୁ-କଶ୍ମୀର କଂଗ୍ରେସ ସଭାପତି ବିକାର ରସୁଲ ୱାନି, କାର୍ଯ୍ୟକାରୀ ସଭାପତି ରମଣ ଭାଲ୍ଲାଙ୍କ ସହ ଶତାଧିକ ସ୍ୱେଚ୍ଛାସେବୀ ସାମିଲ ହୋଇ ତ୍ରିରଙ୍ଗା ଧରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟାରେ ଲୋକ ଉପସ୍ଥିତ ରହି ରାହୁଲଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଗାଁ ଗଣ୍ଡାରେ ସରକାର ବିରୋଧୀ ଆନ୍ଦୋଳନ କରିବ ଭାଜପା

ଭୁବନେଶ୍ୱର,୨୨।୧(ବ୍ୟୁରୋ)




ରାଜ୍ୟ କାର୍ଯ୍ୟକାରିଣୀରେ ଯୋଗଦେଇଥିବା କେନ୍ଦ୍ର ନେତୃବୃନ୍ଦ ଓ ଅନ୍ୟ ପଦାଧିକାରୀ।

## ସରିଲା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ

- ୨ ରାଜନୈତିକ ପ୍ରସ୍ତାବ ଆଗତ
- ଉପସ୍ଥିତ ରହିଲେନି ଗିରିଧର, ଶିଶିର
- ବିଜେଡି କହିଲା କ୍ୟାଡରଙ୍କୁ ଉତ୍ସାହିତ କରିବାକୁ ଚେଷ୍ଟା

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ନିକଟରେ ଓଡ଼ିଶା ଆସି ରାଜ୍ୟ ସରକାରଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ଉପରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ତେବେ ଏଠାରେ ସରକାରକୁ କିଏ ଚଳାଉଛି ଜଣାପଡୁ ନାହିଁ ବୋଲି ନଡ୍ଡା ନିକଟରେ ଓଡ଼ିଶା ଗସ୍ତରେ ଆସି ଦେଇଥିବା ମନ୍ତବ୍ୟ ଉପରେ କାର୍ଯ୍ୟକାରିଣୀରେ ଆଲୋଚନା ହୋଇଛି। ରାଜ୍ୟ ଶାସନ ଅବସ୍ଥା ସ୍ଥାଣୁ ପାଲଟିବା ସାଙ୍ଗକୁ ଏହା ଅମଲାତନ୍ତ୍ର କବ୍‌ଜାକୁ ଆସିଥିବା ଅଭିଯୋଗ ଆଣି ଏହି ପ୍ରସଙ୍ଗ ଗାଁ ଗାଁରେ ପହଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହାସହ ଦୁର୍ନୀତି, ଭ୍ରଷ୍ଟାଚାର, ପିଏମ୍-ଆବାସ ଯୋଜନାରେ କେଲେଙ୍କାରୀ ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗ ନେଇ ବଡଧରଣର ଆନ୍ଦୋଳନ ହେବ ବୋଲି ରାଜ୍ୟ କାର୍ଯ୍ୟକାରିଣୀରେ ନିଷ୍ପତ୍ତି ହୋଇଛି।

ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପଦାଧିକାରୀ ବୈଠକ ପରେ ରବିବାର ପ୍ରଥମେ ପଟିଆସ୍ଥିତ ଏକ ଘରୋଇ ହୋଟେଲଠାରେ କୋର୍ କମିଟି ବସିଥିଲା। ସେଥିରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପରେ ବସିଥିଲା ରାଜ୍ୟ କାର୍ଯ୍ୟକାରିଣୀ, ଯେଉଁଠାରେ ବିଜେଡି ବିରୋଧରେ ଲଢ଼େଇ ପାଇଁ ପ୍ରସ୍ତୁତ ହୋଇଥିଲା ବ୍ଲୁ ପ୍ରିଣ୍ଟ। ଫୋକସ୍‌ରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ପରାମର୍ଶ ରହିଥିଲା। କିଛିଦିନ ତଳେ ନଡ୍ଡା ଓଡ଼ିଶା ଗସ୍ତରେ ଆସି କହିଥିଲେ ଏଠି ସରକାରକୁ କିଏ ଚଳାଉଛି ଜଣାପଡୁନି। ନଡ୍ଡା କହିଯାଇଥିବା ପ୍ରସଙ୍ଗକୁ ଜନସାଧାରଣ ମଧ୍ୟ ଅନୁଭବ କରୁଥିବା ଭାଜପା କହିଛି। ରାଜ୍ୟ ଶାସନ ବ୍ୟବସ୍ଥା ଅମଲାତନ୍ତ୍ର କବ୍‌ଜାରେ ଓ ଜନପ୍ରତିନିଧି ଅସହାୟ ଅବସ୍ଥାରେ ଥିବାବେଳେ ଗଣତନ୍ତ୍ର ବିପଦରେ ରହିଛି। ଏହାଦ୍ୱାରା ବିକାଶ ବାଧାପ୍ରାପ୍ତ ହେଉଥିବା ଭାଜପା ଅନୁଭବ କରି ସିଧା ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଥିଲା। ମୁଖ୍ୟମନ୍ତ୍ରୀ ବିଧାନସଭାକୁ ନ ଆସିବା, ମନ୍ତ୍ରୀମାନେ ପ୍ରଶ୍ନକାଳରେ ଉପସ୍ଥିତ ନ ରହିବା ଆଦି ପ୍ରସଙ୍ଗ କାର୍ଯ୍ୟକାରିଣୀରେ ଉଠାଯାଇଥିଲା। ଗାଁ ଗଣ୍ଡାରେ ଏହିସବୁ ପ୍ରସଙ୍ଗ ଏବଂ ସରକାରଙ୍କ ସ୍ଥାଣୁତା ବିଷୟ ଉଠାଯିବ ବୋଲି ନିଷ୍ପତ୍ତି ହୋଇଛି। କାର୍ଯ୍ୟକାରିଣୀ ପରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ରାଜ୍ୟ ସରକାର ନିଜ ମଳିନ ଛବିକୁ ଘୋଡ଼ାଇବା ପାଇଁ ହକିକୁ ଆୟୁଧ କରିଛନ୍ତି। ଆବାସ କେଲେଙ୍କାରୀ, ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ବଳାତ୍କାର, ବେକାରି ସମସ୍ୟା, ଚାଷୀ ସମସ୍ୟା ସାଙ୍ଗକୁ ମଣ୍ଡି ଅବ୍ୟବସ୍ଥା, ଶିକ୍ଷକ ଅଭାବ ସାଙ୍ଗକୁ ଦୁର୍ବଳ ଶିକ୍ଷା ଭିତ୍ତିଭୂମି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ରାଜନୀତିରେ ଅପରାଧୀକରଣ, ଆଦିବାସୀ, ଦଳିତଙ୍କୁ ଅଣଦେଖା ଏବଂ ପଛୁଆ ବର୍ଗକୁ ଅବହେଳା ଏବଂ ଦୁର୍ନୀତି ଓ ଭ୍ରଷ୍ଟାଚାର ପ୍ରସଙ୍ଗରେ ଆନ୍ଦୋଳନ କରିବାକୁ ଦଳ ନିଷ୍ପତ୍ତି ନେଇଛି ବୋଲି ମାଝି କହିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ଡି ପୁରନ୍ଦେଶ୍ୱରୀ, ସହ ପ୍ରଭାରୀ ବିଜୟ ସିଂ ତୋମାର, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ହେଲେ ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଗିରିଧର ଗମାଙ୍ଗ ଏବଂ ତାଙ୍କ ପୁଅ ଶିଶିର ଗମାଙ୍ଗ ଉପସ୍ଥିତ ନ ରହିବା ନେଇ ଚର୍ଚ୍ଚା ଜୋର୍ ଧରିଛି। କିଛିଦିନ ତଳେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କୁ ଉଭୟ ଗମାଙ୍ଗ ଭେଟି ଚର୍ଚ୍ଚାରେ ରହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟକାରିଣୀକୁ ଟାର୍ଗେଟ କରିଛି ବିଜେଡି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ସମସ୍ତ ୩୦ ଜିଲା ପରିଷଦରେ ହାରିଯିବା ପରେ ଓଡ଼ିଶା ଭାଜପା ହତାଶ ହୋଇପଡ଼ିଛି। ନିଜର କ୍ୟାଡରକୁ ଉତ୍ସାହିତ କରିବାକୁ କେବଳ ଚେଷ୍ଟା କରୁଛି। ଭାଜପା ସର୍ବାଧିକ ପରିମାଣରେ ମିଥ୍ୟା ପ୍ରଚାର କରୁଛି ଏବଂ ଲୋକଙ୍କ ପ୍ରସଙ୍ଗ ଉଠାଉ ନାହିଁ। ଯେଉଁଥିପାଇଁ ରାଜ୍ୟବାସୀ ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି ବୋଲି ଲେନିନ କହିଛନ୍ତି।

# ନିର୍ବାଚନ ଆସିଲେ ହିସାବ ନେବୁ

## ପୋଲିସଙ୍କୁ କମଲନାଥଙ୍କ ଧମକ

ନିୱାରି,୨୨।୧

ଚଳିତ ବର୍ଷ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କମଲନାଥ ରାଜ୍ୟର ପୋଲିସ ଅଧିକାରୀମାନଙ୍କୁ ଧମକ ଦେଇ ବିବାଦ ଘେରକୁ ଆସିଛନ୍ତି। ଠିକ୍ ହିସାବ ନିଆଯିବ ବୋଲି କମଲନାଥ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବାବେଳେ ପୋଲିସ ଅଧିକାରୀଙ୍କୁ ଲକ୍ଷ୍ୟ କରି କହିଥିଲେ। ନିର୍ବାଚନ ଆଉ ୮ ମାସ ରହିଲା। କେହି ଆକ୍ରମଣାତ୍ମକ କିମ୍ବା ଭୟଭୀତ ହେବାର କାରଣ ନାହିଁ। ସବୁ ପୋଲିସ ଅଫିସର କାନ ଖୋଲି ଶୁଣନ୍ତୁ। ଯେଉଁ ଅଫିସରମାନେ ଦାୟୀ ସେମାନଙ୍କୁ ଆଗାମୀ ନିର୍ବାଚନରେ ଦେଖାଯିବ ବୋଲି କମଲନାଥ କହିଥିଲେ। କଂଗ୍ରେସ ନେତାଙ୍କ ଏଭଳି ଧମକକୁ ଭାଜପା ସମାଲୋଚନା କରିଛି। କମଲନାଥ ତାଙ୍କ ଅଗଣତାନ୍ତ୍ରିକ ଏମର୍ଜେନ୍ସି ମାନସିକତା ପ୍ରଦର୍ଶନ କରିଛନ୍ତି ବୋଲି ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା କହିଛନ୍ତି। ଏହା ପ୍ରେମର ଦୋକାନ ନୁହେଁ, ଧମକର ଦୋକାନ। କଂଗ୍ରେସ ସବୁବେଳେ ଏମର୍ଜେନ୍ସି ମାନସିକତା, ପ୍ରତିଶୋଧ ଏବଂ ଷଡ଼ଯନ୍ତ୍ରପୂର୍ଣ୍ଣ ରାଜନୀତିରେ ବିଶ୍ୱାସ କରିଆସିଛି ବୋଲି ପୁନାୱାଲା କହିଛନ୍ତି।

# ୟୁପିର ସବୁ ଆସନରେ ଭାଜପା ହାରିବ: ଅଖିଳେଶ

## ୨୦୨୪ ଲୋକ ସଭା ନିର୍ବାଚନ



ଲକ୍ଷ୍ନୌ,୨୨।୧

୨୦୨୪ ଲୋକ ସଭା ନିର୍ବାଚନରେ ଉତ୍ତରପ୍ରଦେଶର ସମସ୍ତ ୮୦ ଆସନରେ ଭାଜପା ନିଶ୍ଚୟ ପରାଜୟର ସ୍ୱାଦ ଚାଖିବ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ରବିବାର କହିଛନ୍ତି। ଉତ୍ତରପ୍ରଦେଶକୁ ଆଗାମୀ ୫୦ ବର୍ଷ ଯାଏ ଭାଜପା ଶାସନ କରିବ ବୋଲି ଏହାର ନେତା ଦାବି କରିଥିଲେ। ଏବେ ସେମାନଙ୍କର ଦିନ ଗଣିବା ସମୟ ଆସିଯାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଉତ୍ତରପ୍ରଦେଶର ଦୁଇଟି ମେଡିକାଲ କଲେଜକୁ ଆସିଲେ, ତାଙ୍କ ଦଳ କେତେ ଆସନରେ ଜିତିବ ତାହା ସେ ବୁଝିପାରିବେ ବୋଲି ଅଖିଳେଶ କହିଛନ୍ତି। ହାଜତରେ ମୃତ୍ୟୁ ଘଟିଥିବା ଲୋକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏ ସହାୟତା ଏବଂ ପରିବାରରୁ ଜଣକୁ ଚାକିରି ଦେବା ଲାଗି ଲକ୍ଷ୍ନୌରେ ଚାଲିଥିବା ଭାଜପା ରାଜ୍ୟ କାର୍ଯ୍ୟକାରିଣୀରେ ପ୍ରସ୍ତାବ ଗୃହୀତ କରାଇବାକୁ ଅଖିଳେଶ ଦାବି କରିଛନ୍ତି।

## ଫୁର୍‌ସତ୍




# ଅଗଷ୍ଟ ୧୧ରେ 'ଜେଲର'

**ହାଇଦ୍ରାବାଦ:** ସୁପରଷ୍ଟାର ରଜନୀକାନ୍ତ ତାଙ୍କ ଆଗାମୀ ଫିଲ୍ମ 'ଜେଲର'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ପ୍ରଶଂସକମାନେ ଉତ୍ସାହର ସହ ତାଙ୍କ ସିନେମାକୁ ଅପେକ୍ଷା କରି ବସିଛନ୍ତି। ମୁଭିଟି ଚଳିତବର୍ଷ ଏପ୍ରିଲ୍ କିମ୍ବା ମେ'ରେ ମୁକ୍ତିଲାଭ କରିବାର ଥିଲା। ହେଲେ ବର୍ତ୍ତମାନ ଏହାର ରିଲିଜ୍ ତାରିଖ ଘୁଞ୍ଚାଯାଇଛି, ଯେଉଁଥିପାଇଁ ଦର୍ଶକଙ୍କୁ ଆହୁରି କିଛିଦିନ ଅପେକ୍ଷା କରିବାକୁ ପଡ଼ିବ। ତେବେ ନିର୍ମାତା ନେଲ୍‌ସନ୍ ଦିଲୀପ କୁମାର ଆସନ୍ତା ଅଗଷ୍ଟ ୧୧ରେ ଚଳଚ୍ଚିତ୍ର ରିଲିଜ୍ କରିବାକୁ ଯୋଜନା କରୁଛନ୍ତି। ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା କଳାକାରଙ୍କ କାର୍ଯ୍ୟସୂଚୀ ଯୋଗୁ 'ଜେଲର' ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଏହା ଏକ କମିକ ଥ୍ରୀଲର ଫିଲ୍ମ। ଜେଲରରେ ରଜନୀକାନ୍ତଙ୍କ ବ୍ୟତୀତ ମାଲାୟଲମ ସୁପରଷ୍ଟାର ମୋହନଲାଲ, କନ୍ନଡ ସୁପରଷ୍ଟାର ଶିବ ରାଜକୁମାର ମଧ୍ୟ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି।

# ପ୍ରତିମୂର୍ତ୍ତିର ବିବାହ

## ପରିବାର ଲୋକଙ୍କ ବିରୋଧ ପରେ ଆତ୍ମହତ୍ୟା କରିଥିଲେ ପ୍ରେମୀଯୁଗଳ

ଅହମଦାବାଦ



ଗୁଜରାଟର ଟପି ଜିଲାରେ ଏକ ପ୍ରେମୀଯୁଗଳଙ୍କ ପ୍ରତିମୂର୍ତ୍ତି ତିଆରି କରି ବିବାହ ଅନୁଷ୍ଠିତ ହୋଇଥିବା ନଜରକୁ ଆସିଛି। ରିପୋର୍ଟ ମୁତାବକ, ଗଣେଶ ପଡ୍‌ଭି ଏବଂ ରଞ୍ଜନା ପଡ୍‌ଭି ଦୁହେଁ ଦୁହିଁଙ୍କୁ ପ୍ରେମ କରୁଥିଲେ। ସେମାନେ ପରିବାରର ସହମତିରେ ବିବାହ କରିବାକୁ ଚାହୁଁଥିଲେ। ହେଲେ ତାଙ୍କ ପରିବାର ଲୋକେ ଏହି ସମ୍ପର୍କକୁ ସ୍ୱୀକାର ନ କରି ଅନେକ ସେମାନଙ୍କୁ ବିରୋଧ କରୁଥିଲେ। ଏପରି ଅପବାଦ ସହି ନ ପାରି ଉଭୟେ ଗତବର୍ଷ ଅଗଷ୍ଟରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଦୁହେଁ ଘରୁ ବାହାରି ଯାଇ ଏକ ଗଛରେ ଏକାଠି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ହେଲେ ସେମାନଙ୍କ ମୃତ୍ୟୁର ୬ ମାସ ପରେ ବର୍ତ୍ତମାନ ତାଙ୍କ ପରିବାର ଲୋକେ ନିଜ ଭୁଲ ବୁଝିପାରିଛନ୍ତି। ଗଣେଶ ଏବଂ ରଞ୍ଜନାଙ୍କ ପ୍ରେମକୁ ସମ୍ମାନ ଜଣାଇ ସେମାନଙ୍କ ପ୍ରତିମୂର୍ତ୍ତିକୁ କନ୍ୟା, ବର ବେଶରେ ସଜେଇ ରୀତିନୀତି ଅନୁସାରେ ବିବାହ କରିଥିବା ଜଣାପଡିଛି।

# ଦୁନିଆର ସବୁଠାରୁ ବଡ଼ ପିଜା



**ବେଜିଂ:** ବର୍ତ୍ତମାନ ସମୟରେ ପିଜା ସବୁଠାରୁ ଅଧିକ ଲୋକପ୍ରିୟ ଖାଦ୍ୟ ଭାବେ ଜଣାଶୁଣା। ଚାଇନାରେ ଥିବା ଆମେରିକୀୟ ମଲ୍ଟି ନ୍ୟାଶନାଲ ରେଷ୍ଟୁରାଣ୍ଟ 'ପିଜା ହଟ୍' ଦୁନିଆର ସବୁଠାରୁ ବଡ଼ ପିଜା କରି ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛି। ସୂଚନା ଅନୁସାରେ, ଉକ୍ତ ପିଜାର ଆକାର ୧୩ ହଜାର ୯୯୦ ସ୍କୋୟାର ଫୁଟ୍। ଏହାକୁ ତିଆରି କରିବାରେ ୬,୧୯୩ କି.ଗ୍ରା. ମଇଦା ବ୍ୟବହାର କରାଯାଇଥିବାବେଳେ ୩,୯୯୦ କେଜି ଛେନା ଲାଗିଛି। ବଜାରରେ ମିଳୁଥିବା ସାଧାରଣ ପିଜାରେ ୧୨ କି ୧୪ ସ୍ଲାଇସ୍ ରହୁଥିବାବେଳେ ଏଥିରେ ୬୮ ହଜାର ସ୍ଲାଇସ୍ ରହିଛି। ୟୁଟ୍ୟୁବର୍ ଏରିକ 'ଏୟାରର୍‌ୟାକ୍' ମଧ୍ୟ ପିଜା ପ୍ରସ୍ତୁତ କରିଥିବା ଟିମ୍‌ରେ ସାମିଲ ହୋଇଥିଲେ।

# ୭ କେଜିର ନବଜାତ ଶିଶୁ

**ବ୍ରାସିଲିଆ:** ସବୁ ମା'ଙ୍କ ପାଇଁ ଗର୍ଭଧାରଣ ଏବଂ ପିଲା ଜନ୍ମ ବହୁତ ଖାସ୍ ହୋଇଥାଏ। ମୁଖ୍ୟତଃ ପିଲାର ଓଜନ ୫୦୦ ଗ୍ରାମ୍‌ରୁ ସାଢ଼େ ୩ କେଜି ପର୍ଯ୍ୟନ୍ତ ରହିଥାଏ। କିନ୍ତୁ ବ୍ରାଜିଲ୍‌ରେ ଏପରି ଏକ ଶିଶୁ ଜନ୍ମ ହୋଇଛି, ଯାହାର ଓଜନ ୭ କିଲୋଗ୍ରାମ ହୋଇଥିବାବେଳେ ଲମ୍ବ ୨ ଫୁଟ। ଦେଖିବାକୁ ବର୍ଷକର ଶିଶୁ ଭଳି। ରିପୋର୍ଟ ମୁତାବକ, ପିଲାଟିର ଜନ୍ମ ୧୮ ଜାନୁୟାରୀରେ ଆମାଜନ୍ସ ଷ୍ଟେଟ୍‌ରେ ହୋଇଛି। ଜନ୍ମବେଳେ ଶିଶୁଟିର ଉଚ୍ଚତାକୁ ଦେଖି ଡାକ୍ତର 'ସୁପରସାଇଜ୍ ବେବି' ବୋଲି କହିଥିଲେ। ସେବେ ପିଲାର ମା' ଗର୍ଭାବସ୍ଥା ଚେକ୍‌ଅପ୍ ପାଇଁ ଯାଇଥିବାବେଳେ ଡାକ୍ତର ତାଙ୍କୁ ଡାକ୍ତରଖାନାରେ ରଖିଥିଲେ ଏବଂ ତା' ପରଦିନ ହିଁ ସେ ପିଲା ଜନ୍ମ ଦେଇଥିଲେ। ତେବେ ଗିନିଜ୍ ୱାର୍ଲ୍ଡ ରେକର୍ଡ ମୁତାବକ, ଦୁନିଆର ସବୁଠାରୁ ଅଧିକ ଓଜନିଆ ଶିଶୁ ୧୯୫୫ରେ ଇଟାଲିରେ ଜନ୍ମ ହୋଇଥିଲା, ଯାହାର ଓଜନ ଥିଲା ୧୦.୨ କି.ଗ୍ରା।



# ଶୀତଦିନିଆ ଚର୍ମ ରୋଗ ଓ ପ୍ରତିକାର



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ଶୀତଦିନେ ସାଧାରଣତଃ ଥଣ୍ଡାର ପ୍ରକୋପ ହେତୁ ଆମ ଦେହର ବାହ୍ୟଭାଗ ଚର୍ମରେ ରହିଥିବା ଆଦ୍ରତାର ପରିମାଣ ହ୍ରାସ ପାଇବା ହେତୁ ଚର୍ମ ଶୁଷ୍କତା ହୋଇ ବିଭିନ୍ନ ରୋଗ ଦେଖାଦେଇଥାଏ। ବିଇଞ୍ଚି ଘା, କୁଣ୍ଡିଆ, ଶିଶୁଙ୍କ ଚର୍ମରେ ବିସ୍ଫୋଟ(ବ୍ରଣ ପରି ଛୋଟ ଛୋଟ), ଲାଲ କାତି ପରି ଦାଗ ହୋଇଥିବା ଚର୍ମ ରୋଗ(Psoriasis), ହାତ ଗୋଡ଼ର ଚର୍ମ ଫାଟିବା, ଓଠ ଫାଟିବା ସହ ଥଣ୍ଡାଜନିତ ଜଳବାୟୁ ଚର୍ମର ସଂସ୍ପର୍ଶରେ ଆସି ବିଭିନ୍ନ ଚର୍ମରୋଗ ଦେଖାଦେଇଥାଏ।"

ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ରୋଗ ଦେଖାଦେଇଥାଏ। ବିଶେଷଭାବରେ ଶୀତଦିନେ କେତେକ ରୋଗ ଦ୍ୱାରା ଆମେ ଆକ୍ରାନ୍ତ ହୋଇଥାଉ। କେବଳ ଛୋଟ ପିଲା ନୁହନ୍ତି, ଗର୍ଭବତୀ, ବୟସ୍କ ବ୍ୟକ୍ତିଙ୍କ ବ୍ୟତୀତ ଯୁବପିଢ଼ି ମଧ୍ୟ ଏହି ଶୀତଦିନିଆ ରୋଗର ଶିକାର ହୋଇଥାନ୍ତି। ସେହିଭଳି ଆମ ଭାରତରେ ଶୀତଋତୁର ଆଗମନ ହେଲେ ସାଧାରଣତଃ ପ୍ରାୟ ସମସ୍ତଙ୍କୁ ଥଣ୍ଡା, ଜ୍ୱର, କାଶ ସମେତ ବିଭିନ୍ନ ଚର୍ମଜନିତ ରୋଗ ଯଥା ଯାଦୁ, କାଛୁ, କୁଣ୍ଡିଆ, ଶୁଷ୍କ ଚର୍ମ, ପାଦ ଫାଟିବା, ଜିଭ ଧରିବା, ଓଠ ଫାଟିବା, ମୁହଁରେ ଦାଗ ସୃଷ୍ଟି ହେବା ଆଦି ବିଭିନ୍ନ ଶୀତଋତୁଜନିତ ଚର୍ମରୋଗ ଦେଖାଦେଇଥାଏ। ଏହାର ମୁଖ୍ୟ କାରଣ ହେଲା ଶରୀରରେ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇବା। ଶୀତଋତୁରେ ହେଉଥିବା ଚର୍ମ ରୋଗଜନିତ ସ୍ୱାସ୍ଥ୍ୟ ସମସ୍ୟାର ପ୍ରତିକାର ଓ ପ୍ରତିରୋଧ ନିମନ୍ତେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ଘଟାଇବା ପାଇଁ ଭିଟାମିନ-ସି ଏବଂ ଭିଟାମିନ-ଡି ବୃଦ୍ଧି କରାଇବା ସହିତ ରୋଗର ପ୍ରତିକାର ଓ ପ୍ରତିରୋଧ ପାଇଁ ସଜାଗ ନିହାତି ଜରୁରୀ ଅଟେ।

କାର୍ତ୍ତିକ ମାସରୁ ଧୀରେ ଧୀରେ ଶୀତ ଅନୁଭୂତ ହେଉଥିଲେ ସୁଦ୍ଧା, ସେପ୍ଟେମ୍ବର ୨୩ ତାରିଖ ପରେ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କଠାରୁ କ୍ରମଶଃ ଦୂରତା ବଢ଼ିବା ଆରମ୍ଭ ହୋଇଥାଏ, ତା'ର ଫଳସ୍ୱରୂପ ଉତ୍ତର ଗୋଲାର୍ଦ୍ଧରେ କ୍ରମଶଃ ଉତ୍ତାପ ହ୍ରାସ ପାଇ ଥଣ୍ଡାର ପ୍ରକୋପ କ୍ରମଶଃ ବୃଦ୍ଧି ପାଇଥାଏ। ସାଧାରଣତଃ ପୌଷ ଓ ମାଘ ମାସ ଏବଂ ଇଂରାଜୀ ମାସ ଅନୁସାରେ ନଭେମ୍ବର ଶେଷ ସପ୍ତାହରୁ ଜାନୁୟାରୀ ଶେଷ ସପ୍ତାହ ପର୍ଯ୍ୟନ୍ତ ଶୀତଋତୁ ଭାବେ ଗ୍ରହଣ କରାଯାଇଥାଏ। ଶୀତଦିନେ ସାଧାରଣତଃ ଥଣ୍ଡାର ପ୍ରକୋପ ହେତୁ ଆମ ଦେହର ବାହ୍ୟଭାଗ ଚର୍ମରେ ରହିଥିବା ଆଦ୍ରତାର ପରିମାଣ ହ୍ରାସ ପାଇବା ହେତୁ ଚର୍ମ ଶୁଷ୍କତା ହୋଇ ବିଭିନ୍ନ ରୋଗ ଦେଖାଦେଇଥାଏ। ବିଇଞ୍ଚି ଘା, କୁଣ୍ଡିଆ, ଶିଶୁଙ୍କ ଚର୍ମରେ ବିସ୍ଫୋଟ(ବ୍ରଣ ପରି ଛୋଟ ଛୋଟ), ଲାଲ କାତି ପରି ଦାଗ ହୋଇଥିବା ଚର୍ମ ରୋଗ(Psoriasis), ହାତ ଗୋଡ଼ର ଚର୍ମ ଫାଟିବା, ଓଠ ଫାଟିବା ସହ ଥଣ୍ଡାଜନିତ ଜଳବାୟୁ ଚର୍ମର ସଂସ୍ପର୍ଶରେ ଆସି ବିଭିନ୍ନ ଚର୍ମରୋଗ ଦେଖାଦେଇଥାଏ। ଶୀତଦିନେ ସାଧାରଣତଃ ବହୁତ ବ୍ୟକ୍ତିଙ୍କ ପାଦର ଗୋଇଠି ଓ ଆଙ୍ଗୁଠି ଫାଟିଥାଏ, ଏହାର ପ୍ରତିକାର ପାଇଁ ପାଦରେ ମୋଜା ବ୍ୟବହାର କରିବା ଦ୍ୱାରା ପାଦରୁ ଝାଳ ନିର୍ଗତ ହୋଇ ଆଦ୍ରତା ସୃଷ୍ଟି ହୋଇ ପାଦ ଫାଟିବାର ଆଶଙ୍କା କମ୍ ଥାଏ। ପାଦ ଫାଟିଲେ ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣିରେ କିଛି ଲୁଣ ମିଶାଇ ସେଥିରେ ପାଦକୁ କିଛି ସମୟ ବୁଡାଇ ରଖି, ତା'ପରେ ପାଦକୁ ଭଲ ଭାବେ ଶୁଖିଲା କପଡାରେ ପୋଛି ପାଦରେ ନଡ଼ିଆ ତେଲ କିମ୍ବା ଭେସଲିନ ପତଳାରେ ଲଗାଇବା ଉଚିତ, ଯଦ୍ୱାରା ପାଦ ଫଟାରୁ ଉପଶମ ମିଳିପାରିବ

**ପ୍ରତିକାର :** ଶୀତଦିନେ ଅଳ୍ପ ଉଷୁମ ଥିବା ଜଳରେ ଗାଧୋଇବା ସହ କମ୍ କ୍ଷାରୀୟ ଯୁକ୍ତ ସାବୁନ, ଗ୍ଲିସେରିନ, ଭେସଲିନ, ତୈଳଯୁକ୍ତ ପଦାର୍ଥ ଚର୍ମରେ ଲଗାଇବା ଉଚିତ। ଶୀତଦିନେ ପ୍ରାକୃତିକ ଉପାୟ ଦ୍ୱାରା ଓଠକୁ ସତେଜ ଓ ନରମ ରଖିବା ପାଇଁ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି।

-ମହୁ ସହ ଚିନି ଓ ଆଲମଣ୍ଡ ତେଲକୁ ମିଶାଇ ଓଠରେ ମାଲିସ କଲେ ଓଠ ନରମ ହୋଇଥାଏ।

-ବିଟ୍‌କୁ ବାଟି ରସ ବାହାର କରି ଓଠରେ ମାଲିସ କଲେ ଓଠ ନରମ ଓ ସତେଜ ରହିଥାଏ।

-ଘିକୁଆଁରୀ (ଆଲୋଭେରା) ରସରେ ମହୁ ମିଶାଇ ଓଠରେ ମାଲିସ କରିବା ଦ୍ୱାରା ଓଠ ନରମ, ସତେଜ ରହିଥାଏ।

-ନଡ଼ିଆରୁ ତେଲ ବାହାର କରି ଓଠରେ ମାଲିସ କଲେ ଓଠ ନରମ ଓ ସତେଜ ରହିବା ସହ ଆରାମ ଲାଗିଥାଏ। ଶୀତଋତୁରେ ଅଧିକ ପାଣି ପିଇବା ଉଚିତ, ଯଦ୍ୱାରା ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ହୋଇପାରିବ।

-ବିଭିନ୍ନ ପ୍ରକାର ସବୁଜ ପନିପରିବା ଅଧିକ ଖାଇବା ଆବଶ୍ୟକ। କାଲିଫର୍ନିଆ ବିଶ୍ୱ ବିଦ୍ୟାଳୟ ଦ୍ୱାରା ତଥ୍ୟ ଅନୁସାରେ, ସ୍ୱାସ୍ଥ୍ୟ ପାଇଁ ଗ୍ରୀନ୍ ମଟର ଅତି ଉପକାରୀ, ଏହାକୁ ପ୍ରତିଦିନ ଖାଦ୍ୟରେ ଖାଇବା ଉଚିତ। କାରଣ ଏଥିରେ ଆଣ୍ଟି ଅକ୍ସିଡ଼ାଣ୍ଟ ଗୁଣ ଓ ତନ୍ତୁଜାତୀୟ ପଦାର୍ଥ ପର୍ଯ୍ୟାପ୍ତ ପରିମାଣରେ ଭରି ରହିଛି। ଏଥିରେ ଭିଟାମିନ-କେ ପ୍ରଚୁର ପରିମାଣରେ ରହିଛି। ତେଣୁ ଗ୍ରୀନ ମଟର ଅଧିକ ଖାଇବା ଦ୍ୱାରା ଶରୀରରେ ଉଚ୍ଚ ରକ୍ତ ଚାପକୁ ସନ୍ତୁଳିତ ରଖିବା ସହ ଶୀତଦିନେ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ଭିଟାମିନକୁ ପୂରଣ କରିଥାଏ। ଗ୍ରୀନ ମଟରରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ଭିଟାମିନ-ଏ, ବି, ସି, ଡି, ଇ, କେ' ର ଆବଶ୍ୟକତା ପୂରଣ ହେବା ସହ,ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ତା' ସହ ଚର୍ମ ରୋଗକୁ ପ୍ରତିରୋଧ କରାଇବାରେ ସାହାଯ୍ୟ କରିଥାଏ। ଏହାବ୍ୟତୀତ ଅତ୍ୟଧିକ ଲୁଣ, ମିଠା ଯେତେ କମ୍ ଖାଇବେ ତାହା ସେତେ ଭଲ। ଶରୀରରେ ହଜମ ପ୍ରକ୍ରିୟା ସୁଦୃଢ଼ ନିମନ୍ତେ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂରୀକରଣ ପାଇଁ ଉଷୁମ ଜଳ ସକାଳେ ଓ ରାତିରେ ଶୋଇବା ସମୟରେ ଅନ୍ତତଃ ଏକ ଗ୍ଲାସ ଲେଖାଏ ସେବନ କରିବା ଉଚିତ। ଅନ୍ୟ ଋତୁ ଅପକ୍ଷା ଶୀତଋତୁରେ ଦୈନନ୍ଦିନ ଜୀବନ ଶୈଳୀ, ନିଜର ସ୍ୱାସ୍ଥ୍ୟ ଓ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବା ଜରୁରୀ ଅଟେ, ଯଦ୍ୱାରା ଶୀତଦିନିଆ ଚର୍ମ ରୋଗକୁ ଆମେ ପ୍ରତିରୋଧ କରିପାରିବା। ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ଭିଟାମିନ-ଡି'ର ଆବଶ୍ୟକତାକୁ ପୂରଣ କରିବା ପାଇଁ ସକାଳର ସୂର୍ଯ୍ୟକିରଣରେ ଏବଂ ସନ୍ଧ୍ୟାରେ ୩-୪ କି.ମି. ପାଦରେ ଚାଲିବା ସହ ପ୍ରାତଃ ଓ ସାନ୍ଧ୍ୟକାଳୀନ ବ୍ୟାୟାମ କରିବା ଆବଶ୍ୟକ। ଫଳରେ ଶରୀରରୁ ଝାଳ ନିର୍ଗତ ହେବା ଦ୍ୱାରା ଚର୍ମରେ ଶୁଷ୍କତା ଦୂର ହୋଇ ଆଦ୍ରତା ସୃଷ୍ଟି ହୋଇଥାଏ,ଯଦ୍ୱାରା ଶୀତଦିନେ ଶରୀର୍‌ରେ ଚର୍ମ ରୋଗ ହେବାର ଆଶଙ୍କା କମ୍ ଥାଏ।

ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଚର୍ମ ରୋଗ ଓ ତା'ର ପ୍ରତିକାର ନିମନ୍ତେ ବିଭିନ୍ନ ଆୟୁର୍ବେଦୀୟ ଔଷଧ ବ୍ୟବହାର ବିଷୟରେ ଉଲ୍ଲେଖ ରହିଛି। ସେହି ଆୟୁର୍ବେଦ ଔଷଧକୁ ଡାକ୍ତରଙ୍କ ପରାମର୍ଶ ନେଇ ବ୍ୟବହାର କରିବା ଉଚିତ। ଶରୀରରେ ରକ୍ତ ପରିଷ୍କାର ନିମନ୍ତେ ସାରିବାଦ୍ୟା ରିଷ୍ଟ କିମ୍ବା ସାରିବାଦ୍ୟା ସବ କିମ୍ବା ଖଦିରା ରିଷ୍ଟ ୧୦ ମିଲି ଲେଖାଏ ଗରମ ପାଣି ଥଣ୍ଡା କରି ମିଶାଇ ଖାଲି ପେଟରେ ଦୁଇ ବେଳା ସେବନ କଲେ ବିଭିନ୍ନ ଚର୍ମରୋଗରୁ ଉପଶମ ମିଳିଥାଏ। ଟୋପ ଚିନି ରସାୟନ ଦୁଇ ଚାମଚ, ଖାଲିପେଟରେ ସକାଳ ଓ ସନ୍ଧ୍ୟାରେ ଉଷୁମ କ୍ଷୀର କିମ୍ବା ଉଷୁମ ଜଳ ସହ ସେବନ କଲେ ବହୁ ପୁରାତନ ବିଭିନ୍ନ ପ୍ରକାର ଚର୍ମ ରୋଗରୁ ଉପଶମ ମିଳିଥାଏ। ଶାଫି ସିରଫକୁ ଦୁଇ ବେଳା ଖାଲି ପେଟରେ ୧୦ ମିଲି ଲେଖାଏ ଗରମ ପାଣି ଥଣ୍ଡାକରି ମିଶାଇ ସେବନ କଲେ ସମସ୍ତ ପ୍ରକାର ଚର୍ମ ରୋଗ ଭଲ ହୋଇଥାଏ। ଚର୍ମ ରୋଗରେ ଅଧିକ ଲୁଣ ଓ ମିଠା ଖାଇବା ଅନୁଚିତ।







-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## କ୍ୟାଲୋରିକୁ ସନ୍ତୁଳିତ ରଖେ ରକ୍ତଦାନ



ରକ୍ତଦାନ ଦ୍ୱାରା ଆମର ଏକ ଉପକାର ହୋଇଥାଏ। ତାହା କ'ଣ ଜାଣନ୍ତି? ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କଲେ ସଂପୃକ୍ତ ବ୍ୟକ୍ତିଙ୍କର କ୍ୟାଲୋରି ସନ୍ତୁଳିତ ରହିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ରକ୍ତଦାନ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କ କ୍ୟାଲୋରି ପରୀକ୍ଷା କରିବା ପରେ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକଥା ଜାଣିପାରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନେ ରକ୍ତଦାନ କରିବା ପରେ ସେମାନଙ୍କର କ୍ୟାଲୋରି ପରିମାଣ କେତେ ରହୁଛି, ତାହାକୁ ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ହେଲେ ଏହାପୂର୍ବରୁ ଗୋଟିଏ କଥାକୁ ଧ୍ୟାନ ଦେବା ନିହାତି ଦରକାର। ରକ୍ତଦାନ ପାଇଁ ଆପଣ କେତେ ଫିଟ୍ ଅଛନ୍ତି ତାହା ପ୍ରଥମେ ପରୀକ୍ଷା କରାଇ ନିଅନ୍ତୁ।

## ସ୍ୱାସ୍ଥ୍ୟୋପକାରୀ ଷ୍ଟ୍ରବେରି



ଷ୍ଟ୍ରବେରିରେ ଅନେକ ପ୍ରକାରର ଗୁଣ ଭରି ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏହାକୁ ନିୟମିତ ଖାଇଲେ ତାହା ହାର୍ଟକୁ ସୁରକ୍ଷିତ ରଖିଥାଏ। ରକ୍ତରେ ସୁଗାର ପରିମାଣକୁ ସନ୍ତୁଳିତ ରଖିବାକୁ ହେଲେ ଏହାକୁ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, କ୍ୟାନ୍ସର ପରି ମାରାତ୍ମକ ରୋଗରୁ ଏହା କେତେକାଂଶରେ ରକ୍ଷା କରିଥାଏ। ଏହାକୁ ଖାଇଲେ ତାହା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। କେବଳ ସେତିକି ନୁହେଁ, ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଷ୍ଟ୍ରବେରି ବେଶ୍ ଉପକାରୀ। ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ ରଖିବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ। ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଅସ୍ଥିକୁ ମଜଭୁତ ରଖେ ଷ୍ଟ୍ରବେରି। ତା'ସହ ଏହା ମେଦ ମଧ୍ୟ କମାଇଥାଏ।

## ହୃଦ୍‌ରୋଗୀଙ୍କ ପାଇଁ ଖାଦ୍ୟପେୟ



ହୃଦ୍‌ରୋଗ ସହ ଜଡ଼ିତ ବ୍ୟକ୍ତି କେବଳ ଔଷଧ ଖାଇବା ପ୍ରତି ସଚେତନ ରହିବା ନୁହେଁ, ଏହାସହ ନିଜର ଖାଦ୍ୟପେୟ ପ୍ରତି ସତର୍କ ରହିବା ଦରକାର। ଏଭଳି କେତେକ ଖାଦ୍ୟ ଅଛି, ଯାହାକୁ ଖାଦ୍ୟ ତାଲିକାରୁ ବାଦ୍ ଦିଅନ୍ତୁ। ବିଶେଷଭାବରେ ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ବିଯୁକ୍ତ ଛେଳି ମାଂସଠାରୁ ସେମାନେ ଦୂରେଇ ରହିବା ଆବଶ୍ୟକ। ଅନ୍ୟପକ୍ଷରେ ଅଣ୍ଡାକେଶର, ଚିଙ୍ଗୁଡ଼ି, କଙ୍କଡ଼ା କୋଲେଷ୍ଟରଲ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ତେଣୁ ଏଭଳି ଖାଦ୍ୟ ସେମାନେ ଯେତେ କମ୍ ଖାଇବେ ତାହା ସେତେ ଭଲ। ଅଧିକ ଲୁଣଜାତୀୟ ଖାଦ୍ୟ, ଫାଷ୍ଟ ଫୁଡ୍ ଏବଂ ଜଙ୍କ୍ ଫୁଡ୍ ଖାଆନ୍ତୁ ନାହିଁ। ଜଣେ ହୃଦ୍‌ରୋଗୀ ପାଇଁ ତଟକା ଫଳମୂଳ, ସବୁଜ ପନିପରିବା, ଶାଗ, କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆ ପତ୍ର, ଲେମ୍ବୁ, ଫୁଲକୋବି ଆଦି ଖାଦ୍ୟ ବେଶ୍ ଉପକାରୀ। ତେବେ ଏହା ସହ ହୃଦ୍‌ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ପ୍ରବଳ ମୁଣ୍ଡ ବିନ୍ଧୁଥିଲେ...



ମୁଣ୍ଡବିନ୍ଧାରୁ ଉପଶମ ପାଇବା ଲାଗି କିଛି ଘରୋଇ ଉପଚାର ରହିଛି। ବେଳେବେଳେ ଶରୀରରେ ଜଳୀୟ ଅଂଶ କମିଗଲେ ମୁଣ୍ଡ ବିନ୍ଧିଥାଏ। ତେବେ ଏଥିପାଇଁ ପ୍ରଚୁର ପାଣି ପିଅନ୍ତୁ। ଯଦି ଆପଣ ନିଶାଦ୍ରବ୍ୟ ସେବନ ସହ ଜଡ଼ିତ, ତେବେ ମୁଣ୍ଡ ବିନ୍ଧିବା ସମୟରେ ଏହାଠାରୁ ଦୂରେଇ ରୁହନ୍ତୁ। କାରଣ ତାହା ମୁଣ୍ଡବିନ୍ଧାକୁ ଆହୁରି ବଢ଼ାଇ ଦେଇଥାଏ। ସବୁଠାରୁ ଖାସ୍ କଥା ହେଲା, ପ୍ରତିଦିନ ଆବଶ୍ୟକ ମୁତାବକ ଶୁଅନ୍ତୁ। ଏହାଦ୍ୱାରା ଆପଣ ନିଜକୁ ମୁଣ୍ଡବିନ୍ଧାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବେ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ, ଯଦ୍ୱାରା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି ହେବ। ଏଥିଯୋଗୁ ମଧ୍ୟ ମୁଣ୍ଡ ବିନ୍ଧିଥାଏ।

## ମାନସିକତାକୁ ସକାରାତ୍ମକ କରେ ବ୍ୟବହାର



ଉତ୍ତମ ଆଚାର ବ୍ୟବହାର ଦ୍ୱାରା ଜଣେ ବ୍ୟକ୍ତି ନିଜର ମାନସିକତାକୁ ସକାରାତ୍ମକ ରଖିପାରିବ। ନିକଟରେ ଏକ ସର୍ଭେରୁ ଜାପାନର ମନୋବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। ଏପରି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କ ଆଚାର ବ୍ୟବହାରକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଆଚାର ବ୍ୟବହାରକୁ ସେମାନଙ୍କର ମାନସିକତା ସହ ତୁଳନା କରାଯାଇଥିଲା। ଯେଉଁମାନଙ୍କର ବ୍ୟବହାର ଭଲ ଥିଲା, ସେମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଥିବାର ଜଣାପଡିଥିଲା। ତା'ସହ ଜଣେ ବ୍ୟକ୍ତି ନିଜକୁ ଟେନ୍‌ସନ୍ ଏବଂ ଅବସାଦଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖିବା ଦରକାର। ଏହାଦ୍ୱାରା ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ଘରେ ଯଦି ଫାଷ୍ଟଏଡ୍ ବକ୍ସ ରଖୁଛନ୍ତି, ତେବେ ସେଥିରେ ଥିବା ଆବଶ୍ୟକ ସାମଗ୍ରୀ ଠିକ୍ ଅଛି କି ନାହିଁ ତାହା ନିୟମିତ ସମୟ ବ୍ୟବଧାନରେ ଦେଖିନିଅନ୍ତୁ। ଏହାକୁ ଏଭଳି ସ୍ଥାନରେ ରଖନ୍ତୁ, ଯେମିତି ଖୋଜିଲାମାତ୍ରେ ସାଙ୍ଗେ ସାଙ୍ଗେ ପାଇଯିବେ।

➤ଯଦି ଘରେ ରଖିଥିବା କୌଣସି ଔଷଧର ଏକ୍ସପାୟାରି ତାରିଖ ପାଖେଇ ଆସୁଛି, ତେବେ ସେଗୁଡ଼ିକୁ ଅଲଗା ରଖନ୍ତୁ।

➤ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜ ସ୍ୱାସ୍ଥ୍ୟ ବିଷୟରେ ଅବଗତ ରହିବା ନିହାତି ଦରକାର। କାରଣ ବେଳେବେଳେ ଆମର ଅସାବଧାନତାରୁ ଆମେ କିଛି ରୋଗର ଶିକାର ହୋଇଥାଉ। ତେଣୁ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।




➤ନିଜକୁ ସୁସ୍ଥ ରଖିବା ପଛରେ ଜୀବନଶୈଳୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ନିଜ ଜୀବନଶୈଳୀ କିପରି ସନ୍ତୁଳିତ ରହିବ, ସେ ନେଇ ନଜର ଦିଅନ୍ତୁ।

➤ସବୁବେଳେ ରୁଟିନ୍ ମୁତାବକ କାମ କରନ୍ତୁ। ପ୍ରତ୍ୟେକ କାମ ପାଇଁ ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ। ଏହାଦ୍ୱାରା ଆପଣ ଟେନ୍‌ସନ କିମ୍ବା ଅବସାଦର ଶିକାର ହେବେ ନାହିଁ।

➤ଆମେ ଖାଉଥିବା ଖାଦ୍ୟ ଠିକ୍ ଭାବରେ ହଜମ ହେବା ଦରକାର। ନ ହେଲେ ବିଭିନ୍ନ ପ୍ରକାର ପେଟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏଭଳି ଖାଦ୍ୟ ଖାଆନ୍ତୁ, ଯଦ୍ୱାରା ପାଚନକ୍ରିୟା ସକ୍ରିୟ ରହିବ।

# ବୃହସ୍ପତିର ଚନ୍ଦ୍ର



ନିକୁଞ୍ଜ ବିହାରୀ ସାହୁ

ଏବେ ରାତ୍ରି ଆକାଶରେ ଏକ ଉଜ୍ଜ୍ୱଳ ତାରା ଦୃଶ୍ୟ ହେଉଛି। ଏହି ତାରାକୁ ସନ୍ଧ୍ୟା ହେଉ ହେଉ ମଧ୍ୟ ଦେଖିବାକୁ ମିଳୁଛି ଏବଂ ଏହା ପ୍ରାୟ ଛଅ ଘଣ୍ଟାକାଳ ଆକାଶରେ ରହି ମଧ୍ୟରାତ୍ରି ବେଳକୁ ଅସ୍ତ ଯାଉଛି। ଏହା କିନ୍ତୁ ଏକ ତାରା ନୁହେଁ; ଆମ ସୌରଜଗତର ବୃହତ୍ତମ ଗ୍ରହ ବୃହସ୍ପତି। ଦୂରବୀକ୍ଷଣ ଯନ୍ତ୍ରରେ ଚାହିଁଲେ ଏହା ଚାରୋଟି ବଡ଼ ବଡ଼ ଚନ୍ଦ୍ରଙ୍କୁ ମଧ୍ୟ ସ୍ପଷ୍ଟ ଦେଖି ହେଉଛି। ଏହି ଚନ୍ଦ୍ରମାନଙ୍କୁ ୧୬୧୦ ଖ୍ରୀଷ୍ଟାବ୍ଦରେ ଇଟାଲୀୟ ଜ୍ୟୋତିର୍ବିଜ୍ଞାନୀ ଗାଲିଲିଓ ଆବିଷ୍କାର କରିଥିଲେ। ଏହି ଚନ୍ଦ୍ରସବୁ ହେଲେ: ଆୟୋ, ୟୁରୋପା, କ୍ୟାଲିଷ୍ଟୋ ଓ ଗ୍ୟାନିମିଡ୍। ଏହି ଚନ୍ଦ୍ରମାନଙ୍କୁ ମୂଳ ଗ୍ରହର ବିଷୁବରେଖା ଉପରେ ଧାଡ଼ି ହୋଇ ରହିଥିବାର ଦେଖି ହେଉଛି। କିଛି ସମୟ ଛାଡ଼ି ଲକ୍ଷ୍ୟ କଲେ, ଏହି ଚନ୍ଦ୍ରମାନେ ବୃହସ୍ପତି ଗ୍ରହ ଚାରିପଟେ ଘୂରୁଥିବାର ମଧ୍ୟ ଦେଖିହେବ ଯାହା ସେମାନଙ୍କ ପରିବର୍ତ୍ତନଶୀଳ ଅବସ୍ଥାନରୁ ଜଣାପଡ଼ିବ। ଚନ୍ଦ୍ରଗୁଡ଼ିକ ମଧ୍ୟରୁ କେତେବେଳେ ମୂଳଗ୍ରହର ଉଭୟ ପଟେ ଦୁଇଟି ଓ ଅନ୍ୟପଟେ ତିନୋଟି ରହି ଥିବାର ଦେଖି ହେବ ତ ଆଉ କେତେବେଳେ ସମୁଦାୟ ଚାରୋଟି ଚନ୍ଦ୍ର ପରିବର୍ତ୍ତେ ତିନୋଟି, ଦୁଇଟି କିମ୍ବା କେବଳ ଗୋଟିଏକୁ ଦେଖିବା ସମ୍ଭବ ହୋଇଥାଏ। ଚନ୍ଦ୍ରସବୁ ଗ୍ରହ ଚାରିପଟେ ଘୂରିଘୂରି ଗ୍ରହ ପଛପଟକୁ ଚାଲିଗଲେ ସେମାନଙ୍କୁ ଆଉ ଦେଖିବା ସମ୍ଭବ ହୁଏ ନାହିଁ। ଭୟେଜର-୧ ଓ ଭୟେଜର-୨ ମହାକଶ ଯାନଦ୍ୱୟ ଏହି ଗ୍ରହଟିର ପାଖ ଦେଇ ଗତିକରି ଏହାର ଚନ୍ଦ୍ରମାନଙ୍କ ସମ୍ପର୍କରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପ୍ରଦାନ କରିଛନ୍ତି।



### ଜୀବନର ସଙ୍କେତ: ୟୁରୋପା

ୟୁରୋପା ଆକାରରେ ଆମ ପୃଥିବୀର ଚନ୍ଦ୍ରଠାରୁ ସାମାନ୍ୟ ଛୋଟ। ଏହାର କଠିନ ବରଫାବୃତ ଚଟାଣ ତଳେ ତରଳ ଜଳରାଶିର ସମୁଦ୍ର ବିଦ୍ୟମାନ, ଯେଉଁଠି ଆଗାମୀ ଦିନରେ କିଛି ଜୀବନସତ୍ତା ବିକଶିତ ହେବାର ସମ୍ଭାବନା ରହିଛି। ଭୟେଜର-୨ ମହାକାଶ ଯାନର ଫଟୋସବୁରୁ ୟୁରୋପାର ପୃଷ୍ଠରେ କିଛି ଉଲ୍‌କାପାତ ଜନିତ ଗହ୍ୱରର ସନ୍ଧାନ ମିଳିଛି। ଏହା ପୃଷ୍ଠରେ ମଧ୍ୟ ହଜାର ହଜାର କିଲୋମିଟର ବ୍ୟାପୀ ସୁଦୀର୍ଘ ସମାନ୍ତରାଳ ପ୍ରାଚୀରମାଳା ବିସ୍ତୃତ, ଯାହା ଏହାର ବରଫାବୃତ ପୃଷ୍ଠ ଉପରେ କଳାରେଖା ସଦୃଶ ପ୍ରତୀୟମାନ ହେଉଛି।

### ବିଶାଳ ଗ୍ୟାନିମିଡ୍

ବୃହସ୍ପତିର ଅନ୍ୟତମ ଚନ୍ଦ୍ର ଗ୍ୟାନିମିଡ୍ ଆମ ସୌରଜଗତର ମଧ୍ୟ ବୃହତ୍ତମ ଚନ୍ଦ୍ର। ଏହା ଆକାରରେ ବୁଧ ଗ୍ରହଠାରୁ ମଧ୍ୟ ବଡ଼ ଏବଂ ଆମ ପୃଥିବୀର ଚନ୍ଦ୍ରଠାରୁ ଦେଢ଼ ଗୁଣ ବଡ଼। 'ଭୟେଜର-୨'ର ଫଟୋସମୂହରୁ ଏହା ପୃଷ୍ଠରେ ଥିବା ଅନେକ ରୂପରେଖ ଆମ ପୃଥିବୀ ସହିତ ସାମଞ୍ଜସ୍ୟ ଥିବାର ଜଣାପଡୁଛି। ଏହା ପୃଷ୍ଠରେ ଅନେକ ସମାନ୍ତରାଳ ଫାଟ ଦେଖାଯାଏ ଯାହା ଆମ ପୃଥିବୀର ପ୍ରଶାନ୍ତ ମହାସାଗର କିମ୍ବା ଆଟଲାଣ୍ଟିକ ମହାସାଗର ତଳ ସଦୃଶ ଦୃଶ୍ୟମାନ ହେଉଛି। ଏହା ପୃଷ୍ଠରେ ମଧ୍ୟ ଉଲ୍‌କାପାତ ଜନିତ କିଛି ଗହ୍ୱର ପରିଲକ୍ଷିତ ହେଉଛି।

### ଉତ୍ତପ୍ତ ଚନ୍ଦ୍ର ଆୟୋ

ବୃହସ୍ପତିର ସବୁଠାରୁ ବୈଚିତ୍ର୍ୟମୟ ଚନ୍ଦ୍ର ହେଲା ଆୟୋ। ଏହାର ଅଭ୍ୟନ୍ତର ଅତ୍ୟନ୍ତ ଉତ୍ତପ୍ତ ଓ ପୃଷ୍ଠଦେଶ ଅତି ରୁକ୍ଷ ଓ ଅନେକ ଆଗ୍ନେୟଗିରିରେ ପରିପୂର୍ଣ୍ଣ। ଆମ ପୃଥିବୀର ଆଗ୍ନେୟଗିରିର ମୁଖ (ଗହ୍ୱର) ସବୁ ଶିଖରରେ ଅବସ୍ଥିତ ଥିଲାବେଳେ ଆୟୋ ଆଗ୍ନେୟଗିରିର ମୁଖ ସିଧାସଳଖ ଏହାର ପୃଷ୍ଠ ଉପରେ ବିଦ୍ୟମାନ। ମାତ୍ର ଏଥିରୁ ଲାଭା ପରିବର୍ତ୍ତେ ତରଳ ଗନ୍ଧକର ସ୍ରୋତ ଅନବରତ ନିର୍ଗତ ହୁଏ। ଆୟୋର ଏହି ଅସ୍ୱାଭାବିକ ତାପମାତ୍ରା ପାଇଁ ମୁଖ୍ୟତଃ ଦୁଇଟି କାରଣକୁ ଦାୟୀ କରାଯାଏ : ପ୍ରଥମତଃ ଏହାର ଗୋଟିଏ ପଟେ ବୃହସ୍ପତି ଓ ଅନ୍ୟ ପଟେ ଏହାର ଅନ୍ୟ ଚନ୍ଦ୍ରଗଣଙ୍କ ବିପରୀତମୁଖୀ ପ୍ରଚଣ୍ଡ ମହାକର୍ଷଣ ବଳର ସମ୍ମୁଖୀନ ହେବା ଦ୍ୱାରା କ୍ରମାଗତ ସଙ୍କୋଚନ ଓ ପ୍ରସାରଣ ଜନିତ ଘର୍ଷଣ ବଳରେ ବିପୁଳ ତାପ ସୃଷ୍ଟି ହେଉଛି। ଦ୍ୱିତୀୟତଃ ଆୟୋ ବୃହସ୍ପତିର ପ୍ରଚଣ୍ଡ ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ଗତି କରିବା ଯୋଗୁ ଉଚ୍ଚ ବିଦ୍ୟୁତ ସ୍ରୋତ ଉତ୍ପନ୍ନ ହୋଇ ତାପଶକ୍ତିରେ ରୂପାନ୍ତରିତ ହେଉଛି।

### ପ୍ରାଚୀନ ଗହ୍ୱର ସ୍ମୃତି: କ୍ୟାଲିଷ୍ଟୋ

ବୃହସ୍ପତିର ଅନ୍ୟତମ ଚନ୍ଦ୍ର କ୍ୟାଲିଷ୍ଟୋ ଗ୍ୟାନିମିଡ୍‌ଠାରୁ ସାମାନ୍ୟ ଛୋଟ। ଏହାର ବରଫାବୃତ ଚଟାଣ ତଳେ ଅନେକ ପୁରାତନ ଓ ବିଶାଳକାୟ ଗହ୍ୱର ସାଇତା ହୋଇ ରହିଛି, ଯାହା ସମ୍ଭବତଃ ସୌରଜଗତର ଆଦ୍ୟକାଳରେ ଉଲ୍‌କାପାତଜନିତ ଆଘାତ ଯୋଗୁ ସୃଷ୍ଟି ହୋଇଥିଲା। ଏହି ଗହ୍ୱରସବୁ ଆକାରରେ ଗୋଲାକାର ଜଣାପଡୁଛନ୍ତି। ମାତ୍ର ଏଠାରେ ଆମର ଚନ୍ଦ୍ର ପରି ଗହ୍ୱର ଚାରିପଟେ ପରିବେଷ୍ଟିତ ପ୍ରାଚୀର କିମ୍ବା ସୁଉଚ୍ଚ ଶିଖରୀ ଦେଖିବାକୁ ମିଳେ ନାହିଁ।

-ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,ଭୋପାଳ, ମଧ୍ୟପ୍ରଦେଶ
ମୋ :୮୦୧୮୭୦୮୮୫୮





କ୍ରସ୍ ଓଭର ମ୍ୟାଚ୍‌ରେ ଭାରତର ପରାଜୟ ପରେ ସମର୍ଥକ ନିରାଶ ।




କଳିଙ୍ଗ ଷ୍ଟାଡିୟମ୍‌ରେ ରବିବାର ବିଜୟୀ ହେବା ପରେ ଉଲ୍ଲସିତ ନ୍ୟୁଜିଲାଣ୍ଡ ଦଳ।



ପରାଜୟରେ ମର୍ମାହତ ଭାରତୀୟ ଖେଳାଳି।




କଳିଙ୍ଗ ଷ୍ଟାଡିୟମ୍‌ରେ ଭରପୂର ଦର୍ଶକ।

# 'ଭାରତର ବିଜୟ ସୁଯୋଗ ଥିଲା'

**ଭୁବନେଶ୍ୱର,୨୨।୧ (କ୍ରୀଡ଼ା ପ୍ରତିନିଧି)**

ଭାରତ ନିକଟରେ ବିଜୟୀ ହେବାର ସୁବର୍ଣ୍ଣ ସୁଯୋଗ ଥିଲା, ମାତ୍ର ଦଳ ଏହାକୁ ହାତଛଡା କଲା ବୋଲି କହିଛନ୍ତି ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଭାରତୀୟ ହକି ଅଧିନାୟକ ଦିଲୀପ ତିର୍କୀ। ଏକାଧିକ ସୁଯୋଗ ହରାଇ ଭାରତ ସଡନ୍ ଡେଥ୍‌ରେ ପରାଜିତ ହେଲା ବୋଲି ଏକ ଟୁଇଟର ଭିଡିଓରେ ପ୍ରକାଶ କରିଛନ୍ତି ଭାରତୀୟ ଦଳର ଏହି ପୂର୍ବତନ ଅଧିନାୟକ। ମ୍ୟାଚ ଜିତିବା ପାଇଁ ଆମ ନିକଟରେ ପର୍ଯ୍ୟାପ୍ତ ସୁଯୋଗ ରହିଥିଲେ ମଧ୍ୟ



ଦିଲୀପ ତିର୍କୀ

ଏହାର ଫାଇଦା ଉଠାଇବାରେ ଆମ ଖେଳାଳି ବିଫଳ ହେଲୁ। ହକିରେ ମ୍ୟାଚ୍ ଜିତିବା ପାଇଁ ପେନାଲ୍ଟି କର୍ନର ଗୁରୁତ୍ୱପୂର୍ଣ୍ଣ, ମାତ୍ର ଆମେ ଗୋଟିଏ ପରେ କର୍ନର ମିସ୍ କରିବା ମହଙ୍ଗା ପଡିଲା। ପନାଲ୍ଟି ଶୁଟଆଉଟ କୁହନ୍ତି କିମ୍ବା ସଡନ୍ ଡେଥ୍, ସବୁଥିରେ ଆମ ଗୋଲକିପର ଚମତ୍କାର ପ୍ରଦର୍ଶନ କରି ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଭାରତୀୟ ଦଳ ଏହି ସୁଯୋଗକୁ ହାତଛଡା କଲା ବୋଲି ସେ କହିଛନ୍ତି। ଭାରତ ନିଶ୍ଚିତ ତ୍ରୁଟିରୁ ଶିକ୍ଷାଲାଭ କରିଥିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। କୌଣସି ଖେଳାଳିଙ୍କୁ ସମାଲୋଚନା କରି ନ ଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ମ୍ୟାଚରେ ଦଳ ଭଲ ପ୍ରଦର୍ଶନ କରିବା ନେଇ ସେ ଆଶା ରଖିଛନ୍ତି।

# ଶୁଟ୍ ଆଉଟ ରୋମାଞ୍ଚ

ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ନିର୍ଦ୍ଧାରିତ ସମୟରେ ୩-୩ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତିର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂ, ରାଜକୁମାର ପାଲ ଓ ସୁଖଜିତ ସିଂ ଗୋଲ ଦେବାରେ ସକ୍ଷମ ହୋଇଥିବାବେଳେ ଅଭିଷେକ ଓ ଶମଶେର ସିଂ ମିସ୍ କରିଥିଲେ। ସେହିପରି ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟକ ନିକ୍ ଉଡ୍ସ, ସିଅନ ଫିଣ୍ଡଲେ ଓ ହେଡେନ ଫିଲିପ୍ସ ଗୋଲ ଦେଇଥିଲେ ଏବଂ ସାମ୍ ଲେନ୍ ଓ ସାମ୍ ହିହା ବିଫଳ ହୋଇଥିଲେ। ସ୍ଥିତି ପୁଣି ୩-୩ରେ ସମାନ ରହିବାରୁ ସଡନ୍‌ଡେଥ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ପ୍ରଥମେ ଆସିଥିବା ନ୍ୟୁଜିଲାଣ୍ଡ ଅଧିନାୟକ ନିକ୍ ଉଡ୍ସ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ଚକ୍‌ମା ଦେବାରେ ବିଫଳ ହୋଇଥିଲେ। ତେବେ ଉଡ୍ସଙ୍କୁ ଚ୍ୟାଲେଞ୍ଜ କରିବା ଅବସରରେ ଆହତ ହୋଇ ଶ୍ରୀଜେଶ ବିଦାୟ ନେଇଥିଲେ। ତାଙ୍କ ସ୍ଥାନରେ କ୍ରିଷ୍ଣନ ବାହାଦୂର ପାଠକ ଗୋଲକିପିଂ ଦାୟିତ୍ୱ ନେଇଥିଲେ। ଭାରତ ପକ୍ଷରୁ ପ୍ରଥମେ ଶଟ୍ ମାରିବାକୁ ଆସିଥିବା ହରମନପ୍ରୀତ ସିଂ ଫେଲ୍ ମାରିଥିଲେ।




ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ପେନାଲ୍‌ଟି ଶୁଟ୍‌ଆଉଟ୍।

ପରେ ନ୍ୟୁଜିଲାଣ୍ଡ ପକ୍ଷରୁ ସିଅନ ଫିଣ୍ଡଲେ ଗୋଲ ଦେଇଥିବାବେଳେ ଭାରତର ଦ୍ୱିତୀୟ ଶୁଟର ରାଜ କୁମାର ପାଲ୍ ମଧ୍ୟ ଗୋଲ ସ୍କୋର କରିଥିଲେ। ତୃତୀୟରେ ନ୍ୟୁଜିଲାଣ୍ଡ ପକ୍ଷରୁ ଆସିଥିବା ହେଡେନ ଫିଲିପ୍ସ ଫେଲ୍ ମାରିବାପରେ ଭାରତର ଆଶା ବଢ଼ିଥିଲା। ମାତ୍ର ସୁଖଜିତ ସିଂ ନିରାଶ କରିଥିଲେ। ସେ ବିପକ୍ଷ ଦଳର ଗୋଲକିପର ଲିଅନ ହେୱାର୍ଡଙ୍କୁ ଅତିକ୍ରମ କରିପାରି ନ ଥିଲେ। ନ୍ୟୁଜିଲାଣ୍ଡରର ଚତୁର୍ଥ ସ୍କୋରର ହେଡେନ ଫିଲିପ୍ସ ମିସ୍ କରିଥିଲେ। ଅନେକ ସୁଯୋଗ ମିଳିଥିଲେ ହେଁ ଭାରତକୁ ଭାଗ୍ୟ ସାଥ୍ ଦେଇ ନ ଥିଲା। ୪ର୍ଥ ଖେଳାଳିଭାବେ ଭାରତ ପକ୍ଷରୁ ଆସିଥିବା ସୁଖଜିତ ସିଂ ଥରେ ବିଫଳ ହୋଇଥିଲେ ହେଁ ବିପକ୍ଷ ଗୋଲକିପରଙ୍କ ନିୟମ ବହିର୍ଭୁତ ପ୍ରତିରୋଧ ପନ୍ଥା ଯୋଗୁ ଦ୍ୱିତୀୟ ଥର ସୁଯୋଗ ପାଇଥିଲେ। ମାତ୍ର ଏହି ସୁବର୍ଣ୍ଣ ସୁଯୋଗର ସେ ସଦ୍‌ବ୍ୟବହାର କରିପାରି ନ ଥିଲେ। ଏହା ନ୍ୟଜିଲାଣ୍ଡ ଶିବରରେ ଉତ୍ସାହ ଖେଳାଇ ଦେଇଥିଲା। ଚତୁର୍ଥ ଖେଳାଳିଭାବେ ଶୁଟ୍ କରିବା ପାଇଁ ଆସିଥିବା ସାମ୍ ଲେନ୍ ଗୋଲ ଦେବାରେ ସଫଳ ହେବାରୁ ନ୍ୟୁଜିଲାଣ୍ଡ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା।

# ଘରୋଇ ଦର୍ଶକ ନିରାଶ

**ଭୁବନେଶ୍ୱର, ୨୨।୧ (କ୍ରୀଡ଼ା ପ୍ରତିନିଧି):** ଚଳିତ ହକି ବିଶ୍ୱକପରେ ଭାରତର ଅଭିଯାନ କ୍ରସ୍ ଓଭରରୁ ଶେଷ ହୋଇଛି। ଫଳରେ ଘରୋଇ ଦର୍ଶକଙ୍କୁ ଶକ୍ତ ଆଘାତ ଲାଗିଛି। ଭାରତ ଦ୍ୱିତୀୟ ଥରପାଇଁ ଘରୋଇ ପରିବେଶରେ ବିଶ୍ୱକପ ଖେଳୁଥିବାରୁ ଗତଥରଠାରୁ ଉନ୍ନତ ପ୍ରଦର୍ଶନ କରିବ ବୋଲିଆଶା ରହିଥିଲା। ୧୯୭୫ପରେ ଭାରତୀୟ ଦଳ ଏଥର ଟାଇଟଲ ଜିତିବାର ଦକ୍ଷତା ରଖିଛି ବୋଲି ଅନେକ ବିଶେଷଜ୍ଞ ମତପୋଷଣ କରିଥିଲେ। ମାତ୍ର ସ୍ୱପ୍ନ ଧୂଳିସାତ ହେଲା। ଟାଇଟଲ ଦୂରର କଥା ଗତ ସଂସ୍କରଣର ସମକକ୍ଷ ପ୍ରଦର୍ଶନ ମଧ୍ୟ ଦେଇ ପାରିଲା ନାହିଁ ଘରୋଇ ଦଳ। ୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ବିଶ୍ୱକପରେ ଭାରତ କ୍ୱାର୍ଟର ଫାଇନାଲ ଖେଳି ନେଦରଲାଣ୍ଡଠାରୁ ପରାଜିତ ହୋଇଥିଲା। ମାତ୍ର ଏଥର ସେଠାରେ ମଧ୍ୟ ପହଞ୍ଚି ପାରିନାହିଁ।

## ଅନେକ ପ୍ରଶ୍ନବାଚୀ

ବିଶ୍ୱକପରୁ ଭାରତର ବିଦାୟ ପରେ ପ୍ରଦର୍ଶନକୁ ନେଇ ଅନେକ ପ୍ରଶ୍ନବାଚୀ ଉଙ୍କି ମାରିଛି। ଗତ ଟୋକିଓ ଅଲିମ୍ପିକ୍ସରେ ମନପ୍ରୀତ ସିଂ ନିଜ ନେତୃତ୍ୱରେ ଭାରତକୁ ବ୍ରୋଞ୍ଜ ପଦକ ବିଜୟୀ କରାଇଥିଲେ। ମାତ୍ର ଏହାପରେ ଆଶ୍ଚର୍ଯ୍ୟଜନକଭାବେ ତାଙ୍କୁ ଅଧିନାୟକ ପଦରୁ ହଟାଇ ଦିଆ ଯାଇଥିଲା। ହରମନପ୍ରୀତ ସିଂଙ୍କୁ ଅଧିନାୟକ କରାଯାଇଥିଲା। ଏହାପରେ କେତେକ ମ୍ୟାଚରେ ହରମନପ୍ରୀତଙ୍କ ସ୍ଥାନରେ ଓଡ଼ିଆ ଖେଳାଳି ଅମିତ ରୋହିଦାସଙ୍କୁ ବରଂ ଅଧିନାୟକ ଭାର ଦିଆ ଯାଇଥିଲା ମାତ୍ର ମନପ୍ରୀତଙ୍କ ନାମ ବିଚାରକୁ ନିଆ ଯାଇ ନ ଥିଲା। ଚଳିତ ବିଶ୍ୱକପରେ ହରମନପ୍ରୀତ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ। ସମ୍ଭବତଃ ବଡ଼ ଟୁର୍ନାମେଣ୍ଟରେ ଅଧିନାୟକତ୍ୱର ଚାପ ଯୋଗୁ ଏପରି ହୋଇଥିଲା ବୋଲି ଅନେକ ହକି ବିଶେଷଜ୍ଞ ମତ ଦେଇଥିଲେ। ସମାନ ଭାବରେ ଦେଖିଲେ ପଡ଼ିଆରେ ମନପ୍ରୀତ ଯେପରି ସକ୍ରିୟ ରହିଥାନ୍ତି ତାହା ପରିଲକ୍ଷିତ ହୋଇ ନ ଥିଲା। ଫଳରେ ଉଭୟ ଖେଳାଳିଙ୍କ କ୍ଷେତ୍ରରେ ଭାରତ କ୍ଷତି ସହିଛି ବୋଲି କହିବାକୁ ହେବ। ଟୁର୍ନାମେଣ୍ଟରେ ଭାରତର ଗୋଲ ସ୍କୋରିଂ ହାର ମଧ୍ୟ ଅତ୍ୟନ୍ତ ଦୁର୍ବଳ ଥିଲା। ଗ୍ରୁପ୍ ପର୍ଯ୍ୟାୟ ଶେଷରେ ଗୋଟିଏ ଗୋଟିଏ ଦଳ ୨୨ ଓ ୨୦ ଗୋଲ ଦେଇଥିବାବେଳେ ଭାରତ ମାତ୍ର ୬ଟି ଗୋଲ କରିବାରେ ସକ୍ଷମ ହୋଇଥିଲା। ଭାରତର ପେନାଲ୍ଟି କର୍ନରରୁ ଗୋଲ ହାର ମଧ୍ୟ ଅତ୍ୟନ୍ତ ନିମ୍ନମାନର ଥିଲା। ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍‌ର ୧୨ ନମ୍ବରରେ ଥିବା ନ୍ୟୁଜିଲାଣ୍ଡ ବିପକ୍ଷରେ ୬ ର୍‍ୟାଙ୍କ୍‌ପ୍ରାପ୍ତ ଭାରତ ଅନେକ ସୁଯୋଗ ପାଇଥିଲା। ମାତ୍ର ଏହାର ସଦୁପଯୋଗ କରିପାରି ନ ଥିଲା। ଶୁଟ୍‌ଆଉଟ ଓ ସଡନ୍‌ଡେଥ୍ କ୍ଷେତ୍ରରେ ମଧ୍ୟ ଭାରତ ଭଲ ସୁଯୋଗ ପାଇଥିଲା। ମାତ୍ର ଅଧିକାଂଶ ଖେଳାଳି ତ୍ରୁଟିପୂର୍ଣ୍ଣ ରଣନୀତି ଅବଲମ୍ବନ କରି ବିପଦକୁ ଡାକି ଆଣିଥିଲେ।

## ଫ୍ୟାନ କର୍ନର





ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୩/୨୦୨୩ Bhubaneswar, Monday, January 23/ 2023

# ସ୍ପେନ୍-ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲ

ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୨।୧

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପ୍ରଥମ କ୍ରସ୍‌ଓଭର ମ୍ୟାଚ୍‌ରେ ସ୍ପେନ୍ ଶୁଟ୍‌ଆଉଟ/ସଡନ୍‌ଡେଥ୍ ୪-୩ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ଏଥିସହ ସ୍ପେନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ସ୍ପେନ୍ ଆସନ୍ତା ୨୪ ତାରିଖରେ ଟାଇଟଲ ଫେଭରାଇଟ ଅଷ୍ଟ୍ରେଲିଆକୁ କଳିଙ୍ଗ ଷ୍ଟାଡିୟମରେ ଭେଟିବ। ଅନ୍ୟପକ୍ଷରେ ମାଲେସିଆ ୯ରୁ ୧୬ ପର୍ଯ୍ୟନ୍ତ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ସହ ମୁକାବିଲା କରିବ। ୨୬ ତାରିଖରେ ଏହି ମ୍ୟାଚ୍ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ସ୍ପେନ୍-ମାଲେସିଆ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିଥିଲା। ଫଳାଫଳ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ମାଲେସିଆ ପକ୍ଷରୁ ଫିରହାନ ଅଶାରି, ଫୈଜଲ ସାରି ଓ ଅରୁଲ ଆଣ୍ଟୋନୀ ଗୋଲ ଦେଇଥିବାବେଳେ ଅଧିନାୟକ ମରହାନ ଜଲିଲ ଓ ଶେଲୋ ସିଲଭରିଉସ ମିସ୍ କରିଥିଲେ। ସେହିପରି ସ୍ପେନ୍ ପକ୍ଷରୁ ମାର୍କ ମିରାଲେସ, ଜୋର୍ଡି ବୋନାଷ୍ଟ୍ରେ, ଜାଭିଅର ଗିସ୍‌ପର୍ଟ ଗୋଲ ଦେଇଥିବାବେଳେ ଅଧିନାୟକ ଆଲ୍‌ଭାରୋ ଇଗ୍‌ଲେସିଆସ ଓ ମାର୍କ ରେନେ ମିସ୍ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେବାରେ ବିଫଳ ହୋଇଥିଲେ। ଫଳରେ ଶୁଟ୍‌ଆଉଟ ପର୍ଯ୍ୟାୟ ୩-୩ ଗୋଲରେ ବରାବର ରହିଥିଲା। ପୁଣି ଫଳାଫଳ ଲାଗି ସଡନ୍‌ଡେଥ୍ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଏଥିରେ ମାଲେସିଆ ପକ୍ଷରୁ ଫିରହାନ ଅନ୍‌ସାରି ଗୋଲ ଦେବାରେ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ମାର୍କ ମିରାଲେସ ଗୋଲ ଦେବାରୁ ସ୍ପେନ୍ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ସ୍ପେନ୍ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ମାର୍କ ମିରାଲେସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ନିର୍ଦ୍ଧାରିତ ସମୟର ମ୍ୟାଚ୍ ଆରମ୍ଭରୁ ଆକ୍ରମଣ ଆରମ୍ଭ କରିଥିଲା ସ୍ପେନ୍। ପ୍ରଥମ ମିନିଟ୍‌ରେ ହିଁ ଦଳ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ମାଲେସିଆର ଦୃଢ଼ ରକ୍ଷଣଭାଗ ଭେଦ କରିବାରେ ସକ୍ଷମ ହୋଇ ନ ଥିଲା। ସ୍ପେନ୍‌ର ମାର୍କ ମିରାଲେସ ମାରିଥିବା ଶଟ୍‌କୁ ମାଲେସିଆ ଗୋଲକିପର ହାଫିଜୁଦ୍ଦିନ ଓଥମାନ ସଫଳତାର ସହ ସେଭ୍ କରିଥିଲେ। ସେହିପରି ୧୧ତମ ମିନିଟ୍‌ରେ ସ୍ପେନ୍‌ର ଆଉ ଏକ ପେନାଲ୍ଟି କର୍ନରକୁ ମଧ୍ୟ ମାଲେସିଆ ବ୍ୟର୍ଥ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଗୋଲ ଦେବା ପାଇଁ ଉଭୟ ଦଳ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭ ଅର୍ଥାତ୍ ୩୨ତମ ମିନିଟ୍‌ରେ ସ୍ପେନ୍ ତୃତୀୟ ପେନାଲ୍ଟି କର୍ନର ପାଇଥିଲା। ମାତ୍ର ମାଲେସିଆ ପାରମ୍ପରିକ ଷ୍ଟାଇଲରେ ଗୋଲ ସେଭ୍ କରିଥିଲା। ଅନ୍ୟପକ୍ଷରେ ପ୍ରଥମାର୍ଦ୍ଧରେ ରକ୍ଷଣାତ୍ମକ ଖେଳିଥିବା ମାଲେସିଆ ପରିବର୍ତ୍ତିତ ରଣନୀତିରେ ୩୫ତମ ମିନିଟ୍‌ରେ ଏକ ଫିଲ୍ଡ ଗୋଲ ମାଧ୍ୟମରେ ଅଗ୍ରଣୀ ନେଇଥିଲା। ଦଳର ୧୦ ନମ୍ବର ଖେଳାଳି ଫୈଜଲ ସାରି ଗୋଲଟି ସ୍କୋର କରିଥିଲେ। ୪୦ତମ ମିନିଟ୍‌ରେ ସ୍ପେନ୍ ପାଇଥିବା ପେନାଲ୍ଟି କର୍ନର ମ୍ୟାଚ୍‌ର ମୋଡ଼ ବଦଳାଇଥିଲା। ପେନାଲ୍ଟି କର୍ନର କନ୍‌ଭର୍ସନ ସମୟରେ ଗୋଲପୋଷ୍ଟ ଆଗରେ ମାଲେସିଆ ଖେଳାଳିଙ୍କ ଜଙ୍ଘରେ ବଲ୍ ବାଜିବାରୁ ସ୍ପେନ୍‌କୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ୪୧ତମ ମିନିଟ୍‌ରେ ମାର୍କ ମିରାଲେସ ଏହାକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ସମାନ ସ୍ତରକୁ ନେଇଆସିଥିଲେ। ଏହାର ୧ ମିନିଟ୍ ପରେ ଅର୍ଥାତ୍ ୪୨ତମ ମିନିଟ୍‌ରେ ମାଲେସିଆ ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ବେଳେ ୩ ଜଣିଆ ପାସ୍ ମଧ୍ୟରେ ଜାଭିଅର ଗିସପର୍ଟ ଏକ ଗୋଲ ଦେଇ ସ୍ପେନ୍‌କୁ ଅଗ୍ରଣୀ କରାଇଥିଲେ। ଫଳରେ ତୃତୀୟ କ୍ୱାର୍ଟର ଶେଷବେଳକୁ ସ୍ପେନ୍ ୨-୧ରେ ଅଗ୍ରଣୀ ହାସଲ କରିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକ ଭାବେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୪୭ତମ ମିନିଟ୍‌ରେ ମାଲେସିଆ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ କରିପାରି ନ ଥିଲା। ତେବେ ୪୯ତମ ମିନିଟ୍‌ରେ ଶେଲୋ ସିଲଭରିଉସ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌ରେ ରୋମାଞ୍ଚ ଭରି ଦେଇଥିଲେ। ମ୍ୟାଚ୍‌ର ଶେଷ ପର୍ଯ୍ୟାୟ ଅର୍ଥାତ୍ ୫୮ତମ ମିନିଟ୍‌ରେ ସ୍ପେନ୍ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ତାହାର ସଦ୍‌ବ୍ୟବହାର କରିପାରି ନ ଥିଲା। ଫଳରେ ମ୍ୟାଚ୍ ଶୁଟ୍‌ଆଉଟ ପର୍ଯ୍ୟାୟକୁ ଯାଇଥିଲା।




ମାଲେସିଆ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

## ଭାରତର ଚମତ୍କାର ବିଜୟ



ଉଇକେଟ ନେବା ପରେ ପାର୍ଶଭି ଚୋପ୍ରାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ପୋଚେଫଷ୍ଟ୍ରମ୍, ୨୨।୧

୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କାକୁ ୭ ଉଇକେଟରେ ପରାସ୍ତ କରିଛି ଭାରତ। ରବିବାର ସୁପର-୬ର ଦ୍ୱିତୀୟ ମୁକାବିଲାରେ ଶେଫାଳି ବର୍ମାଙ୍କ ଭାରତୀୟ ଦଳ ଶ୍ରୀଲଙ୍କାକୁ ୭ ଉଇକେଟରେ ପରାସ୍ତ କରିଛି। ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୫୯ ରନ୍ କରିଥିଲା। ଜବାବରେ ୭.୨ ଓଭରରେ ଭାରତ ୩ ଉଇକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ଭାରତୀୟ ମହିଳା ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଲୋ ସ୍କୋରିଂ ମ୍ୟାଚ୍‌ରେ ଭାରତୀୟ ବୋଲରଙ୍କ ଘାତକ ବୋଲିଂର ସମ୍ମୁଖୀନ ହୋଇପାରି ନ ଥିଲା ଶ୍ରୀଲଙ୍କା। ଦୁଇଜଣ ବ୍ୟାଟର ଦୁଇଅଙ୍କ ଛୁଇଁଥିବା ବେଳେ ଦଳ ୫୯ ରନ୍‌ରେ ସୀମିତ ରହିଥିଲା। ପାୱାର ପ୍ଲେରେ ତିତାସ ସାଧୁ ଓ ମନ୍ନତ କଶ୍ୟପ ଘାତକ ବୋଲିଂ କରିବା ଫଳରେ ଶ୍ରୀଲଙ୍କା ୨୨/୩ରେ ସୀମିତ ରହିଥିଲା। ଏହାପରେ ସ୍ପିନର ପାର୍ଶଭି ଚୋପ୍ରାଙ୍କ ଘାତକ ବୋଲିଂ କାରଣରୁ ଶ୍ରୀଲଙ୍କାର ମଧ୍ୟକ୍ରମ ତାସ୍ ପତା ପରି ଭୁଶୁଡି ପଡ଼ିଥିଲା। ପାର୍ଶଭି ୪ ଓଭର ବୋଲିଂ କରିଥିବା ବେଳେ ଗୋଟିଏ ମେଡେନ୍ ସହିତ ୫ ରନ୍ ବ୍ୟୟରେ ୪ ଉଇକେଟ ନେଇଥିଲେ। ୬୦ ରନ୍‌ର ଲକ୍ଷ୍ୟ ନେଇ ଭାରତୀୟ ଦଳ ଖେଳ ଆରମ୍ଭ କରିଥିବା ବେଳେ ୭.୨ ଓଭରରେ ଦଳ ବିଜୟୀ ହୋଇଥିଲା।

**୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍**

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୫୯/୯ ( ଭିଷ୍ମି ଗୁଣରତ୍ନେ-୨୫, ଉମାୟା ରତ୍ନାୟକେ-୧୩, ପାର୍ଶଭି ଚୋପ୍ରା-୪/୫, ମନ୍ନତ କଶ୍ୟପ-୨/୧୬, ତିତାସ ସାଧୁ-୧/୧୦)। ଭାରତ ୭.୨ ଓଭରରେ ୬୦/୩ ( ସୌମ୍ୟା ତିୱାରୀ-୨୮*, ଶେଫାଳି ବର୍ମା-୧୫, ଶ୍ୱେତା ଶେରାୱତ୍-୧୩, ଦେୱମୀ ବିହଙ୍ଗା-୩/୩୪)।

# ଭାରତୀୟ ଦଳପାଇଁ ମେଣ୍ଟାଲ କଣ୍ଡିଶନିଂ କୋଚ୍ ଆବଶ୍ୟକ

ଭୁବନେଶ୍ୱର, ୨୨।୧ (କ୍ରୀଡ଼ା ପ୍ରତିନିଧି)




ଭାରତୀୟ କୋଚ୍ ଗ୍ରାହମ ରିଡ୍ ଓ ଅଧିନାୟକ ହରମନପ୍ରୀତ ସିଂ।

ହକି ବିଶ୍ୱକପର କ୍ରସ୍ ଓଭରରେ ଭାରତର ପରାଜୟ ପରେ କୋଚ୍ ଗ୍ରାହାମ ରିଡ୍‌ଙ୍କଠାରୁ ଆରମ୍ଭ କରି ଅଧିନାୟକ ହରମନପ୍ରୀତ ସିଂ ଓ ଅନ୍ୟ ଖେଳାଳିମାନେ ମର୍ମାହତ। ପରାଜୟର ମାନସମନ୍ଥନ ଆରମ୍ଭ ହୋଇଛି। ଖେଳାଳିଙ୍କ ମେଣ୍ଟାଲ କଣ୍ଡିଶନିଂ (ମାନସିକ ଚାପ ମୁକାବିଲା କ୍ଷମତା) ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍। ରବିବାର ନ୍ୟୁଜିଲାଣ୍ଡ ନିକଟରୁ ସଡନଡେଥ୍‌ରେ ୪-୫ରେ ହାରିବା ପରେ ଭାରତ ଚଳିତ ବିଶ୍ୱକପରୁ ବିଦାୟ ନେଇଛି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବାର ଚାପ କାରଣରୁ ଭାରତ ଏହାର ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ବିଫଳ ହେଲା ବୋଲି ରିଡ୍ ମ୍ୟାଚ ପରବର୍ତ୍ତୀ ଖବରଦାତା ସମ୍ମିଳନୀରେ ପରୋକ୍ଷରେ ପ୍ରକାଶ କରିଛନ୍ତି। ଭାରତୀୟ ଦଳକୁ କିଛି ଅଲଗା ପ୍ରୟାସ କରିବାକୁ ପଡିବ। ସମ୍ଭବତଃ ଜଣେ ମେଣ୍ଟାଲ କଣ୍ଡିଶନିଂ କୋଚଙ୍କୁ ସାମିଲ କରିବାର ସମୟ ଉପନୀତ ହୋଇଛି ବୋଲି ରିଡ୍ କହିଛନ୍ତି। ପ୍ରଶିକ୍ଷଣ ହେଉ ବା ଟ୍ରେନିଂ ସବୁ କ୍ଷେତ୍ରରେ ଭାରତ ଅନ୍ୟ ଦଳ ଭଳି ନିଜକୁ ପ୍ରସ୍ତୁତ କରୁଛି। ତେବେ ମାନସିକ ଭାବରେ ଦଳକୁ ଆହୁରି ଶକ୍ତ ହେବା ଆବଶ୍ୟକ ହେଉଛି ବୋଲି ସେ କହିଛନ୍ତି। ସେହିପରି ସଡନ୍‌ଡେଥ୍ ସମୟରେ ହରମନପ୍ରୀତଙ୍କ ଶଟ୍ ଚୟନ ଉପରେ ମଧ୍ୟ ପ୍ରଶ୍ନ ଉଠିଥିଲା। ଅଧିନାୟକତ୍ୱ ଚାପ ସୃଷ୍ଟି କରୁଛି କି ନାହିଁ ଏହାର ଉତ୍ତରରେ ହରମନ୍‌ପ୍ରୀତ କହିଥିଲେ ''ସ୍କୋର କରିବାର ସୁଯୋଗ ଥିଲା ଏବଂ ମୁଁ ଏହାକୁ ହାତଛଡା କରିବାକୁ ଚାହୁଁ ନ ଥିଲି'। ହକି ଏକ ଦଳଗତ ଖେଳ। ବିଗତ କିଛି ମ୍ୟାଚରେ ମୋ ପେନାଲ୍ଟି କର୍ନର ରୂପାନ୍ତରଣକୁ ନେଇ ଅନେକ ସମାଲୋଚନା ମଧ୍ୟ କରାଯାଇଛି। ମାତ୍ର ମୁଁ ପ୍ରତି ମ୍ୟାଚରେ ଚାପଶୂନ୍ୟ ହୋଇ ପଡିଆକୁ ଓହ୍ଲାଇଥାଏ'' ବୋଲି ହରମନ୍‌ପ୍ରୀତ କହିଥିଲେ। ବର୍ତ୍ତମାନ ମୋତେ ଏବଂ ଦଳକୁ କଠିନରୁ କଠିନ ପରିଶ୍ରମ କରିବାକୁ ପଡିବ ବୋଲି ସେ କହିଛନ୍ତି। ଭାରତୀୟ ଦଳକୁ ପୁନର୍ବାର ଆରମ୍ଭରୁ ଯୋଜନା କରିବାକୁ ପଡିବ। ତେବେ ସେ କୌଣସି ଖେଳାଳିଙ୍କୁ ଦୋଷାରୋପ କରିବାକୁ ଚାହାନ୍ତି ନାହିଁ ବୋଲି ରିଡ୍ କହିଛନ୍ତି। ଆହୁରି ୨ଟି ମ୍ୟାଚ୍ ବାକି ରହିଥିବା ବେଳେ କୌଣସି ଖେଳାଳିଙ୍କ ସମ୍ପର୍କରେ ମୁଁ ମତ ଦେବାକୁ ଚାହିଁବି ନାହିଁ ବୋଲି ରିଡ୍ କହିଥିଲେ। ଭାରତ ଅନେକ ବାର ସର୍କଲ ଭେଦ କରିବାରେ ସଫଳ ହୋଇଥିଲେ ହେଁ ଏହାକୁ ଗୋଲରେ ପରିଣତ କରିପାରି ନ ଥିଲା। ପେନାଲ୍ଟି କର୍ନରରୁ ଭାରତ ଯେପରି ଫାଇଦା ନେବାକଥା ତାହା ହୋଇନାହିଁ, ମାତ୍ର ନ୍ୟୁଜିଲାଣ୍ଡ ବିପକ୍ଷରେ ପରାଜୟ ପାଇଁ ଏହା ଏକମାତ୍ର କାରଣ ନୁହେଁ। ରବିବାର ରାତିରେ ଭାରତୀୟ ଖେଳାଳିମାନେ ଏକାଧିକ ଭୁଲ୍ କରିଥିଲେ ବୋଲି ସେ କହିଛନ୍ତି। ୨୦୨୪ ଅଲିମ୍ପିକ୍ସ ପର୍ଯ୍ୟନ୍ତ ରିଡ୍‌ଙ୍କ କାର୍ଯ୍ୟକାଳ ରହିଥିବା ବେଳେ ଦଳର ସମସ୍ତ ଧ୍ୟାନ ପରବର୍ତ୍ତୀ ମ୍ୟାଚ୍ ଉପରେ ରହିଛି ବୋଲି ସେ କହିଛନ୍ତି। ଜାନୁୟାରୀ ୨୬ରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଜାପାନକୁ ଭେଟିବ। ୯ରୁ ୧୨ ସ୍ଥାନପାଇଁ ଏହା ଏକ କ୍ଲାସିଫିକେଶନ ମ୍ୟାଚ।

# ସ୍ୱିଟେକ୍, ଗଫ୍ ୪ର୍ଥ ରାଉଣ୍ଡରୁ ବିଦା

ମେଲବୋର୍ନ, ୨୨।୧ (ପି.ଟି.)

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ଟୁର୍ନାମେଣ୍ଟରେ ରବିବାର ଦେଖିବାକୁ ମିଳିଛି ବଡ଼ ବିପର୍ଯ୍ୟୟ। ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ରହିଥିବା ଇଗା ସ୍ୱିଟେକ୍ ଓ ୭ ନମ୍ବର କୋକୋଆ ଗଫ୍ ପରାଜୟ ସହ ଚତୁର୍ଥ ରାଉଣ୍ଡରୁ ବିଦାୟ ନେଇଛନ୍ତି। ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ତଥା ଦୁଇ ଦୁଇଥର ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟିନୀ ସ୍ୱିଟେକ୍ ୱିମ୍ବଲେଡନ୍ ଚାମ୍ପିୟନ୍ ଏଲିନା ରିବାକିନାଙ୍କ ନିକଟରୁ ହାରି ଯାଇଛନ୍ତି। ଏହାସହିତ ସ୍ୱିଟେକ୍‌ଙ୍କ କ୍ରମାଗତ ୩୭ତମ ବିଜୟରେ ମଧ୍ୟ ବ୍ରେକ୍ ଲାଗିଛି। ରବିବାର ରଡ୍ ଲାଭେର ଆରେନାରେ ଖେଳାଯାଇଥିବା ମ୍ୟାଚ୍‌କୁ ରିବାକିନା ୬-୪, ୬-୪ରେ ଜିତି ନେଇଥିଲେ। ଏହି ଟୁର୍ନାମେଣ୍ଟ ପରାଜୟ ପରେ ମୋତେ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ପଡ଼ିବ ବୋଲି କହିଛନ୍ତି ସ୍ୱିଟେକ୍। ମ୍ୟାଚ୍ ଆରମ୍ଭରୁ ବିଜୟୀ ହେବା ପରିବର୍ତ୍ତେ ପରାଜିତ ନ ହେବା ମୋର ପ୍ରାଥମିକତା ରହିଥିଲା। ଆରମ୍ଭରୁ ଚାପରେ ରହିବା ସହ ଏହି ମ୍ୟାଚ୍‌ରେ ପରାଜିତ ହୋଇଥିବା ସ୍ୱୀକାର କରିଛନ୍ତି ସ୍ୱିଟେକ୍। ଏଥିଯୋଗୁ କ୍ୱାର୍ଟର ଫାଇନାଲରେ ସ୍ୱିଟେକ୍ ଓ କୋକୋଆ ଗଫ୍‌ଙ୍କ ମ୍ୟାଚ୍ ଦେଖିବା ପାଇଁ ଆଶାୟୀ ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ କୋକୋଆ ୨୦୧୭ ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ୍ ଜେଲେନା ଓଷ୍ଟାପେଙ୍କୋଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ମାର୍ଗାରେଟ୍ କୋର୍ଟ ଆରେନାରେ ଖେଳାଯାଇଥିବା ମ୍ୟାଚ୍‌କୁ ଓଷ୍ଟାପେଙ୍କୋ ୭-୫, ୬-୩ରେ ଜିତି ନେଇଥିଲେ। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ରହିଥିବା ଜେସିକା ପେଗୁଲା କ୍ରମାଗତ ତୃତୀୟଥର ପାଇଁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୨୧ ଫ୍ରେଞ୍ଚ୍ ଓପନ ଚାମ୍ପିୟନ ବାର୍ବାରା କ୍ରେଜିକୋଭାଙ୍କୁ ୭-୫, ୬-୨ ସେଟ୍‌ରେ ପରାସ୍ତ କରିଥିଲେ ପେଗୁଲା। ୨୨ତମ ସିଡେଡ୍ ରିବାକିନା ଓ ୧୭ତମ ସିଡ୍ ଓଷ୍ଟାପେଙ୍କୋ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

**ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍**



ଷ୍ଟିଫାନସ୍ ସିତ୍‌ସିପାସ

### ପିତାଙ୍କ ରାସ୍ତାରେ କୋର୍ଡା

୨୨ ବର୍ଷୀୟ ଆମେରିକୀୟ ଖେଳାଳି ସେବାଷ୍ଟିଆନ୍ କୋର୍ଡା ଅଷ୍ଟ୍ରେଲିଆନ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୧୯୯୮ରେ ତାଙ୍କ ପିତା ପିଟର କୋର୍ଡା ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ୍ ହୋଇଥିଲେ। ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ଥିବା ହୋବାର୍ଟ ହୁରକାଜଙ୍କୁ ୫ ସେଟ୍‌ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପରାସ୍ତ କରିବା ସହିତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି କୋର୍ଡା। ୩-୬, ୬-୩, ୬-୨, ୧-୬ ଓ ୭-୬(୧୦-୭) ସେଟ୍‌ରେ କୋର୍ଡା ଏହି ମ୍ୟାଚ୍ ଜିତିନେଇଥିଲେ। ସେହିପରି ପୁରୁଷ ସିଙ୍ଗଲ୍ସରେ ଆଉ ଏକ ବିପର୍ଯ୍ୟୟ ଘଟାଇଥିଲେ ଅଣସିଡେଡ୍ ଜିରି ଲେହେକା। ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ଥିବା ଫେଲିକ୍ସ ଅଗର ଆଲିଆସିମ୍ମେଙ୍କୁ ୪-୬, ୬-୩, ୭-୬(୨), ୭-୬(୩) ସେଟ୍‌ରେ ପରାସ୍ତ କରିବା ସହିତ ପ୍ରଥମଥର ଏକ ଗ୍ରାଣ୍ଡସ୍ଲାମ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଜାନିକ୍ ସିନ୍ନରଙ୍କୁ ୬-୪, ୬-୪, ୩-୬, ୪-୬ ଓ ୬-୩ ରେ ପରାସ୍ତ କରିଛନ୍ତି ଷ୍ଟିଫାନସ୍ ସିତ୍‌ସିପାସ। ୧୮ ନମ୍ବର ସିଡ୍ କାରେନ୍ ଖାଚାନୋଭା ମଧ୍ୟ ୬-୦, ୬-୦, ୭-୬ ସେଟ୍‌ରେ ୟୋଶିହିଟୋ ନିଶିଓକାଙ୍କୁ ପରାସ୍ତ କରିଛନ୍ତି।

## ରାଜ୍ୟସ୍ତରୀୟ ଜୁଜୁତ୍ସୁ ପ୍ରତିଯୋଗିତା ଉଦ୍‌ଯାପିତ

# ଖୋର୍ଦ୍ଧା ଦଳ ଚାମ୍ପିୟନ

ଭୁବନେଶ୍ୱର, ୨୨।୧ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ତୃତୀୟ ରାଜ୍ୟ ଜୁଜୁତ୍ସୁ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୯ଟି ଜିଲାରୁ ୧୦୫ ପ୍ରତିଯୋଗୀ ଓ ଅଫିସିଆଲ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ବେଙ୍ଗାଲୁରୁର ଜାତୀୟସ୍ତରର ରେଫରି ଆକାଶ ରାଠୋର ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ଡ. ଗୌରୀ ମହାନ୍ତି, ଅବିନାଶ ପୁହିର, ଡ. ହରି ପ୍ରସାଦ ପଟ୍ଟନାୟକ, ହିମାଂଶୁ ଶେଖର ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ୧୪ ସ୍ୱର୍ଣ୍ଣ ପଦକ ସହିତ ଖୋର୍ଦ୍ଧା ଚାମ୍ପିୟନ ହୋଇଥିବା ବେଳେ ପୁରୀ ୭ ସ୍ୱର୍ଣ୍ଣ ଓ ୪ ସ୍ୱର୍ଣ୍ଣ ସହ କଟକ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ବିଜୟୀ ପ୍ରତିଯୋଗୀମାନେ ମାର୍ଚ୍ଚ ମାସରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସନ୍ଦୀପ ଦାସ, ଏନ୍.ବି. ପଟ୍ଟନାୟକ, ଗୋପାଳ ଦାସ, ଉମାକାନ୍ତ ବେହେରା, ନ୍ୟାଶା କୁମାରୀ, ସପନ କୁମାର ସ୍ୱାଇଁ ଓ ସଞ୍ଜିତା ମହାନ୍ତି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ରାଜ୍ୟସ୍ତରୀୟ ଜୁଜୁତ୍ସୁ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

## ବରୋଦା ୨୯୦/୪

ଭୁବନେଶ୍ୱର, ୨୨।୧ (ସ୍ପୋର୍ଟ୍ସ ବ୍ୟୁରୋ): କଟକସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ବିପକ୍ଷ କୁଚ ବିହାର ଟ୍ରଫି କ୍ରିକେଟ ମ୍ୟାଚର ପ୍ରଥମ ଦିବସରେ ବରୋଦା ୪ ଉଇକେଟ ହରାଇ ୨୯୦ ରନ କରିଛି। ଦଳ ପକ୍ଷରୁ ଅଭିମନ୍ୟୁ ସିଂ ୧୨୮ରନ କରି ଅପରାଜିତ ରହିଛନ୍ତି। ଓଡ଼ିଶା ତରଫରୁ ସଫଳ ବୋଲର ଆଶୁତୋଷ ଛୁରିଆ ୪ ଉଇକେଟ ଅକ୍ତିଆର କରିଛନ୍ତି।

# ପୁରୁଷ ଓ ମହିଳା ଡବଲ୍ସରେ ଭାରତର ଅଭିଯାନ ଶେଷ

ମେଲବୋର୍ନ, ୨୨।୧ (ପି.ଟି.)

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ଟୁର୍ନାମେଣ୍ଟର ମହିଳା ଡବଲ୍ସ ବର୍ଗରେ ଭାରତୀୟ ଅଭିଯାନ ଶେଷ ହୋଇଛି। ରବିବାର କାଜାଖସ୍ତାନର ଆନ୍ନା ଡାନାଲିନା ଓ ସାନିଆ ମିର୍ଜାଙ୍କ ଯୋଡ଼ି ମହିଳା ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପରାଜିତ ହୋଇଛି। ବେଲଜିୟମର ଆଲିସନ୍ ଭାନ୍ ୟୁଟଭାଙ୍କ ଓ ୟୁକ୍ରେନ୍‌ର ଆନ୍ହେଲିନା କାଲିନିନାଙ୍କ ନିକଟରୁ ୪-୬, ୬-୪, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି ସାନିଆ-ଡାନାଲିନା। ଅଷ୍ଟମ ସିଡ୍ ଭାରତ-କାଜାଖ ଯୋଡ଼ି ୨ ଘଣ୍ଟାରୁ ଅଧିକ ସମୟ ସଂଘର୍ଷ କରିଥିଲେ ହେଁ ପରାଜିତ ହୋଇଥିଲେ। ସାନିଆ-ଡାନାଲିନା ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ହେଁ ଦ୍ୱିତୀୟ ସେଟ୍‌ରେ ପ୍ରତ୍ୟାବର୍ତ୍ତନ କରିଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌କୁ ହାରିବା ସହିତ ସାନିଆ ବିଦାୟ ନେଇଛନ୍ତି। ସେହିପରି ପୁରୁଷ ଡବଲ୍ସରେ ଏନ୍. ଶ୍ରୀରାମ ବାଲାଜୀ ଓ ଜୀବନ ନେଦୁନ୍‌ଚେଝିୟାନ୍‌ଙ୍କ ଯୋଡ଼ି ୬-୪, ୬-୪ର ସିଧାସଳଖ ସେଟ୍‌ରେ ଫ୍ରାନ୍ସର ଜେରେମି ଚାର୍ଡି ଓ ଫାବ୍ରିସ୍ ମାର୍ଟିନ୍‌ଙ୍କ ନିକଟରୁ ହାରିଯାଇଥିଲା। ତେବେ କେବଳ ମିକ୍ସଡ ଡବଲ୍ସରେ ରୋହନ ବୋପାନ୍ନା ଓ ସାନିଆଙ୍କ ଯୋଡ଼ି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ